# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୪/୨୦୨୧ (୧୬ ପୃଷ୍ଠା) | Sambalpur, Saturday, September 4/2021 | ★★

୧୭ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ପ୍ରମୋଦ ସେମିଫାଇନାଲରେ

ଟୋକିଓ ପାରାଲିମ୍ପିକ୍ସରେ ପଲକ କୋହଲିଙ୍କୁ ସାଥିକରି ବ୍ୟାଡ୍‌ମିଣ୍ଟନ ମିକ୍ସଡ ଡବଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।

୧୫

୧୪

## ବାୟୋପିକ୍‌ରେ କ୍ରିତିଙ୍କ ମନ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ ଆଗକୁ ବାୟୋପିକ୍‌ରେ କାମ କରିବାକୁ ଇଚ୍ଛା ରଖିଛନ୍ତି। ସୁଯୋଗ ମିଳିଲେ ଖୁସି ହେବେ ବୋଲି କହିଛନ୍ତି।





ଟୋକିଓ ପାରାଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୪ ଇଭେଣ୍ଟ ଅବସରରେ ଭାରତର ରୌପ୍ୟ ପଦକ ବିଜୟୀ ପ୍ରବୀଣ କୁମାର।

# ଭାରତକୁ ଆଉ ୩ ପଦକ

**ଟୋକିଓ,୩।୯**

ଟୋକିଓ ପାରାଲିମ୍ପିକ୍ସରେ ଶୁକ୍ରବାର ଭାରତକୁ ଆଉ ୩ଟି ପଦକ ମିଳିଛି। ଭାରତୀୟ ଆଥ୍‌ଲେଟମାନେ ଗୋଟିଏ ରୌପ୍ୟ, ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରବୀଣ କୁମାର ହାଇଜମ୍ପରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ଅବନୀ ଲେଖରା ଶୁଟିଂରେ ଓ ହରବିନ୍ଦର ସିଂ ଆର୍ଚେରୀରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହ ଭାରତ ଚଳିତ ପାରାଲିମ୍ପିକ୍ସରେ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ସହ ମୋଟ ୧୩ଟି ପଦକ ହାସଲ କରିଛି। ଭାରତ ପଦକ ତାଲିକାର ୩୭ତମ ସ୍ଥାନରେ ରହିଛି। ଏହାପୂର୍ବରୁ ଭାରତ ଗତ ୫୩ ବର୍ଷରେ ୧୧ଟି ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରି ୧୨ଟି ପଦକ ଜିତିଥିଲା।

**ଟୋକିଓ ପାରାଲିମ୍ପିକ୍ସ**

ଗତ ୧୧ଟି ପାରାଲିମ୍ପିକ୍ସରେ ମିଳିଥିବା ପଦକ ସଂଖ୍ୟାଠାରୁ ଭାରତୀୟ ଆଥ୍‌ଲେଟ ଟୋକିଓରେ ଅଧିକ ଜିତିବାକୁ ସକ୍ଷମ ହୋଇଛନ୍ତି। ତେଣୁ ଭାରତ ପାଇଁ ଏହା ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହୋଇଛି। ୧୯୬୦ରୁ ପାରାଲିମ୍ପିକ୍ସ ଆୟୋଜନ ହୋଇଆସୁଛି ଓ ଭାରତ ୧୯୬୮ରୁ ଅଂଶଗ୍ରହଣ କରିଆସୁଛି। ତେବେ ଭାରତ ୧୯୭୬ ଓ ୧୯୮୦ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରି ନ ଥିଲା।

ଚଳିତ ପାରାଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଶୁଟର ଲେଖରା ୫୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ସେ ଗୋଟିଏ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା ଭାବେ ୨ଟି ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତେବେ ପ୍ରବୀଣ ପୁରୁଷ ହାଇଜମ୍ପ ଟି୬୪ ଇଭେଣ୍ଟରେ ରୌପ୍ୟ ଜିତି ଭାରତ ପାଇଁ ଶୁକ୍ରବାର ପ୍ରଥମ ପଦକ ହାସଲ କରିଥିଲେ। ଶେଷରେ ହରବିନ୍ଦର ତୀରନ୍ଦାଜୀରେ ଭାରତ ପାଇଁ ପାରାଲିମ୍ପିକରେ ପ୍ରଥମ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କୋରିଆର କିମ୍ ମିନ ସୁଙ୍କୁ ହରାଇଥିଲେ ଓ ଭାରତ ପାଇଁ ତୃତୀୟ ପଦକ ହାସଲ କରିଥିଲେ। ଅନ୍ୟପଟେ ଶଟ୍‌ପୁଟ୍‌ରେ ଭାରତର ସୋମନ ରାଣା ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ ☞ପୃଷ୍ଠା-୪

# ‘କଶ୍ମୀରୀ ମୁସଲମାନଙ୍କ ସ୍ୱର ଉଠାଇବ ତାଲିବାନ୍’

**ଇସ୍‌ଲାମାବାଦ,୩।୯(ପି.ଟି.)**

ଜମ୍ମୁ-କଶ୍ମୀର ସମେତ ବିଶ୍ୱର ଯେକୌଣସି ସ୍ଥାନରେ ମୁସଲମାନମାନଙ୍କ ପାଇଁ ତାଲିବାନ୍ ସ୍ୱର ଉଠାଇବ ବୋଲି ସ୍ପଷ୍ଟ କରିଛି। ତାଲିବାନ୍ ଶାସନରେ ଆଫଗାନିସ୍ତାନ ମାଟିକୁ ଭାରତ ବିରୋଧୀ ଆତଙ୍କବାଦ ପାଇଁ ବ୍ୟବହାର କରାଯାଇପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଥିବାବେଳେ ସଙ୍ଗଠନର ମୁଖପାତ୍ର ସୁହେଲ ଶାହିନ ଏହି ଚେତାବନୀ ଦେଇଛନ୍ତି।

କାତାର ରାଜଧାନୀ ଦୋହାସ୍ଥିତ ତାଲିବାନର ପଲିଟିକାଲ୍ ଅଫିସ ମୁଖପାତ୍ର ସୁହେଲ ଗୁରୁବାର ଭିଡିଓ ଲିଙ୍କ୍ ଜରିଆରେ ବିବିସିକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଆମେ ଆମର ସ୍ୱର ଉତ୍ତୋଳନ କରିବୁ। ମୁସଲିମ୍‌ମାନେ ତୁମ ଲୋକ, ତୁମ ନିଜ



ସୁହେଲ ଶାହିନ

ନାଗରିକ। ତୁମ ଆଇନରେ ସେମାନଙ୍କର ବି ସମାନ ଅଧିକାର ରହିଛି। ତାଲିବାନ୍ ଏକ ଇସ୍‌ଲାମିକ ସଙ୍ଗଠନ ହୋଇଥିବାରୁ କଶ୍ମୀର କିମ୍ବା ଅନ୍ୟ କୌଣସି ଦେଶରେ ରହୁଥିବା ମୁସଲମାନମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ଏହାର ଅଧିକାର। ଆମେରିକା ସହ ସ୍ୱାକ୍ଷରିତ ଦୋହା ରାଜିନାମାର ସର୍ତ୍ତକୁ ନେଇ ସେ କହିଛନ୍ତି, କୌଣସି ରାଷ୍ଟ୍ର ବିରୋଧରେ ସଶସ୍ତ୍ର ଅପରେଶନ କରିବା ପାଇଁ ଆମର କୌଣସି ନୀତି ନାହିଁ। ପ୍ରକାଶ ଯେ, ଦୋହାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ମଙ୍ଗଳବାର ତାଲିବାନ୍ ନେତା ଶେର ମହମ୍ମଦ ଅବ୍ବାସ ଷ୍ଟାନେକ୍‌ଜାଇଙ୍କୁ ଭେଟିଥିଲେ। ଆଫଗାନିସ୍ତାନ ମାଟିକୁ ତାଲିବାନ୍ ଆତଙ୍କବାଦ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବା ଅନୁଚିତ ବୋଲି ସେ କହିଥିଲେ। ଦୋହାସ୍ଥିତ ତାଲିବାନ୍‌ର ରାଜନୈତିକ କାର୍ଯ୍ୟାଳୟ ମୁଖ୍ୟ ଷ୍ଟାନେକ୍‌ଜାଇ ମିତ୍ତଲଙ୍କୁ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଆଫଗାନିସ୍ତାନରୁ ☞ପୃଷ୍ଠା-୪

## ଚାଇନା ଆମର ବଡ଼ ସହଯୋଗୀ

**ପେଶାୱର,୩।୯(ପି.ଟି.)**

ଚାଇନା ଆମର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ଖଣିଜ ସମ୍ପଦ ଉତ୍ତୋଳନ କ୍ଷେତ୍ରରେ ବେଜିଂ ଆମକୁ ସହଯୋଗ କରିବ ବୋଲି ଶୁକ୍ରବାର ତାଲିବାନ୍ ପକ୍ଷରୁ କୁହାଯାଇଛି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଦାରିଦ୍ର୍ୟ, କ୍ଷୁଧା ଓ ଆର୍ଥିକ ସଙ୍କଟ ଘନେଇବାରେ ଲାଗିଥିବାବେଳେ ଚାଇନାଠାରୁ ଏପରି ସହଯୋଗ ଆଶା କରିଛି ଆତଙ୍କବାଦୀ ସଙ୍ଗଠନ ତାଲିବାନ୍।

ସଙ୍ଗଠନର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି, ତାଲିବାନ୍ ଚାଇନାର



ଜାବିହୁଲ୍ଲା ମୁଜାହିଦ୍

ୱାନ୍ ବେଲ୍ଟ ୱାନ୍ ରୋଡ୍ (ଓବିଓଆର୍) ପ୍ରକଳ୍ପକୁ ସମର୍ଥନ କରୁଛି। ଏହି ମହତ୍ୱାକାଂକ୍ଷୀ ☞ପୃଷ୍ଠା-୪

# ଏସ୍‌ଏସ୍‌ସି ଦୁର୍ନୀତିକୁ ନେଇ ବିଧାନସଭା ଅଚଳ

*ଶୁକ୍ରବାର ବିଧାନସଭାକୁ ପ୍ରାୟ ଦିନସାରା ଅଚଳ କରିଦେଇଥିଲା ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଦୁର୍ନୀତି ପ୍ରସଙ୍ଗ। ବିରୋଧୀ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇବା ମାତ୍ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଆରମ୍ଭର ମାତ୍ର ୩୦ ସେକେଣ୍ଡ ପରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଛି।*

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଗତ ୧ ତାରିଖରୁ ୮ଦିନ ପାଇଁ ଆରମ୍ଭ ହୋଇଥିବା ବିଧାନସଭା ଅଧିବେଶନରେ

**ସର୍ବଦଳୀୟ ବୈଠକରେ ଫିଟିଲା ବାଟ**

ବିରୋଧୀ ଭାଜପା ଓ କଂଗ୍ରେସ ପୃଥକ୍ ପୃଥକ୍ ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଘେରୁଛନ୍ତି। ଫଳରେ ୩ ଦିନ ହେଲା ଗୃହ କାର୍ଯ୍ୟ ହୋଇପାରୁନାହିଁ। ବିରୋଧୀଙ୍କ ହୋହଲ୍ଲା ଯୋଗୁ ବିଧାନସଭାରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ଆଦି କାର୍ଯ୍ୟକ୍ରମ ହଜି ଯାଇଥିଲା। ମରୁଡ଼ି, ବେକାରି, ପାନୀୟ ଜଳ, ବିଜୁଳି ଦର ବୃଦ୍ଧି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରୁନାହିଁ। କେବଳ ହୋହଲ୍ଲାରେ ବିଧାନସଭାର ଦିନତମାମ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଖେଳ ସରିନାହିଁ

# ବିଷପିଇ ଜୀବନ ହାରିଲେ ଚାଷୀ

**ବଲାଙ୍ଗୀର ଅଫିସ/ କଣ୍ଟାବାଞ୍ଜି, ୩।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାରେ ଭୟଙ୍କର ମରୁଡିକୁ ନେଇ ଚାଷୀକୁଳ ଚିନ୍ତିତ ଥିବା ବେଳେ ତୁରେକେଲା ବ୍ଲକର ଜଣେ ଚାଷୀ ବିଷପାନ କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତୁରେକେଲା ଥାନା ଘୁନେସ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାଦୋବେଡା ଗ୍ରାମର ରିଚେକ ବନ୍‌ଛୋର (୬୦) ଗୁରୁବାର ସନ୍ଧ୍ୟାରେ କୀଟନାଶକ ପାନ କରି ଦେଇ ତାଙ୍କ ଚାଷଜମିରେ ପଡିଥିବା ଦେଖାଯାଇଥିଲା। ଭାଗଚାଷରେ ପ୍ରାୟ ଦୁଇ ଏକର ଜମିରେ କପା ଚାଷ କରିଥିବା ଚାଷୀ ବନ୍‌ଛୋର ଗୁରୁବାର ସକାଳେ କପାଚାଷରେ କୀଟନାଶକ ☞ପୃଷ୍ଠା-୪

# ଦାଦନରୁ ଫ୍ୟାଶନ ଡିଜାଇନର

**ରାୟଗଡ଼ା ଅଫିସ,୩।୯**

ପାଖରେ ପ୍ରତିଭା ସହ କିଛି କରିବାର ଇଚ୍ଛାଶକ୍ତି ଥିଲେ ସୁଯୋଗ ଆପେ ଆସେ। ଉପାନ୍ତ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଚାଟିକଣା ଅଞ୍ଚଳର ଅଜୟ ସୁନା ଏହା ପ୍ରମାଣିତ



ଅଜୟ ସୁନା

କରିଛନ୍ତି। ମା’, ବାପା ଆରପାରିକୁ ଚାଲିଯିବା ପରେ ଅଜୟ ନିରୁପାୟ ହୋଇ ୨୦୧୬ରେ ଦାଦନ ଖଟିବାକୁ ଛତିଶଗଡ଼ ଚାଲିଯାଇଥିଲେ। ହେଲେ ଫ୍ୟାଶନ ଡିଜାଇନର ହେବା ନେଇ ରହିଥିବା ସ୍ୱପ୍ନକୁ ସେ ଭୁଲି ନ ଥିଲେ। ଅନେକ ସଂଘର୍ଷ ମଧ୍ୟରେ ଛତିଶଗଡ଼ର ରାୟପୁରରେ କାମ କରିବା ସମୟରେ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇଥିଲେ। ୨୦୨୦ରେ ଛତିଶଗଡ଼ରେ ଆୟୋଜିତ ‘ମିଷ୍ଟର ଛତିଶଗଡ଼’ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଜୟ ମିଷ୍ଟର ଛତିଶଗଡ଼ ପାଲଟିଥିଲେ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ଏବେ ସେ ଜଣେ ସଫଳ ଫ୍ୟାଶନ ଡିଜାଇନର ଭାବେ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି। ବିଭିନ୍ନ ଫ୍ୟାଶନ ଡିଜାଇନ୍ ଶୋ’ରେ ସେ ଜଜ୍ ଭାବେ କାମ କରୁଛନ୍ତି। ନିଜର ସଫଳତା ନେଇ ଅଜୟ କୁହନ୍ତି, ରାୟପୁରରେ କାମ କରିବା ସମୟରେ ଖବରକାଗଜରୁ ମିଷ୍ଟର ଛତିଶଗଡ଼ ଅଡିଶନ୍ ଚାଲିଥିବା ଜାଣିବାକୁ ପାଇଥିଲେ। ଏଥିପାଇଁ ଅନେକ ଉଦ୍ୟମ ପରେ ଶେଷରେ ସଫଳ ହୋଇଛନ୍ତି। ଏଥିସହ ଶୀଘ୍ର ସେ ସମ୍ବଲପୁରୀ ଡିଜାଇନ୍‌କୁ ନେଇ ମଧ୍ୟ ନିଜର ଫ୍ୟାଶନ ଦେଖାଇବେ ବୋଲି କହିଛନ୍ତି।





for a test drive, call on 1800 315 4444. select variants available in CSD. special offers for defence personnel, government, PSU and corporate employees. for bulk enquiries, contact corpsales@renault.com for further details, visit renault.co.in

terms and conditions apply. #prices mentioned above are for base variant for ex-showroom Bhubaneswar for each model and are exclusive of local taxes. ^the benefits up to ₹ 40 000/- for Kwid include cash benefit of up to ₹ 10 000/-, exchange benefit of up to ₹ 20 000/- & corporate benefit of up to ₹ 10 000/- on select versions. ^^the benefits up to ₹ 60 000/- for Triber include cash benefit of up to ₹ 25 000/-, exchange benefit of up to ₹ 25 000/- & corporate benefit of up to ₹ 10 000/- on select versions. corporate/PSU/defence personnel/government employee/professionals benefits applicable for each model are basis eligibility of the customer and based on submission of required proof by the customer. ##loyalty benefits applicable on buying additional / exchange with Renault Model. for detail on loyalty benefits on each models and T&Cs visit www.renault.co.in/offers. * buy now, pay in 2022 corresponds to EMI holiday of 6 months from the date of disbursal of loan, applicable till 30th September 2021. **the gift vouchers scheme is applicable on all Renault cars, valid till 31st October,2021. for detailed terms & conditions, visit www.renault.co.in. Renault India Pvt. Ltd. reserves the right at its absolute discretion to terminate this scheme or vary, delete or add to any of these terms and conditions from time to time without notice including without limitation. finance at the sole discretion of Renault finance. offers may vary across variants and cities. model/accessories shown may not be a part of the standard fitment. the above mentioned offers & benefits are valid till 30th September 2021 and are through Renault dealership. for detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. in the event of any dispute, all matters shall be governed by all applicable laws of India and court at Gurugram shall have the exclusive jurisdiction. for detailed terms and conditions, please visit www.renault.co.in

**SHOWROOMS: ODISHA: SAMBALPUR:** RENAULT Sambalpur Mob : +91 8860048351. **BHUBANESWAR:** RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BHAWANIPATNA:** RENAULT Bhawanipatna Mob: +91 9311733963. **CUTTACK:** RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **KEONJHAR:** RENAULT Keonjhar Mob : +91 7428439130. **ROURKELA :** RENAULT Rourkela Mob : + 91 8860875802. **SUNDERGARH:** RENAULT Sundergarh Mob : +91 9311529949.

L&K | SAATCHI & SAATCHI

**କେରଳ ଏକାଦଶ ପରୀକ୍ଷା ଉପରେ ସ୍ଥଗିତାଦେଶ**

କେରଳରେ ସଂକ୍ରମଣ ବଢ଼ିଚାଲିଥିବାରୁ ଏକାଦଶ ଶ୍ରେଣୀ ପରୀକ୍ଷା ଗୋଟିଏ ସପ୍ତାହ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୫ରୁ ଏହି ପରୀକ୍ଷା ଆରମ୍ଭ ହେବାର ଥିଲା। ଦେଶରେ ଦୈନିକ ସଂକ୍ରମଣର ୭୦ ପ୍ରତିଶତ କେରଳରେ। ଏଭଳି ସ୍ଥିତିରେ କୋମଳ ବୟସର ପିଲାମାନଙ୍କୁ ବିପଦକୁ ଠେଲିଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଖାନ୍ୱିଲକରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

## ସଂକ୍ଷେପରେ

### ଇସ୍ତଫା ଦେବେ ଜାପାନ ପ୍ରଧାନମନ୍ତ୍ରୀ



ୟୋଶିହିଡେ ସୁଗା

**ଟୋକିଓ, ୩।୯:** ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ସରକାରୀ ଦଳ ନେତା ନିର୍ବାଚନରେ ଭାଗ ନେବେନାହିଁ। ଚଳିତ ମାସ ଶେଷରେ ସେ ଇସ୍ତଫା ଦେବେ ବୋଲି ଶୁକ୍ରବାର ସୂଚନା ଦେଇଛନ୍ତି। ତାଙ୍କର ଏହି ଘୋଷଣା ପରେ ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଯାଇଛି। ପାର୍ଲାମେଣ୍ଟରେ ଏଲ୍‌ଡିପି ସଂଖ୍ୟାଗରିଷ୍ଠ ଥିବାରୁ ଉକ୍ତ ଦଳର ନିର୍ବାଚିତ ନେତା ନୂଆ ପ୍ରଧାନମନ୍ତ୍ରୀ ହେବେ। କରୋନା ସଂକ୍ରମଣ ରୋକିବାରେ ମନ୍ଥର ପଦକ୍ଷେପ ଏବଂ ଜନସ୍ୱାସ୍ଥ୍ୟକୁ ଭ୍ରୂକ୍ଷେପ ନ କରି ଅଲିମ୍ପିକ୍ସର ଆୟୋଜନ କରିବା କାରଣରୁ ସୁଗା ସମାଲୋଚିତ ହେବା ସହ ତାଙ୍କ ପ୍ରତି ସମର୍ଥନ ହାର ଦ୍ରୁତ ହ୍ରାସ ପାଇଛି। ଚଳିତ ବର୍ଷ ଶେଷ ଭାଗରେ ଜାତୀୟ ନିର୍ବାଚନ ଥିବାରୁ ଏହା ପୂର୍ବରୁ ନୂଆ ନେତା ବାଛିବା ପାଇଁ ଏହା ଶାସକ ଦଳର ରାଜନୈତିକ ନିଷ୍ପତ୍ତି ବୋଲି କୁହାଯାଉଛି।

### ନ୍ୟୁଜିଲାଣ୍ଡରେ ୬ ଜଣଙ୍କୁ ଛୁରାମାଡ଼: ଆକ୍ରମଣକାରୀ ନିହତ

**ୱେଲିଂଟନ, ୩।୯:** ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସହରସ୍ଥିତ ଏକ ସୁପରମାର୍କେଟରେ ଶୁକ୍ରବାର ୬ ଜଣଙ୍କୁ ଛୁରି ଭୁସି ଆହତ କରିଥିବା ଜଣେ ଆତଙ୍କବାଦୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଆକ୍ରମଣକାରୀ ଜଣେ ଶ୍ରୀଲଙ୍କା ନାଗରିକ। ଇସ୍‌ଲାମିକ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ। ନିରୀହ ନାଗରିକଙ୍କ ଉପରେ ଏହା ଆତଙ୍କବାଦୀ ଆକ୍ରମଣ ବୋଲି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜସିଣ୍ଡା ଆର୍ଡେନ୍ କହିଛନ୍ତି। ଛୁରାମାଡ଼ର ୬୦ ସେକେଣ୍ଡ ମଧ୍ୟରେ ପୋଲିସ ଗୁଳିରେ ଆକ୍ରମଣକାରୀ ନିହତ ହୋଇଥିଲେ।

### ସଜ୍ଜନ କୁମାରଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ, ୩।୯(ପି.ଟି.):** ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାରଙ୍କ ଜାମିନ ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିବା ୭୫ ବର୍ଷୀୟ ସଜ୍ଜନ କୁମାର ଅସୁସ୍ଥତା କାରଣରୁ ଜାମିନ ପାଇଁ ଆବେଦନ କରିଥିଲେ।



ମେଡିକାଲ ରେକର୍ଡ ଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ଜାମିନ ଦେବାକୁ ମନା କରିଦେଇଛନ୍ତି। ପୂର୍ବତନ ଏମ୍‌ପି ସଜ୍ଜନ କୁମାର ନିଜ ଖର୍ଚ୍ଚରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବାକୁ ଚାହୁଁଥିବାରୁ ତାଙ୍କୁ ଜାମିନ ଦିଆଯିବାକୁ ତାଙ୍କ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ। ତେବେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଅପରାଧୀଙ୍କୁ ସୁପର ଭିଆଇପି ରୋଗୀ ଭଳି ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଥିଲେ।

# ଆତଙ୍କରେ ୨୫୦ ମହିଳା ବିଚାରପତି

## ତାଲିବାନ୍ କବଳରୁ ରକ୍ଷା ପାଇଁ ଶରଣ ଖୋଜୁଛନ୍ତି

**ଆଫଗାନିସ୍ତାନରେ ପାଶ୍ଚାତ୍ୟ ସମର୍ଥିତ ନାଗରିକ ସରକାର ଚାଲିଥିବା ପର୍ଯ୍ୟନ୍ତ ମହିଳା ବିଚାରପତିମାନେ କୋର୍ଟକୁ ଯାଇ ଶୁଣାଣି କରୁଥିଲେ। ତାଲିବାନ୍‌ର କାବୁଲ ଦଖଲ ସହ ବିଦେଶୀ ସୈନ୍ୟ ଫେରିଯିବା ପରେ ସେମାନେ ଆତଙ୍କରେ ଜୀବନ ବିତାଉଛନ୍ତି। କାରଣ ମହିଳା ଜଜ୍‌ମାନେ ଯେଉଁ ତାଲିବାନ୍ ଆତଙ୍କବାଦୀମାନଙ୍କୁ ଜେଲ ପଠାଇଥିଲେ ସେମାନେ ଏବେ ମୁକୁଳା ବୁଲୁଛନ୍ତି। ବନ୍ଧୁକ ଧରି ମହିଳା ବିଚାରପତିମାନଙ୍କୁ ମାରିବା ପାଇଁ ଖୋଜୁଛନ୍ତି।**





**ହେଗ୍/କାବୁଲ,୩।୯**

ଆଫଗାନିସ୍ତାନର ୨୫୦ ମହିଳା ବିଚାରପତି ଜୀବନ ବଞ୍ଚାଇବା ପାଇଁ ଶରଣ ଖୋଜୁଛନ୍ତି। ଅଶ୍ରଫ୍ ଗନି ସରକାରଙ୍କ ପତନ ପୂର୍ବରୁ ଯେଉଁ ତାଲିବାନ୍‌ର ଆତଙ୍କବାଦୀମାନଙ୍କୁ ଜେଲକୁ ପଠାଇଥିଲେ ସେମାନେ ଏବେ ନିର୍ଭୟରେ ମୁକୁଳା ବୁଲୁଛନ୍ତି। ବନ୍ଧୁକ ଧରି ମାରିବାକୁ ଖୋଜୁଛନ୍ତି। କେତେଜଣ ମହିଳା ବିଚାରପତି ଦେଶ ଛାଡ଼ି ପଳାୟନ କରିବାରେ ସକ୍ଷମ ହୋଇଥିବାବେଳେ ଅଧିକାଂଶ ଆଫଗାନିସ୍ତାନରେ ରହିଯାଇଛନ୍ତି। ସେମାନେ ବର୍ତ୍ତମାନ ତାଲିବାନ୍‌ର ବର୍ବରତାରୁ ମୁକ୍ତି ପାଇବା ପାଇଁ ଅନ୍ୟ ଦେଶକୁ ଆଶ୍ରୟ ମାଗିଛନ୍ତି। ଆମେରିକା ନେତୃତ୍ୱାଧୀନ ନାଟୋ ସେନା ଆଫଗାନିସ୍ତାନ ଛାଡ଼ି ଚାଲିଯିବା ପରେ ତାଲିବାନ୍ ଏବେ ସରକାର ଗଠନ କରିବାକୁ ଯାଉଛି। ମହିଳାମାନଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି ଆତଙ୍କବାଦୀ ସଙ୍ଗଠନ କହୁଛି। କିନ୍ତୁ ଯାହା କହୁଛି ତାକୁ ପାଳନ କରୁନାହିଁ। ପୂର୍ବରୁ ମଧ୍ୟ ମହିଳା ବିଚାରପତିମାନଙ୍କୁ ତାଲିବାନ୍ ଟାର୍ଗେଟ କରିଆସିଛି। ଗତ ଜାନୁୟାରୀରେ ସୁପ୍ରିମକୋର୍ଟର ୨ ମହିଳା ବିଚାରପତିଙ୍କୁ ଆତଙ୍କବାଦୀ ହତ୍ୟା କରିଥିଲେ। ତାଲିବାନ୍ ସାରା ଦେଶରେ ଥିବା ଜେଲଗୁଡ଼ିକରୁ କଏଦୀମାନଙ୍କୁ ଛାଡ଼ିଦେଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆତଙ୍କବାଦୀ। ସେହି ରକ୍ତମୁଖା ଆତଙ୍କବାଦୀମାନେ ମହିଳା ବିଚାରପତିମାନଙ୍କ ପାଇଁ ଘାତକ ସାଜିଛନ୍ତି ବୋଲି ୟୁରୋପର ଏକ ଅଜ୍ଞାତ ସ୍ଥାନକୁ ପଳାୟନ କରିଥିବା ଜଣେ ବରିଷ୍ଠ ମହିଳା ଜଜ୍ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ତାଲିବାନ୍‌ର ବର୍ବରତାକୁ ସ୍ମରଣ କରି କହିଛନ୍ତି, ଆମ କାବୁଲସ୍ଥିତ ଘରକୁ ୪ରୁ ୫ ତାଲିବାନ୍ ସଦସ୍ୟ ଆସି ମହିଳା ଜଜ୍ କୁଆଡ଼େ ଗଲେ ବୋଲି ପଚାରିଥିଲେ। ସେହି ସଦସ୍ୟମାନଙ୍କୁ ସେ ପୂର୍ବରୁ ଜେଲକୁ ପଠାଇଥିବାରୁ ସେମାନେ ତାଙ୍କୁ ଖୋଜୁଥିବା ନିଜ ନାମ ଗୋପନ ରଖିବା ସର୍ତ୍ତରେ ମହିଳା ବିଚାରପତି ଜଣକ କହିଛନ୍ତି। ଇଣ୍ଟରନ୍ୟାଶନାଲ ଆସୋସିଏଶନ୍ ଅଫ୍ ଓମେନ୍ ଜଜେସ୍ (ଆଇଏଡବ୍ଲ୍ୟୁଜେ)ର ବିଦେଶୀ ସହଯୋଗୀ ଏବଂ ମାନବାଧିକାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ଆଫଗାନିସ୍ତାନରୁ ଏହି ବିଚାରପତି ପଳାୟନ କରିବାରେ ସକ୍ଷମ ହୋଇଛନ୍ତି। ଦେଶର ଅନ୍ୟ ମହିଳା ବିଚାରପତିମାନଙ୍କ ସହ ସେ ଯୋଗସୂତ୍ରରେ ଅଛନ୍ତି। ସେମାନେ ମଧ୍ୟ ଆତଙ୍କରେ ଜୀବନ ବିତାଉଛନ୍ତି। ଉଦ୍ଧାର ନ କଲେ କୌଣସି ମୁହୂର୍ତ୍ତରେ ତାଲିବାନ୍ ସେମାନଙ୍କୁ ହତ୍ୟା କରିପାରେ ବୋଲି ସେମାନେ ଆଶଙ୍କା କରୁଛନ୍ତି। କେବଳ ମହିଳା ବିଚାରପତି ନୁହନ୍ତି, ସମସ୍ତ ଆଫଗାନ୍ ମହିଳା ତାଲିବାନ୍ ବର୍ବରତାକୁ ନେଇ ଆତଙ୍କିତ ବୋଲି ଆଫଗାନିସ୍ତାନର ମାନବାଧିକାର କର୍ମୀ ହୋରିଆ ମୋସାଦିକ୍ କହିଛନ୍ତି। ଲଣ୍ଡନ ପକ୍ଷରୁ ଗତ ସପ୍ତାହରେ ୯ ମହିଳା ବିଚାରପତିଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିବା ନେଇ ବ୍ରିଟେନ୍‌ର ନ୍ୟାୟ ମନ୍ତ୍ରୀ ରବର୍ଟ ବକ୍‌ଲାଣ୍ଡ ସୂଚନା ଦେଇଥିଲେ।

### ଯୌନକର୍ମୀଙ୍କ କିଲ୍ ଲିଷ୍ଟ

୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ କ୍ଷମତାରେ ଥିବାବେଳେ ରୁଢ଼ିବାଦୀ ତାଲିବାନ୍ ବହୁ ସଂଖ୍ୟକ ଯୌନକର୍ମୀଙ୍କୁ ହତ୍ୟା କରିଥିଲା। ଆମେରିକୀୟ ସୈନ୍ୟ ଆଫଗାନିସ୍ତାନରୁ ଫେରିଯିବା ପରେ ଏବେ ସଙ୍ଗଠନ ପକ୍ଷରୁ ସେକ୍ସ ୱାର୍କରଙ୍କ ଆଉ ଏକ 'କିଲ୍ ଲିଷ୍ଟ' ପ୍ରସ୍ତୁତ କରାଯାଉଛି। ଆଡଲ୍ଟ ଫିଲ୍ମଗୁଡ଼ିକରେ ଅଭିନୟ କରୁଥିବା ଓ ଗଣିକା ବୃତ୍ତିରେ ଲିପ୍ତ ଥିବା ମହିଳାମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଏହି ତାଲିକାରେ ଲେଖାଯାଉଛି। ତାଲିକା ସମ୍ପୂର୍ଣ୍ଣ ହେବା ପରେ ସେମାନଙ୍କୁ ସର୍ବସାଧାରଣରେ ମୃତ୍ୟୁଦଣ୍ଡ ହୋଇପାରେ ବୋଲି ଆଶଙ୍କା କରାଯାଉଛି।



**ଗଣପଳାୟନ ବେଳେ ଦଳାଚକଟା:** ପାକିସ୍ତାନ ଚମନ ସୀମାର କ୍ରସିଂ ପଏଣ୍ଟ ବନ୍ଦ କରିଦେବା ପରେ ଦଳାଚକାଟା ହୋଇଛି। ଏଥିରେ ଜଣେ ଆଫଗାନ୍ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି। ଏବେ ବି ସୀମାରେ ହଜାର ହଜାର ଶରଣାର୍ଥୀ ଅପେକ୍ଷାରତ।



କାବୁଲ ଚେକ୍ ପଏଣ୍ଟରେ ତାଲିବାନ୍ ଫୋର୍ସ ସଦସ୍ୟ।

## ଦିନକ ପାଇଁ ଘୁଞ୍ଚିଲା ସରକାର ଗଠନ

**କାବୁଲ,୩।୯**

ତାଲିବାନ୍ ୨.୦ ସରକାରର ରୂପରେଖ ଚୂଡ଼ାନ୍ତ ହୋଇଥିବାବେଳେ କୌଣସି ସମୟରେ ଏନେଇ ଆନୁଷ୍ଠାନିକ ଘୋଷଣା କରାଯାଇପାରେ ବୋଲି ଶୁକ୍ରବାର ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ଆଫଗାନିସ୍ତାନ ଉପରେ ସାରା ବିଶ୍ୱର ନଜର ରହିଥିବାରୁ ସମସ୍ତେ ଏହାକୁ ଅପେକ୍ଷା କରିଥିଲେ। ହେଲେ ଶେଷ ମୁହୂର୍ତ୍ତରେ ସରକାର ଗଠନ ଦିନକ ପାଇଁ ବିଳମ୍ବିତ ହୋଇଛି। ତାଲିବାନ୍ ଶନିବାର ସରକାର ଗଢ଼ିବ ବୋଲି ସଙ୍ଗଠନର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ସୂଚନା ଦେଇଛନ୍ତି।

ସୂଚନାନୁସାରେ ସବୁ ବର୍ଗର ଲୋକଙ୍କୁ ନେଇ ଏକ ସମାବେଶୀ ସରକାର ଗଠନ କରାଯିବ। ତେବେ ବର୍ତ୍ତମାନ ଗଠନ ହେବାକୁ ଯାଉଥିବା ସରକାର ଅନ୍ତରୀଣ ହେବ, ଯେଉଁଠି କେବଳ ତାଲିବାନ୍ ସଦସ୍ୟ ହିଁ ସାମିଲ ହେବେ। ନୂଆ ସରକାରରେ ୨୫ ମନ୍ତ୍ରୀ ରହିବେ। ୨୫ ମୁସ୍‌ଲିମ ବିଦ୍ୱାନଙ୍କୁ ନେଇ ଏକ ପରାମର୍ଶଦାତା ପରିଷଦ ବା ଶୁରା ରହିବ। ସେହିପରି ୬ରୁ ୮ ମାସ ମଧ୍ୟରେ ଜିର୍ଗା ବା ବୃହତ୍ ଆସେମ୍ବ୍ଲି ଗଠନ କରାଯିବ। ଏଥିରେ ସାରା ଦେଶର ବରିଷ୍ଠ ନାଗରିକ ଓ ପ୍ରତିନିଧିମାନେ ସାମିଲ ହେବେ। ସେମାନେ ସମ୍ବିଧାନ ପ୍ରଣୟନ ଓ ସରକାରଙ୍କ ଭବିଷ୍ୟତ ନେଇ ବିଚାରବିମର୍ଶ କରିବେ। ତାଲିବାନ୍ ସହପ୍ରତିଷ୍ଠାତା ତଥା ପଲିଟିକାଲ ଅଫିସ ମୁଖ୍ୟ ମୁଲ୍ଲା ଅବ୍‌ଦୁଲ ଗନି ବରାଦର ରାଷ୍ଟ୍ରପତି ହେବେ ଓ ଆଫଗାନିସ୍ତାନ ସରକାରର ନେତୃତ୍ୱ ନେବେ। ଅନ୍ୟତମ ସହପ୍ରତିଷ୍ଠାତା ମୁଲ୍ଲା ଓମାରଙ୍କ ପୁଅ ମୁଲ୍ଲା ମହମ୍ମଦ ୟାକୁବ ଏବଂ ଦୋହା ଅଫିସ ମୁଖ୍ୟ ଶେର ମହମ୍ମଦ ଅବ୍ବାସ ଷ୍ଟାନେକ୍‌ଜାଇଙ୍କୁ ମଧ୍ୟ କ୍ୟାବିନେଟ୍‌ରେ ବଡ଼ ଭୂମିକା ମିଳିବ। ଏଥିପାଇଁ ସଙ୍ଗଠନର ସବୁ ବଡ଼ ନେତା କାବୁଲରେ ପହଞ୍ଚିସାରିଛନ୍ତି। ସର୍ବୋଚ୍ଚ ଧର୍ମୀୟ ନେତା ହିବାତୁଲ୍ଲା ଅଖୁନ୍ଦଜାଦା ସୁପ୍ରିମ ଲିଡର ହେବେ। ସେ ଧର୍ମୀୟ ବ୍ୟାପାର ଓ ଇସ୍‌ଲାମ୍ ଢାଞ୍ଚାରେ ଶାସନ ଉପରେ ଫୋକସ୍ କରିବେ। ତାଙ୍କ ଅଧୀନରେ ରାଷ୍ଟ୍ରପତି କାମ କରିବେ। ଅଖୁନ୍ଦଜାଦା ବେଲୁଚିସ୍ତାନର କଚ୍‌ଲାକ୍ ସ୍ଥିତ ଏକ ମସ୍‌ଜିଦରେ ଦୀର୍ଘ ୧୫ ବର୍ଷ ଧରି ଥିଲେ। ଇତିମଧ୍ୟରେ ତାଲିବାନ୍ ସମସ୍ତ ପ୍ରଦେଶ ଏବଂ ଜିଲାରେ ଗଭର୍ନର, ପୋଲିସ ମୁଖ୍ୟ ଓ ପୋଲିସ କମାଣ୍ଡରମାନଙ୍କୁ ନିଯୁକ୍ତ କରିଛି।

### ଅଖୁନ୍ଦଜାଦା ସୁପ୍ରିମ ଲିଡର, ମୁଲ୍ଲା ବରାଦର ରାଷ୍ଟ୍ରପତି



"ଆଫଗାନିସ୍ତାନକୁ ବିଭାଜିତ କରିବା ପାଇଁ ରୁଷିଆ ଚାହୁଁନାହିଁ। କାରଣ ଏପରି କରାଗଲେ ଆଲୋଚନା ପାଇଁ ସେଠାରେ କେହି ରହିବେ ନାହିଁ। ବିଶ୍ୱ ସମୁଦାୟ ସହ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ଲାଗି ତାଲିବାନ୍ ସଭ୍ୟ ବ୍ୟବହାର ଦେଖାଇବ ବୋଲି ଆଶା।

**-ଭ୍ଲାଦିମିର ପୁଟିନ, ରୁଷିଆ ରାଷ୍ଟ୍ରପତି**



"ଆଫଗାନିସ୍ତାନରେ ତାଲିବାନ୍ ସରକାର ସହ ଆଲୋଚନା ପାଇଁ ୟୁରୋପୀୟ ସଂଘ (ଇୟୁ) ପ୍ରସ୍ତୁତ। କିନ୍ତୁ ଏହି ସଙ୍ଗଠନ ମହିଳାଙ୍କ ସୁରକ୍ଷା ଓ ମାନବାଧିକାରଗୁଡ଼ିକୁ ସମ୍ମାନ ଦେବା ଜରୁରୀ।

**-ଜୋସେପ୍ ବେରେଲ ଫୋଣ୍ଟେଲେସ୍, ଇୟୁ ବହିର୍ବ୍ୟାପାର ନୀତି ଅଧକ୍ଷ**

## ବାୟୋଲୋଜିକାଲ-ଇ ଟିକାକୁ ପରୀକ୍ଷା ପାଇଁ ଅନୁମତି

**ନୂଆଦିଲ୍ଲୀ, ୩।୯(ପି.ଟି.)**

ବାୟୋଲୋଜିକାଲ-ଇ ପିଲାମାନଙ୍କ ପାଇଁ ଆଣିଥିବା କୋଭିଡ୍ ଟିକା କୋର୍ବେଭାକ୍ସର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ଅନୁମତି ମିଳିଛି। ବାୟୋଲୋଜିକାଲ-ଇ ଏହି ଆର୍‌ବିଡି ପ୍ରୋଟିନ୍ ସବ୍‌ୟୁନିଟ ଭାକ୍ସିନକୁ ବାୟୋଟେକ୍‌ନୋଲୋଜି ବିଭାଗ ଏବଂ ଏହାର ପିଏସ୍‌ୟୁ ବାୟୋଟେକ୍‌ନୋଲୋଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍ସ କାଉନ୍‌ସିଲ୍ (ବିଆଇଆର୍‌ଏସି) ସହାୟତାରେ ବିକଶିତ କରିଛି। ଅନ୍ୟପକ୍ଷରେ ବୟସ୍କମାନଙ୍କ ପାଇଁ ଉକ୍ତ ଟିକାର ପ୍ରଥମ ଓ ଦ୍ୱିତୀୟ କ୍ଲିନିକାଲ ପରୀକ୍ଷା ତଥ୍ୟକୁ ବିଶେଷଜ୍ଞ କମିଟି ଅନୁଧ୍ୟାନ କରିବା ପରେ ଏହାର ତୃତୀୟ ପର୍ଯ୍ୟାୟ ନିରାପତ୍ତା ଓ ରୋଗ ପ୍ରତିରୋଧ କ୍ଷମତା ପରୀକ୍ଷା କରାଇବାକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଅନୁମୋଦନ କରିଥିଲେ। ପୂର୍ବରୁ ଜାଇଡସ୍ କାଡିଲା କମ୍ପାନୀର ୧୨ରୁ ୧୮ ବର୍ଷ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଜାଇକୋଭ୍-ଡି ଟିକାକୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ମିଳିସାରିଛି। ଭାରତରେ ପିଲାମାନଙ୍କ ପାଇଁ ମଞ୍ଜୁରୀ ପାଇବାରେ ଏହା ପ୍ରଥମ କୋଭିଡ୍ ଟିକା।

## ୱାଜେଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

### ହିରେନ ହତ୍ୟା ମାମଲା

**ମୁମ୍ବାଇ, ୩।୯(ପି.ଟି.)**



ଆଣ୍ଟିଲିଆ ବୋମା ଆତଙ୍କ ଏବଂ ମନ୍‌ସୁଖ୍ ହିରେନ ହତ୍ୟା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ବହିଷ୍କୃତ ପୋଲିସ ଅଫିସର ସଚିନ ୱାଜେ ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଚାର୍ଜଶିଟ୍‌ରେ ପୂର୍ବତନ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ପ୍ରଦୀପ ଶର୍ମା ଏବଂ ଅନ୍ୟ କେତେ ଜଣ ପୂର୍ବତନ ପୋଲିସ କର୍ମଚାରୀ ଅଭିଯୁକ୍ତ ଅଛନ୍ତି। ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବା ସମୟସୀମାକୁ କୋର୍ଟ ଗତ ମାସରେ ୩୦ ଦିନ ବଢ଼ାଇଥିଲେ। ଏହି ସମୟସୀମା ଶେଷ ହେବାର ଦୁଇଦିନ ପୂର୍ବରୁ ଏନ୍‌ଆଇଏ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଗତ ଫେବୃୟାରୀ ୨୫ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆ ବାହାରେ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ରଖାଯାଇଥିଲା। ଠାଣେର ବ୍ୟବସାୟୀ ମନସୁଖ ହିରେନ ଉକ୍ତ ଏସ୍‌ୟୁଭିର ମାଲିକ ବୋଲି କୁହାଯାଉଥିଲାବେଳେ ମାର୍ଚ୍ଚ ୫ରେ ତାଙ୍କର ମୃତଦେହ ମିଳିଥିଲା।

## ସିଦ୍ଧାର୍ଥ ଶୁକ୍ଲାଙ୍କୁ ଅଶ୍ରୁଳ ବିଦାୟ

**ମୁମ୍ବାଇ, ୩।୯**



ହୃଦ୍‌ଘାତରେ ପ୍ରାଣ ହରାଇଥିବା ୪୦ ବର୍ଷୀୟ ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କ ଶେଷକୃତ୍ୟ ଶୁକ୍ରବାର ମୁମ୍ବାଇର ଓଶିୱାରାଠାରେ ସମ୍ପନ୍ନ ହୋଇଛି। ଶେଷକୃତ୍ୟ ସ୍ଥଳରେ ଶେହନାଜ୍ ଗିଲ୍, ସିଦ୍ଧାର୍ଥଙ୍କ ମାଆ, ଭଉଣୀ ଏବଂ ଅନ୍ୟ ଟିଭି କଳାକାରମାନେ ଉପସ୍ଥିତ ଥିଲେ। ବହୁସଂଖ୍ୟାରେ ପ୍ରଶଂସକ ଓ ସହକର୍ମୀ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଥିଲେ। ବର୍ଷା ସତ୍ତ୍ୱେ ସେମାନେ ଶେଷକୃତ୍ୟ ସ୍ଥଳ ଛାଡ଼ି ଯାଇ ନ ଥିଲେ। ବ୍ରହ୍ମାକୁମାରୀ ରୀତିନୀତି ଅନୁଯାୟୀ ଅନ୍ତ୍ୟେଷ୍ଟିକ୍ରିୟା ହୋଇଥିଲା। ସିଦ୍ଧାର୍ଥଙ୍କ ଦାଦାପୁଅ ଭାଇ ଆଦିତ୍ୟ ଶୁକ୍ଲା ଶେଷକୃତ୍ୟ ସମ୍ପନ୍ନ କରିଥିଲେ। କୁପର ହସ୍ପିଟାଲରୁ ସକାଳେ ଅଭିନେତାଙ୍କ ମରଶରୀର ବାହାରିବା ବେଳେ ବାହାରେ ବହୁ ପ୍ରଶଂସକ ରୁଣ୍ଡ ହୋଇ ଶେଷ ଦର୍ଶନ କରିଥିଲେ।

## ଦିଲ୍ଲୀ ବିଧାନସଭାରୁ ଲାଲ୍‌କିଲ୍ଲାକୁ ସୁଡ଼ଙ୍ଗ

### ସ୍ୱାଧୀନତା ସଂଗ୍ରାମୀଙ୍କୁ କୋର୍ଟ ନେବାରେ ବ୍ୟବହୃତ ହେଉଥିଲା

**ନୂଆଦିଲ୍ଲୀ, ୩।୯(ପି.ଟି.)**



ଦିଲ୍ଲୀ ବିଧାନସଭାରୁ ଲାଲ୍‌କିଲ୍ଲାକୁ ସଂଯୋଗ କରୁଥିବା ଏକ ସୁଡ଼ଙ୍ଗକୁ ଗୁରୁବାର ଠାବ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କୋର୍ଟକୁ ନେବା ଆଣିବା କଲାବେଳେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ଲାଗି ବ୍ରିଟିଶ ପ୍ରଶାସକ ଉକ୍ତ ସୁଡ଼ଙ୍ଗକୁ ବ୍ୟବହାର କରୁଥିଲେ ବୋଲି ବିଧାନସଭା ବାଚସ୍ପତି ରାମନିୱାସ ଗୋୟଲ କହିଛନ୍ତି। ଟନେଲ ଥିବା ନେଇ ୧୯୯୩ରେ ପ୍ରଚାର ହୋଇଥିଲା। ସେତେବେଳେ ବିଧାୟକ ଥିବା ଗୋୟଲ ଏହାର ଇତିହାସ ସମ୍ପର୍କରେ ଜାଣିବା ପାଇଁ ଅନୁସନ୍ଧାନ କରିବାକୁ ଉଦ୍ୟମ କରିଥିଲେ। ତେବେ ତାହାର କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିଲା। ଏବେ ଉକ୍ତ ସୁଡ଼ଙ୍ଗର ଦ୍ୱାରଦେଶ ଠାବ ହୋଇଛି। ତେବେ ମେଟ୍ରୋ ପ୍ରକଳ୍ପ ଏବଂ ସ୍ୱେରେଜ ପାଇଁ ଉକ୍ତ ସୁଡ଼ଙ୍ଗ ପଥ ନଷ୍ଟ ହୋଇଯାଇଥିବାରୁ ଏହାକୁ ଅଧିକ ଖୋଳାଯାଇନାହିଁ ବୋଲି ଗୋୟଲ କହିଛନ୍ତି।

୧୯୧୨ରେ ଭାରତର ରାଜଧାନୀ କୋଲକାତାରୁ ଦିଲ୍ଲୀ ସ୍ଥାନାନ୍ତର ହେବା ପରେ ବର୍ତ୍ତମାନର ଦିଲ୍ଲୀ ବିଧାନସଭା ସେତେବେଳେ କେନ୍ଦ୍ରୀୟ ବିଧାନସଭା ଭାବେ ବ୍ୟବହୃତ ହେଉଥିଲା। ୧୯୨୬ରେ ଉକ୍ତ ବିଲ୍ଡିଂକୁ ଏକ କୋର୍ଟରେ ପରିଣତ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ସୁଡ଼ଙ୍ଗ ଦେଇ କୋର୍ଟକୁ ଅଣାଯାଉଥିଲା ବୋଲି ଗୋୟଲ କହିଛନ୍ତି। ଦେଶ ୭୫ତମ ସ୍ୱାଧୀନତା ଦିବସ ପାଳନ କରିଛି। ସ୍ୱାଧୀନତା ସଂଗ୍ରାମ ସହ ଦିଲ୍ଲୀ ବିଧାନସଭାର ସମ୍ପର୍କ ରହିଥିବାରୁ ଟନେଲ ଥିବା ବିଧାନସଭାର ଉକ୍ତ ପ୍ରକୋଷ୍ଠକୁ ସ୍ୱାଧୀନତା ସଂଗ୍ରାମୀ ପୀଠରେ ପରିବର୍ତ୍ତନ କରାଗଲେ ଏହା ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ହେବ ବୋଲି ବାଚସ୍ପତି କହିଛନ୍ତି। ଆଗାମୀ ସ୍ୱାଧୀନତା ଦିବସ ସୁଦ୍ଧା ଉକ୍ତ ପ୍ରକୋଷ୍ଠକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିବାକୁ ଚାହାନ୍ତି ବୋଲି ସେ କହିଛନ୍ତି।

## ଇଡା ତାଣ୍ଡବ: ମୃତ୍ୟୁସଂଖ୍ୟା ୫୦

**ନ୍ୟୁୟର୍କ, ୩।୯**




ସାମୁଦ୍ରିକ ଝଡ଼ ଇଡା ପ୍ରଭାବରେ ଆମେରିକାର ୬ଟି ରାଜ୍ୟ କ୍ଷତିଗ୍ରସ୍ତ ହେବା ସହ ୫୦ ଜଣଙ୍କର ମୃତ୍ୟୁ ଘଟିଛି। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ହେବାରୁ କନେକ୍ଟିକଟ, ମେରିଲାଣ୍ଡ, ନ୍ୟୁଜର୍ସି, ନ୍ୟୁୟର୍କ, ପେନ୍‌ସିଲ୍‌ଭାନିଆ ଏବଂ ଭର୍ଜିନିଆ ରାଜ୍ୟର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ନ୍ୟୁୟର୍କରେ ଏଭଳି ବର୍ଷା କେବେ ହୋଇ ନ ଥିଲା। ବର୍ଷାରେ ବହୁ ଆପାର୍ଟମେଣ୍ଟର ତଳମହଲା ବୁଡ଼ିଯାଇଛି ଏବଂ ସହରରେ ନଦୀର ଭ୍ରମ ସୃଷ୍ଟି ହୋଇଛି। ଅନେକ କାର୍ ପାଣିରେ ବୁଡ଼ିଯାଇଥିବା ଦେଖାଯାଇଛି। ନ୍ୟୁଜର୍ସିରେ ସର୍ବାଧିକ ୨୩ ଜଣଙ୍କ ମୃତ୍ୟୁ ହୋଇଛି। ବର୍ଷାପାଣିରେ ଗାଡ଼ି ବୁଡ଼ିଯିବା ଯୋଗୁ ଅଧିକାଂଶଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଅନେକ ଲୋକ ନିଖୋଜ ଥିବା ଜଣେ ଅଧିକାରୀ କହିଛନ୍ତି। ନ୍ୟୁୟର୍କରେ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। ଫିଲାଡେଲ୍‌ଫିଆରେ ରାସ୍ତା ପାଣିରେ ବୁଡ଼ି ରହିଥିବାରୁ ଟ୍ରେନ୍ ଓ ବସ୍ ସେବା ବିଳମ୍ବିତ ହୋଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କର୍ମଚାରୀମାନଙ୍କୁ ଘରୁ କାମ କରିବା ପାଇଁ କୁହାଯାଇଛି। ଗୁରୁବାର ସକାଳେ ଫିଲାଡେଲ୍‌ଫିଆର ଜଳାର୍ଣ୍ଣବ ରାସ୍ତାରେ ଉଦ୍ଧାରକାରୀ ଟିମ୍ ବୋଟ୍ ଚଳାଉଥିବା ଦେଖାଯାଇଥିଲା। ପେନ୍‌ସିଲଭାନିଆରେ ହଜାର ହଜାର ଲୋକଙ୍କୁ ପାଣିଘେରରୁ ଉଦ୍ଧାର କରାଯାଇଛି। ଉକ୍ତ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୦୨,୮୦,୯୬୪ | ୪୫,୬୧,୫୪୯ | ୧୯,୬୯,୧୦,୭୦୦ |
| ଭାରତ | ୩,୨୯,୪୩,୯୪୭ | ୪,୪୦,୨୩୪ | ୩,୨୦,୯୦,୭୩୮ |
| ଓଡ଼ିଶା | ୧୦,୧୦,୦୭୨ | ୮୦୩୫(+୫୩) | ୯,୯୫,୪୭୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଦ୍ୱାରଶୁଣୀ ଘାଟିରେ ବସ୍‌କୁ ପିଟିଲା ଟ୍ରକ୍



- ଜଣେ ମୃତ, ୨୨ ଆହତ
- ଆହତଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ବସ୍ ଡ୍ରାଇଭର

ବାଙ୍ଗିରିପୋଷି,୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ଶୁକ୍ରବାର ଏକ ଦୁର୍ଘଟଣା ଘଟିଛି। ବାରିପଦାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଶିବପାର୍ବତୀ ନାମକ ଯାତ୍ରୀବାହୀ ବସ୍‌କୁ ରାଇପୁରରୁ ଖଡଗପୁର ଯାଉଥିବା ଏକ ଡାଲି ବୋଝେଇ ଟ୍ରକ୍ ଧକ୍କାଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୨ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ଦୁର୍ଘଟଣା ପରେ ବସ୍ ଡ୍ରାଇଭର ସୁନୀଲ ମହାନ୍ତ ସାହସିକତା ଦେଖାଇ ଆହତ ଯାତ୍ରୀମାନଙ୍କୁ ସେହି ବସ୍‌ରେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯିବା ଚର୍ଚ୍ଚାର ବିଷୟ ହୋଇଛି। ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, ଦ୍ୱାରଶୁଣୀ ଘାଟିର ପ୍ରଥମ ବାଙ୍କ ନିକଟରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଖୁବ୍ ଜୋରରେ ବସ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ତେବେ ଆସନ୍ନ ବିପଦ ଜାଣିପାରି ବସ୍ ଚାଳକ ଯାତ୍ରୀମାନଙ୍କୁ ରକ୍ଷା କରିବାକୁ ଯାଇ ବସ୍‌ଟିକୁ ଯଥା ସମ୍ଭବ ବୁଲାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେତେବେଳକୁ ବସ୍‌ର ମଧ୍ୟବର୍ତ୍ତୀ ସ୍ଥାନରେ ଟ୍ରକ୍‌ଟି ବାଡ଼େଇ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ସମସ୍ତ ବସ୍‌ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଥିବା ଗୋପୀ ଅଞ୍ଚଳର ଗୋଟିଏ ପରିବାରର ମୀନା ରଣା (୪୦), ଅମ୍ବିତା ରଣା(୮), ଭୁସେନ ରଣା(୪୦), ରାଇହରି ଅଞ୍ଚଳର ଝାଡ଼େଶ୍ୱର ବାରିକ(୫୫), ସୁଭାସିନୀ ବାରିକ(୫୦) ଏବଂ ଟ୍ରକ୍ ଚାଳକଙ୍କୁ ବାରିପଦା ପିଆର୍‌ଏମ୍ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଭୁସେନ ରଣାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ପର୍ଯ୍ୟଟକଙ୍କ ପାଇଁ ଆରମ୍ଭ ହେଲା 'ନିମନ୍ତ୍ରଣ'

- ଓଟିଡିସିର ପ୍ରତିଷ୍ଠା ଦିବସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପୁରୀ ଓ ସମ୍ବଲପୁରରେ ଖୋଲିବ ରେଷ୍ଟୁରାଣ୍ଟ

ଭୁବନେଶ୍ୱର, ୩।୯ (ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ନିମନ୍ତ୍ରଣ'କୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର।

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ୪୨ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଣ୍ଟି ଓଡ଼ିଆ ବ୍ୟଞ୍ଜନ ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'ର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓଟିଡିସିକୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ 'ନିମନ୍ତ୍ରଣ' ଜରିଆରେ ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନର ପ୍ରୋତ୍ସାହନ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ଉପରେ ଆସ୍ଥା ପ୍ରକଟ କରି ନିଗମ ତା'ର ପ୍ରତିବଦ୍ଧତା ପ୍ରଦର୍ଶନ କରି ଭାରତ ପର୍ଯ୍ୟଟନରେ ଏହାର ମାନକୁ ଉଚ୍ଚା କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଶହୀଦନଗରସ୍ଥିତ ରମାଦେବୀ ବିଶ୍ୱବିଦ୍ୟାଳୟ ନିକଟରେ ଖୋଲିଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟର ପରିଚାଳନା ଦାୟିତ୍ୱ ଓଟିଡିସି ତୁଲାଇବ। ଓଡ଼ିଆ ଖାଦ୍ୟକୁ ଲୋକପ୍ରିୟ କରି ବ୍ୟଞ୍ଜନ-ପର୍ଯ୍ୟଟନର ପ୍ରୋତ୍ସାହନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହା ହେଉଛି ଓଟିଡିସି ରେଷ୍ଟୁରାଣ୍ଟ ଶୃଙ୍ଖଳର ପ୍ରଥମ ଆଉଟ୍‌ଲେଟ୍। ଆଗାମୀ ଦିନରେ ପୁରୀ ବ୍ଲୁଫ୍ଲାଗ୍ ବେଳାଭୂମି ଓ ୧୭୦୦ ଶତାବ୍ଦୀର ଐତିହ୍ୟ ସମ୍ବଲପୁରର ରାନୀ ବଖ୍ରୀ ପ୍ୟାଲେସ୍‌ଠାରେ ଏହାର ଦୁଇଟି ଆଉଟ୍‌ଲେଟ୍ ଖୋଲାଯିବ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଲେ, ସ୍ଥାନୀୟ ବ୍ୟଞ୍ଜନ ପର୍ଯ୍ୟଟକଙ୍କୁ ସ୍ଥାନ ବା ଅଞ୍ଚଳ ସମ୍ବନ୍ଧରେ ଧାରଣା ଜନ୍ମାଇବାକୁ ବାଧକରେ। ଓଡ଼ିଶା ପର୍ଯ୍ୟଟନର ଅଭିନବ ଉଦ୍ୟମ 'ନିମନ୍ତ୍ରଣ' ମାଧ୍ୟମରେ ରାଜ୍ୟର ବ୍ୟଞ୍ଜନ ପର୍ଯ୍ୟଟନର ବିକାଶ ଘଟିବା ସହ ପର୍ଯ୍ୟଟକଙ୍କ ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ବିବିଧତାକୁ ଜାଣିବାକୁ ସୁଯୋଗ ସୃଷ୍ଟି ହୋଇପାରିବ। ପର୍ଯ୍ୟଟନ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର କହିଲେ, ଗ୍ରାହକଙ୍କୁ ଓଡ଼ିଆ ପାରମ୍ପରିକ ଭୋଜନ ଯୋଗାଇବା ସକାଶେ ମେନ୍ୟୁ ପ୍ରସ୍ତୁତ କରାଯାଇଛି। ଏଥିରେ ଓଡ଼ିଆ ପ୍ରାକ୍ ଭୋଜନ ଖାଦ୍ୟ, ମୁଖ୍ୟ ଭୋଜନ, ପାନୀୟ, ମିଷ୍ଟାନ୍ନ ପ୍ରଭୃତି ରହିଥିବା ଯୋଗୁ ଏହା ଭ୍ରମଣକାରୀଙ୍କ ମଧ୍ୟରେ ଖାଇବା ସଉକ ସୃଷ୍ଟି କରିବ ବୋଲି ସେ ମତ ରଖିଥିଲେ। କୋଭିଡ୍ ମହାମାରୀ ପରବର୍ତ୍ତୀ ପର୍ଯ୍ୟଟନ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଏହି ରେଷ୍ଟୁରାଣ୍ଟ ପ୍ରକଳ୍ପ ହାତକୁ ନିଆଯାଇଛି। କଟକ ମହାନଦୀଠାରେ ଥିବା ସିଲ୍‌ଭର ସିଟି ବୋଟ୍ କ୍ଲବ୍, ପୁରୀର ବ୍ଲୁ ଫ୍ଲାଗ୍ ବେଳାଭୂମି ଓ ଚନ୍ଦ୍ରଭାଗା ବେଳାଭୂମିରେ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯିବା ଭଳି ଅନେକ ପଦକ୍ଷେପ ନିଆଯାଇଛି ବୋଲି ଓଟିଡିସ ଅଧକ୍ଷା ଶ୍ରୀମୟୀ ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଓଟିଡିସିର ସ୍ଥାପନା ଦିବସକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ସେଠାରେ ଏକ କୁଇଣ୍ଟାଲ ଓଜନର ପୋଡ଼ପିଠା ପ୍ରସ୍ତୁତ କରାଯାଇଥିଲା। ଶୁଦ୍ଧ ଓଡ଼ିଆ ବ୍ୟଞ୍ଜନ ପ୍ରଣାଳୀକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଏକ ରନ୍ଧନ ପ୍ରତିଯୋଗିତା 'ଆମ ହାଣ୍ଡିଶାଳ' ଆୟୋଜନ କରାଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ସୁନ୍ଦର ବର ସୁନ୍ଦର**
**ବାଦ୍ୟକୁ ସୁନ୍ଦର ମହୁରୀ**
**ଦୂର ଦେଶକୁ ରଜା ସୁନ୍ଦର**
**ସର୍ବ ସୁନ୍ଦର କଉଡ଼ି ।**

ମନଚୋର ଆଖିକୁ ସୁନ୍ଦର ଲାଗିଥାଏ। ନିଜ ବର ନିଜକୁ ସୁନ୍ଦର ଦିଶିଥାଏ। ବାଦ୍ୟ ସହ ମହୁରୀ ବେଶ ସୁନ୍ଦର ମାନିଥାଏ। ଦୂର ଦେଶର ରାଜା ଦୂରରୁ ଭଲ ଜଣାପଡ଼ିଥାଏ। ସେହିପରି ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସର୍ବୋପରି ସୁନ୍ଦର ଓ ଶ୍ରେଷ୍ଠ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଚଅଁର ପୋଖରୀ ଡ଼ଅଁର ଗଣ୍ଡରେ
ଭଅଁର କରିଛି ବସା
କେଉଁ କଥା ପାଇଁ କରିଥିଲି ଆଶା
ଦାଣ୍ଡେ ହେଲି ଲୋକହସା।

ମଣିଷର ଆଶା ସବୁବେଳେ ପୂରଣ ହୋଇ ନ ଥାଏ। ଆଶା ଅପୂରଣୀୟ ରହିଗଲେ ମନ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯିବା ଥୟ। ବ୍ୟକ୍ତି ବେଳେବେଳେ କିଛି ଆଶା କରି ଭଲରୁ ଭେଲ ପାଇବା ଭଳି ଲୋକହସା ବା ଅପଦସ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ଆଜିର ମନ୍ତବ୍ୟ

ନିଯୁକ୍ତି ପାଇଁ ମୋଦି ସରକାର କ୍ଷତିକାରକ। ଏହି ସରକାର କୌଣସି ପ୍ରକାର ବ୍ୟବସାୟ କିମ୍ବା ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ଯାହା ପାଖରେ ଥିବ ତାକୁ ଛଡ଼ାଇନିଏ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# ୱେବ୍ ପୋର୍ଟାଲ ସମ୍ପାଦକ ସୁଧାଂଶୁ ଶେଖର ଅଟକ

■ଦୂତୀ ଚାନ୍ଦଙ୍କ ଅଭିଯୋଗକ୍ରମେ ଉଠାଇ ନେଇଥିଲା ମହିଳା ଥାନା ପୋଲିସ
■ରିପୋର୍ଟର, ସୂଚନା ଅଧିକାର କର୍ମୀଙ୍କ ନାଁରେ ବି ମାମଲା


ସୁଧାଂଶୁ ଶେଖର ରାଉତ

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ଦୌଡ଼ରାଣୀ ଦୂତୀ ଚାନ୍ଦଙ୍କ ନାମରେ ଅପମାନଜନକ ଖବର ପ୍ରସାରଣ କରିବା ସହ ଧମକ ଦେଇ ବଟି ମାଗିବା ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୋଲିସ ଫୋକସ୍ ପ୍ଲସ୍ ୱେବ୍ ପୋର୍ଟାଲର ସମ୍ପାଦକ ସୁଧାଂଶୁ ଶେଖର ରାଉତଙ୍କୁ ଅଟକ ରଖିଛି। ଶୁକ୍ରବାର ସକାଳେ ଝାରପଡାସ୍ଥିତ ୱେବ୍ ପୋର୍ଟାଲ କାର୍ଯ୍ୟାଳୟରୁ ତାଙ୍କୁ ପୋଲିସ ଉଠାଇ ନେଇଥିଲା। ଏଥିସହ ସେଠାରୁ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ପଚରାଉଚରା ଚାଲିଥିବା ଥାନାଧିକାରୀ ବନିତା ମହାରଣା ସୂଚନା ଦେଇଛନ୍ତି। ଥାନାଧିକାରୀ କହିଛନ୍ତି, ବୁଧବାର ଦୂତୀଙ୍କ ଅଭିଯୋଗକ୍ରମେ ୱେବ୍ ଚ୍ୟାନେଲର ସମ୍ପାଦକ ସୁଧାଂଶୁଙ୍କ ସମେତ ରିପୋର୍ଟର ସ୍ମୃତିରଞ୍ଜନ ବେହେରା ଓ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ ନାମରେ ଆଇପିସି ଦଫା ୨୦୨(ଏ), ୩୫୪(ଏ), ୩୮୫, ୫୦୬, ୫୦୯,୧୨୦(ବି)ରେ ମାମଲା (ନଂ.୧୦୬/୨୧) ରୁଜୁ ହୋଇଛି। ତଦନ୍ତରେ ପ୍ରମାଣ ମିଳିବାରୁ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ଅଧିକ ତଥ୍ୟ ଯୋଗାଡ଼ କରୁଛି। ଅନ୍ୟତମ ଅଭିଯୁକ୍ତ ରିପୋର୍ଟର ସ୍ମୃତିରଞ୍ଜନ ଓ ସୂଚନା ଅଧିକାର କର୍ମୀ ପ୍ରଦୀପଙ୍କ ବିରୋଧରେ ତଦନ୍ତ ଜାରି ରହିଥିବା ସେ କହିଛନ୍ତି।

ଦୂତୀ ବୁଧବାର ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ୱେବ୍ ଚ୍ୟାନେଲ ରିପୋର୍ଟର ମୋ ଗାଁକୁ ଯାଇ ବିଭିନ୍ନ ପ୍ରଲୋଭନ ଦେଖାଇ ମୋ ବିରୋଧରେ ମା' ବାପାଙ୍କ ନିକଟରୁ କିଛି ତଥ୍ୟ ସଂଗ୍ରହ କରିଥିଲେ। ମୁଁ ଅଲିମ୍ପିକ୍ସ ପାଇଁ ଟୋକିଓରେ ଥିବା ସମୟରେ ସମ୍ପାଦକ ମୋ ନିକଟକୁ ଉକ୍ତ ଭିଡିଓ ପଠାଇ ଦେଖିବାକୁ କହିଥିଲେ। ଯେହେତୁ ମୋ ମା' ଓ ବାପା ମୋ ବିରୋଧରେ କିଛି କଥା କହିଥିଲେ, ତାହାକୁ ଚ୍ୟାନେଲରେ ପ୍ରସାରଣ କରିବାକୁ ଧମକ ଦେଇ ମୋ ନିକଟରୁ ଅର୍ଥ ଦାବି କରିଥିଲେ। ମୁଁ ରାଜି ନ ହେବାରୁ ଗୋଟିଏ ପରେ ଗୋଟିଏ ଭିଡିଓ ପଠାଇ ମୋତେ ମାନସିକ ସ୍ତରରେ ଚାପଗ୍ରସ୍ତ କରିବା ସହ ମୋ ଚରିତ୍ର ସଂହାର କରି ସାମାଜିକ ଗଣମାଧ୍ୟମରେ ବଦନାମ କରିଥିଲେ। ସେହିପରି ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ନକାରାତ୍ମକ ଟିପ୍ପଣୀ ଦେଇଥିଲେ ବୋଲି ଦୂତୀ କହିଥିଲେ। ଏହାଛଡା ମାନସମ୍ମାନରେ ହାନି ଘଟିବାରୁ ଉପରୋକ୍ତ ୩ ଜଣଙ୍କ ବିରୋଧରେ ୫ କୋଟି ଟଙ୍କାର ମାନହାନି ମକଦ୍ଦମା ମଧ୍ୟ ରୁଜୁ କରିଛନ୍ତି ବୋଲି ସେ କହିଥିଲେ। ଯଦି ଆକ୍ରୋଶମୂଳକ ଭାବେ ମୋ ବ୍ୟକ୍ତିଗତ ଜୀବନକୁ ନେଇ ନକାରାତ୍ମକ ଖବର ପରିବେଷଣ କରାଯାଏ ତେବେ ବାଧ୍ୟ ହୋଇ ସେ ଖେଳ ଛାଡିବେ ବୋଲି ଦୂତୀ ଖବରଦାତା ସମ୍ମିଳନୀରେ କହିଥିଲେ।

# ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ତାରିଖ ପରିବର୍ତ୍ତନ

**ସେପ୍ଟେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ଚାଲିବ ଆଡମିଶନ**

**ଭୁବନେଶ୍ୱର, ୩।୯(ବ୍ୟୁରୋ)**

ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ପରିବର୍ତ୍ତନ ହୋଇଛି। ଏହା ସେପ୍ଟେମ୍ବର ୧୩ରୁ ଆରମ୍ଭ ୧୬ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୧୧ରୁ ୧୫ ଯାଏଁ ନିର୍ଦ୍ଧାରିତ ହୋଇଥିଲା। ଯୁକ୍ତ ୩ ପ୍ରଥମ ସିଲେକ୍ସନର ଆଡମିଶନ ତାରିଖ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ୟୁଜି ଆଡମିଶନରେ ପରିବର୍ତ୍ତନ କରାଯାଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ରାଜ୍ୟରେ ମୋଟ ୧୦୨୨ ଡିଗ୍ରୀ କଲେଜ ରହିଥିବା ବେଳେ ଚଳିତବର୍ଷ ଶୁକ୍ରବାର ସୁଦ୍ଧା ୨ ଲକ୍ଷ ୪୫ ହଜାର ୯୬୮ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ପୂର୍ବରୁ ସେପ୍ଟେମ୍ବର ୯ ତାରିଖ ପୂର୍ବାହ୍ନ ୧୧ ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ କରାଯିବା ସହ ସେପ୍ଟେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସେପ୍ଟେମ୍ବର ୨୧ରେ ୨ୟ ପର୍ଯ୍ୟାୟ ମେଧାତାଲିକା ଏବଂ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ୨ୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।


# classifieds Everyday
0674-2580101, 2549302

## real estate

### SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **Commercial Hub Grand Bazar** ସମ୍ମୁଖରୁ **1 K.M.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249310759.** D-70893

Land Owner plot for sale Patrapada CV Raman College yellowzone, Price-999/-. 9437335686, 7008487006. D-21504

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21472

2000sqft. residential land for sale near Big Bazar, Patia, Bhubaneswar. Price-47lakhs. Contact: 7894639282. D-71148

**2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989.** D-70890

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21531

Gharabari plot for sale at Nakhara, 700meter distance from NH-5, Grand Bazar per sqft. @1400/-, details. contact: 9937253888, 9438664354. D-71149

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ହଂସପାଳ, ଅଟଳା, ପାହାଳ **Duplex/ Simplex** ପ୍ଲଟ୍ ସୁଲଭ ମୂଲ୍ୟରେ ଉପଲବ୍ଧ। **7855995233.** D-71407

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/-1250/-, 8249477254, 7978230118.** D-70887

## construction

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

## to-let

4000sqft. Godown with office space for rent at BJB Nagar. Contact: 9937095445. D-70478

## healthcare

Take wellness relax massage trained ladies / jents therapist 800/-. 7008773793. D-71409

Newly open therapy centre offer @ 799/-, positively health benefits. 7381172169. D-71410

Newly open Saikrupa Panchakarma Spa positively health benefits with Expert. 8984068077. D-21451

Newly open SPA Offer @699/-, positively health benefits, Jaydevbihar. 7846814019. D-71411

Swarna SPA newly open positively health benefits with expert therapist. 9556978408. D-71150

Refreshments rejuvenation body massage therapy with experience therapists, Bhubaneswar. 9668374480. D-71143

## astrology

Vastu ଅନୁସାରେ house designing construction layout A-Z solution କରିବାକୁ ଚାହୁଁଛନ୍ତି କି? Vastu Samadhaan. 7978736177. D-68281

## LOST

Original sale deed of Sanjukta Pradhan bearing document number 573 dated 22.05.1998 in respect of land situated at Mouza Sipasaruballi, Tahasil Brahmagiri, Dist: Puri, Khata No.- 314/410, Plot No.- 1068/1395. Area- 2 Ace (200 dicimil) has been lost. FIR is lodged at Baseli Sahi Police Station, vide SDE No.-8 dated 31.08.21. Contact No.- 9438451799. D-68881

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## ପ୍ରଥମ ପୃଷ୍ଠାରୁ...

### ଏସ୍ଏସ୍‌ସି ଦୁର୍ନୀତିକୁ ...

ଏସ୍ଏସ୍‌ସି ଦୁର୍ନୀତିକୁ ... ଅଚଳ ହୋଇଯାଉଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସଭା କାର୍ଯ୍ୟ ଚଳାଇବା ପାଇଁ ଶୁକ୍ରବାର ୧୦ଟା ୩୦ ମିନିଟରେ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଷ୍ଟାଫ୍ ସିଲେକ୍ସନ ନିଯୁକ୍ତିରେ ହୋଇଥିବା ଦୁର୍ନୀତି ବିଷୟ ଆଲୋଚନା କରିବାକୁ ଦାବି କରିଥିଲେ। ଏହାକୁ ସମର୍ଥନ କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରମେଶ ଜେନାଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ବାଚସ୍ପତି ମାତ୍ର ୩୦ ସେକେଣ୍ଡ ପରେ ଗୃହକୁ ହଠାତ୍ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କଂଗ୍ରେସ ସଦସ୍ୟମାନେ ପୁଣି ହଟ୍ଟଗୋଳରେ ମାତି ଯାଇଥିଲେ। ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ୪ଟା ୧୨ରୁ ଗୃହକୁ ମୁଲତବୀ କରାଯାଇ ସର୍ବଦଳୀୟ ବୈଠକ ଆଲୋଚନା ହୋଇଥିଲା। ମାରାଥନ ଆଲୋଚନା ପରେ ଗୃହ ସ୍ୱାଭାବିକ ହୋଇଛି। ଚଳିତ ବିଧାନସଭା ଅଧିବେଶନରେ ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟରେ ତାଳମେଳ ନାହିଁ। ଭିନ୍ନ ଭିନ୍ନ ପ୍ରସଙ୍ଗ ଉଠାଇ ଉଭୟ ଦଳର ସଦସ୍ୟମାନେ ଗୃହକୁ ପାଳିକରି ଅଚଳ କରୁଛନ୍ତି। ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଦାବି କରି ଭାଜପା ସଦସ୍ୟମାନେ ଗୁରୁବାର ବିଧାନସଭାକୁ ଅଚଳ କରି ଦେଇଥିଲେ। କଂଗ୍ରେସ ସଦସ୍ୟ ମରୁଡ଼ି ଓ ଚାଷୀ ପ୍ରସଙ୍ଗକୁ ପ୍ରଥମାର୍ଦ୍ଧରେ ଉଠାଇଥିଲେ ମଧ୍ୟ ଅପରାହ୍ନରେ ଶାନ୍ତ ପଡ଼ି ଯାଇଥିଲେ। ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଦାବି ନେଇ ତୁମ୍ଭିତୋଫାନ କରୁଥିବା ଭାଜପା ସଦସ୍ୟମାନେ ଶୁକ୍ରବାର ଶାନ୍ତ ହୋଇଯାଇଥିଲେ। ମାହାଙ୍ଗା ପ୍ରସଙ୍ଗରୁ ଓହରି ଆଇନଶୃଙ୍ଖଳା, ମାନବବାଦ ସଂଗଠନ ଆଦିକୁ ପ୍ରସଙ୍ଗ କରି ଭାଜପା ସଦସ୍ୟମାନେ ଚୁପ ରହିଥିଲା ବେଳେ କଂଗ୍ରେସ ଷ୍ଟାଫ୍ ସିଲେକ୍ସନ କମିଶନ ନିଯୁକ୍ତିରେ ମହାଦୁର୍ନୀତି ପ୍ରସଙ୍ଗ ଉଠାଇ ଗୃହକୁ ଅଚଳ କରିଥିଲା।

### ଚାଇନା ଆମର ବଡ଼ ...

ଯୋଜନାରେ ଚାଇନା ଆଫ୍ରିକା, ଏସିଆ ଓ ୟୁରୋପକୁ ଯୋଡ଼ିବା ଲାଗି ବନ୍ଦରଗୁଡ଼ିକର ଏକ ବୃହତ୍ ନେଟ୍‌ୱର୍କ, ରେଲୱେ, ସଡ଼କ ଓ ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ କରୁଛି। ଅଫଗାନିସ୍ତାନର ପୁନଃ ନିର୍ମାଣ ଲାଗି ଆମ ପାଇଁ ଚାଇନା ଅଭୂତପୂର୍ବ ସୁଯୋଗ ଆଣିଦେବ। ଚାଇନା ଆମର ମହତ୍ୱପୂର୍ଣ୍ଣ ସହଯୋଗୀ ବୋଲି ଗୁରୁବାର ଏକ ଇଟାଲୀୟ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ମୁଜାହିଦ୍ କହିଛନ୍ତି। ସେହିପରି ରୁଷିଆକୁ ନେଇ ମଧ୍ୟ ତାଲିବାନ୍ ସକାରାତ୍ମକ ମନ୍ତବ୍ୟ ଦେଇଛି। ରୁଷିଆ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ମସ୍କୋ ସହିତ ଆମ ସୁସମ୍ପର୍କ ବଜାୟ ରହିବ ବୋଲି ମୁଜାହିଦ୍ ଆଶା ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୧୫ରେ ତାଲିବାନ୍‌ର କାବୁଲ ଦଖଲ ପରଠୁ ଚାଇନା ଏହାକୁ ନେଇ ସକାରାତ୍ମକ ଆଭିମୁଖ୍ୟ ଦେଖାଇଆସୁଛି। ତାଲିବାନ୍ ଆଭ୍ୟନ୍ତରୀଣ ଓ ବାହ୍ୟିବ୍ୟାପାର ପ୍ରସଙ୍ଗରେ କୋହଳ ହୋଇ ସବୁ ପ୍ରକାର ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ଲଢ଼େଇ କରିବ। ସବୁ ବର୍ଗର ଲୋକଙ୍କୁ ନେଇ ସରକାର ଗଠନ ସହ ଦେଶବାସୀଙ୍କ ଓ ଅନ୍ତର୍ଜାତୀୟ ସମୁଦାୟର ଅଶା ଆକାଂକ୍ଷା ପୂରଣ କରିବ ବୋଲି ବେଜିଂ ପକ୍ଷରୁ କୁହାଯାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେବିନ୍ ମଙ୍ଗଳବାର କହିଥିଲେ, ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ବେଜିଂ ସମ୍ମାନ ଦେବ। ଅନ୍ୟପକ୍ଷେ ରୁଷିଆ ମଧ୍ୟ ତାଲିବାନ୍‌କୁ ପରୋକ୍ଷରେ ସମର୍ଥନ କରୁଥିବାରୁ ଆତଙ୍କବାଦୀ ସଙ୍ଗଠନ ଏହା ପ୍ରତି ଅନୁକୂଳ ମନ୍ତବ୍ୟ ଦେଉଛି।

### ବିଷପିଇ ଜୀବନ...

ପକାଇବାକୁ ଯାଇ ସେଠାରେ ପଡିଥିଲେ। ବର୍ଷାଭାବରୁ ଫସଲ ନଷ୍ଟ ହୋଇଥିବାରୁ କରିଥିବା ଋଣ କିପରି ଶୁଝିବେ ସେହି ଚିନ୍ତାରେ ବିଷପାନ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ପ୍ରଥମେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁରେ ଅନ୍ତିମ ସଂସ୍କାର କରାଯାଇଛି। ପରିବାର ଲୋକେ ଅଭିଯୋଗ କରିଛନ୍ତି, ଫସଲ ନଷ୍ଟ ପରେ ଚିନ୍ତାଗ୍ରସ୍ତ ହୋଇ ବନ୍‌ଛୋର ବିଷପାନ କରି ଦେଇଛନ୍ତି। ମୃତ ଚାଷୀ ବନ୍‌ଛୋର ଜଣେ ଭୂମିହୀନ ଗରିବ ଶ୍ରେଣୀର ବ୍ୟକ୍ତି। ତାଙ୍କ ସ୍ତ୍ରୀ, ଦୁଇ ପୁଅ ଅଛନ୍ତି। ପୂର୍ବରୁ ସେ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଯାଉଥିଲେ। ଚଳିତବର୍ଷ ଦୁଇ ଏକର ଜମିରେ ଭାଗଚାଷ କରିଥିଲେ। ତେବେ ବର୍ଷା ଅଭାବରୁ ଉକ୍ତ ଦୁଇ ଏକର କପା ଚାଷ ନଷ୍ଟ ହେବାକୁ ବସିଲାଣି। କପାଚାଷ ପାଇଁ ଋଣ କରିଥିବା ଚାଷୀ ବନ୍‌ଛୋର ଶେଷରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ତଦନ୍ତ ପରେ ଘଟଣା ସମ୍ପର୍କରେ କହିବେ ବୋଲି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ସହକର୍ମୀମାନଙ୍କ ସହ ଫଳପ୍ରଦ ଆଲୋଚନା କରିପାରିବେ। ଶିକ୍ଷା ସମ୍ବନ୍ଧୀୟ କିମ୍ବା ସନ୍ତାନ ହେତୁକ ପ୍ରତ୍ୟେକ ସମସ୍ୟା ନିଶ୍ଚିତ ସୁଧୁରିଯିବ। ଆନୁସଙ୍ଗିକ ସୁବିଧା ସୁଯୋଗ ଲାଭ କରି କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କିମ୍ବା ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ବୃଷ** ସକାଳୁ ମନରେ ବିଭିନ୍ନ ଚିନ୍ତାଧାରା ସ୍ଥାନ ପାଇବ। ପଡ଼ୋଶୀଙ୍କ କୌଣସି କଥାରେ ମୁଣ୍ଡ ପୂରାଇ ଅଯଥା ମନ ବିଷାକ୍ତ କରିପାରନ୍ତି। ବାକିପଡ଼ିଥିବା କାମକୁ ଶେଷ କରିବେ କିମ୍ବା ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ହଠାତ୍ ବନ୍ଧୁଙ୍କ ଦ୍ୱାରା ଆନୀତ ପ୍ରସ୍ତାବ ସ୍ଥିରୀକୃତ ସକାଶେ ଆଲୋଚନା କରିପାରନ୍ତି।

**ମିଥୁନ** ସରକାରୀ କିମ୍ବା ବେସରକାରୀ ସ୍ତରରୁ ପାଇବାକୁ ଥିବା ଅର୍ଥ ପାଇବା ପାଇଁ ଚେଷ୍ଟା କରିବେ। ଋଣ ପରିଶୋଧ କରିବା ମାନସରେ ପରିବାରରେ ଆଲୋଚନା କରିବେ। କର୍ମକ୍ଷେତ୍ରରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହୋଇ ପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଅଧିକାଂଶ ସମୟ କାମ ଭିତରେ ବୁଡିରହି ସ୍ୱାସ୍ଥ୍ୟ ପ୍ରତି ନଜର ନ ଦେବା ଭୁଲ୍ ହେବ। ବ୍ୟବସାୟରେ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ତାହା ନିଶ୍ଚିତ ସଫଳତା ପ୍ରାପ୍ତ ହୋଇପାରିବ। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ସାହାଯ୍ୟ ସହଯୋଗ ପାଇଲେ ମଧ୍ୟ କାମ ଶୃଙ୍ଖଳିତ ହେବା କଷ୍ଟକର ହୋଇପାରେ। ବହୁ ଅର୍ଥ ବିନିମୟରେ ତାହା ସମ୍ପନ୍ନ କରାଗଲେ ସମ୍ଭବ ହୋଇପାରେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଆଜି ଜଣେ ହିତୈଷୀଙ୍କ ସାହଚର୍ଯ୍ୟରେ ସମାଧାନ ହୋଇଯିବ। ପରିବହନ, ବାଣିଜ୍ୟ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ, ପରିବହନରୁ ଖୁସି ରହିବେ।

**କନ୍ୟା** କର୍ମ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ବିବାଦୀୟ ଟୀକା ଟିପ୍ପଣୀ କିୟତ୍ ସମୟରେ ଦୂରେଇଯିବାର ଆଶା ରହିଛି। ବନ୍ଧୁମାନେ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଯଥା ସମୟରେ ପ୍ରସଙ୍ଗ କ୍ରମେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା** କର୍ମାରମ୍ଭର ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ/ସହକର୍ମୀ କିମ୍ବା କୌଣସି ଗୁରୁସ୍ଥାନୀୟ ବ୍ୟକ୍ତି ବିରୋଧାଭାସ ପ୍ରଦର୍ଶନ କରିପାରନ୍ତି। କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କାମ ମଧ୍ୟ ଅଟକିବ ନାହିଁ। ସଭାସମିତିରେ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ। ଅବଶ୍ୟ ପରିବାରରେ କିଛିଟା ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ।

**ବିଛା** ଅନ୍ୟମାନଙ୍କ ବାରଣକୁ ନ ମାନିଲେ ଅସୁବିଧାରେ ପଡ଼ିପାରନ୍ତି। କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ଭାବନା ରହିଛି। ବ୍ୟବସାୟ, ପରିବହନ, ନିର୍ମାଣ, ଯୋଗାଯୋଗ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ** କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଦୂର ଭ୍ରମଣ ଓ ନୂତନ ସ୍ଥାନକୁ ଯାତ୍ରା, ଜମିଜମା କାରବାର କିମ୍ବା ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିପାରେ। ମନୋବଳ ଦୃଢ଼ ରହିଲେ ମଧ୍ୟ ସନ୍ତାନ ହେତୁକ ସମସ୍ୟା କିମ୍ବା ବିବାଦୀୟ ମନ୍ତବ୍ୟ ଦେଇ ଚିନ୍ତାଗ୍ରସ୍ତ ହେବେ। ଦୀର୍ଘ ଦିନରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମକର** ନିଜ ଲୋକଙ୍କ ଖାପଛଡା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ, କର୍ମକ୍ଷେତ୍ରରେ ସମସ୍ୟା ପରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ହାତକୁ ନେଇଥିବା ଆଜିର କାମଗୁଡିକ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ସହ ନିର୍ମାଣ କାମ ଅଗ୍ରଗାମୀ ହେବ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣରେ ରଖିବାକୁ ସମର୍ଥ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗକୁ ଦୃଢ଼ ମନୋବଳ କାମ କରିବାକୁ ପ୍ରେରଣା ଯୋଗାଇବ। ଭଲ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** କର୍ମକ୍ଷେତ୍ରର ସମସ୍ୟା ପ୍ରତି ଉଚ୍ଚ ପଦାଧିକାରୀ ଅନୁକୂଳ ମତ ପୋଷଣ କରିବେ ନାହିଁ। ପାରିବାରିକ ସ୍ତରରେ ନିଜ ଲୋକମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ତଥା ଆଲୋଚନା କ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ ।

### ଭାରତକୁ ଆଉ ୩ ...

କରିବା ସହ ପଦକରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦକ ଜିତିଥିବା ୩ ଆଥ୍‌ଲେଟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ହରବିନ୍ଦରଙ୍କ ସହ କଥା ହୋଇଛନ୍ତି। ପାରା ଆଥ୍‌ଲେଟମାନେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ସେ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

### 'କଶ୍ମୀରୀ ମୁସଲମାନଙ୍କ...

ଆମେରିକା ସୈନ୍ୟ ଫେରିଯିବା ପରେ ନୂଆଦିଲ୍ଲୀ ଓ ତାଲିବାନ୍ ମଧ୍ୟରେ ଏହା ଥିଲା ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ଏହି ପରିପ୍ରେକ୍ଷୀରେ ସୁହେଲ ଶାହିନଙ୍କ ମନ୍ତବ୍ୟ ଗୁରୁତ୍ୱ ବହନ କରେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ସେପ୍ଟେମ୍ବର, ୨୦୨୧

## କଏଦୀଙ୍କୁ ନିର୍ଯାତନା ଭିଡିଓ ଭାଇରାଲ

ସୋର, ୩।୯(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଉପକାରାଗାରରେ କଏଦୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓରେ ଉପକାରାଗାରରେ ଥିବା ଜଣେ କଏଦୀ ହାତଯୋଡ଼ି ନିର୍ଯାତନା ବିଷୟରେ ବଖାଣୁଛନ୍ତି। ଏପରିକି କିଛିଦିନ ପୂର୍ବରୁ ଭଦ୍ରକ କାରାଗାରରୁ ସୋର ଉପକାରାଗାରକୁ ସ୍ଥାନାନ୍ତର ହୋଇଥିବା ଜଣେ କଏଦୀଙ୍କ ମୃତ୍ୟୁ ରହସ୍ୟ ସମ୍ପର୍କରେ ସେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ମୃତ୍ୟୁକୁ ଆତ୍ମହତ୍ୟା ରୂପରେଖ ଦିଆଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଥିଲା। କିନ୍ତୁ ଉକ୍ତ କଏଦୀଙ୍କୁ ପିଟିପିଟି ମାରି ଦିଆଯାଇଥିଲା ବୋଲି କଏଦୀଜଣକ ଭିଡିଓରେ ପ୍ରକାଶ କରିଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଥିବା ମାଡ଼ର ଚିହ୍ନକୁ ସେ ଦେଖାଉଛନ୍ତି। ତେବେ ଉପକାରାଗାରକୁ ମୋବାଇଲ କିପରି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ସଂକ୍ଷେପରେ

### ବଂଶୀବାଦକ ବଲ୍ଲଭାନନ୍ଦଙ୍କ ପରଲୋକ

ଭୁବନେଶ୍ୱର, ୩।୯ (ବ୍ୟୁରୋ): ପାରମ୍ପରିକ ବଂଶୀବାଦକ, ମୂର୍ତ୍ତିକାର ତଥା ମଞ୍ଚ ଅଭିନେତା ବଲ୍ଲଭାନନ୍ଦ ବିଶ୍ୱାଳଙ୍କ ଗୁରୁବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ବିଶ୍ୱାଳ ୧୯୩୯ ମାର୍ଚ୍ଚ ୩ରେ ବାଲେଶ୍ୱର ଜିଲା ପଞ୍ଚୁଟିକ୍ରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ନିଜର କଳା ସାଧନା ପାଇଁ ସମଗ୍ର ଅଞ୍ଚଳରେ ଖୁବ୍ ଜଣାଶୁଣା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସାବିତ୍ରୀ ବିଶ୍ୱାଳ, ଏକମାତ୍ର ପୁତ୍ର ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ, ପୁତ୍ରବଧୂ କଳ୍ପଶ୍ରୀ ଜଗଦ୍ଦେବ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବରପାଇ ବହୁ କଳାକାର ତଥା ଚିତ୍ରଶିଳ୍ପୀ ତାଙ୍କ ଶେଷ ଦର୍ଶନ କରିଛନ୍ତି। ସତ୍ୟନଗରସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ବଲ୍ଲଭାନନ୍ଦ ବିଶ୍ୱାଳ

### ୪ ଦିନରେ ଚାର୍ଜଶିଟ୍, ୧୫ ଦିନରେ ଦଣ୍ଡ

ଅନୁଗୋଳ ଅଫିସ, ୩।୯: ଏକ ଚୋରି ଘଟଣାର ମାତ୍ର ୧୫ ଦିନ ଭିତରେ ଅଭିଯୁକ୍ତଙ୍କୁ କୋର୍ଟରେ ଦଣ୍ଡିତ କରାଯାଇପାରିଛି। ଅଭିଯୋଗର ୪ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରି ଅନୁଗୋଳ ପୋଲିସ ତତ୍ପରତା ଦେଖାଇବା ପରେ ଏସ୍‌ଡିଜେଏମ୍ କୋର୍ଟ ଏହାର ତ୍ୱରିତ ଶୁଣାଣି କରି ଶୁକ୍ରବାର ରାୟ ପ୍ରକାଶ କରିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଜୁଲାଇ ୨୮ ତାରିଖରେ ଅନୁଗୋଳ ସହର ହେମସୁରପଡ଼ା ଅଞ୍ଚଳର ଶୁଭ୍ରଜିତ୍ ସାମଲଙ୍କ ଦୋକାନରୁ କିଛି ଟଙ୍କା ସହ ଏକ ବଡି ସ୍ପ୍ରେ ଧରି ଜଣେ ବ୍ୟକ୍ତି ଚମ୍ପଟ ମାରିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଏ ନେଇ ଶୁଭ୍ରଜିତ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୭୩/୨୧ରେ ଧରାପଡ଼ିଥିବା ଅଭିଯୁକ୍ତ ବିହାର ରାଜ୍ୟର ଲକ୍ଷ୍ମଣ କୁମାର ସ୍ୱର୍ଣ୍ଣକାର(୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ତଦନ୍ତ କରି ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍ ଜୁଲାଇ ୩୧ରେ ଅନୁଗୋଳ ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ସେହିଦିନ ହିଁ କୋର୍ଟରେ ଟ୍ରାଏଲ ଆରମ୍ଭ ହୋଇଥିଲା। ମୋଟ୍ ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଅଗଷ୍ଟ ୧୧ ତାରିଖରେ ଅଭିଯୁକ୍ତ ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏକ ହଜାର ଟଙ୍କାର ଆର୍ଥିକ ଦଣ୍ଡ ସହ ଏଭଳି କାର୍ଯ୍ୟ ଆଉ ନ କରିବାକୁ କୋର୍ଟ ତାଗିଦ୍ କରିଥିଲେ। ମାତ୍ର ୧୫ ଦିନ ମଧ୍ୟରେ କୌଣସି ମାମଲାରେ ଦଣ୍ଡ ଘୋଷଣା ରାଜ୍ୟ ପାଇଁ ବିରଳ ବୋଲି ଅନୁଗୋଳ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିବୃତି ମାଧ୍ୟମରେ କୁହାଯାଇଛି।


ଲକ୍ଷ୍ମଣ କୁମାର ସ୍ୱର୍ଣ୍ଣକାର

# ଗଡ଼ିଲା ୧୧୦ ଅତ୍ୟାଧୁନିକ ବସ୍

## ଓଏସ୍‌ଆର୍‌ଟିସି ମୁଖ୍ୟାଳୟରୁ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭୁବନେଶ୍ୱର ଏଜି ଛକସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ମୁଖ୍ୟ କାର୍ଯ୍ୟାଳୟରୁ ୧୧୦ ନୂଆ ଅତ୍ୟାଧୁନିକ ବସ୍‌ର ଶୁଭାରମ୍ଭ କରିଛନ୍ତି। ଯାତ୍ରୀଙ୍କୁ ବସ୍‌ଯାତ୍ରାର ଆରାମଦାୟକ ଅନୁଭୂତି ପ୍ରଦାନ କରିବା ଲାଗି ବସ୍‌ଗୁଡ଼ିକରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଛି। ସିସି ଟିଭି କ୍ୟାମେରା, ଆରାମଦାୟକ

### ରାଜଧାନୀରେ ୨ 'ମୋ ବସ୍' ଡିପୋ ଉଦ୍‌ଘାଟିତ

ସିଟ୍, ଆପାତକାଳୀନ ବଟନ୍, ଭେହିକିଲ ଟ୍ରାକିଂ ସିଷ୍ଟମ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତ୍ରୀଙ୍କୁ ସୂଚନା ପ୍ରଦାନ ପାଇଁ ବୈଷୟିକ ଜ୍ଞାନକୌଶଳ ସୁବିଧା କରାଯାଇଛି। ସମ୍ପୃକ୍ତ ବସ୍‌ଗୁଡିକ ଆନ୍ତଃରାଜ୍ୟ ବସ୍ ପରିବହନରେ ମଧ୍ୟ ନିୟୋଜିତ ହେବ। ଏଥିସହ ପଟିଆ ଏବଂ ଭଗବାନପୁରରେ 'ମୋ ବସ୍'ର ୨ଟି ଅତ୍ୟାଧୁନିକ ଡିପୋ ଉଦ୍‌ଘାଟିତ ହୋଇଛି। ଏହି ଡିପୋରେ ମେଶିନ ଜରିଆରେ ବସ୍ ପରିଷ୍କାର କରାଯିବା ସହ ତେଲ ପକାଯିବା ସୁବିଧା କରାଯାଇଛି।

ସୂଚନାଯୋଗ୍ୟ, ଓଏସ୍‌ଆର୍‌ଟିସି ପକ୍ଷରୁ ଚଳାଚଳ କରିବାକୁ ଥିବା ୧୮୦ ନୂଆ ବସ୍ ମଧ୍ୟରୁ ଶୁକ୍ରବାର ୧୧୦ଟିର ଶୁଭାରମ୍ଭ ହୋଇଛି। ଅନ୍ୟ ୭୦ଟି ବସ୍ ଖୁବଶୀଘ୍ର ଚଳାଚଳ କରିବ। ଏବେ ଓଏସଆର୍‌ଟିସି ପକ୍ଷରୁ ୨୮ ଜିଲା ତଥା ୪୩ ଅନ୍ତଃରାଜ୍ୟ ମାର୍ଗରେ ୩୧୮ ବସ୍ ଯାତାୟାତ କରୁଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼କୁ ବସ୍ ସେବା ଉପଲବ୍ଧ ରହିଛି। ନୂତନ କରି ଶୁଭାରମ୍ଭ ହେବାକୁ ଥିବା ବସ୍‌ଗୁଡ଼ିକ ଭଲ୍‌ଭୋ, ଏସି ଅଲଟ୍ରା ଡିଲକ୍ସ, ନନ୍ ଏସି ଡିଲକ୍ସ ତଥା ନନ୍ ଏସି ହାଇ କମ୍ଫର୍ଟ ଶ୍ରେଣୀର।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୋଖରୀପୁଟଠାରେ ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୯ କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା, ପ୍ରତାପ ଜେନା, ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏସ୍‌ଆର୍‌ଟିସି ମୁଖ୍ୟ କାର୍ଯ୍ୟାଳୟରେ ନୂତନ ବସ୍ ଶୁଭାରମ୍ଭ କରୁଛନ୍ତି।

# ଖଟିଆରେ ବୁହାହେଲେ ଆସନ୍ନ ପ୍ରସବା

ଦେବଗଡ଼,୩।୯(ଡି.ଏନ.ଏ)

ରାସ୍ତା ନ ଥିବାରୁ ଖଟିଆରେ ବୁହାହେଲେ ଆସନ୍ନ ପ୍ରସବା ମହିଳା। ଏଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଅନୁନ୍ନତ ତଥା ପାଉଡିଭୂୟାଁ ଅଧ୍ୟୁଷିତ ସରୁଆଳି ଗ୍ରାମ ପଞ୍ଚାୟତର ଦୁର୍ଗମ ବାଲିଡିହୀ ଗ୍ରାମରେ। ଖବର ମୁତାବକ ବାଲିଡିହୀ ଗ୍ରାମର ଜଣେ ମହିଳା(୨୨) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନେବା ପାଇଁ ପୂର୍ବାହ୍ନ ପ୍ରାୟ ୧୧ଟା ୩୨ରେ ୧୦୮ ଆମ୍ବୁଲାନ୍ସ କଲ ସେଣ୍ଟରକୁ ଏକ କଲ ଆସିଥିଲା। ସୂଚନା ପାଇ ତାଙ୍କୁ ଆଣିବା ପାଇଁ ତୁରନ୍ତ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ୧୦୮ ଜନନୀ ଏକ୍ସପ୍ରେସ ଉକ୍ତ ଗ୍ରାମ ଅଭିମୁଖେ ବାହାରିଥିଲା। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ସେଠାକୁ ଯାଇ ନ ପାରି ୩ କି.ମି. ଦୂରରେ ଅଟକି ରହିଥିଲା। ତେବେ ଉକ୍ତ ଆମ୍ବୁଲାନ୍ସର ଚାଳକ ଉତ୍ତମ କୁମାର ସାହୁ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ସେଠାରେ ଆମ୍ବୁଲାନ୍ସକୁ ଛାଡି ପାହାଡିଆ ତଥା ଆବୁଡା ଖାବୁଡା ରାସ୍ତାରେ ପାଦରେ ଚାଲି ବାଲିଡିହୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀଙ୍କ ସହାୟତାରେ ଏକ ଖଟିଆରେ ସମ୍ପୃକ୍ତ ଗର୍ଭବତୀ ମହିଳାଙ୍କୁ ବୋହି ଦୀର୍ଘ ୩ କିମି ପର୍ଯ୍ୟନ୍ତ ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ସହାୟତାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଆମ୍ବୁଲାନ୍ସ ଚାଳକ ଉତ୍ତମଙ୍କର ଏଭଳି ମନୋଭାବକୁ ଜିଲାର ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ଆସନ୍ନ ପ୍ରସବା ମହିଳାଙ୍କୁ ଖଟିଆରେ ବୁହାହେଉଛି।

# ରାଜ୍ୟରେ ଆଇନ ତା' ବାଟରେ ଯାଉନାହିଁ: ଭାଜପା

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟରେ ଆଇନ ତା' ନିଜ ବାଟରେ ଯାଉନାହିଁ। ଶାସକ ବିଜେଡିର ତୁଙ୍ଗନେତା ଏହାର ବଡ଼ ବାଧକ ସାଜିଛନ୍ତି। ରାଜ୍ୟରେ ଘଟିଯାଉଥିବା ପ୍ରମୁଖ ହତ୍ୟାକାଣ୍ଡ ଓ ଦୁର୍ନୀତି ପଛରେ ଶାସକ ବିଜେଡିର ବହୁ ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ଯୋଗୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସବୁ ସତ୍ୟାସତ୍ୟ ଖବର ଅଛି ନା ନାହିଁ ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବିଧାୟକ ମୋହନ ମାଝି କହିଛନ୍ତି, ଯେତେବେଳେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଭାଜପା ତରଫରୁ ବିଧାନସଭା ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ପାଇଁ ସୁଯୋଗ ଥିଲା, ସେତେବେଳେ ଶାସକ ବିଜେଡି କଂଗ୍ରେସ ସହାୟତାରେ ଭଣ୍ଡୁର କରିଛି। ମୁଖ୍ୟମନ୍ତ୍ରୀ ଯଦି ସବୁ ଘଟଣା ଜାଣି ନୀରବ ରହି ଦୋଷୀଙ୍କ ପାଇଁ ଢାଲ ସାଜୁଛନ୍ତି, ତେବେ ଏହା ଆହୁରି ଅଧିକ ଦଣ୍ଡନୀୟ ଅପରାଧ। ଆପରାଧିକ କାର୍ଯ୍ୟରେ ଶାସକ ବିଜେଡି ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ବର୍ତ୍ତମାନ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲାଣି। ରାଜ୍ୟ ମନ୍ତ୍ରିମଣ୍ଡଳରେ ୮ ଜଣ ମନ୍ତ୍ରୀଙ୍କ ବିରୋଧରେ ସଙ୍ଗିନ ଆପରାଧିକ ଓ ଦୁର୍ନୀତିର ଅଭିଯୋଗ ରହିଛି। ପରୀ ହତ୍ୟାକାଣ୍ଡରେ ମନ୍ତ୍ରୀ ଅରୁଣ ସାହୁ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନା, ପାରଳାଖେମୁଣ୍ଡି ଏସିଏଫ୍‌ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମେତ ଅନ୍ୟ ନେତାଙ୍କ ଆପରାଧିକ ଓ ଦୁର୍ନୀତି ସମ୍ପୃକ୍ତିର ଅଭିଯୋଗର ତଦନ୍ତକୁ ବାଟବଣା କରିବା ପାଇଁ କ୍ଷମତାର ଅପବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ। ଏକାଧିକ ଆପରାଧିକ ମାମଲାରେ ସମ୍ପୃକ୍ତ ମାନସ ଦାସଙ୍କୁ ସୁରକ୍ଷା ଦିଆଯିବା ରାଜ୍ୟର ଧ୍ୱସ୍ତ ଆଇନଶୃଙ୍ଖଳାକୁ ବର୍ଣ୍ଣନା କରୁଛି। ଏହି ସମୟରେ ଶାସକ ଦଳର ମୁଖ୍ୟ ସଚେତକ ଏସବୁ ଘଟଣାକୁ 'ଛୋଟିଆ ଘଟଣା' ବୋଲି କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଧାନସଭା ଗୃହ କାର୍ଯ୍ୟରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ଆଲୋଚନା ହେବା ପାଇଁ ଭାଜପା ତରଫରୁ ବାଚସ୍ପତିଙ୍କ ଜରିଆରେ ଗୃହରେ ଏକ ମୁଲତବୀ ପ୍ରସ୍ତାବ ଅଣାଯାଇଥିଲା। କଂଗ୍ରେସ ଦଳର ବରିଷ୍ଠ ବିଧାୟକ ନରସିଂହ ମିଶ୍ର ଛିଡ଼ାହୋଇ ବିଧାନସଭା ପ୍ରଶ୍ନକାଳକୁ ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ। ଏହାର ମାତ୍ର ଗୋଟିଏ ମିନିଟ୍ ଭିତରେ ବାଚସ୍ପତି ବିଧାନସଭା କାର୍ଯ୍ୟକୁ ମୁଲତବୀ ଘୋଷଣା କରିବା ଏକ ଯୋଜନାବଦ୍ଧ ନାଟକ ଥିଲା ବୋଲି ସେ ଅଭିଯୋଗ କରିଛନ୍ତି।

DAYANAND INSTITUTE
Dhanupali, Sambalpur- 768005
Helpline- 9114338817, 9938895475, 9437158817
ADMISSION NOTICE
NTT- 1year regular and correspondence course
Eligibility- +2 & Above (Only Ladies)
B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
M.A. IN YOGA- Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

# କରୋନା: ଶିଶୁକନ୍ୟାଙ୍କ ସମେତ ୭ ମୃତ

## ଆଉ ୮୪୯ ଚିହ୍ନଟ, ୧୨୦ ପିଲା ସଂକ୍ରମିତ

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ତଳମୁହାଁ ଥିବା କରୋନା ଗ୍ରାଫ୍ ସାମାନ୍ୟ ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୮୪୯ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୮ବର୍ଷରୁ କମ୍ ବୟସର ୧୨୦ଜଣ ସଂକ୍ରମିତ ରହିଛନ୍ତି। ସେହିପରି ଆଉ ୭ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲାରୁ ଜଣେ ୬ ବର୍ଷୀୟା ଶିଶୁକନ୍ୟା ରହିଥିବାବେଳେ ଗଞ୍ଜାମ ଜିଲାରୁ ୨ଜଣ ଏବଂ କଟକ, କେନ୍ଦ୍ରାପଡା, ପୁରୀ ଓ ଢେଙ୍କାନାଳରୁ ଜଣେ ଲେଖାଏ ଆକ୍ରାନ୍ତ ଆଖିବୁଜିଛନ୍ତି। ଏହାକୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ୮ହଜାର ୩୫କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୪୯୫ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୩୫୪ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୪୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୧୧୭ଜଣ, ବାଲେଶ୍ୱର ୫୧, ଯାଜପୁର ୩୨, ପୁରୀ ୩୧, ଢେଙ୍କାନାଳ ୨୬, ମୟୂରଭଞ୍ଜ ୨୧, ଅନୁଗୋଳ ୨୦, ସୁନ୍ଦରଗଡ ୧୮, ସମ୍ବଲପୁର ୧୬, ଜଗତ୍‌ସିଂହପୁର ଓ ରାୟଗଡାରୁ ୧୨ଜଣ ଲେଖାଏ, ଭଦ୍ରକ ୧୧, କେନ୍ଦ୍ରାପଡା ୯, ଦେବଗଡ଼ ୮, ନୟାଗଡ ୭, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି ଓ ନବରଙ୍ଗପୁରରୁ ୪ଜଣ ଲେଖାଏ, ବରଗଡ଼ ଓ ସୁବର୍ଣ୍ଣପୁରରୁ ୩ଜଣ ଲେଖାଏ, ବୌଦ୍ଧ, ଗଜପତି, ଗଞ୍ଜାମ, କନ୍ଧମାଳ ଓ ମାଲକାନଗିରିରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲ୍‌ରୁ ୭୮ଜଣ ସଂକ୍ରମିତ ବାହାରିଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୧୦,୦୭୨ରେ ପହଞ୍ଚିଛି। ସେପଟେ ରାଜ୍ୟରୁ ଆଉ ୮୩୫ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୯,୯୫,୪୭୪ ଛୁଇଁଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୭ ଗିରଫ

ବାଲେଶ୍ୱର ଅଫିସ/ ରେମୁଣା,୩।୯(ଡି.ଏନ.ଏ.)

- ଜମି ବ୍ୟବସାୟୀଙ୍କୁ ହତ୍ୟା ପାଇଁ ଦିଆଯାଇଥିଲା ସୁପାରି
- ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା


ଗିରଫ ଅଭିଯୁକ୍ତମାନେ।

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଜାନୁଗଞ୍ଜ ଗୋଲେଇ ଅଚ୍ୟୁତପୁର ନିକଟରେ ଜମି ବ୍ୟବସାୟୀ ରମେଶ ବେହେରାଙ୍କୁ ହତ୍ୟା ଘଟଣାର ଗୁମର ଫିଟିଛି। ଅଗଷ୍ଟ ୨୮ରେ ଘଟିଥିବା ଏହି ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସହ ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪୨ହଜାର ଟଙ୍କା, ୭ଟି ମୋବାଇଲ ଫୋନ, ହତ୍ୟାକାଣ୍ଡରେ ବ୍ୟବହୃତ ଖଣ୍ଡା, ବାଇକ, ଅଟୋ, ବୋଲେରୋ ଓ କାର୍ ଜବତ ହୋଇଛି। ଜମି ବ୍ୟବସାୟୀଙ୍କୁ ହତ୍ୟା କରିବା ଲାଗି ସୁପାରି ଦିଆଯାଇଥିଲା ଓ ଏଥିପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ସୁପାରିକିଲରମାନେ ୧ଲକ୍ଷ ୫ହଜାର ଟଙ୍କା ଅଗ୍ରିମ ନେଇ ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି ଶୁକ୍ରବାର ଶିଳ୍ପାଞ୍ଚଳ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ ଶ୍ରୀକଣ୍ଠପୁରସ୍ଥିତ ୨ଏକର ୨୭ ଡିସିମିଲର ଏକ ଜମି କିଣାବିକାକୁ ନେଇ ଗଣେଶ୍ୱରପୁର ଗ୍ରାମର ଜମି ବ୍ୟବସାୟୀ ଚିତ୍ତରଞ୍ଜନ ପାଣିଗ୍ରାହୀ (୪୭)ଙ୍କ ସହ ମୃତ ରମେଶ ବେହେରାଙ୍କର ବିବାଦ ଲାଗିରହିଥିଲା। ଚିତ୍ତରଞ୍ଜନଙ୍କ ଜମି ଆଗରେ ରମେଶଙ୍କ ଜମି ଥିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛିଦିନ ପୂର୍ବରୁ ବିବାଦ ବଢ଼ିବାରେ ଲାଗିଥିଲା। ରମେଶଙ୍କୁ ରାସ୍ତାରୁ ହଟାଇବା ପାଇଁ ଚିତ୍ତରଞ୍ଜନ ମନସ୍ଥ କରି ସୁପାରିକିଲରମାନଙ୍କୁ ଯୋଗାଯୋଗ କରିଥିଲେ। ରମେଶଙ୍କ ସହ ପୂର୍ବଶତ୍ରୁତା ଥିବା ଶମ୍ଭୁନାଥ ବିଶୋଇ ଓ ରଞ୍ଜନ ସାହୁଙ୍କ ସହ ଯୋଗାଯୋଗ କରି ହତ୍ୟା ପାଇଁ ଯୋଜନା କରିଥିଲେ। ଏଥିପାଇଁ ୫୦ଲକ୍ଷ ଟଙ୍କା ଡିଲ୍ ହୋଇଥିବା ବେଳେ ଆଡଭାନ୍ସ ବାବଦକୁ ୧ଲକ୍ଷ ୫ହଜାର ଟଙ୍କା ଦେଇଥିଲେ ଚିତ୍ତରଞ୍ଜନ। ଯୋଜନା ଅନୁସାରେ ୨୮ତାରିଖ ସନ୍ଧ୍ୟାରେ ରମେଶଙ୍କୁ ଅଚ୍ୟୁତପୁରସ୍ଥିତ ଜମି ନିକଟକୁ ଡାକି ସେଠାରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ରମେଶଙ୍କ ଭାଇ ଉମେଶଙ୍କ ଅଭିଯୋଗ ଅନୁଯାୟୀ ଶିଳ୍ପାଞ୍ଚଳ ଥାନାରେ ମାମଲା (ନଂ. ୧୩୬/୨୧) ରୁଜୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ଅଚ୍ୟୁତପୁର ଗ୍ରାମର ରଞ୍ଜନ ସାହୁ, ଶ୍ରୀକୃଷ୍ଣପୁର ଗ୍ରାମର ଶମ୍ଭୁନାଥ ବିଶୋଇ, ଗଣେଶ୍ୱରପୁର ଗ୍ରାମର ଚିତ୍ତରଞ୍ଜନ ପାଣିଗ୍ରାହୀ, ଶ୍ରୀକୃଷ୍ଣପୁର ଗ୍ରାମର କମଲ ବେହେରା, ଓସ୍ତପୁର ଗ୍ରାମର ଗୋପୀନାଥ ପାକଳ, ନୀଳଗିରି ବ୍ଲକ ବରହମ୍‌ପୁର ଥାନା ଭୋଗଦିଆ ଗ୍ରାମର ଭଞ୍ଜୟ କୁମାର ବେହେରା, ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଚେଙ୍ଗୁଆ ଗ୍ରାମର ମାନସ କୁମାର ପ୍ରଧାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।



# ଖେଳ ସରିନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପଙ୍କଜ କୁମାରଙ୍କୁ ନୂଆ ମୁଖ୍ୟ ଶାସନ ସଚିବ ଭାବେ ପାଇଛି ଗୁଜରାଟ। କିନ୍ତୁ ପୂର୍ବରୁ ମୁଖ୍ୟ ଶାସନ ସଚିବ ଥିବା ଅନିଲ ଗୋପିଶଙ୍କର ମୁକିମଙ୍କୁ ନେଇ ବାବୁ ପରିସରରେ ବହୁ ଉତ୍କଣ୍ଠା ପ୍ରକାଶ ପାଉଛି। ମୁଖ୍ୟ ଶାସନ ସଚିବ ଭାବେ ମୁକିମଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା ଓ ସେ ତାହାକୁ ସଫଳତାର ସହ ପୂରଣ କରିଥିଲେ। ତଥାପି ମୁକିମଙ୍କ ପାଇଁ ବାବୁ ସାମ୍ରାଜ୍ୟରେ ଖେଳ ଶେଷ ହୋଇନାହିଁ କଥା ହେଉଛି, ପାରମ୍ପାରିକ ଭାବରେ ମୁକିମ ତାଙ୍କ ପ୍ରଶାସନିକ କ୍ଷେତ୍ରରୁ ସମ୍ପୂର୍ଣ୍ଣ ବାହାରେ ରହିବା ସମ୍ଭାବନା ନାହିଁ। ନିକଟରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଇସାରା ଦେଇଥିଲେ ଯେ, ଗୁଜରାଟ ଅଧ୍ୟାବଧି ମୁକିମଙ୍କ ପରାମର୍ଶ ଏବଂ ସେବା ପାଇବା ଲାଗି ଉତ୍ସୁକତାର ସହ ଚାହିଁ ରହିଛି। ମୁକିମ୍ ରାଜ୍ୟରେ ରହିବେ କି ଦିଲ୍ଲୀ ଯିବେ ତା' ଉପରେ ପର୍ଯ୍ୟବେକ୍ଷକମାନେ ନିଶ୍ଚିତ ନୁହନ୍ତି। ତେବେ ଦିଲ୍ଲୀରେ ତାଙ୍କର କେନ୍ଦ୍ର ସହ ଘନିଷ୍ଠ ସମ୍ପର୍କ ରହିଛି ଓ ସେଠାରେ ପ୍ରଶାସନିକ କ୍ଷମତା ଉପଭୋଗ କରିବା ମନେହେଉଛି। ଜାଣିବାକୁ ମିଳିଛି, ଗୁଜରାଟ କିମ୍ବା ଦିଲ୍ଲୀରେ କେତେଜଣ ଅଧିକାରୀ ଅବସର ନେବା ପରେ କୌଣସି ପଦବୀରେ ମୁକିମ୍ ଅବସ୍ଥାପିତ ହୋଇପାରନ୍ତି। ଆଉ କେତେଜଣ ବାବୁ ବିଶ୍ୱାସ କରୁଛନ୍ତି ଯେ, ରୂପାନୀ ଗୁଜରାଟ ବିଦ୍ୟୁତ୍ ନିୟାମକ ପ୍ରାଧିକରଣର ମୁଖ୍ୟ ଭାବେ ମୁକିମଙ୍କୁ ଅବସ୍ଥାପିତ କରିପାରନ୍ତି କିମ୍ବା ଗୁଜରାଟ ଇଣ୍ଟରନ୍ୟାସନାଲ ଫାଇନାନ୍ସ ଟେକ୍-ସିଟି (ଜିଆଇଏଫ୍‌ଟି) ଭଳି ସମ୍ମାନଜନକ ସଂସ୍ଥାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇପାରନ୍ତି। ଏ କଥା ମଧ୍ୟ ଉଠୁଛି, ମୁକିମଙ୍କର କେନ୍ଦ୍ର ସହିତ ଉତ୍ତମ ସମ୍ପର୍କ ଯୋଗୁ ସେ ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର ଭାବେ ନିଯୁକ୍ତ ହୋଇପାରନ୍ତି। ଏପରିକି ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ପ୍ରବେଶ କରିବା ସମ୍ଭାବନା ରହିଛି। କୁହାଯାଉଛି, ଖୁବ୍ ଶୀଘ୍ର ଏହି ପଦବୀଗୁଡ଼ିକ ଖାଲି ହେବ ଓ ଏହାର ଚୟନ ପାଇଁ ପ୍ରୟାସ କରାଯିବ। ଗୁଜରାଟ ବାବୁମାନଙ୍କ ପ୍ରତି ମୋଦିଙ୍କ ଦୁର୍ବଳତା ରହିଥିବାରୁ ମୁକିମଙ୍କ ପାଇଁ ଏଭଳି ସୁଯୋଗ ପାଇବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ଅନ୍ୟପକ୍ଷରେ ଅନେକେ ଭାବନ୍ତି ଯେ, ମୁକିମ୍ ତାଙ୍କ କଳଙ୍କହୀନ ସେବା ପାଇଁ ପୁରସ୍କୃତ ହେବେ।

### ସୁପ୍ରିମକୋର୍ଟ ମୁହଁ ଖୋଲିଲେ

ରାଜନୈତିକ କାରଣ ଯୋଗୁ ବାବୁମାନଙ୍କୁ ନିଲମ୍ବନ କରାଯିବା ଧାରାକୁ ନେଇ ସୁପ୍ରିମକୋର୍ଟ (ଏସ୍‌ସି) ଦୁଃଖପ୍ରକାଶ କରିଛନ୍ତି। ଛତିଶଗଡ଼ରେ ନିଲମ୍ବିତ ବରିଷ୍ଠ ଆଇପିଏସ୍ ଅଧିକାରୀ ଗୁରଜିନ୍ଦର ପାଲ ସିଂଙ୍କୁ ଗିରଫ ନ କରିବା ପାଇଁ ସେଠାକାର ପୋଲିସକୁ ଏସ୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଦେଶଦ୍ରୋହ ଓ ଆୟ ବହିର୍ଭୂତ ସମ୍ପତ୍ତି ରୁଜୁ କରିବା ଅଭିଯୋଗରେ ରାଜ୍ୟ ସରକାର ସିଂଙ୍କ ବିରୋଧରେ ଦୁଇଟି ଅପରାଧ ମାମଲା ଚଳାଇଛନ୍ତି। ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରୋଧରେ ତଦନ୍ତ ଜାରି ରଖିବା ଲାଗି କୋର୍ଟ ରାଜ୍ୟ ସରକାରଙ୍କୁ ଅନୁମତି ଦେଇଥିବାବେଳେ ଏଥିରେ କିଛି ବିଶୃଙ୍ଖଳିତ ଧାରା ପରିଲକ୍ଷିତ ହେଉଛି। ଅନେକ କ୍ଷେତ୍ରରେ କ୍ଷମତାରେ ଥିବା ସରକାରଗୁଡ଼ିକ ତାଙ୍କ ପୂର୍ବ ସରକାରଙ୍କୁ ସହଯୋଗ କରିଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ଏହା କିଛି ନୂଆ କଥା ନୁହେଁ। ଏହି ଧାରା କିଛି ବର୍ଷ ପୂର୍ବେ ଦେଶରେ ଦେଖିବାକୁ ମିଳିଥିଲା। ଏହା ଫଳରେ ନିର୍ବାଚିତ ସରକାରଙ୍କ ତରଫରୁ ବାବୁମାନଙ୍କୁ ପାଖକୁ ଆଣୁଛନ୍ତି ଏବଂ ସେମାନେ ସରକାରଙ୍କୁ ସମର୍ଥନ କରୁନାହାନ୍ତି ବୋଲି ଅନୁଭବ କରୁଛନ୍ତି ସେମାନଙ୍କୁ ଦଣ୍ଡିତ କରିବା ଦେଖାଯାଉଛି। ତେବେ ଖୁବ୍ କ୍ୱଚିତ ଘଟଣାରେ ସରକାର ବରିଷ୍ଠ ବାବୁମାନଙ୍କ ପ୍ରତି ପ୍ରତିଶୋଧାତ୍ମକ ରାଜନୀତିରେ ଲିପ୍ତ ହେବା ଦେଖାଯାଏ। ତଥାପି ଖୁସି ଖବର ଯେ, ସରକାରଙ୍କ ଏଭଳି ଆଚରଣ ଉପରେ ସୁପ୍ରିମକୋର୍ଟ ମନ୍ତବ୍ୟ ରଖିଛନ୍ତି। ଏହାର ମାନେ ନୁହେଁ ଯେ, ସିଂ ବିପଦମୁକ୍ତ ଅଛନ୍ତି। ତାଙ୍କ ବିରୋଧରେ ମାମଲା ଚାଲିବ, କିନ୍ତୁ ସୁପ୍ରିମକୋର୍ଟ ପଥପ୍ରଦର୍ଶନ ସରକାରଗୁଡ଼ିକର କାର୍ଯ୍ୟକୁ ନିକଟରୁ ନିରୀକ୍ଷଣ କରିବା ସହ ସେମାନଙ୍କ ପ୍ରତିଶୋଧୀ ଚିନ୍ତାଧାରା ଉପରେ ମୁହଁ ଖୋଲିବା ହୁଏତ ଅନ୍ୟ କେତେଜଣଙ୍କ ପାଇଁ ଆସ୍ୱସ୍ତି ଆଣିପାରେ।

### ନିଯୁକ୍ତିରେ ବିଳମ୍ବ

ଚଳିତ ସପ୍ତାହରେ ମହାରାଷ୍ଟ୍ର ପବ୍ଲିକ ସର୍ଭିସ କମିଶନ (ଏମ୍‌ପିଏସ୍‌ସି) ଅଧ୍ୟକ୍ଷ ସତୀଶ ଗଭାଇ ଅବସର ଗ୍ରହଣ କରିଛନ୍ତି। ଏବେ ରାଜ୍ୟ ସରକାର ତାଙ୍କ ଉତ୍ତରାଧିକାରୀ ଖୋଜିବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଏମ୍‌ପିଏସ୍‌ସିରେ ଖାଲି ଥିବା ପଦବୀଗୁଡ଼ିକ ସମୟସୀମା ମଧ୍ୟରେ ବି ସରକାର ପୂରଣ କରିପାରିନାହାନ୍ତି। ଏହି ଅପାରଗତା ପାଇଁ ବାବୁମାନେ ମୁଖ୍ୟତଃ ମହାରାଷ୍ଟ୍ର ବନ୍ୟା ପରିସ୍ଥିତିକୁ ଦାୟୀ କରୁଛନ୍ତି। ବିଦାୟୀ ଅଧ୍ୟକ୍ଷ ଗଭାଇଙ୍କ ପଦବୀ ସହ ୪ ସଦସ୍ୟ ପଦ ଫାଙ୍କା ରହିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଗଭାଇ ଏମ୍‌ପିଏସ୍‌ସିର ସଦସ୍ୟ ପୂରଣ କରିବା ପାଇଁ ବହୁବାର ସରକାରଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରିଛନ୍ତି। କିନ୍ତୁ ସଫଳ ହୋଇପାରିନାହାନ୍ତି। କେବଳ ଏତିକି ନୁହେଁ, ସରକାର ନିଷ୍ପତ୍ତି ନେବାରେ ଆଗପଛ ହୋଇ ସମୟ ନଷ୍ଟ କରିବା ଯୋଗୁ ବହୁ ଇଞ୍ଜିନିୟର ଏବଂ ଡେପୁଟି କଲେକ୍ଟରଙ୍କ ସମେତ ପ୍ରାୟ ୨୦୦୦ ପଦବୀ ପୂରଣ ହୋଇ ପାରିନାହିଁ। ଦେଖିବାକୁ ଗଲେ, ଏମ୍‌ପିଏସ୍‌ସି କର୍ମଚାରୀ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଏଥିରେ ୬ ଜଣ ସଦସ୍ୟ ରହିବା କଥା। କିନ୍ତୁ ଦୀର୍ଘଦିନ ଧରି କେବଳ ଗଭାଇ ଏବଂ ଅନ୍ୟ ଜଣେ ସଦସ୍ୟ ଦୟାନନ୍ଦ ମୋରାମ ଏମ୍‌ପିଏସ୍‌ସିକୁ ଚଳାଉଥିଲେ। ଆଇଏଏସ୍‌ରୁ ଦୁଇ ବର୍ଷ ପୂର୍ବେ ଅବସର ନେବାବେଳେ ଗଭାଇ ପରିବେଶ ବିଭାଗରେ ଅତିରିକ୍ତ ମୁଖ୍ୟ ସଚିବ ଥିଲେ। ତେବେ ରାଜ୍ୟରେ ଖାଲି ରହିଥିବା ପଦବୀଗୁଡ଼ିକରେ ନିଯୁକ୍ତି ପ୍ରକ୍ରିୟା ଆହୁରି ବିଳମ୍ବ ହେବ ବୋଲି ଜଣାପଡୁଛି।

Email: dilipcherian@gmail.com

# ତଥାପି ତିନି ବର୍ଷ ପଛରେ



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ୨୦୨୧-୨୨ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକରେ (ଏପ୍ରିଲ୍-ଜୁନ୍ ୨୦୨୧) ମୋଟ ଘରୋଇ ଉତ୍ପାଦ(ଜିଡିପି) ୨୦.୧% ବୃଦ୍ଧି ପାଇଛି; ଯାହାକୁ ନେଇ ଆର୍ଥିକ ସୁଧାର ହୋଇଛି ବୋଲି ପ୍ରଚାର କରାଯାଉଛି। ସରକାର ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ଅସଲ କଥା ହେଲା, ମହାମାରୀର ପ୍ରଥମ ଲହର ବେଳେ କଠୋର ତାଲାବନ୍ଦ ଯୋଗୁ ଯୋଗାଣ ବ୍ୟାଘାତ ହେବା, କିଣାବିକା ଓ ଚାହିଦା ହ୍ରାସ ପାଇବା, ଯାତାୟାତ ବାଧାପ୍ରାପ୍ତ ହେବା ଯୋଗୁ ପୂର୍ବରୁ ନିମ୍ନମୁଖୀ ଅର୍ଥନୀତି ଆହୁରି ବିପର୍ଯ୍ୟସ୍ତ ହୋଇଥିଲା। କିନ୍ତୁ ଦ୍ୱିତୀୟ ଲହର ବେଳେ ତାଲାବନ୍ଦ କଠୋର ନ ହୋଇ କୋହଳ ହୋଇଥିଲା। ଏହାଦ୍ୱାରା ଆର୍ଥିକ କାର୍ଯ୍ୟକଳାପ ଜାରି ରହିଥିଲା। ପେଣ୍ଟ ଅପ ଡିମାଣ୍ଡ ବୃଦ୍ଧି ଯୋଗୁ ଜିଡିପିରେ ଉନ୍ନତି ହେଲା । କିନ୍ତୁ ତାହା ମହାମାରୀର ପୂର୍ବ ଅବସ୍ଥାକୁ ଫେରି ନାହିଁ। ତଥାପି ତିନି ବର୍ଷ ପଛରେ ରହିଛୁ। କିନ୍ତୁ ପ୍ରଥମ ଅପେକ୍ଷା ଦ୍ୱିତୀୟ ଲହରରେ ଅତ୍ୟଧିକ ଲୋକ ସଂକ୍ରମିତ ହୋଇଛନ୍ତି। ଅଧିକ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି। ଏହିପରି ଦୁଃଖଦାୟକ ସ୍ଥିତି ଜିଡିପିରେ ପ୍ରତିଫଳନ ହୋଇ ନ ଥାଏ।

ପ୍ରଥମ କଥା ହେଲା ମୋଟ ଘରୋଇ ଉତ୍ପାଦ(ଜିଡିପି) ଲୋକଙ୍କ କଲ୍ୟାଣର ସୂଚକ ନୁହେଁ। ଏହା ଜୀବନର ଗୁଣାତ୍ମକ ଦିଗ କଥା କୁହେ ନାହିଁ। ଏହା ଏକ ନିର୍ଦ୍ଦିଷ୍ଟ ସମୟର ଅର୍ଥନୈତିକ କାର୍ଯ୍ୟକଳାପର ସୂଚକ। ଧନୀ ଅଧିକ ଧନୀ ହେଲେ ଓ ଗରିବ ଅଧିକ ଗରିବ ହେବା ସମୟରେ ମଧ୍ୟ ଜିଡିପି ବୃଦ୍ଧି ପାଇଥାଏ। ବାସ୍ତବରେ ଜିଡିପି କହିଲେ ଗୋଟିଏ ବର୍ଷର ବୃତ୍ତାନ୍ତ ଦ୍ରବ୍ୟ ଓ ସେବା ନାମାଙ୍କନ ମୂଲ୍ୟରେ ଏବଂ ବାସ୍ତବ ମୂଲ୍ୟରେ ( ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ) କେତେ ଆକଳନ ହୋଇଥାଏ। ପ୍ରତି ୩ ମାସରେ ତଥ୍ୟ ପ୍ରଦାନ କରାଯାଏ ଏବଂ ବର୍ଷ ଶେଷରେ ସମଗ୍ର ବର୍ଷର ତଥ୍ୟ ପ୍ରଦାନ କରାଯାଏ। ଏହା ପୂର୍ବ ବର୍ଷର ତ୍ରୈମାସିକ ଏବଂ ବାର୍ଷିକ ଜିଡିପି ସହିତ ତୁଳନା କଲେ କେତେ ବୃଦ୍ଧି ଓ ହ୍ରାସ ହୋଇଛି ଜଣାପଡ଼େ। ଆମେରିକାରେ ଗୋଟିଏ ତ୍ରୈମାସିକରୁ ପରବର୍ତ୍ତୀ ତ୍ରୈମାସିକ ସହିତ ତୁଳନା କରାଯାଇଥାଏ। ଆମ ଦେଶରେ ଗୋଟିଏ ବର୍ଷର ଗୋଟିଏ ତ୍ରୈମାସିକରେ ତା'ର ପୂର୍ବବର୍ଷର ସେହି ତ୍ରୈମାସିକ ତୁଳନାରେ କେତେ ବୃଦ୍ଧି ବା ହ୍ରାସ ପାଇଛି ତାହା ଆକଳନ କରାଯାଇଥାଏ। ଭାରତରେ ବିତ୍ତୀୟ ବର୍ଷ (ଏପ୍ରିଲ-ମାର୍ଚ୍ଚ)ର ଜିଡିପି ଆକଳନ କରାଗଲା ବେଳେ କିଛି ଦେଶ, ବିଶ୍ୱବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି କ୍ୟାଲେଣ୍ଡର ବର୍ଷ ହିସାବରେ ଆକଳନ କରିଥାନ୍ତି। ଜିଡିପି ୩ଟି ପଦ୍ଧତିରେ ଯଥା ଉତ୍ପାଦନ (କୃଷି, ଶିଳ୍ପ, ସେବା), ବ୍ୟୟ (ସରକାରୀ, ଘରୋଇ, ରପ୍ତାନି ଓ ଆମଦାନୀ ତଫାତ୍) ଏବଂ ଆୟ (ଶ୍ରମର ମଜୁରି, ପୁଞ୍ଜିର ସୁଧ, ଜମିର ଭଡ଼ା, ଉଦ୍ୟୋଗୀର ଲାଭ)ଦ୍ୱାରା ଆକଳନ ହୋଇଥାଏ। ଯେ କୌଣସି ପଦ୍ଧତିରେ ଆକଳନ କଲେ ଫଳାଫଳ ପ୍ରାୟ ସମାନ ଆସିଥାଏ।

ବର୍ତ୍ତମାନ ଯେଉଁ ଜିଡିପି ବୃଦ୍ଧି କଥା କୁହାଯାଉଛି, ବାସ୍ତବରେ ତାହା ନିମ୍ନ ବା ବିଯୁକ୍ତାତ୍ମକ ଭିତ୍ତି ଉପରେ ଆଧାରିତ। ଉଦାହରଣ ସ୍ୱରୂପ ୨୦୧୯-୨୦ରେ ଆପଣଙ୍କ ପାଖରେ ୧୦୦ଟଙ୍କା ଥିଲା। ୨୦୨୦-୨୧ରେ ୨୪.୪% ବା ୨୪.୦୪ ଟଙ୍କା ହରାଇଛନ୍ତି। ଅର୍ଥାତ୍ ୨୦୨୦-୨୧ରେ ଏହା ୭୫.୯୬ ଟଙ୍କାକୁ ହ୍ରାସପାଇଲା। କିନ୍ତୁ ପୁନର୍ବାର ୨୦୨୧-୨୨ରେ ଏହା ୨୦.୧% ବୃଦ୍ଧିପାଇଲା; ଯାହା ପାଖାପାଖି ୧୫.୨୬ ଟଙ୍କା ହେବ। ଏହାର ଅର୍ଥ ୨୦୨୧-୨୨ ଆପଣଙ୍କ ଅର୍ଥ ପରିମାଣ (୭୫.୯୬+୧୫.୨୬ ଟଙ୍କା) ବା ୯୧.୨୨ଟଙ୍କାକୁ ବୃଦ୍ଧି ପାଇଛି। କିନ୍ତୁ ଆପଣଙ୍କ ଅର୍ଥ ଦୁଇ ବର୍ଷ ପୂର୍ବେ ଯାହା ଥିଲା ତାହା ବର୍ତ୍ତମାନ ୮.୭୮ ଟଙ୍କା କମ୍ । ସେହିଭଳି ଭାରତର ଜିଡିପି ବୃଦ୍ଧି ସ୍ଥିତି ରହିଛି। କୋଭିଡ୍ ମହାମାରୀଜନିତ ଆର୍ଥିକ ସଙ୍କଟ ଯୋଗୁ ଭାରତର ଜିଡିପି ୨୦୨୦-୨୧ ରେ ବିଯୁକ୍ତାତ୍ମକ ୭.୩% ଏବଂ ସେହି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ୍-ଜୁନ୍ ୨୦୨୦)ବିଯୁକ୍ତାତ୍ମକ ୨୪.୪% ହୋଇଥିଲା। କିନ୍ତୁ ୨୦୨୧-୨୨ ବର୍ଷର ପ୍ରଥମ ତ୍ରୈମାସିକରେ (ଏପ୍ରିଲ୍-ଜୁନ୍ ୨୦୨୧)୨୦.୧% ବୃଦ୍ଧି ପାଇଛି। ଜାନୁୟାରୀ-ମାର୍ଚ୍ଚ ୨୦୨୧ରେ ୧.୬% ବୃଦ୍ଧି ପାଇଥିଲା। ଗ୍ରେଟବ୍ରିଟେନରେ ଏହା ୨୨.୨% ବୃଦ୍ଧି ପାଇଛି। ଚାଇନାରେ ସର୍ବଦା ଯୁକ୍ତାତ୍ମକ ଅଭିବୃଦ୍ଧି ରହିଛି।

ଏହି ବୃଦ୍ଧିକୁ ନେଇ ଆର୍ଥିକ ସୁଧାର ହୋଇଛି ବୋଲି ପ୍ରଚାର କରାଯାଉଛି। କିନ୍ତୁ ଆର୍ଥିକ ସୁଧାର ଆସିଛି ବୋଲି କୁହାଯିବ, ଯେତେବେଳେ ସଙ୍କଟ ଆରମ୍ଭ ହେବାର ପୂର୍ବ ଅବସ୍ଥାକୁ ଅର୍ଥନୀତି ଫେରିବ। ଆମର ଅର୍ଥନୀତି ୨୦.୧% ବଦଳରେ ୩୨% ବୃଦ୍ଧି ପାଇଥିଲେ ମହାମାରୀ ପୂର୍ବ ଅବସ୍ଥାକୁ ଫେରିଥାନ୍ତା। ଏପ୍ରିଲ-ଜୁନ୍ ୨୦୧୮ରେ ଭାରତର ଜିଡିପି ୩୩.୮୪ ଲକ୍ଷ କୋଟି ଟଙ୍କା ଥିଲା। ଏପ୍ରିଲ୍-ଜୁନ୍ ୨୦୧୯ରେ ଏହା ୫.୪% ବୃଦ୍ଧିପାଇ ୩୫.୬୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏପ୍ରିଲ୍-ଜୁନ୍ ୨୦୨୦ରେ ୨୪.୪% ହ୍ରାସ ପାଇ ୨୬.୯୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏପ୍ରିଲ-ଜୁନ୍ ୨୦୨୧ରେ ୨୦.୧% ବୃଦ୍ଧି ପାଇ ୩୨.୩୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଏପ୍ରିଲ୍-ଜୁନ୍ ୨୦୨୧ରେ ଭାରତର ଜିଡିପି ୩ ବର୍ଷ ପୂର୍ବେ, ଅର୍ଥାତ୍ ଏପ୍ରିଲ-ଜୁନ୍ ୨୦୧୮ର ଜିଡିପିଠାରୁ କମ୍। ଯଦି ଜିଡିପି ଅଭିବୃଦ୍ଧି ୫.୪% ବଜାୟ ରହିଥାନ୍ତା, ଏପ୍ରିଲ-ଜୁନ୍ ୨୦୨୧ରେ ଜିଡିପି ୩୨.୯୮ ଲକ୍ଷ କୋଟି ଟଙ୍କା ନୁହେଁ ୩୯.୩୬ ଲକ୍ଷ କୋଟି ଟଙ୍କା ହୋଇଥାନ୍ତା।

ଜାନୁୟାରୀ-ମାର୍ଚ୍ଚ ୨୦୨୧ରେ ଭାରତର ଜିଡିପି ମୂଲ୍ୟ ୩୮.୯୬ ଲକ୍ଷ କୋଟି ଟଙ୍କା ଥିଲା । ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚ ୨୦୨୧ ତୁଳନାରେ ଏପ୍ରିଲ -ଜୁନରେ ଜିଡିପି ୧୬.୯ % ହ୍ରାସ ପାଇଛି। ଏହି ସମୟରେ ଆମେରିକା ଜିଡିପି ୬.୬% ବୃଦ୍ଧି ପାଇଛି। ଆଉ ଯଦି ମହାମାରୀ ପୂର୍ବ ସ୍ଥିତି( ଏପ୍ରିଲ -ଜୁନ ୨୦୧୯) ତୁଳନାରେ ବିଚାର କରାଯାଏ, ତେବେ ଜିଡିପି ୯.୨% କମ୍ ରହିଛି। ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ (private final consumption expenditure), ଯାହା ପାରିବାରିକ ବ୍ୟୟ ସୂଚିତ କରେ (ତାହା ଜିଡିପିର ୫୫ରୁ ୬୦%), ତାହା ମହାମାରୀ ପୂର୍ବ ସ୍ଥିତି ତୁଳନାରେ ୧୧.୯%, କମ୍ ରହିଛି। ସେହିପରି ସରକାରୀ ଅନ୍ତିମ ବ୍ୟବହାର ଖର୍ଚ୍ଚ ପୂର୍ବବର୍ଷ ତୁଳନାରେ ୪.୮ % କମ୍ ରହିଛି। ଏହା ସରକାରଙ୍କ ଦୁର୍ବଳତା ସୂଚାଉଛି।

ମୋଟ ସ୍ଥାୟୀ ପୁଞ୍ଜି ସୃଜନୀକରଣ, ଯାହା ନିବେଶ ସୂଚାଇଥାଏ ମହାମାରୀ ପୂର୍ବ ସ୍ଥିତି ଅନୁସାରେ ୧୭.୧୦% ଏବଂ ଗ୍ରସ ଭାଲ୍ୟୁ ଆଡେଡ (ଜିଡିପି ଆକଳନ ବେଳେ ପରୋକ୍ଷ କରଯୁକ୍ତ କଲାବେଳେ ସବ୍‌ସିଡି ବିଯୁକ୍ତ କରିଥାଏ) ଦୃଷ୍ଟିରୁ ୭.୮% କମ୍ ରହିଛି। କୃଷି, ବିନିର୍ମାଣ କ୍ଷେତ୍ରରେ (manufacturing) ବୃଦ୍ଧି ଭଲ ହୋଇଥିଲା ବେଳେ ଅନ୍ୟ କ୍ଷେତ୍ରରେ ବୃଦ୍ଧି ସେପରି ଆଶାଜନକ ନୁହେଁ। କିନ୍ତୁ ବିନିର୍ମାଣ କ୍ଷେତ୍ରର ମୂଲ୍ୟ ଏବେ ବି ମହାମାରୀ ପୂର୍ବ ସ୍ଥିତି ତୁଳନାରେ ୪% କମ୍ ରହିଛି। ବେକାରି ହାର ଜୁଲାଇ ୨୦୨୧ରେ ୬.୯୫%ଥିଲା ଓ ତାହା ଅଗଷ୍ଟରେ ୮.୩୨%କୁ ବୃଦ୍ଧି ପାଇଛି।

ଉପଭୋକ୍ତାମାନଙ୍କ ଉତ୍ସାହ ମାର୍ଚ୍ଚ ୨୦୨୦ରେ ଯାହାଥିଲା, ତାହା ଜୁଲାଇ ୨୦୨୧ରେ ୪୫% କମ୍ ରହିଛି। ମୁଣ୍ଡପିଛା ଜିଡିପି ଦୃଷ୍ଟିରୁ ୧୯୪ ଅର୍ଥନୀତି ମଧ୍ୟରୁ ଭାରତ ୧୪୫ତମ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ୧୪୪ଟି ଦେଶ ପଛରେ। ଅତ୍ୟନ୍ତ ଲଜ୍ଜାକର ହେଉଛି ଆମେ ବାଂଲାଦେଶ ପଛରେ ଅଛୁ। ଅନ୍ୟ ସବୁ ଅନ୍ତର୍ଜାତୀୟ ସୂଚକାଙ୍କରେ ମଧ୍ୟ ବହୁ ପଛରେ ରହିଛୁ । ଆମେ ଚାଇନା ସହିତ ତୁଳନା କରୁ କାରଣ ଉଭୟ ଦେଶର ଜନସଂଖ୍ୟା ଅଧିକ। ୧୯୮୭ରେ ଉଭୟ ଦେଶର ନାମାଙ୍କନ ଜିଡିପି ପ୍ରାୟ ସମାନ ଥିଲା। ୧୯୯୦ରେ ଚାଇନା ଭାରତଠାରୁ ଟିକେ ଆଗରେ ଥିଲା। ୨୦୨୦ ମସିହାରେ ଚାଇନାର ଜିଡିପି (୧୪.୭ ଟ୍ରିଲିୟନ ଡଲାର) ଭାରତ ଜିଡିପି (୨.୬୩ ଟ୍ରିଲିୟନ ଡଲାର ) ତୁଳନାରେ ୫.୫.୮ ଗୁଣ ଅଧିକ।

ଧନୀ ଅଧିକ ଧନୀ ହେଲେ ବା ଜନସଂଖ୍ୟା ବୃଦ୍ଧି ପାଇବା ଯୋଗୁ ବ୍ୟୟ ବା ଉପଭୋଗ ବୃଦ୍ଧି ପାଇଲେ ମଧ୍ୟ ଜିଡିପି ବୃଦ୍ଧି ପାଇବ। କିନ୍ତୁ ଜିଡିପି ଦ୍ୱାରା କାହାର କେତେ ଲାଭ ହେଉଛି, କେଉଁ ଶ୍ରେଣୀ କେତେ ଉପକୃତ ହେଉଛନ୍ତି ତାହା କମ୍ ଆଲୋଚନା ହୋଇଥାଏ। ବାସ୍ତବରେ ଜିଡିପି ବୃଦ୍ଧି ସହିତ ବୈଷମ୍ୟ ବୃଦ୍ଧି ପାଉଛି। ଆଜି ଯେଉଁ ଜିଡିପି ବୃଦ୍ଧି ଘଟୁଛି ତାହା ଋଣ ବୃଦ୍ଧିଜନିତ ବ୍ୟୟ ଯୋଗୁ ହେଉଛି। ଅଭିବୃଦ୍ଧି ଯୋଗୁ ଯେଉଁ ସମ୍ପଦ ସୃଷ୍ଟି ହେଉଛି ତାହା ମୁଖ୍ୟ ଭାଗ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ପାଖକୁ ଗଲାବେଳେ, ଋଣର ବୋଝ ଗରିବଙ୍କ ଉପରେ ପଡୁଛି। କାରଣ ଋଣ ପରିଶୋଧ ପାଇଁ ସରକାର ବିଭିନ୍ନ ଜନହିତକର ବ୍ୟୟ ହ୍ରାସ କରୁଛନ୍ତି। କ୍ଷୁଧା, ଦାରିଦ୍ର୍ୟ, ବେକାରି, ବୈଷମ୍ୟ, ଦୁର୍ନୀତି ଏବେ ବି ବ୍ୟାପକ।

skmohapatra67@gmail.com
ମୋ : ୯୪୩୭୨୦୮୭୬୨

# ବିଚରା ବାବାମାନେ



ଡ. କୁଳାଙ୍ଗାର

ଜଗତର କଲ୍ୟାଣ ପାଇଁ ବାବାମାନେ ବା ହେବା ଓ ବାପା ହେବା ପ୍ରଥାକୁ ପରିତ୍ୟାଗ କରି ସାଧନାରେ ବ୍ରତୀ ହୁଅନ୍ତି ବୋଲି ଦାବି କରିଥାଆନ୍ତି। କିନ୍ତୁ ହାୟ, ବାବାଙ୍କ ଜଗତରେ କଲ୍ୟାଣ ଅପେକ୍ଷା ସାଧନାମାନଙ୍କର ଅଧିକ ପ୍ରବେଶ ଥାଏ ବୋଲି ନିନ୍ଦୁକେ ଦାବି କରନ୍ତି। ଅଧ୍ୟବସାୟ ଓ ଗଭୀର ନିଷ୍ଠା ବଳରେ ବାବାମାନେ ନିଜର ଆଶ୍ରମ ପ୍ରତିଷ୍ଠା କରିବା ସହିତ ଆୟ ଓ ଅନୁଗାମୀ ସୃଷ୍ଟି କରିଥାଆନ୍ତି। ଅନୁଗାମୀଙ୍କର ଭଲମନ୍ଦ ବୁଝିବା ବାବାଙ୍କର ଦାୟିତ୍ୱ। କାହାର ରୋଜଗାର ଦରକାର, କାହାର ପିଲାଛୁଆ, କାହାର ବିଜୟ ଆଉ କାହାର ସଫଳତା। ସବୁରି ପାଇଁ ବାବାମାନେ ହେଲେ ଚମତ୍କାରୀ ଜିମ୍। ଅତଏବ ଏତେ ଚାପରେ ରହିବା କାରଣରୁ ମଝିରେ ମଝିରେ କିଛି ଭୁଲ୍ ଭଟକା ହୋଇଯାଉଛି। ଫଳରେ ବିଚରା ବାବାମାନଙ୍କୁ ସର୍ବ ସମ୍ମୁଖରେ ନିନ୍ଦିତ ହେବାକୁ ପଡୁଛି। ସେତେବେଳେ ସମସ୍ତେ ଭୁଲି ଯାଉଛନ୍ତି କି ବାବାଜି ଗୋଟିଏ ରଙ୍ଗର ପୋଷାକ ପିନ୍ଧି, ଦାଢ଼ିନିଶ ନ କାଟି, ଘିଅ ଅନ୍ନ ଖାଇ କେତେ କଷ୍ଟ ନ କରିଛନ୍ତି! ବାବାଙ୍କୁ ମଝିରେ ରଖି ଲୋକେ ନାନା କାର୍ଯ୍ୟ କରନ୍ତି। ଆଉ କାମଟି ହୋଇଗଲା ପରେ ବାବାଙ୍କୁ ଖୁସିରେ କିଛି ଦକ୍ଷିଣା ବା ଭିକ୍ଷା ପ୍ରଦାନ କରିଥାଆନ୍ତି। ବାସ୍, ସେଇ ଦାନର ପରିମାଣ ଯେତେବେଳେ କୋଟି ଅତିକ୍ରମ କରିଯାଏ ବିଚରା ବାବାମାନେ ଦୋଷୀ ପାଲଟି ଯାଆନ୍ତି!

ବାବାମାନଙ୍କ ଚମତ୍କାର କାରଣରୁ ଅନେକ ଚିକିତ୍ସା ପରେ ନିରାଶ ହୋଇଥିବା ନାରୀମାନେ ମାଆ ହେବାର ସୌଭାଗ୍ୟ ଲାଭ କରନ୍ତି। ଖୁସିରେ ସମସ୍ତ ପରିବାରବର୍ଗ ବାବାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି। ହେଲେ ପରବର୍ତ୍ତୀ ସମୟରେ ବାବାମାନଙ୍କ ପାଇଁ ହିଁ ପରିବାରରେ ବିଶୃଙ୍ଖଳା ଓ ଅଶାନ୍ତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ଆଣନ୍ତି।

ତା' କଥା ତ ଜାଣନ୍ତି। ବିବାହର ବହୁବର୍ଷ ପରେ ଅନେକ ଦିନ ଧରି ଚାରିଆଡ଼େ ବୁଲିଲା ପରେ ମଧ୍ୟ କୋଳରେ ପିଲାଛୁଆ ନ ହେବାରୁ ସିଏ ନିରାଶ ହୋଇ ବସିଥିଲା। ସବୁ ଚିକିତ୍ସା ଅସଫଳ ହେଲା ପରେ କିଛି ବନ୍ଧୁ ତାଙ୍କୁ ବାବାଙ୍କ ଶରଣାଗତ ହେବାକୁ ପରାମର୍ଶ ଦେଲେ। ଏହାର ସୁରାକ ପାଇ ଶଶୁର ଘର ଲୋକେ ତାଙ୍କର ଘରୋଇ ବାବା ବା କୁଳଗୁରୁଙ୍କ ଠିକଣା ବତେଇ ଦେଲେ। ସିଏ ସପତ୍ନୀକ ବାବାଙ୍କୁ ଦର୍ଶନ କଲା ଏବଂ ବାବାଙ୍କ ଆଦେଶ କ୍ରମେ ପତ୍ନୀକୁ ଆଶ୍ରମରେ ଛାଡ଼ି ଆସିଲା। ବାବା କହିଲେ- ପ୍ରାରବ୍ଧ ଏବଂ ଏହି ଜୀବନରେ ନାନା ପାପ କାରଣରୁ ଏପରି ସଙ୍କଟ ସୃଷ୍ଟି ହୋଇଛି। ତେବେ କିଛିଦିନ ଗୋ ସେବା ଓ ସାଧୁସେବା କଲେ ଏହି ରିଷ୍ଟ ଖଣ୍ଡନ ହେବ।

ସିଏ ଏ ଜୀବନରେ ପାପକଥା ଶୁଣି ଘରଣୀକୁ ବଡ଼ବଡ଼ ଆଖିରେ ଚାହିଁଲା। ଅଭିଜ୍ଞତା କାରଣରୁ ପରବର୍ତ୍ତୀ ପରିସ୍ଥିତି ଆକଳନ କରି ଘରଣୀ କହିଲା- ତା' ହେଲେ ମୁଁ ଆଉ ଘରକୁ ଯିବି କାହିଁକି? ଏଇଠି ଆଶ୍ରମରେ ତ ଗୋପାଳନ ହେଉଛି। ଏଇଠି ରହି ମୁଁ ରିଷ୍ଟ ଖଣ୍ଡନ ହେବା ପର୍ଯ୍ୟନ୍ତ ବାବାଙ୍କର ସେବା କରିବି। ନା କ'ଣ କହୁଛ?

ସିଏ ପତ୍ନୀର କଥାରେ ମହଣ ବଳଦ ପରି ମୁଣ୍ଡ ଟୁଙ୍ଗାରିଲା। ପିତା ହେବାର ଲୋଭରେ ପତ୍ନୀଙ୍କୁ ଆଶ୍ରମରେ ଛାଡ଼ି ଘରକୁ ଚାଲି ଆସିଲା। ବହୁଦିନ ପରେ ସିଏ ସ୍ୱାଧୀନ ଜୀବନଯାପନ କରିବାର ସୁଯୋଗ ଲାଭକଲା। ସେପଟେ ପତ୍ନୀ ଦେବୀ ଧୀରେ ଧୀରେ ବାବାଙ୍କର ଦିବ୍ୟକୃପା ହାସଲ କରିବାରେ ଲାଗିଲେ। ଆଶ୍ଚର୍ଯ୍ୟ, ବାବାଙ୍କର ଶରଣାଗତ ହେବାର ମାତ୍ର କିଛିମାସ ପରେ ଶୁଭଖବର ପ୍ରାପ୍ତ ହେଲା। ସିଏ ଖୁସିରେ କୃତକୃତ୍ୟ ହେଲା। ବାବାଙ୍କର ମହିମାକୁ କଥାରେ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରଚାର କଲା। ବାବାଙ୍କ ଆଶ୍ରମକୁ ମୋଟା ଅଙ୍କରେ ଦାନ ଦେଲା। ଶେଷରେ ସେହି ବହୁପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା ଏବଂ ତା' ଘରେ କୁନି ପୁଅର କୁଆଁକୁଆଁ କାନ୍ଦ ଶୁଭିଲା।

ଧୀରେ ଧୀରେ ପୁଅ ବଡ଼ ହେଲା ପରେ ସେହି ଖୁସି ଅପସରି ଗଲା। କାରଣ ପୁଅର ମୁହଁଟି କାଳେ ଅବିକଳ ବାବାଜିଙ୍କ ପରି ହୋଇଛି ବୋଲି ପଡ଼ୋଶୀଏ ଭୁଟ୍‌ଭାଟ୍ ହେଲେ। ଘରଣୀ ପୁଅ ହେବା ପରେ ମଧ୍ୟ ଅଧିକ ସମୟ ଘରେ ନ ରହି ଆଶ୍ରମରେ ରହିବାକୁ ପସନ୍ଦ କଲେ। ଏହାକୁ ନିରୀକ୍ଷଣ କରି ସିଏ ଦିନେ କୋର୍ଟରେ ମାମଲା ଦାଏର କଲା କି ତା' ପିଲାର ଡିଏନ୍‌ଏ ଟେଷ୍ଟ କରାଯାଉ ଏବଂ ସେ ବାବାଙ୍କୁ ତୁରନ୍ତ ଗିରଫ କରାଯାଉ। ତା' ମାମଲା ଖବର ଗଣମାଧ୍ୟମରେ ଖେଳିଗଲା ପରେ ତା' ପରି ଅନେକେ ବାହାରିଲେ । କହିଲେ, ଆମ ସହିତ ମଧ୍ୟ ଏପରି ହୋଇଛି। କିନ୍ତୁ ଲୋକଲଜ୍ଜା ଭୟରେ ଆମେ ପାଟି ଖୋଲୁ ନ ଥିଲୁ। ଆଇନ ତ ଅନ୍ଧ। ବିଚରା ବାବାଙ୍କୁ ବାନ୍ଧିଲା। ବାବାଜି ଆଶ୍ରମ ଛାଡ଼ି ଜେଲରେ କଏଦୀଙ୍କ ସେବାରେ ନିଜକୁ ଉତ୍ସର୍ଗ କଲେ।

ଏମିତି ନିତିଦିନ ଅନେକ ବାବା ଜନତା ତଥା ଭକ୍ତଙ୍କ ସେବାରେ ନିଜକୁ ଅର୍ପଣ କରୁଛନ୍ତି। କିନ୍ତୁ ପ୍ରତିଦାନ ସ୍ୱରୂପ ନିନ୍ଦିତ ଓ ଲାଞ୍ଛିତ ହେଉଛନ୍ତି ବୋଲି ଏକାଧିକ ବାବା ଆମକୁ ନାମ ପ୍ରକାଶ ନ କରିବା ସର୍ତ୍ତରେ ଖୋଲି କହିଛନ୍ତି। ବାବାମାନଙ୍କର କହିବାର କଥା କି କିଏ ଚାକିରି କରିଛି, ସୁବିଧା ଜାଗାକୁ ବଦଳି ହେବାକୁ ଚାହିଁଲା। କିଏ ଠିକାଦାରି କରୁଛି, ଅଧିକ ଟଙ୍କାର କାର୍ଯ୍ୟାଦେଶ ହାସଲ କରିବାକୁ ଚାହିଁଲା। କିଏ ବ୍ୟବସାୟ କରୁଛି, ଅଧିକ ଲାଭ ହାସଲ ଚାହିଁଲା, କିଏ ବୁଲିବୁଲି ନିରାଶ ହେଲା ପରେ ରୋଗରୁ ଉପଶମ ଚାହିଁଲା, କିଏ କଳା କ୍ଷେତ୍ରରେ ସଫଳତା ହାସଲ କରିବାକୁ ଚାହିଁଲା, କିଏ ରାଜନୀତିରେ ସଫଳ ହେବାକୁ ଚାହିଁଲା ଆଉ ସେଥିପାଇଁ ବାବାଙ୍କୁ ଚାହିଁଲା। ବାସ୍, ବାବା ଏକକୁ ଆର ସହିତ ଯୋଡ଼ିଦେଲେ। ସେମାନଙ୍କର କାମ ହେଲା ପରେ ସିଏ ବାବାଙ୍କୁ ଖୁସିରେ ଦକ୍ଷିଣା ଆକାରରେ କିଛି ଦେଲେ। ଏକାଠି କରନ୍ତେ ତାହା ଅଧିକ ପରିମାଣର ହେଲେ କ'ଣ ବାବାଙ୍କର ଦୋଷ?

ସେଥିରେ ଆୟକର, ମିଡିଆ, ପୋଲିସ ଆଉ ହେତୁବାଦୀମାନେ ଏ ବାବାମାନଙ୍କୁ ନାନା ଦହଗଞ୍ଜ କରୁଛନ୍ତି। ଫଳରେ ବାବାମାନଙ୍କର ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ପରିସ୍ଥିତି ଏପରି ହୋଇଛି ଯେ ବାବା ଶବ୍ଦଟି ଶ୍ରବଣ ମାତ୍ରେ ଅଧିକାଂଶ ନାକ ସାବଧାନ ମୁଦ୍ରାରେ ଛିଡ଼ା ହୋଇଯାଉଛି।

ବାବାମାନଙ୍କର ଆତ୍ମବିଶ୍ୱାସକୁ କିନ୍ତୁ ମାନିବାକୁ ହେବ। ବାବାମାନେ ପହିଲେ ଈଶ୍ୱରଙ୍କ ଅନୁଗାମୀ ସାଜନ୍ତି, ଧୀରେ ଧୀରେ ଈଶ୍ୱରଙ୍କ ଦୂତ ପାଲଟନ୍ତି ଏବଂ କିଛିଦିନ ପରେ ଈଶ୍ୱରଙ୍କ ପ୍ରତିଯୋଗୀ। ତାଙ୍କର ଅନୁଗାମୀର ଯାହା ମଙ୍ଗଳ ହୁଏ ସବୁ ତାଙ୍କରି କରୁଣାରୁ, ଆଉ ଯାହା ଅମଙ୍ଗଳ ହୁଏ ସବୁ ଈଶ୍ୱରଙ୍କ କୋପ କାରଣରୁ। ଆଉ ସେହି ଈଶ୍ୱରଙ୍କୁ ଟକ୍କର ଦେଇ ତାଙ୍କଠାରୁ ଅନୁଗାମୀକୁ ମୁକ୍ତ କରିବା ପାଇଁ ମଧ୍ୟ ବାବା ଉପାୟ ବତାଇ ଥାଆନ୍ତି।

ଅନେକ ବାବା ଦାବି କରନ୍ତି କି ସେମାନେ ଏ ରାଜ୍ୟ ଏ ଦେଶ ଚଳାଉଛନ୍ତି। କାରଣ ତାଙ୍କରି ପରି ବାବାଜିଆ ଅର୍ଥାତ୍ ବ୍ରହ୍ମଚାରୀ ଲୋକ ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏଥିରେ ଚାଲାଖିଟି ଦେଖନ୍ତୁ, ଶାସନ ମୁଖ୍ୟ ହୋଇ ସେମାନଙ୍କ ଉପରେ ଯେତେବେଳେ ନାନା ଅଭିଯୋଗ ଆସୁଛି ଏ ବାବାମାନଙ୍କ ନାମରେ ଅଭିଯୋଗଟା କୋଉ ଗୁରୁତର କଥା।

ଚୂନାମାଛ ଭିତରୁ ସୁନୁସୁନିଆ ଶାଗ ଖୋଜିବା ପରି, ଝିଅର ସ୍ମାର୍ଟଫୋନରୁ ଜେଜେବାପାଙ୍କ ଫଟୋ ଖୋଜିବା ପରି ଏବେ ଏ ମିଛବାବାମାନଙ୍କ ଭିତରୁ ସତବାବା ଖୋଜିବା କଷ୍ଟକର ହୋଇପଡ଼ିଛି।

**ଅଲରା, ନରସିଂହପୁର, କଟକ**
**ମୋ:୮୮୯୫୮୨୫୮୬୩**

## ଏଇ ଭାରତରେ

ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଯୋଗୁ ଭାରତରେ ୩୦% ବାୟୁ ପ୍ରଦୂଷଣ ହେଉଥିବାରୁ ଏଥିରେ ସୁଧାର ଆଣିବା ପାଇଁ କର୍ଣ୍ଣାଟକର 'ଶୂନ୍ୟତା ଇକୋ ହୋଟେଲ' ନୂଆ ବାଟ ଦେଖାଇଛି। ଏହାର ମାଲିକ ହେଉଛନ୍ତି ୪୩ ବର୍ଷୀୟ ଲୋକେଶ ଗୁଞ୍ଜୁଗନୁର । କର୍ଣ୍ଣାଟକର ଚିକ୍‌ମାଗାଲୁରରେ ଏଭଳି ପରିବେଶ ଉପଯୋଗୀ ହୋଟେଲ ନିର୍ମାଣ କରିବାରେ ତାଙ୍କୁ ସହଯୋଗ କରିଛନ୍ତି ବେଙ୍ଗାଲୁରୁର 'ଡିଜାଇନ କାଚେରି' ନାମକ ଏକ ଆର୍କିଟେକ୍ଟର ଫାର୍ମ ଓ ଯୁବ ସିଭିଲ୍ ଇଞ୍ଜିନିୟର ପୁନିତ.ୱାଇ। ସେମାନେ ପାଖାପାଖି ଅଞ୍ଚଳରୁ ସଂଗୃହୀତ ମାଟିରେ ୫% ଲାଇମ୍ ଷ୍ଟୋନ୍ ଓ ସିମେଣ୍ଟ ମିଶାଇ ଇଟା ତିଆରି କରି ହୋଟେଲ ନିର୍ମାଣରେ ବ୍ୟବହାର କରିଛନ୍ତି। ୬ ହଜାର ବର୍ଗଫୁଟ ପରିମିତ ଏହି ପରିବେଶ ଉପଯୋଗୀ ହୋଟେଲକୁ ଯଦି କିଛି ବର୍ଷ ପରେ ଭାଙ୍ଗି ଦିଆଯାଏ ତାହା ପୁଣି ମାଟିରେ ପରିଣତ ହୋଇଯିବ ବୋଲି କହନ୍ତି ଲୋକେଶ। ଉକ୍ତ ହୋଟେଲରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ବି ନାହିଁ କିନ୍ତୁ ଥଣ୍ଡା ଅନୁଭବ କରିହେଉଛି। ହୋଟେଲରେ ଥିବା ଆର୍ଥ ଟନେଲ୍ ଶୀତଳତା ପ୍ରଦାନ କରୁଛି। କେବଳ ଏତିକି ନୁହେଁ ହୋଟେଲ ଚାଲୁଛି ସମ୍ପୂର୍ଣ୍ଣ ସୌର ବିଦ୍ୟୁତ୍‌ରେ। ହୋଟେଲରେ ୫୦,୦୦୦ ଲିଟର ବର୍ଷାଜଳ ଗଚ୍ଛିତ ରହୁଛି। ଏହାକୁ ବିଶୋଧନ କରାଯାଇ ସବୁ କାର୍ଯ୍ୟରେ ବ୍ୟବହାର କରାଯାଉଛି। ୧୧ଟି କୋଠରିବିଶିଷ୍ଟ ଏହି ହୋଟେଲ ଜାନୁୟାରୀ ୨୦୨୧ରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୬

- ବ୍ରିଟେନଠାରେ ଅନୁଷ୍ଠିତ ଏକ ଏୟାର ଶୋ'ରେ ଆମେରିକା ପକ୍ଷରୁ ବିଶ୍ୱର ସବୁଠାରୁ ବ୍ୟୟବହୁଳ ତଥା ମାରାତ୍ମକ ବୋମାବର୍ଷୀ ବି-୨ଷ୍ଟିଲଥ ବିମାନ ଉନ୍ମୋଚିତ।
- ଗୁଜରାଟରେ କ୍ଷମତାସୀନ ବିଜେପିରୁ ଅଲଗା ହୋଇଥିବା ୪୬ ଜଣ ସଦସ୍ୟଙ୍କୁ ଉପବାଚସ୍ପତି ଚାନ୍ଦୁଭାଇ ଦଧି ବିଭାଜିତ ତଥା ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ସ୍ୱୀକୃତ ହେବା ଫଳରେ ମେହେଟ୍ଟା ସରକାର ସଂଖ୍ୟାଲଘୁ ହୋଇଯାଇଛି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 5 | | 9 |
| 5 | | | 6 | | | | | 1 |
| | | 1 | 9 | | | | 3 | |
| | 6 | 8 | | | | 1 | 7 | |
| | | | | | | | | |
| | | | 4 | | 2 | | | |
| | | | | 4 | | 7 | 5 | |
| | | | | | 5 | | | |
| | | 3 | | 1 | 8 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 1 | 3 | 8 | 5 | 4 | 7 |
| 8 | 7 | 5 | 9 | 2 | 4 | 1 | 6 | 3 |
| 1 | 4 | 3 | 6 | 5 | 7 | 2 | 9 | 8 |
| 7 | 9 | 2 | 3 | 4 | 5 | 8 | 1 | 6 |
| 4 | 6 | 8 | 2 | 1 | 9 | 3 | 7 | 5 |
| 3 | 5 | 1 | 7 | 8 | 6 | 9 | 2 | 4 |
| 5 | 8 | 7 | 4 | 9 | 2 | 6 | 3 | 1 |
| 9 | 1 | 4 | 5 | 6 | 3 | 7 | 8 | 2 |
| 2 | 3 | 6 | 8 | 7 | 1 | 4 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଂସ୍କୃତିର ସୁରକ୍ଷା ହେଉ

ମହାଶୟ,

ସଭ୍ୟତା ପରିବର୍ତ୍ତନଶୀଳ। ମାତ୍ର ସଂସ୍କୃତି ଅପରିବର୍ତ୍ତନୀୟ। ଶରୀର ସଭ୍ୟତା ହେଲେ ଆତ୍ମା ସଂସ୍କୃତି। ସନ୍ତାନଙ୍କୁ ନିର୍ମାଣ କରିବ ସଂସ୍କୃତି। ମାତ୍ର କିପରି ନିର୍ମାଣ କରାଯିବ, ତାହା ହେଉଛି ସଭ୍ୟତା। ବସ୍ତ୍ରକୁ ପରିଷ୍କାର କରିବା ସଂସ୍କୃତି, ମାତ୍ର ଯେଉଁ ଉପାୟରେ ପରିଷ୍କାର କରାଯାଏ ତାହା ସଭ୍ୟତା। ସ୍ୱାମୀର ମଙ୍ଗଳ କାମନା କରିବା ସଂସ୍କୃତି, ମାତ୍ର ଏଥିପାଇଁ ଯେଉଁ ପୂଜାପାଠ ଓଷା ବ୍ରତ ଇତ୍ୟାଦି କରାଯାଏ ତାହା ସଭ୍ୟତା। ଭାରତୀୟ ସଂସ୍କୃତି ଅତି ମହାନ୍ ଓ ବିଶ୍ୱସ୍ତରୀୟ। ସଂସ୍କୃତି ଆମର ମେରୁଦଣ୍ଡ। ସଂସ୍କୃତି ବଞ୍ଚିଲେ ଆମ ଦେଶ ବଞ୍ଚିବ। ''ସତ୍ୟମେବ ଜୟତେ, ସର୍ବେ ଭବନ୍ତୁ ସୁଖୀନଃ ଏବଂ ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ''ର ଭାବନା ଆମ ସଂସ୍କୃତିର ବୈଶିଷ୍ଟ୍ୟ ଓ ମୂଳପିଣ୍ଡ। କିନ୍ତୁ ଏବେ ଆମ ସଂସ୍କୃତି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଆମ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ଆମକୁ ସଂସ୍କୃତି ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ ପଡ଼ିବ। ତାହା ହେଲେ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆମର ଆଗ୍ରହ କିମ୍ବା ଆକର୍ଷଣ ବଢ଼ିବ ନାହିଁ। ଏହାଦ୍ୱାରା ଆମ ସଂସ୍କୃତିର ସୁରକ୍ଷା ହୋଇପାରିବ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

''ଜାଗ ଜାଗ ଜୀବନର
ସହଜ ସରଳ ପଥ ଲୋଡ଼ି
''ଜଟିଳ ଦୁଶ୍ଚିନ୍ତା ରାଜି ରହୁ ତବ
ପଛେ ଆଜି ପଡି। -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ସେପ୍ଟେମ୍ବର, ୨୦୨୧



**ବସ୍ ଚାପାରେ ବାଇକ୍ ଆରୋହୀ ମୃତ**

ବରଗଡ଼ ଅଫିସ୍: ବରଗଡ଼ ଜିଲା ସୋହେଲା-ପଦ୍ମପୁର ରାସ୍ତାର ଲେଖାପଥର ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ଯାତ୍ରୀବାହୀ ବସ୍ ଚାପାରେ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ଜଣକ ଗଣ୍ଡପାଲି ଗ୍ରାମର ସଂକୀର୍ତ୍ତନ ମେହେର ବୋଲି ଜଣାପଡ଼ିଛି। ସେ ଏକ ଟିଭିଏସ ଏକ୍ସଏଲ ମୋପେଡ୍ ବାଇକ୍(ନଂ.ଓଡ଼ି୧୫ଆର୍/୭୯୫୫) ଯୋଗେ ସୋହେଲା ପଟୁ ନିଜ ଘର ଗଣ୍ଡପାଲିକୁ ଫେରୁଥିବାବେଳେ ପଛପଟୁ ଘରୋଇ ବସ୍ ତାଙ୍କୁ ଧକ୍କା ଦେବା ସହିତ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାକୁ ନେଇ କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇଛି।

# ପୀଡ଼ିତାଙ୍କୁ ନ୍ୟାୟ ଦାବି ତେଜିଲା

**ଦଳିତ ମହିଳାଙ୍କୁ ଗଣବଳାତ୍କାର ମାମଲା**

- ୧୨ଦଫା ଦାବିରେ ବିଶାଳ ସମାବେଶ
- ଏସ୍‌ପି, ଜିଲାପାଳଙ୍କ ଅଫିସ୍ ବିକ୍ଷୋଭ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ବରଗଡ଼ ଅଫିସ୍,୩।୯

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ସଂଘଟିତ ଗଣବଳାତ୍କାର ମାମଲାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନ ତେଜିବାରେ ଲାଗିଛି। ବହୁଜନ ମିଳିତ ମଞ୍ଚ ଆହ୍ୱାନ କ୍ରମେ ଶୁକ୍ରବାର ବରଗଡ଼ରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଛି। ଏହାସହିତ ସ୍ଥାନୀୟ ପୋଲିସ ମୁଖ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ପୀଡ଼ିତାଙ୍କୁ ନ୍ୟାୟ ଦାବି କରାଯାଇଥିଲା। ସେହିପରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୋଲିସ ମୁଖ୍ୟାଳୟରେ ଏସ୍‌ପି ରାହୁଲ ଜୈନ ଏବଂ ଜିଲାପାଳଙ୍କ ଅଫିସରେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରର ଏକକିତା ନକଲ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି, ଜାତୀୟ ଅନୁସୂଚୀତ ଜାତି କମିଶନ ଏବଂ ମାନବାଧିକାର କମିଶନଙ୍କ ନିକଟକୁ ପଠାଯାଇଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗଣବଳାତ୍କାର ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ପୀଡ଼ିତାଙ୍କୁ ୫୦ଲକ୍ଷ ଟଙ୍କାର ସହାୟତା, ପୀଡ଼ିତା ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପ୍ରଦାନ, ଘଟଣାର ସିବିଆଇ ତଦନ୍ତ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଗଣବଳାତ୍କାର ମାମଲାରେ ସ୍ଥାନୀୟ ଜନ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ପୀଡିତାଙ୍କୁ ଏପର୍ଯ୍ୟନ୍ତ ଭେଟି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ୨ମାସ ତଳେ ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା ଗ୍ରାମରେ ଦଳିତ ପରିବାର ସାମାଜିକ ବାସନ୍ଦର ସମ୍ମୁଖୀନ ହୋଇଥିବାରୁ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

ଶୁକ୍ରବାର ସକାଳେ ହଜାରେରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସ୍ଥାନୀୟ ଲୋକ ମଣ୍ଡପ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ପୋଲିସ ମୁଖ୍ୟାଳୟ, ଜିଲାପାଳଙ୍କ ଅଫିସ ଅଭିମୁଖେ ଯାଇଥିଲେ। ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଏକ ପ୍ରତିନିଧି ଦଳ ଏସ୍‌ପି ଜୈନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ ସେମାନେ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ। ପରେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ମଞ୍ଚର ନେତୃବୃନ୍ଦ ଅତିରିକ୍ତ ଜିଲାପାଳ ଟପ୍ପୋଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବହୁଜନ ମିଳିତ ମଞ୍ଚର ଗୋପବନ୍ଧୁ ଶିକା, ହିମାଂଶୁ ବିଭାର, ପଦ୍ମାଳୟା ଦୀପ, ଚନ୍ଦ୍ରହାସ୍ୟ ଜାଲ, କମଳା ତାଣ୍ଡି, ସୀତାରାମ ମେହେର, ପୂର୍ଣ୍ଣଚନ୍ଦ୍ର ପାଇକ, ଦିନେଶ ନାଗ, ଅନୀତା ସାମଲ, ନିରଞ୍ଜନ ଭେସ୍ରା, ଆଶିଷ ବେହେରା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ନାରାୟଣ ଭେସ୍ରାଙ୍କ ନେତୃତ୍ୱରେ ଗାଇସିଲେଟରୁ ଶତାଧିକ ଲୋକ ପଦଯାତ୍ରାରେ ଆସି ସମାବେଶରେ ସାମିଲ ହୋଇଥିଲେ।


ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା।

## ସଂକ୍ଷେପରେ

### ବସ୍ କର୍ମଚାରୀଙ୍କୁ ମାଡ଼ମାରି ଗାଡି ଭାଙ୍ଗିଲେ ୪ ଯୁବକ



**ବାଉଁଶୁଣୀ,୩।୯(ଡି.ଏନ୍.ଏ.):** ବୌଦ୍ଧ ସହରରୁ ଭାୟା ସୋନପୁର ହୋଇ କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଗ୍ରାମକୁ ପ୍ରତିଦିନ ଯାତାୟାତ କରୁଥିବା ମା' ନାମକ ଏକ ଘରୋଇ ବସର କର୍ମଚାରୀମାନଙ୍କୁ ଖୁଣ୍ଟିଗୋରାଠାରେ ଆକ୍ରମଣ ହୋଇଥିବା ଘଣ୍ଟାପଡା ଫାଣ୍ଡିରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ରାତି ୮ଟା ୩୦ରେ ମା' ବସ ଖୁଣ୍ଟିଗୋରା ଠାରେ ପହଞ୍ଚି ଷ୍ଟାଫମାନେ ଗାଡି ଧୁଆଧୋଇ କରୁଥିଲେ। ରାତି ୯ଟାରେ ୪ ମୁଖାଧାରୀ ଯୁବକ ପହଞ୍ଚି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବସ୍‌ର ଆଗ କାଚ ଓ ଝରକା କାଚ ମଧ ଭାଙ୍ଗି ଦେଇଥିବା ଘଣ୍ଟାପଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଘଣ୍ଟାପଡା ଫାଣ୍ଡି ପୋଲିସ ତଦନ୍ତ କରୁଥିବା ବେଳେ କାହାକୁ ଗିରଫ କରାଯାଇନାହିଁ। ଆକ୍ରମଣର ଠିକ କାରଣ ଜଣା ପଡିନାହିଁ। ରାତିରେ ଗାଡି ପାର୍କିଂକୁ ନେଇ କିଛିଦିନ ତଳେ ହୋଇଥିବା ପାଟିତୁଣ୍ଡ ଘଟଣା ସହ ଏ ଘଟଣାର ସମ୍ପର୍କ ଥାଇପାରେ ବୋଲି ମଧ ଆଲୋଚନା ହେଉଛି।

### ଆର୍‌ଏମ୍‌ସି ସ୍ୱାସ୍ଥ୍ୟ କର୍ମଚାରୀ ନିଲମ୍ବିତ

**ଅସଦାଚରଣ ଅଭିଯୋଗରେ ଗିରଫ ହୋଇଥିଲେ**

**ରାଉରକେଲା ଅଫିସ, ୩।୯:** ଚାକିରି ଦେବା ନାଁରେ ଜଣେ ଯୁବତୀଙ୍କୁ ଘରେ କରିଥିବା ଅଫିସକୁ ଡାକି ଅସଦାଚରଣ କରିବା ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ସ୍ୱାସ୍ଥ୍ୟ କର୍ମଚାରୀ ଇନ୍ଦ୍ରମଣି ସାମଲ (ବାବୁଲି)ଙ୍କୁ ମହଙ୍ଗା ପଡିଛି। ଗତ ଚାରି ଦିନ ତଳେ ସେ ଗିରଫ ହୋଇଥିଲେ। ସୁନ୍ଦରଗଡ଼ ସିଡିଏମ୍‌ଓ ଡାକ୍ତର ସରୋଜ ମିଶ୍ର ଶୁକ୍ରବାର ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ସୂଚନା ଅନୁସାରେ, ଇନ୍ଦ୍ରମଣି ପାନପୋଷ ବସ୍ତିରେ ରହିବା ସହ ଗୋଟିଏ ଅଫିସ ଖୋଲିଛନ୍ତି। ସେଠାରେ ସେ ଲୋକଙ୍କର ଜନ୍ମମୃତ୍ୟୁ ପ୍ରମାଣପତ୍ର କରି ମୋଟା ଅଙ୍କର ଅର୍ଥ ନେଉଥିଲେ। ଗତ ସପ୍ତାହ ତଳେ ବାଲୁଘାଟର ଜଣେ ଯୁବତୀଙ୍କ ମା' ଇନ୍ଦ୍ରମଣିଙ୍କ ଅଫିସରେ ପହଞ୍ଚି ଝିଅକୁ ଚାକିରି କରାଇଦେବାକୁ କହିଥିଲେ। ଇନ୍ଦ୍ରମଣି କୁଆଡେ ଝିଅକୁ ଅଫିସକୁ ପଠାଇବା ପାଇଁ ଯୁବତୀଙ୍କ ମା'ଙ୍କୁ କହିଥିଲେ। ପରଦିନ ଯୁବତୀ ଜଣକ ଅଫିସରେ ପହଞ୍ଚିଥିଲେ। ଇନ୍ଦ୍ରମଣି ଉକ୍ତ ଯୁବତୀଙ୍କୁ ଚାକିରି ହୋଇଗଲା ବୋଲି କହି ସଫେଇ କାମ ଦେଖିବାକୁ କହିଥିଲେ ଏବଂ ପରଦିନ ଅଫିସକୁ ଡାକି ଅସଦାଚରଣ କରିଥିଲେ। ଯୁବତୀ ଜଣକ ଏ ନେଇ ରଘୁନାଥପାଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଗତ ୩୧ତାରିଖରେ ଇନ୍ଦ୍ରମଣିଙ୍କୁ ଗିରଫ କରି ଜେଲ୍ ପଠାଇଥିଲା।

## ମରୁଡ଼ି ଘୋଷଣା ଦାବିରେ ୧୦ କି.ମି. ପଦଯାତ୍ରା

ଗୋଲାମୁଣ୍ଡା,୩।୯(ଡି.ଏନ.ଏ.)

ଆବଶ୍ୟକଠାରୁ କମ ବର୍ଷା ଯୋଗୁ ଧାନ ରୁଆ ବେଉଷଣ ହୋଇ ନ ପାରି ଗଜାମରୁଡ଼ି ଆଶଙ୍କା ଦେଖାଦେଇଛି। ଫଳରେ ଗୋଲାମୁଣ୍ଡା ବ୍ଲକ ୨୮ଟି ପଞ୍ଚାୟତ ଓ ଜିଲାର ଅଣଜଳସେଚିତ ବ୍ଲକଗୁଡ଼ିକୁ ମରୁଡି ଘୋଷଣା ଦାବିରେ ରାସ୍ତାକୁ ଓହ୍ଲାଇଛି କଳାହାଣ୍ଡି ଯୁବ କଂଗ୍ରେସ। ଶୁକ୍ରବାର ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ ଖମାର ହଳଦୀଠାରୁ ଧର୍ମଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୧୦ କି.ମି. ରାସ୍ତା ପଦଯାତ୍ରା କରାଯାଇଛି। ଏଥିସହ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଦଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ଅଖିଳ ଭତ୍ରା, ଦ୍ୱାରିକା ମହାପାତ୍ର, ସୁରେଶ ରାଓ, ତୁଷାର ରଞ୍ଜନ ପଟ୍ଟଯୋଶୀ, ପ୍ରେମଲାଲ ସାଗର, ବେଣୁଧର ଦୁର୍ଗା, ଡାକେଶ୍ୱର ଲହଜଲ, ଲମ୍ବୋଦର ଜାଲ, ଗଣେଶ ଭାଟି, ଗୋଲୁ ନାଏକ, ନାରୀ ନେତ୍ରୀ ପୁଷ୍ପଲତା ବିହାରୀଙ୍କ ସମେତ ଗୋଲାମୁଣ୍ଡା ବ୍ଲକରୁ ଶତାଧିକ ମହିଳା ଓ ପୁରୁଷ ଚାଷୀଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

## ଧାନ ବିକ୍ରି ସମସ୍ୟା ଜଟିଳ, କୋର୍ଟର ଆଶ୍ରୟ ନେବ କୃଷକ ସଙ୍ଗଠନ

ଜାମଟିକ୍ରା,୩।୯(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରା ଶାଖାର ଏକ ବୈଠକ ଅତାବିରା ବ୍ଲକ ସିଲାଟ ପଞ୍ଚାୟତ ଅଧୀନ ଗୌରଟିକ୍ରା ମାର୍କେଟରେ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୧୯ରେ ରବି ଧାନ ବିକ୍ରି କରିଥିବା ଚାଷୀ ଆଦ୍ୟାପଲ୍ଲି ଗାନ୍ଧୀ ଏପର୍ଯ୍ୟନ୍ତ ତାଙ୍କର ଧାନବିକ୍ରି ଟଙ୍କା ପାଇ ନ ଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରତି ଋତୁରେ ଧାନ ବିକ୍ରିରେ ହେଉଥିବା ଚରମ ଅବ୍ୟବସ୍ଥା ଯୋଗୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏହା ଉପରେ ସଙ୍ଗଠନ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ। ସେହିପରି ଗୌରଟିକ୍ରା ମାର୍କେଟ ସଲଗ୍ନ ୩ଟି ରାସ୍ତାର କଂକ୍ରିଟକରଣ ସହିତ ମୁଖ୍ୟ ଗେଟ୍ ଗୋଦାମ ଗୃହ, ଚାଷୀ ବିଶ୍ରାମାଗାର, ଜାଙ୍ଗେଡ଼ ମାର୍କେଟ ଗୋଦାମ ଘର ଏବଂ ଚାଷୀଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ଜଣାଇବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ନୂତନ ଭାବେ ସିଲାଟ ଓ ଜାଙ୍ଗେଡ଼ ପଞ୍ଚାୟତ କୃଷକ କମିଟି ଗଠନ କରାଗଲା। ସିଲାଟ ପଞ୍ଚାୟତ ପାଇଁ ସଭାପତି ଭି. ଆଦିନାରାୟଣ ରାଓ, ସମ୍ପାଦକ ସୁରେନ ଭୋଇ, କୋଷାଧକ୍ଷ ଲକ୍ଷ୍ମଣ କୁମାର ପାଣ୍ଡେ, ଜାଙ୍ଗେଡ଼ ପଞ୍ଚାୟତ ପାଇଁ ସଭାପତି ବି ସତ୍ୟନାରାୟଣ, ସମ୍ପାଦକ ପଞ୍ଚାନନ ତ୍ରିପାଠୀ ଓ କୋଷାଧକ୍ଷ ଡୋଲାମଣି ଗୁରୁ ମନୋନୀତ ହୋଇଛନ୍ତି। ଏହି ସଭାରେ ସଙ୍ଗଠନର ବରିଷ୍ଠ ସଭ୍ୟ କୌସ୍ତୁଭ ପଧାନ, ଭୀଷ୍ମଦେବ ପଣ୍ଡା, ଟିକେଲାଲ ମିଶ୍ର, ଅଫିସ୍ ସମ୍ପାଦକ କୀର୍ତ୍ତନ ବିଶ୍ୱାଳ, ସାଧାରଣ ସମ୍ପାଦକ ସୁବାଷ ବିଶ୍ୱାଳ, ସୁଜିତ କୁମାର ପଧାନ, ସୀତାରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


ଗୌରଟିକ୍ରା ମାର୍କେଟରେ ଅନୁଷ୍ଠିତ କୃଷକ ସଙ୍ଗଠନ ବୈଠକ।

## ବାରୁଦ ବୋଝେଇ ଗାଡ଼ି ଧକ୍କାରେ ୪ ବର୍ଷର ଶିଶୁ ମୃତ

**କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ**

ନୂଆପଡ଼ା ଅଫିସ,୩।୯

ନୂଆପଡା ଜିଲା ଖଡିଆଳ ବ୍ଲକ ତୁକଲା କଲେଜ ଛକପଡାଠାରେ ଶୁକ୍ରବାର ଏକ ବାରୁଦ ବୋଝେଇ ୪୦୭ ଗାଡି ଧକ୍କାରେ ଘଟଣାସ୍ଥଳରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ତୁକଲା ଗ୍ରାମର ମଧୁ ନାଏକଙ୍କ ୪ ବର୍ଷର ଶିଶୁ ଦୁର୍ଗେଶ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବିରେ ଭବାନୀପାଟଣା–ଖଡିଆଳ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧ ହଜାର ଟଙ୍କା ଦେବା ସହିତ ସବୁ ୟସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯେ, ଦୁଗ୍ରେଶ ଘର ପାଖରେ ଖେଳୁଥିବା ସମୟରେ ବାରୁଦ ବୋଝୋଇ ୪୦୭ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଡିଆଳ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରହିଛି।

## ସରୋଜ ଜେନା କଂଗ୍ରେସରୁ ନିଲମ୍ବିତ

ରାଉରକେଲା ଅଫିସ, ୩।୯

ରାଉରକେଲା ସାଙ୍ଗଠନିକ ଜିଲା ଅଧୀନ ୪ ନଂ. ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ସରୋଜ ଜେନାଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ସରୋଜଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ତିର୍କୀ କହିଛନ୍ତି, ଗତ କିଛିଦିନ ଧରି ସରୋଜ ନିଜ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିବା ପରିବର୍ତ୍ତେ ବ୍ଲକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀଙ୍କୁ ନିରୁତ୍ସାହିତ କରୁଥିଲେ। ଦଳ ତରଫରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ସେ ସକ୍ରିୟ ଅଂଶଗ୍ରହଣ ନ କରି ଦଳ ଓ ଦଳୀୟ ନେତୃତ୍ୱକୁ ନେଇ ଅପପ୍ରଚାର କରୁଥିଲେ। ଏ ନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ନୋଟିସ୍‌ର ଉତ୍ତର ନ ଦେବାରୁ ତାଙ୍କୁ ୬ ବର୍ଷ ପାଇଁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି ବୋଲି ତିର୍କୀ କହିଛନ୍ତି।

## ମନ୍ଦିରକୁ ଡାକି ବଳାତ୍କାର ଉଦ୍ୟମ, ପୂଜକ ଗିରଫ

ପାଇକମାଳ,୩।୯(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ଦୁର୍ଗା ମନ୍ଦିର ପୂଜକ ଦିଗମ୍ବର ଦେବତା (୪୦)ଙ୍କ ବିରୋଧରେ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୧୬୯/୨୧) ରୁଜୁ କରି ଅଭିଯୁକ୍ତ ପୂଜକ ଦିଗମ୍ବରଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ପୂଜକ ଦିଗମ୍ବର ଜଣେ ବିବାହିତା ମହିଳାଙ୍କୁ ବିଧବା ଯୋଗ ରହିଛି, ଡେଉଁରିଆ ଦେବି ବୋଲି କହି ମନ୍ଦିରକୁ ଡାକିଥିଲେ। ସ୍ୱାମୀଙ୍କ ମଙ୍ଗଳ ପାଇଁ ମହିଳା ଜଣକ ଗତ ବୁଧବାର ରାତ୍ରିରେ ମନ୍ଦିରକୁ ଯାଇଥିଲେ। ପୂଜକ ସେଠାରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଗୁରୁବାର ମହିଳା ଜଣକ ପାଇକମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୂଜକଙ୍କୁ ଗିରଫ କରିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିବା ବେଳେ ପଦ୍ମପୁର ଏସ୍‌ଡିଜେଏମ୍‌ଙ୍କ ନିକଟରେ ମହିଳାଙ୍କ ବୟାନ ରେକର୍ଡ କରାଯାଇଛି। ଶନିବାର ଅଭିଯୁକ୍ତଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯିବ ବୋଲି ଥାନାଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି।


ଗିରଫ ମନ୍ଦିର ପୂଜକ।

**WANTED**
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

**JOB IN BHUBANESWAR**
**GRAPHIC DESIGNER**
Graduate with minimum experience in CorelDraw/ Photoshop/ Illustrator
**Office Assistant** Graduate with minimum experience.
**Office Peon** +2 pass with resident in Bhubaneswar only
Call/Whatsapp : 8249416516
Salary best in industry

**PUBLIC NOTICE**
Arb Ref No. CITI-L/004/19
M/S Citibank NA
v/s
Kabiraj Baliyarasingh & others
As per the Arbitral Award dated 28.11.2020 passed by the Ld. Arbitrator Ram Pravesh Singh, Citibank NA entitled to sell the vehicle being make and model AL1214 bearing registration no. OD-02-AH-8140 that is presently parked at Sai Parking Services, Cuttack, Manguli, Nirgundi RLY station, Harianta, Cuttack 754025. The vehicle will be sold to the highest bidder on "As is Where is Basis" on 16th September 2021 at 4 p.m. at Citibank NA, 41, Chowringhee Road, Kanak Building, Ground Floor South East Block Kolkata-71.
Interested buyers may inspect the vehicle at the location mentioned above upon gate pass issued by Citibank NA from 6th September 2021 to 10th September 2021 between 1 pm to 5 pm.
Intending buyers are requested to give their bid in sealed envelope and the same should be reach to Citibank situated at 41 Chowringhee Road Kanak Building, Ground Floor South East Block Kolkata-71 by 3 P.M. on or before 14th September 2021.
Terms and Conditions for sale can be collected from Citibank from 6th September 2021 to 10th September 2021 between 1 pm to 4 pm.
Citibank NA
Award Holder.

**ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
For Apply Contact
7894509327

**URGENTLY REQUIRED**
1. Diploma / B.Tech Civil (Fresh/Exp.) - 4 Nos.
2. Graduate - 40 Nos.
CONTACT
8917209279
7873563668

**URGENT REQUIRED**
ନିଜ ଜିଲ୍ଲାରେ Office Job, ରହିବା, ଖାଇବା ଦିଆଯିବ। Salary 27,000/–, Qua.– 7th to 10th & above.
Contact:
8144204606

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକ

**ଦୁଇମାସ ହେଲା ନାବାଳିକା ନିଖୋଜ ଘଟଣା**

ବାଉଁଶୁଣୀ/ ବୌଦ୍ଧ,୩।୯ (ଡି.ଏନ୍.ଏ.)–ସ୍ୱ.ପ୍ର.)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ସମାପାଜୁ ଗ୍ରାମର ଆଦିବାସୀ ସମ୍ପ୍ରଦାୟର ବାପା ମା' ଛେଉଣ୍ଡ ଜଣେ ନାବାଳିକା ନିଖୋଜ ଘଟଣାରେ ଶେଷରେ ନ୍ୟାୟ ପାଇଁ ପରିବାର ଲୋକ ଶୁକ୍ରବାର ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ସମାପାଜୁ ଗ୍ରାମରେ ବାପା ମାଆ ଛେଉଣ୍ଡ ଜଣେ ନାବାଳିକ ବାପାମାଆଙ୍କ ଦେହାନ୍ତ ପରେ ମାମୁଁ ଘରେ ଆଈ ପାଖରେ ରହିଆସୁଥିଲେ। ଗତ ଜୁଲାଇ ୬ ତାରିଖ ଗ୍ରାମର କିଛି ପଡୋଶୀଙ୍କ ସହିତ ଆମ୍ବଝରୀ ଗ୍ରାମପଞ୍ଚାୟତର ପାବୁଲିପଡା ଗ୍ରାମକୁ ଭୋଜି ଖାଇବାକୁ ନାବାଳିକା ଜଣକ ଯାଇଥିଲେ। ପାବୁଲିପଡାରୁ ପଡୋଶୀମାନେ ଭୋଜି ଖାଇସାରି ଗ୍ରାମକୁ ଫେରିଥିବାବେଳେ ନାବାଳିକା ଜଣକ ଫେରି ନ ଥିଲେ। ଏନେଇ ଆଈ ନାତୁଣି ଘରକୁ ନ ଫେରିବାର କାରଣ ସମ୍ପର୍କରେ ଭୋଜି ଖାଇଯାଇଥିବା ପଡ଼ୋଶୀମାନଙ୍କୁ ପଚରାଉଚୁରା କରିବାରେ ସେମାନେ ଏ ସମ୍ପର୍କରେ କୌଣସି ଠିକ୍ ସୂଚନା ଦେଇପାରି ନ ଥିଲେ। ଆମ୍ବଝରୀ ଗ୍ରାମପଞ୍ଚାୟତର ବବଡା ଗ୍ରାମରେ ରହୁଥିବା ନାବାଳିକାଙ୍କ କାକା ରାଧାକାନ୍ତ କହଁର ଏ ସମ୍ପର୍କରେ ସୂଚନା ପାଇବା ପରେ ସମାପାଜୁ ଗ୍ରାମକୁ ଆସି ଝିଆରୀ ନିଖୋଜ ସମ୍ପର୍କରେ ପଚରାଉଚୁରା କରିଥିଲେ। ଗ୍ରାମର ଯେଉଁ ପରିବାର ସହ ନାବାଳିକା ଜଣକ ଭୋଜି ଖାଇବାକୁ ଯାଇଥିଲେ ସେମାନଙ୍କୁ ପଚାରିବାରେ ଏ ସମ୍ପର୍କରେ ସେମାନେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ। ଝିଆରୀକୁ ଖୋଜାଖୋଜି କରି କୌଣସି ସୂଚନା ନ ପାଇବାରୁ ଶେଷରେ ରାଧାକାନ୍ତ ନିରାଶ ହୋଇ ଘଟଣାର ୨୦ ଦିନ ପରେ ଗତ ଜୁଲାଇ ୨୬ ତାରିଖ ତାଙ୍କର ନାବାଳିକା ଝିଆରୀ ନିଖୋଜ ହୋଇଯାଇଥିବା ଘଟଣା ସମ୍ପର୍କରେ ବଘିଆପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ବୌଦ୍ଧ ଥାନା କେସ ନଂ୧୮୬/୨୧ ଦଫା ୩୬୩/୩୪ ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଘଟଣାକୁ ଦୁଇ ମାସ ବିତିବାକୁ ବସିଥିବା ବେଳେ ପୋଲିସ ଏହି ଘଟଣାରେ ନାବାଳିକାଙ୍କ ସନ୍ଧାନ ପାଇପାରିନାହିଁ। ନାବାଳିକା ନିଖୋଜ ପଛରେ ଉକ୍ତ ପରିବାର ଲୋକଙ୍କ ହାତ ଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ନାବାଳିକାଙ୍କ କାକା ରାଧାକାନ୍ତ ଏବଂ ଆଈ ଶୁକ୍ରବାର ବୌଦ୍ଧ ଆସି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ତୁରନ୍ତ ନାବାଳିକାକୁ ଖୋଜି ଆଣିବାକୁ ଅନୁରୋଧ କରିଥିବା ଜଣାପଡିଛି। ତେବେ ମାମଲାକୁ ଗୁରୁତର ସହ ଗ୍ରହଣ କରି ନାବାଳିକା ନିଖୋଜ ଘଟଣାର ତଦନ୍ତ କରିବାକୁ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମଧ୍ୟ ସାକ୍ଷାତ କରି ଏ ସମ୍ପର୍କରେ ସହାୟତା କରିବାକୁ ପରିବାର ଲୋକ ଅନୁରୋଧ କରିଥିବା ଜଣାପଡିଛି।


ନିଖୋଜ ନାବାଳିକାଙ୍କ କାକା ଓ ଆଈ ନ୍ୟାୟ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6134/PSC, (1R-30-21/22) (DR-V), Dt. 3.9.21**

**No. D-112:-** It is for information of all concerned that, pursuant to the advertisement No. 08 of 2020-2021, **10 (Ten)** candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor in **Life Science (Botany)**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 17.09.2021 as per the programme mentioned below.

| Date | Time of Interview | PPSAN |
|---|---|---|
| 17.09.2021 | 10.30 A.M. | 00094334, 00099038, 00087075, 00089656, 00091275 & 00085898 = **06 candidates** |
| | 02.30 P.M. | 00087769, 00087630, 00030864 & 00098143 = **04 candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0076/2122

**Sd./- Secretary**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ସେପ୍ଟେମ୍ବର ,୨୦୨୧

## ରାଜଗାଙ୍ଗପୁର ଓକିଲ ସଂଘର ବୈଠକ: ୨୧ ପର୍ଯ୍ୟନ୍ତ କୋର୍ଟ ବନ୍ଦ

ରାଜଗାଙ୍ଗପୁର, (ଡି.ଏନ୍.ଏ.)- ଶୁକ୍ରବାର ରାଜଗାଙ୍ଗପୁର ଓକିଲ ସଂଘର ଏକ ସାଧାରଣ ବୈଠକ ସଂଘର ସଭାପତି ମହମ୍ମଦ ମହସିନଙ୍କ ସଭାପତିତ୍ୱରେ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଆଇନଜୀବୀଙ୍କ ମତାମତ ଓ ଆଲୋଚନା ପରେ ଏହା ସ୍ଥିରୀକୃତ ହୋଇଯାଇଛି ଯେ, କରୋନାର ପ୍ରଭାବକୁ ଲକ୍ଷ୍ୟ ରଖି ଆଗାମୀ ୧ତାରିଖ ପର୍ଯ୍ୟନ୍ତ କୋର୍ଟରେ କେବଳ କେତେକ ଅତି ଜରୁରୀ ମାମଲାର ଶୁଣାଣି ହେବ। ଏହା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ରହିବ। ବୈଠକରେ ସଂଘର ସମ୍ପାଦକ ବିକାଶ ସରପଟିଆ, ଆଇନଜୀବୀ ଲବେନ୍ଦ୍ର ବେହେରା, ମନୋଜ ସାହୁ, ପ୍ରଦୀପ ପଟ୍ଟନାୟକ, ଅଶୋକ ପାଣିଙ୍କ ସମେତ ଅନ୍ୟ ଆଇନଜୀବୀ ରହିଥିଲେ।



**ସଂକ୍ଷେପରେ**

### ଅଗଷ୍ଟରେ ଆର୍‌ଏସ୍‌ପିର ଉତ୍କୃଷ୍ଟ ପ୍ରଦର୍ଶନ

ରାଉରକେଲା ଅଫିସ, ୩।୯

ଗତ ଅଗଷ୍ଟ ମାସରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ସମସ୍ତ ପ୍ରମୁଖ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ଇସ୍ପାତ କାରଖାନା ୩୮୦୧୦୯ ଟନ୍ ଉତପ୍ତ ଧାତୁ, ୩୫୫୪୩୩ ଟନ୍ ଅଶୋଧିତ ଇସ୍ପାତ ଏବଂ ୩୧୮୧୫୧ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ କରି ଆରମ୍ଭରୁ ଏପର୍ଯ୍ୟନ୍ତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଆରଏସ୍‌ପି ମଧ୍ୟ ଏହି ମାସରେ ମୋଟ ୧୬୭୧୬୪ ଟନ୍ ସମୁଦାୟ ହଟ ରୋଲ୍ଡ (ଏଚ୍‌ଆର) କଏଲ ଉତ୍ପାଦନ କରିଛି। ସମସ୍ତ ସିଣ୍ଟରିଙ୍ଗ ପ୍ଲାଣ୍ଟଗୁଡିକ ସମଧାରାରେ ଉତ୍କୃଷ୍ଟ ପ୍ରଦର୍ଶନ ପୂର୍ବକ ୬୦୪୫୮୩ ଟନ୍ ସମୁଦାୟ ସିଣ୍ଟର ଉତ୍ପାଦନ କରି ସେମାନଙ୍କ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ହାସଲ କରିଛନ୍ତି। ସେହିପରି କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମ୍‌ଏଚ୍‌ପି) ୧୦୬୨୦୧୩ ଟନ୍ କଞ୍ଚାମାଲ ପଠାଇ ରେକର୍ଡ କରିଛି। ଏଥିସହିତ କାରଖାନାର ସମସ୍ତ ପ୍ରମୁଖ ୟୁନିଟ୍ ଅଗଷ୍ଟ ମାସରେ ନିଜ ନିଜ ଏପିପି ଲକ୍ଷ୍ୟ ହାସଲ କରିଛନ୍ତି ବୋଲି କାରଖାନା ପକ୍ଷରୁ କୁହାଯାଇଛି। ରାଉରକେଲା ଇସ୍ପାତ କାରଖାନା ଚଳିତ ଆର୍ଥିକ ପ୍ରଥମ ପାଞ୍ଚ ମାସ ଅର୍ଥାତ୍ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୧୭୪୫୯୩୨ ଟନ୍ ଉତପ୍ତ ଧାତୁ, ୧୬୧୮୬୮୬ ଟନ୍ ଅଶୋଧିତ ଇସ୍ପାତ ଏବଂ ୧୪୬୨୫୧୮ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ କରି ଏହି ସମସ୍ତ କ୍ଷେତ୍ରରେ ପୂର୍ବବର୍ଷ ଅବଧି ତୁଳନାରେ ଯଥାକ୍ରମେ ୪୫.୧%, ୪୦.୪% ଏବଂ ୪୦.୯% ଅଭିବୃଦ୍ଧି ହାସଲ କରିଛି। ସିଣ୍ଟରିଂ ପ୍ଲାଣ୍ଟଗୁଡିକ ମଧ୍ୟ ଉକ୍ତ ସମୟରେ ୨୮୭୭୮୪ ଟନ୍ ସିଣ୍ଟର ଉତ୍ପାଦନ କରି ପୂର୍ବବର୍ଷ ଅବଧି ତୁଳନାରେ ୪୩.୯୧% ଅଭିବୃଦ୍ଧି ହାସଲ କରିଛନ୍ତି। ଆହୁରି ମଧ୍ୟ ଆରଏସ୍‌ପି ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୧୪୫୮୫୬୩ ଟନ୍ ବିକ୍ରି ଯୋଗ୍ୟ ଇସ୍ପାତ ଚାଲାଣ କରି ପୂର୍ବବର୍ଷ ଅବଧି ତୁଳନାରେ ୧୦.୧% ଅଭିବୃଦ୍ଧି ଲାଭ କରିଛି। ରୋଲିଂ ମିଲ୍ ଜୋନ୍‌ରେ ହଟ୍ ଷ୍ଟ୍ରିପ୍ ମିଲ୍, ପ୍ଲେଟ ମିଲ୍ ଏବଂ ନୂତନ ପ୍ଲେଟ ମିଲ୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ପାଞ୍ଚ ମାସରେ ପୂର୍ବବର୍ଷ ଅବଧି ତୁଳନାରେ ଯଥାକ୍ରମେ ୪୦.୪%, ୨୪% ଏବଂ ୩୫. ୫% ଅଭିବୃଦ୍ଧି ହାସଲ କରିଥିବା କାରଖାନା ପକ୍ଷରୁ ସୂଚନା ଦିଆଯାଇଛି।

### ବିରି ଚାଷ ପାଇଁ ମାଗଣା ବିହନ ବଣ୍ଟନ

ବଡ଼ଗାଁ, ୩।୯(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମରେ ବଡ଼ଗାଁ କୃଷି କାର୍ଯ୍ୟାଳୟ ପକ୍ଷରୁ ଚାଷୀଙ୍କୁ ବିରିଚାଷ ପାଇଁ ପ୍ରୋତ୍ସାହିତ କରାଯିବା ସହିତ ମାଗଣା ବିହନ ବଣ୍ଟନ ଶୁକ୍ରବାର କରାଯାଇଛି। କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ ବିରିଚାଷ କିପରି କରାଗଲେ ଉତ୍ପାଦନ ଭଲ ହେବ ବୁଝାଇଥିଲେ। ୨୦ ଚାଷୀଙ୍କୁ ଜମି ଅନୁଯାଇ ୪ କିଲୋ ବିହନ ଥିବା ପ୍ୟାକେଟ ବଣ୍ଟନ କରାଯାଇଥିଲା। ବଡ଼ଗାଁ କୃଷି କାର୍ଯ୍ୟାଳୟ କର୍ମଚାରୀ ଅଂଶୁମାନ ପଟେଲ ସହଯୋଗ କରିଥିଲେ। ସ୍ଥାନୀୟ ନାଏକ ସରପଞ୍ଚ ନୀଳକଣ୍ଠ ସାହୁ, ଦେବେନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁଙ୍କ ସହିତ ୪୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।



# ସାଇଡିଂକୁ ଲୁହାପଥର ଯୋଗାଇଦେବା ଦାବିରେ ରେଳରୋକୋ

**ଲହୁଣୀପଡ଼ା,୩।୯(ଡି.ଏନ.ଏ.)**




ସିଆଇଟିୟୁ ପକ୍ଷରୁ ରେଳରୋକୋ ଆନ୍ଦୋଳନ କରାଯାଉଛି।

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ପଟାସାହି ରେଲୱେ ସାଇଡିଂଠାରେ ଶୁକ୍ରବାର ଅଞ୍ଚଳରେ ଥିବା ଛଅଟି ରେଲୱେ ଲୁହାପଥର ଲୋଡିଂ ସାଇଡିଂକୁ ପର୍ଯ୍ୟାପ୍ତ ପରିମାଣର ଲୁହାପଥର ଯୋଗାଇ ଦେବା ଦାବିରେ ସିଆଇଟିୟୁ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ କରାଯାଇଛି। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏବଂ ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ,ସିଆଇଟିୟୁ ଜିଲା ସମ୍ପାଦକ ବିମାନ ମାଇତିଙ୍କ ଉପସ୍ଥିତିରେ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ ଥିବା ଦେଖିବାକୁ ମିଳିଥିଲା।

ପ୍ରକାଶଥାଉକି ଏ ଅଞ୍ଚଳର ବିମଳାଗଡ଼, ରକ୍ସି, ରେଂଜେଡା, ପଟାସାହି, ଚାନ୍ଦିପୋଷ, ବରସୁଆଁ ଛଅଟି ରେଲୱେ ଲୋଡିଂ ସାଇଡିଂ ରହିଛି। ଏଠାରେ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଗରିବ ଆଦିବାସୀ ଶ୍ରମିକ ପରିବାର କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଦେଖାଯାଇଛି ପ୍ରାୟ ତିନି ମାସ ହେବ ଏହି ରେଲୱେ ଲୋଡିଂ ସାଇଡିଂଗୁଡିକୁ ପର୍ଯ୍ୟାପ୍ତ ପରିମାଣର ଲୁହାପଥର ଯୋଗାଇ ଦିଆଯାଉନାହିଁ। ଯାହା ଏଠାରେ କାମ କରୁଥିବା ଶ୍ରମିକମାନଙ୍କ ଜୀବିକା ଉପରେ କରୋନା ସମୟରେ ପ୍ରଭାବ ପକାଉଥିବା ଦେଖିବାକୁ ମିଳିଛି। ଖଣିମାଲିକମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଲୁହାପଥର ଏହି ସାଇଡିଂ ଗୁଡିକରେ ନ ଦେଇ ବାହାର ଜିଲାକୁ ପଠାଯାଉଛି। ଯାହା କରୋନା କାଳରେ ଶ୍ରମିକମାନଙ୍କ ପରିବାର ପ୍ରତିପୋଷଣ ଚିନ୍ତାକୁ ଦ୍ୱିଗୁଣିତ କରିଛି। ଏହି ଶ୍ରମିକମାରଣ ନୀତିକୁ ବିରୋଧ କରି ତଥା ଏହି ଛଅଟି ରେଲୱେ ଲୋଡିଂ ସାଇଡିଂକୁ ପର୍ଯ୍ୟାପ୍ତ ପରିମାଣରେ ଲୁହାପଥର ଯୋଗାଇ ଦେବାକୁ ଦାବିକରି ସିଆଇଟିୟୁ ପକ୍ଷରୁ ରେଳରୋକୋ ଆନ୍ଦୋଳନ କରାଯାଇଥିବାବେଳେ ଶୁକ୍ରବାର ସକାଳ ଛଅଟାରୁ ପ୍ରାୟ ଦୁଇ ହଜାରେ ଉର୍ଦ୍ଧ୍ୱ ଶ୍ରମିକ ପଟାସହି ରେଲୱେ ଲୋଡିଂ ସାଇଡିଂରେ ରେଳରୋକୋ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଳରୋକୋ ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ବାହାର ଜିଲାର ରେଲୱେ ଲୋଡିଂ ସାଇଡିଂକୁ ଲୁହାପଥର ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ସ୍ଥାନୀୟ ଛଅଟି ରେଲୱେ ସାଇଡିଂରେ କାମ କରୁଥିବା ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକମାନଙ୍କୁ ତୁରନ୍ତ କାମ ଯୋଗାଇ ଦେବା ପାଇଁ ଦୃଢ଼ ଦାବି କରିଥିଲେ। ଶ୍ରମିକ ନାରୀ ନେତ୍ରୀ ଶୁଶିଳା ମୁଣ୍ଡା, ଗୋପନା ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ମୁଣ୍ଡା, ତୁରୀ ମୁଣ୍ଡା, ଯୋଗେଶ୍ୱର ମୁଣ୍ଡା, ଓମନ୍ତ କୁମାର ମାହାନ୍ତ, ବିରେନ୍ଦ୍ର ମୁଣ୍ଡା, ଗାମିଆ ମୁଣ୍ଡା, ଦିଲୀପ କୁମ୍ଭାର, ଭଦ୍ର ମାହାନ୍ତ, ମୁଟୁନ ଗଡାୟକ, ସନ୍ତୋଷ ମାହାନ୍ତ, ସୁଲୋଚନା ପାତ୍ର, ପାର୍ବତୀ କିଷାନ, ଦେବେନ୍ଦ୍ର ମାହାନ୍ତ, ସୁନି ମୁଣ୍ଡା, ପାଇର ଗଡାୟକ, ମାନି ମୁଣ୍ଡାରୀ, ଲୋକନାଥ ମାହାନ୍ତ ପ୍ରମୁଖଙ୍କ ସମେତ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଜୁଏଲଙ୍କ କୋଇଡା ଅଞ୍ଚଳଗସ୍ତ: ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

**ଟେନ୍‌ସା, ୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ବଣାଇ ଉପଖଣ୍ଡ କୋଇଡା ବ୍ଲକକୁ ଗୁରୁବାର ଗସ୍ତ କରିଛନ୍ତି। ଟେନ୍‌ସାରେ ପହଞ୍ଚିବା ପରେ ଭାଜପା କର୍ମୀ ଚେତନ ନାୟକ, ମେଲେରି ବାରିକ, ଯଶୋବନ୍ତ ବେହେରା, ସୋନୁ ଜୟସ୍ୱାଲ, ଚକ୍ରଧର ଦେହୁରୀଙ୍କ ସମେତ ବହୁ ନେତା ଯୋଗଦେଇ ଜୁଏଲଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଅନୀଲ ବାର୍ଲା, ବରିଷ୍ଠ ଭାଜପା ନେତା ରାହାଶ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ସାଂସଦ ଜୁଏଲ ଓରାମ ଡେଙ୍ଗୁଳା, ପାଟମୁଣ୍ଡାର କଦଳିଆ, କୋଇଡାର ତେହେରାଇରେ ଜନମଙ୍ଗଳ ଗୃହ ଉଦ୍‌ଘାଟନ କରିଥିଲେ। ସେହିପରି କୋଇଡା ମଥୁରା ସାହି, ଗୋପୁରୀ ସାହି, କୋଇଡା ମାର୍କେଟରେ ଜୟସ୍ୱାଲ ସମାଜ ଜନମଙ୍ଗଳ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଗଣୁଆ, ତେହେରାଇ, ଜଲଡ଼ି ଗ୍ରାମରେ ବୈଠକ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କିପରି ଖଣିରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପାଇବେ ସେ ସମ୍ପର୍କରେ ଖଣି ଅଧିକାରୀ ଓ ଜିଲା ପ୍ରଶାସନ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ କହିଥିଲେ। ଦମାଲୁ ଠାରେ ଏକ ସଭା କରି ବିଭିନ୍ନ ଦିଗ ଉପରେ ଜନସାଧାରଣ ସହିତ ଆଲୋଚନା କରିଥିଲେ। ନୂଆକରି ଖୋଲିଥିବା ନିଳାଞ୍ଚଳ ଖଣି ବୁଲିବା ସହିତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ କଲେ ଖଣିକୁ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ।

# ରାଜ୍ୟ ସରକାର ଭୁଲ ତଥ୍ୟ ଦେଉଛନ୍ତି: ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ବଡ଼ଗାଁ, ୩।୯(ଡି.ଏନ୍.ଏ.)**

ରାଜ୍ୟ ସରକାର ଭୁଲ ତଥ୍ୟ ଦେଇ ଚାଷୀଙ୍କୁ ଭୂଆଁ ବୁଲାଉଛନ୍ତି। ଜମିରେ ସାର ନ ଦେଲେ ନା ଜଳ ନ ଦେଲେ ମରୁଡ଼ି ହେବ ରାଜ୍ୟ ସରକାର ଜାଣିନାହାନ୍ତି ବୋଲି ବିଭିନ୍ନ ତଥ୍ୟ ଉପସ୍ଥାପନ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ଡାକବଙ୍ଗଳାଠାରେ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। କର୍ମକର୍ତ୍ତାମାନେ କହିଥିଲେ ଆବଶ୍ୟକ ଅନୁସାରେ କେନ୍ଦ୍ର ସରକାର ରାଜ୍ୟକୁ ୪ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ୟୁରିଆ, ୨ଲକ୍ଷ ଏମ୍‌ଟି ଡିଏପି, ୧ଲକ୍ଷଏମ୍‌ଟି ଏମ୍‌ଓପି, ୨ଲକ୍ଷ ଏମ୍‌ଟି କମ୍ପ୍ଲେକ୍ସ ସାର ଦେବାକୁ ଧାର୍ଯ୍ୟ କରିଥିଲେ। ଏହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଯୋଗାଣ କରିବା କଥା। କିନ୍ତୁ ରାଜ୍ୟ ସରକାର କହୁଛନ୍ତି ଅଗଷ୍ଟ ଶେଷସୁଦ୍ଧା ୟୁରିଆ ୩ଲକ୍ଷ ୧୦ହଜାର ଏମ୍‌ଟି, ଡିଏପି ୧ଲକ୍ଷ ୯୫ ହଜାର ଏମ୍‌ଟି, ଏମ୍‌ଓପି ୮୦ହଜାର ଏମ୍‌ଟି କମ୍ପ୍ଲେକ୍ସ ୧ଲକ୍ଷ ୮୨ ହଜାର ଏମ୍‌ଟି ପାଇସାରିଛନ୍ତି। ତାହା ହେଲେ ବାକିଥିବା ସାର ସେପ୍ଟେମ୍ବରରେ ଯୋଗାଣ ହେବ। କିନ୍ତୁ ରାଜ୍ୟ ସରକାର କହୁଛନ୍ତି ଯେ, ଅଗଷ୍ଟ ସୁଦ୍ଧା କମ ବା ନିଅଣ୍ଟିଆ ଯୋଗାଣ ହୋଇଛି। ଏହା କିପରି ସମ୍ଭବ କର୍ମକର୍ତ୍ତାମାନେ ପ୍ରଶ୍ନ ଉଠାଇ ରାଜ୍ୟ ସରକାର ସମ୍ଭବତଃ ଜାଣିନାହାନ୍ତି ତାଙ୍କ ଚାଷ ଜମି କେତେ ଓ କେତେ ସାର ଦରକାର। ରାଜ୍ୟର ୧୫ଟି ଜିଲାରେ ତଳି ରୋଇବା ପାଇଁ ଆବଶ୍ୟକ ବର୍ଷା ଅଭାବରୁ ତଳିରୁଆ କାମ ହୋଇପାରିନାହିଁ। ସେ କ୍ଷେତ୍ରରେ ମଧ୍ୟ ସାରର ଆବଶ୍ୟକତା ନାହିଁ। ତେଣୁ ଅଭାବୀ ବିକ୍ରି ରହିଲା କେଉଁଠି କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, ପୂର୍ବତନ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ବିଶି, ବଡ଼ଗାଁ ଭାଜପା ମଣ୍ଡଳ ସଭାପତି ବାବୁଲି କର୍ସେଲ, ସମ୍ପାଦକ ଅକ୍ଷୟ ଦେଓ, ଯୁବ ମୋର୍ଚ୍ଚା ସଭାପତି ତାପସ ସି, ଅଚ୍ୟୁତ୍ ସାହୁ ପ୍ରଶ୍ନ ଉଠାଇ ରାଜ୍ୟ ସରକାର ଜମିକୁ ଜଳଯୋଗାଣ ବ୍ୟବସ୍ଥା ଠିକ୍ କରିପାରି ନାହାନ୍ତି। ପ୍ରାୟ ସମସ୍ତ ଜଳଯୋଗାଣ ପ୍ରକଳ୍ପ ଅଚଳ ଅବସ୍ଥାରେ ଅଛି। ଜମିକୁ ଜଳ ପାଇଁ ସରକାର ଦୃଷ୍ଟି ନ ଦେଇ ଭୂଲ ତଥ୍ୟ ଦେଇ ବିଭ୍ରାନ୍ତ କରୁଥିବା ଅଭିଯୋଗ ଉଠାଇଛନ୍ତି।

### ମହିଳାଙ୍କ ଆକସ୍ମିକ ମୃତ୍ୟୁ

**ଲହୁଣୀପଡ଼ା, ୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବରସୁଆଁ ବସ୍ତିରେ ରହୁଥିବା ଇସ୍ତିହାନ ଟପ୍ପନଙ୍କ ସ୍ତ୍ରୀ ମାନିକା (୪୩)ଗୁରୁବାର ରାତିରେ ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁସାରେ ବରସୁଆଁ ସ୍ଥିତ ଏକ ଇଟା କାରଖାନାରେ ରାତି ଜଗୁଆଳି ଭାବେ ଇସ୍ତିହାନ ଟପ୍ପ କାମ କରନ୍ତି। ସେହି ଇଟା କାରଖାନାରେ ସ୍ୱାମୀସ୍ତ୍ରୀ ରହନ୍ତି। ଗୁରୁବାର ବିଳମ୍ବିତ ରାତିରେ ମାନିକା ଟପ୍ପ ଅସୁସ୍ଥତା ଅନୁଭବ କରିବାରୁ ସ୍ୱାମୀ ପରିବାର ଲୋକଙ୍କୁ ଡକାଇଥିଲେ। ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ମାନିକାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ହେବାର କାରଣ ଅସ୍ପଷ୍ଟ ଥିବାରୁ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ଚୋରି ବାଇକ୍ ଦଶ ମାସ ପରେ ଉଦ୍ଧାର

**କୁତ୍ରା, ୩।୯(ଡି.ଏନ୍.ଏ.)**

୧୦ ମାସ ପୂର୍ବରୁ ବିରିଙ୍ଗାଟୋଲି ସାପ୍ତାହିକ ହାଟରୁ ଚୋରି ହୋଇଥିବା ବାଇକ ଧରୁଆଡିହିରୁ ପୋଲିସ ଉଦ୍ଧାର ହୋଇଛି । ଘଟଣାରୁ ଜଣାପଡିଛି ଯେ, କୁତ୍ରା ବଜାର ପଡାର ବଜରଙ୍ଗ ସାହୁ ଗତ ନଭେମ୍ବର ୨୦୨୦ରେ ବିରିଙ୍ଗାଟୋଲି ସାପ୍ତାହିକ ହାଟକୁ ଯାଇଥିବାବେଳେ ସମ୍ବଲପୁର ଜିଲା ଧରୁଆଡିହି ଗ୍ରାମର ପ୍ରକାଶ ଜୟପୁରିଆ ତାକୁ ଚୋରି କରି ନେଇଯାଇଥିଲେ। ପରେ ସେ କୁତ୍ରା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଖୋଜାଖୋଜି କରି ବୁଧବାର ଧରୁଆଡିହିର ପ୍ରକାଶ ଜୟପୁରିଆଙ୍କ ଘରୁ ବାଇକକୁ ଉଦ୍ଧାର କରିଛି ।

# ଜାତୀୟ ପୋଷଣ ସପ୍ତାହ ପାଳିତ



ପୁଷ୍ଟିଶସ୍ୟ ପୋଷଣ ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**କୁତ୍ରା, ୩।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରାରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଗୁରୁବାର କୁତ୍ରା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଠାରୁ ପୁଷ୍ଟିଶସ୍ୟ ପୋଷଣ ସଚେତନତା ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଗ୍ରାମ ପରିଭ୍ରମଣ କରିଥିଲା। ଓଡିଶା ମିଲେଟ୍ସ ମିଶନ ତରଫରୁ ଏହି ସପ୍ତାହର ଆୟୋଜନ କରାଯାଉଛି। ଏଭଳି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ପୁଷ୍ଟିଶସ୍ୟ ଏବଂ ଏହାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଆଣିବା ସହ ପୁଷ୍ଟି ମହତ୍ତ୍ୱ ବୁଝିବା ପାଇଁ ଉତ୍ସାହିତ କରିବା। ଉକ୍ତ ପୋଷଣ ରଥକୁ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସରଞ୍ଜନ ରୟଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ପୁଜାର୍ଚ୍ଚନା କରାଯାଇ ଉଦ୍ଦେଶ୍ୟ ସଫଳ ନିମନ୍ତେ ମଙ୍ଗଳ କାମନା କରାଯିବା ପରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ, କୃଷି ଅଧିକାରୀ,ଆଇସିଡିଏସର ସମସ୍ତ କର୍ମଚାରୀ, ଅଙ୍ଗନୱାଡି କର୍ମୀ ତଥା ମିଶନ ଶକ୍ତି କର୍ମଚାରୀଙ୍କ ଉପସ୍ଥିତିରେ ମିଳିତ ଭାବରେ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ପୁଜା ହୁଳହୁଳି ସହ ପୋଷଣ ରଥକୁ ସ୍ୱାଗତ ଜଣାଇଥିଲେ ।

# ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗବେଷଣା ପରାମର୍ଶ କମିଟି ବୈଠକ

**ସୁନ୍ଦରଗଡ଼,୩।୯ (ଡି.ଏନ୍.ଏ)**



ଗବେଷଣା ପରାମର୍ଶ କମିଟିର ବୈଠକରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

ଗବେଷଣା ଶିକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛେଦ ଅଙ୍ଗ। ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଭିବୃଦ୍ଧି, ପାଠ୍ୟକ୍ରମ ପ୍ରସ୍ତୁତି ଓ ଯୋଜନା ପ୍ରଣୟନ ସକାଶେ ଗବେଷଣା ଲବ୍ଧଜ୍ଞାନ ବେଶ୍ ଉପଯୋଗୀ ହୋଇଥାଏ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସୁନ୍ଦରଗଡର କ୍ରିୟାତ୍ମକ ଗବେଷଣା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜିଲା ଗବେଷଣା ପରାମର୍ଶ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବଶଙ୍କର ଷଡଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଷଡଙ୍ଗୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଅନୁଷ୍ଠାନର କ୍ରିୟାତ୍ମକ ଗବେଷଣା ବିଭାଗ ପ୍ରାକ୍ ସେବାକାଳୀନ ଶିକ୍ଷାର୍ଥୀଙ୍କ ସକାଶେ ଓ ସେବାକାଳୀନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସକାଶେ କ୍ରିୟାତ୍ମକ ଗବେଷଣା ସମ୍ବନ୍ଧୀୟ କର୍ମଶାଳା ଓ ସେମିନାରର ଆୟୋଜନ କରିଥାଏ। ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକମାନେ ଆନୁଷ୍ଠାନିକ ଗବେଷଣାରେ ନିଜକୁ ନିୟୋଜିତ କରିଥାଆନ୍ତି। ଗବେଷଣା ସଂକ୍ରାନ୍ତୀୟ ପରାମର୍ଶ ସକାଶେ ଜିଲା ଗବେଷଣା ପରାମର୍ଶ କମିଟି ଗଠନ ହୋଇଛି ବୋଲି ଅନୁଷ୍ଠାନର ଅଧ୍ୟାପକ ବୁଧୁରାମ କିଷାନ ପ୍ରକାଶ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଗରୁଡେଶ୍ୱର ଦାସ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ସୁନ୍ଦରଗଡ ଜିଲାର ସ୍ଥିତି, ଶିକ୍ଷା ସୂଚକାଙ୍କ ଓ ସୁବିଧାଅସୁବିଧା ସମ୍ବନ୍ଧୀୟ ବିଶ୍ଳେଷଣାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ଅଧ୍ୟାପିକା ସସ୍ମିତା ନାଏକଙ୍କ ଖଡିଆ ଜନଜାତିଙ୍କ ଶିକ୍ଷା ସମ୍ବନ୍ଧୀୟ ଗବେଷଣା ପ୍ରସ୍ତାବ, ଅଧ୍ୟାପିକା ସୁଶୀଳା ମୁଣ୍ଡୁଙ୍କର ସାମାଜିକ ବିଜ୍ଞାନ ଶିକ୍ଷଣରେ ପ୍ରକଳ୍ପ ପଦ୍ଧତି ସମ୍ବନ୍ଧୀୟ ଗବେଷଣା ପ୍ରସ୍ତାବ ଏବଂ ଅଧ୍ୟାପକ ଗରୁଡେଶ୍ୱର ଦାସଙ୍କ ସଂଖ୍ୟାଲଘୁ ବାଳିକାଙ୍କ ଶିକ୍ଷା କ୍ଷେତ୍ରରେ ଅସୁବିଧା ସମ୍ବନ୍ଧୀୟ ଗବେଷଣା ପ୍ରସ୍ତାବ କମିଟି ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଅତିଥି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜବିହାରୀ ଛତ୍ରିଆ, ପୂର୍ବତନ ଅଧ୍ୟକ୍ଷ ଡ. ଧରଣୀଧର ପଟେଲ, ଅବସରପ୍ରାପ୍ତ ଅଧ୍ୟାପିକା କୃଷ୍ଣପ୍ରିୟା ନନ୍ଦ, କମିଟି ସଦସ୍ୟ ତଥା ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ବିପିନ ବିହାରୀ ଚୌଧୁରୀ ଏବଂ ଡିଆଇଟି ସମ୍ବଲପୁରର ବରିଷ୍ଠ ଅଧ୍ୟାପକ ଡ. ଜୟପ୍ରକାଶ ଦାସ ପ୍ରମୁଖ ପ୍ରସ୍ତାବଗୁଡିକ ତର୍ଜମା କରି ମତାମତ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପିକା ଲିପିକା ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବରିଷ୍ଠ ଅଧ୍ୟାପିକା ମମତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଦମୟନ୍ତୀ ପଧାନ, ମମତା ମାଝି, ସରସ୍ୱତୀ ନାୟକ, ଜଗମୋହନ ମହାକୁଡ, ଉପେନ୍ଦ୍ର ସିଂ, ହିମାଂଶୁ ଧୂଳିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦେବଗଡ଼ କଲେଜରେ ପିଜି ଶ୍ରେଣୀ ଖୋଲିବା ନିଷ୍ପତ୍ତିକୁ ଜିଲା ବିଜେଡିର ସ୍ୱାଗତ

**ଦେବଗଡ଼,୩।୯(ଡି.ଏନ.ଏ)**

ପଶ୍ଚିମ ଓଡିଶାର ପୁରାତନ ବେସରକାରୀ ମହାବିଦ୍ୟାଳୟ ଭାବେ ପରିଚିତ ଦେବଗଡ ମହାବିଦ୍ୟାଳୟରେ ଚଳିତବର୍ଷଠାରୁ ସ୍ନାତକୋତ୍ତର (ପୋଷ୍ଟ ଗ୍ରାଜୁଏଟ) ଶ୍ରେଣୀ ଖୋଲିବା ପାଇଁ ଓଡିଶା ସରକାର ନିଷ୍ପତି ନେଇଛନ୍ତି। ଏଥିପାଇଁ ଜିଲା ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଅଭିନବ ଢଙ୍ଗରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଦେବଗଡ ଜିଲା ଛାତ୍ର ବିଜୁ ଜନତାଦଳ ସଭାପତି ଭବାନୀ ଶଙ୍କର ସାହୁଙ୍କ ନେତୃତ୍ୱରେ ଚନ୍ଦନ ଦେବ, ସନା ବାଗ ଓ ସିଲୁ ସାହୁଙ୍କ ସମେତ ଛାତ୍ର ଏବଂ ଯୁବ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ତାଙ୍କ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଂଜନ ବିଶ୍ୱାଳ ଓ ଜିଲା ଯୁବ ବିଜୁ ଜନତା ଦଳ ସଭାପତି ପ୍ରତାପ ଦେବ ମଧ୍ୟ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ଦିବ୍ୟାଙ୍ଗ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ଥାୟୀ ନିଯୁକ୍ତି**

**ଦେବଗଡ଼, ୩।୯ ( ଡି.ଏନ.ଏ)**

ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଜିଲାରେ କାର୍ଯ୍ୟରତ ଦିବ୍ୟାଙ୍ଗ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ୩ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମିନିକେତନ ନାୟକଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ଦିବ୍ୟାଙ୍ଗ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କୁ ଦିଆଯାଉଥିବା ମାସିକ ଦରମା ୪ହଜାର ୭ସହ ୬୦କୁ ବୃଦ୍ଧି କରାଯିବା ସହ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରିବା ଏବଂ ଦିନିକିଆ ଛଟେଇକୁ ବନ୍ଦ କରିବା ଆଦି ତିନି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀ ପଦକ ପାଇବେ ଦେବଗଡ଼ ଜିଲାର ଦୁଇ ପୋଲିସ ଅଧିକାରୀ

**ଦେବଗଡ଼,୩।୯(ଡି.ଏନ.ଏ.)**

ନିଷ୍ଠାର ଏବଂ ଦାୟିତ୍ୱ ସହ କର୍ତ୍ତବ୍ୟ ନିର୍ବାହ କରି ଅପରାଧ ନିୟନ୍ତ୍ରଣ ଏବଂ ଜନସାଧାରଣଙ୍କ ସହ ସୁ ସମ୍ପର୍କ ସ୍ଥାପନ ପୂର୍ବକ ଶ୍ରେଷ୍ଠ ତଦନ୍ତ ପାଇଁ ଦେବଗଡ଼ ଜିଲାରେ କାର୍ଯ୍ୟରତ ଦୁଇଜଣ ପୋଲିସ ଇନ୍ସପେକ୍ଟରଙ୍କୁ ସମ୍ମାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ପଦକ ପ୍ରଦାନ ପାଇଁ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲା ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବାରକୋଟ ଥାନା ଅଧିକାରୀ କନକ କୁମାର ମାଝି ଏବଂ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିବା ମହିଳା ଇନ୍ସପେକ୍ଟର ଲଳିତା ପ୍ରଧାନଙ୍କୁ ୨୦୨୦-୨୧ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ପଦକ ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ କରାଯାଇ ଥିବା ଏସପି ରାଜକିଶୋର ପାଇକରାୟ ଙ୍କ ଠାରୁ ସୂଚନା ମିଳିଛି।

**୬ ଦୋକାନରୁ ଚୋରି**

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ଗାନ୍ଧୀ ଛକ ଫାଣ୍ଡିଠାରୁ ତିନିଶହ ମିଟର ଦୂରରେ ଥିବା ମାର୍କେଟର ୬ଟି ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁଇଟି ରାଶନ ଦୋକାନ, ମୋବାଇଲ ଦୋକାନ ଓ ପାନ ଦୋକାନରୁ ଚୋରି ହେଉଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ବ୍ରଜରାଜନଗର ଥାନା ଅଧିକାରୀ ବୈକୁଣ୍ଠ ବିହାରୀ ସେଠ ଓ ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଢ଼ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗାନ୍ଧୀ ଛକ ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ନେଇ ଦୋକାନୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ, ସମଲେଇ ମନ୍ଦିରରୁ ବାଲିବନ୍ଧା ଛକ, ପୂର୍ବାହ୍ନ ୧୦ଟା।
- ସାମୂହିକ ଅସ୍ଥି ବିସର୍ଜନ ବୈଠକ, ହୋଟେଲ ହରଜିତ ସଭାକକ୍ଷ, ଅପରାହ୍ନ ସାଢ଼େ ୧୨ଟା

## ସଂକ୍ଷେପରେ

### ଭୀମଭୋଇ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ରେଢ଼ାଖୋଲ,୩।୯(ଡି.ଏନ.ଏ.):** ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଆ ବିଭାଗ ମୁଖ୍ୟ ପ୍ରାଧାପକ ଡ. ମନୋରଞ୍ଜନ ମହନ୍ତ ଓ ଇତିହାସ ବିଭାଗ ମୁଖ୍ୟ ପ୍ରାଧାପକ ଅକ୍ଷୟ କୁମାର କର ଭୀମଭୋଇଙ୍କ ଦର୍ଶନ ଉପରେ ଆଲୋଚନା କରିଥିଲେ। ଇଂରାଜୀ ଅଧାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରାଧାପିକା ସୁପ୍ରିୟା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷରେ ଅନୁଷ୍ଠାନର କର୍ମଚାରୀମାନେ କନ୍ଧରାସ୍ଥିତ ଭୀମଭୋଇଙ୍କ ସ୍ମୃତିପୀଠରେ ପୂଜାର୍ଚ୍ଚନା ପରେ ମଶାଲ ପ୍ରଜ୍ଜ୍ୱଳନ କରି ମହାବିଦ୍ୟାଳୟକୁ ଆଣିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମନସ୍ୱିନୀ ସାଥୁଆ, ସିମ୍ରନ କ୍ୟୁରେସି, ଶିବାନୀ ପ୍ରଧାନ, ଅର୍ପିତା ମହାପାତ୍ର ଓ ଅନନ୍ୟା ଶାସନୀ ପୁରସ୍କୃତ ହୋଇଥିଲେ।

### ଚୋରି ଅଭିଯୋଗରେ ୨ ଗିରଫ

**ଝାରସୁଗୁଡ଼ା ଅଫିସ,୩।୯:** ଭୂର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରୁ ଚୋରି ଅଭିଯୋଗରେ ବଡମାଲ ଥାନା ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡ଼ା ରେଲୱେପଡାର ସୁନିଲ ସୁନା(୨୩) ଓ ବିନୋଦ ନାୟକ(୨୬)। ବେଦାନ୍ତ ପ୍ରକଳ୍ପର ସିକ୍ୟୁରିଟି ଅଧିକାରୀ ସସ୍ମିତା ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବଡମାଲ ଥାନା କେସ୍ (ନଂ୧୬୩/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ବେଦାନ୍ତ ପ୍ରକଳ୍ପରେ ପଶି ଲୁହା ଚୋରି କରୁଥିବାବେଳେ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଧରି ପୋଲିସରେ ଦେଇଥିଲେ।

### ଗାଳିଗୁଲଜ କରି ଯୁବକ ଗିରଫ

**ଝାରସୁଗୁଡ଼ା ଅଫିସ,୩।୯:** ବନହରପାଲି ଥାନା ବଘେଇନଲା ଗ୍ରାମରେ ଜଣେ ଯୁବକ ତାଙ୍କ ପଡୋଶୀଙ୍କୁ ଗାଳିଗୁଲଜ ସହ ମାରଣାସ୍ତ୍ରରେ ଆକ୍ରମଣ କରିବାପାଇଁ ଉଦ୍ୟମ କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗିରିଧାରୀ ଗରୁଡ (୪୪)। ପଡୋଶୀ ମହିଳା ଅହଲ୍ୟା ବାଗ୍‌ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନା କେସ୍(ନଂ୧୩୫/୨୧)ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗକ୍ରମେ ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରଧରି ତାଙ୍କ ଘରକୁ ଯାଇ ଗାଳି କରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ।

# ନିଅଣ୍ଟିଆ ବର୍ଷା: ୨ ହଜାର ହେକ୍ଟର ଜମି ପଡ଼ିଆ

**ସମ୍ବଲପୁର,୩।୯(ବ୍ୟୁରୋ)**

**ସମ୍ବଲପୁର ଜିଲା**
- ୩୦ ହଜାର ହେକ୍ଟର ଜମିରେ ହୋଇନି ବେଉଷଣ
- ଲଘୁଚାପ ବର୍ଷାକୁ ଅପେକ୍ଷା

ନିଅଣ୍ଟିଅ ବର୍ଷା ଯୋଗୁ ସମ୍ବଲପୁର ଜିଲାରେ ପ୍ରାୟ ୨ ହଜାର ହେକ୍ଟର ଜମି ପଡିଆ ପଡିଥିବା କୃଷି ବିଭାଗ ସୂଚନା ଦେଇଛି। ବାସ୍ତବରେ ପ୍ରାୟ ୨୦ ହଜାର ହେକ୍ଟରରୁ ଅଧିକ ଜମିରେ ଚାଷକାର୍ଯ୍ୟ ହୋଇପାରି ନ ଥିବା ଚାଷୀମାନେ କହୁଛନ୍ତି। ଏପରି କି ବୁଣା ଓ ରୁଆ ଧାନ ନଷ୍ଟ ହେବାକୁ ବସିଛି। ଆସନ୍ତା ୬ରେ ଲଘୁଚାପ ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ଏହାକୁ ଭରସା କରିଛି ଚାଷୀକୁଳ। କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଚଳିତ ଖରିଫରେ ଜିଲାରେ ୧ ଲକ୍ଷ ୫ ହଜାର ୬୬୦ ହେକ୍ଟର ଜମିରେ ଚାଷ ହେବାର ଲକ୍ଷ୍ୟ ରହିଥିଲା। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଜିଲାରେ ୧ ଲକ୍ଷ ୩ ହଜାର ୬୯୭ ହେକ୍ଟର ଜମିରେ ଚାଷ ହୋଇଥିବା ରିପୋର୍ଟରେ ରହିଛି। ମାତ୍ର ୨ ହଜାର ୩୭ ହେକ୍ଟର ଜମିରେ ଚାଷ ହୋଇ ନାହିଁ। ହେଲେ ୪୨ ହଜାର ୬୫୦ ହେକ୍ଟର ବୁଣାଧାନ ଓ ୬୧ ହଜାର ୦୪୭ ହେକ୍ଟର ଜମିରେ ରୁଆ ଧାନ ରହିଛି। ରୁଆ ଧାନ ବିଶେଷ ଭାବେ ହୀରାକୁଦ ଜଳ ଭଣ୍ଡାର, ଉଠା ଜଳସେଚନ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରୁଛି।



ବର୍ଷା ଅଭାବରୁ ଜିଲାର ଧାନଜମି ଶୁଖିଲା ପଡିଛି।

ମୁଖ୍ୟ ଜିଲା କୃଷି ଅଧିକାରୀ ସରୋଜ ଚାନ୍ଦ କହିଛନ୍ତି, ଅଣଜଳସେଚିତ ଅଞ୍ଚଳରେ ବିଶେଷ ଭାବେ ଚାଷ ପ୍ରଭାବିତ ହୋଇଛି। ପାଣି ଅଭାବରୁ ବୁଣା ଧାନ ଜମିରେ ବେଉଷଣ ହୋଇପାରି ନାହିଁ। ସାର ଖତ ମଧ୍ୟ ଚାଷୀ ଦେଇ ପାରିଲା ନାହିଁ। ଆଗକୁ ଲଘୁଚାପ ହେବାର ଆଶା ରହିଛି। ଏହି ବର୍ଷା ଜିଲବ୍ୟାପୀ ଠିକ ଭାବେ ହେଲେ ଧାନଗଛ ବଞ୍ଚିଯିବା ସମ୍ଭାବନା ରହିଛି। ନ ହେଲେ ମରୁଡି ପରିସ୍ଥିତି ସୃଷ୍ଟି ହେବ। ପ୍ରାୟ ୩୦ରୁ ୪୦ ହଜାର ହେକ୍ଟର ଜମିରେ ବେଉଷଣ ହୋଇପାରି ନାହିଁ। ଚାଷ ଆରମ୍ଭ କରିବାର ସମୟ ଆଉ ନାହିଁ। ଆବଶ୍ୟକ ସମୟରେ ପାଣି ଅଭାବ ନେଇ ବିଭିନ୍ନ ସ୍ଥାନରୁ ଚାଷୀମାନେ ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଜୁନ ମାସରେ ସ୍ୱାଭାବିକ ବର୍ଷା ୨୨୧ ମିମି ରହିଥିବା ବେଳେ ୧୯୮.୮୪ମିମି ବର୍ଷା ହୋଇଥିଲା। ସେହିପରି ଜୁଲାଇରେ ୪୨୫ମିମି ସ୍ୱାଭାବିକ ଥିବାବେଳେ ୩୧୦.୧୧ମିମି ବର୍ଷା ହୋଇଥିଲା। ହେଲେ ଅଗଷ୍ଟରେ ୪୨୨.୦୪ମିମି ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ମାତ୍ର ୧୩୨. ୧୬ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମିଳିଥିବା ରିପୋର୍ଟ ଅନୁସାରେ ଝୁଝୁମୁରା ବ୍ଲକରେ ୨୧୭.୦୪ମିମି, ରେଙ୍ଗାଲିରେ ୬୯.୬୦ମିମି, ମାନେଶ୍ୱରରେ ୮୯.୨୦ମିମି, କୁଚିଣ୍ଡାରେ ୪୪.୦୪ମିମି, ଧନକଉଡାରେ ୧୬୩.୫୦ମିମି, ବାମରାରେ ୧୬୬.୮୦ ମିମି, ରେଢାଖୋଲରେ ୧୦୫ମିମି, ନାକଟିଦେଉଳରେ ୨୩୯ମିମି ଓ ଜମନକିରା ବ୍ଲକରେ ୧୦୦.୮୦ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ଜାଲ୍ ସାର୍ଟିଫିକେଟ୍‌କୁ ନେଇ ୨ ଶିକ୍ଷୟିତ୍ରୀଙ୍କ ନାମରେ ମାମଲା

**ଝାରସୁଗୁଡ଼ା ଅଫିସ,୩।୯**

ଜାଲ୍ ସାର୍ଟିଫିକେଟ୍‌ରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ କାର୍ଯ୍ୟକାରୀ ନ କଲେ ଦରମା ବନ୍ଦ କରିଦିଆଯିବ ବୋଲି କୁହାଯାଇଛି। ଏ ନେଇ ଝାରସୁଗୁଡ଼ା ଜିଲା ଲଇକେରା ବିଇଓ ରମେଶ ପଟେଲ ୨ ଶିକ୍ଷୟିତ୍ରୀଙ୍କ ନାମରେ ଲଇକେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ହେଲେ ତପଗୁଞ୍ଜା ପିୟୁପି ସ୍କୁଲ୍‌ର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ନାୟକ ଓ କାଙ୍କମାଲ ପିୟୁପି ସ୍କୁଲ୍ ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ଦେହେରିଆ। ଏ ନେଇ ପୋଲିସ ଏକ ମାମଲା (ନଂ୨୧୯/୨୧) ରୁଜୁକରି ତଦନ୍ତ ଚଳାଇଛି। ତଦନ୍ତକାରୀ ଥାନା ଆଇଆଇସି ପ୍ରବୀର କେଶରୀ ତ୍ରିପାଠୀ କହିଛନ୍ତି, ସାର୍ଟିଫିକେଟ୍‌କୁ ନେଇ ଯାଞ୍ଚ ଚାଲିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଇଓ ପଟେଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଉଭୟ ଶିକ୍ଷୟିତ୍ରୀ ୨୦୧୭ରେ ନିଯୁକ୍ତି ପାଇଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ତାମିଲନାଡୁ ଆନ୍ନାମଲାଇ ବିଶ୍ୱବିଦ୍ୟାଳୟର ବିଇଡି ସାର୍ଟିଫିକେଟ୍ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁମିତ୍ରା ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ବିଏସ୍‌ସି ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ପୂର୍ବତନ ବିଇଓ ହେମସାଗର ବାଗ୍ ସେତେବେଳେ ଉଭୟ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ୍‌କୁ ନେଇ ସନ୍ଦେହକରି ଯାଞ୍ଚ କରିଥିଲେ। ପରେ ଏହା ଜାଲ୍ ବୋଲି ଜଣାପଡିଥିଲା। ଏହା ସତ୍ତ୍ୱେ ବିଇଓ ବାଗ୍ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ଏବେ ଓପେପା ନିର୍ଦ୍ଦେଶକ୍ରମେ ବିଇଓ ପଟେଲ ଉଭୟ ଶିକ୍ଷୟିତ୍ରୀଙ୍କ ବିରୋଧରେ ସାର୍ଟିଫିକେଟ୍ ଜାଲିଆତି ନେଇ ଏତଲା ଦେଇଛନ୍ତି।

# ସମଲେଇଙ୍କୁ ସାମୂହିକ ଦୀପ ଦାନ



ସମଲେଇ ମନ୍ଦିରରେ ଅଞ୍ଚଳବାସୀ ସାମୂହିକ ଦୀପଦାନ କରୁଛନ୍ତି।

**ସମ୍ବଲପୁର,୩।୯(ବ୍ୟୁରୋ)**

**ଆଜି ମାନବ ଶୃଙ୍ଖଳ**

ସମଲେଇ ଯୋଜନାକୁ ନେଇ ଅଞ୍ଚଳବାସୀ ଆନ୍ଦୋଳନ କରୁଛନ୍ତି। ସେମାନେ ଯୋଜନାକୁ ନୁହେଁ, ବରଂ ବିସ୍ଥାପନକୁ ବିରୋଧ କରୁଛନ୍ତି ବୋଲି କହିଥିଲେ। ଶୁକ୍ରବାର ଗୋଧୂଳି ସମୟରେ ସମଲେଇ ମନ୍ଦିରଠାରେ ବିସ୍ଥାପିତ ହେବାକୁ ଥିବା ବଡବଜାର, କମଳିବଜାର, ରାମଜୀଗୁଡି ଛକ, ବାଲିବନ୍ଧା ଛକ ଅଞ୍ଚଳର ଜନସାଧାରଣ ସମବେତ ହୋଇଥିଲେ। ମହିଳା, ପୁରୁଷଙ୍କ ସମେତ କୁନି ପିଲାମାନେ ଏକାଠି ହୋଇ ସମଲେଇଙ୍କୁ ଦୀପଦାନ କରିଥିଲେ। ଦୀର୍ଘବର୍ଷ ହେବ ସେମାନେ ସମଲେଇ ମନ୍ଦିର ଅଞ୍ଚଳରେ ରହିଆସୁଥିବାରୁ ବିସ୍ଥାପିତ ହେବାକୁ ଅମଙ୍ଗ ହୋଇ ଇଷ୍ଟ ଦେବୀ ସମଲେଇ କୃପା କରିବେ ବୋଲି କହିଛନ୍ତି । ଶନିବାର ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସେମାନେ ସମଲେଇ ମନ୍ଦିର ସମ୍ମୁଖରୁ ବାଲିବନ୍ଧା ଛକ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ କରିବାକୁ ସ୍ଥିର କରିଛନ୍ତି।

# ସଙ୍ଗଠନ ସୁଦୃଢ ହେବ: ରୋହିତ ପୂଜାରୀ

**ସମ୍ବଲପୁର,୩।୯(ବ୍ୟୁରୋ)**



ବିଜେଡି ଯୋଗଦାନ କରିଥିବା ଅନ୍ୟ ଦଳର କର୍ମକର୍ତ୍ତା।

**ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମକର୍ତ୍ତା**

ସମ୍ବଲପୁର ଜିଲା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ନାକଟିଦେଉଳ ବ୍ଲକର ଶତାଧିକ କଂଗ୍ରେସ ଓ ଭାଜପା କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ରାଜ୍ୟ ସାଙ୍ଗଠନିକ ସାଧାରଣ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ନାକଟିଦେଉ ବ୍ଲକ ସଭାପତି ମୁନିଆ ରାଉତ ଉପସ୍ଥିତ ଥିଲେ। ଯୋଗଦାନ କରିଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ଯୁବ ସଭାପତି ବାବୁଲା ସାହୁ, ପିସିସି ସଭ୍ୟ ପ୍ରମୋଦ କୁମାର ପ୍ରଧାନ, ପଞ୍ଚାୟତ ସଭାପତି ଧନେଶ୍ୱର ବେହେରା, ମହେଶ୍ୱର ସ୍ୱାଇଁ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ଦେଓ, ପୂର୍ବତନ ଜିଲାପରିଷଦ ସଭ୍ୟ ହରେକୃଷ୍ଣ ମେହେର, ନବ କିଶୋର ସାହୁ, ବିଶ୍ୱାବସୁ ଶବର, ଗୋବିନ୍ଦ ଶବର, ବ୍ଲକ କଂଗ୍ରେସ ଉପସଭାପତି ବିଶ୍ୱଜିତ ବନାର୍ଜି, ନାକଟିଦେଉଳ ବ୍ଲକ ଭାଜପା ସାଧାରଣ ସମ୍ପାଦକ ଶସାଙ୍କ ଶେଖର ବେହେରା, ସତ୍ୟାନନ୍ଦ ସାହୁ, ଆଲଫା ପ୍ରଧାନ, ସୁଲୋଚନା ପ୍ରଧାନ, ମୁରଲୀ ଧଳ, କିସିଣ୍ଡା ସରପଞ୍ଚ ଅହଲ୍ୟା ସାମଲ ଅନ୍ୟତମ। ବିଧାୟକ ପୂଜାରୀ କହିଛନ୍ତି, ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ଏମାନଙ୍କ ଯୋଗଦାନ ପରେ ଦଳ ଆହୁରି ମଜଭୁତ ହେବ।

## ସ୍କୁଟି ଡିକି ଭାଙ୍ଗି ୨ ଲକ୍ଷ ଚୋରି

**ସମ୍ବଲପୁର,୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା କୁଚିଣ୍ଡା ଲ୍ୟାମ୍ପ୍‌ସ ସମ୍ମୁଖରୁ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତମାନେ କିରା ଗ୍ରାମର ଅଶୋକ କୁମାର ମହାପାତ୍ରଙ୍କ ୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ କୁଚିଣ୍ଡା ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସିସିଟିଭି ଫୁଟେଜ ଜବତ କରିଛି। ଥାନା ଅଧିକାରୀ ପି. ସେଠୀ କହିଛନ୍ତି, ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଅଶୋକ ଘର ନିର୍ମାଣ ପାଇଁ ଲ୍ୟାମ୍ପ୍‌ସରୁ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। କିଛିବାଟ ଯିବା ପରେ ଅଶୋକ ସ୍କୁଟି ଅଟକାଇ ଏକ ଦୋକାନକୁ ଯାଇଥିଲେ। ଏହି ସମୟରେ ପିଛା କରୁଥିବା ୪ ଦୁର୍ବୃତ୍ତ ଆଖି ପିଛୁଳାକେ ଟଙ୍କା ନେଇ ଫେରାର ହେଇଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି କହିଥିଲେ। ଆଶୋକ ସମବାୟ ବିଭାଗରେ କାମ କରୁଥିବାବେଳେ ଅବସର ଗ୍ରହଣ କରିଛନ୍ତି।

## କଫ୍ ସିରଫ ଜବତ, ୨ ଗିରଫ

**ସମ୍ବଲପୁର,୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ପୋଲିସ କଫ୍ ସିରଫ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବରଗଡ ଜିଲା ଅତାବିରା ଥାନା ମହୁଖଣ୍ଡ ଗ୍ରାମର ମନୋଜ କର୍ମୀ (୨୪) ଓ ଭେଡେନ ଥାନା ଦେଶଭଟଲି ଗ୍ରାମର ପୀପନ ସେଠ (୨୪)। ସେମାନଙ୍କ ନିକଟରୁ ପୋଲିସ ୪୦ ବୋତଲ କଫ୍ ସିରଫ, ୩ ଶହ ଟଙ୍କା, ମୋବାଇଲ ଫୋନ ଓ ବ୍ୟବହୃତ ଓଡି-୧୭ ୫୦୫୫ନଂ. ବାଇକ୍ ଜବତ କରିଛି। ଏ ନେଇ ଥାନାରେ ୫୩୯/୨୧ରେ ମାମଲା ରୁଜୁ ହୋଇଛି। ଗୁରୁବାର ପୋଲିସ ପାଟ୍ରୋଲିଂ ସମୟରେ ବାଇକ୍‌ରେ ଆସୁଥିବା ଅଭିଯୁକ୍ତଙ୍କୁ ଅଟକାଇ ଯାଞ୍ଚ କରିଥିଲା।

# ରେଳ ମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ ବୈଠକ

**ସମ୍ବଲପୁର,୩।୯(ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ସଭାକକ୍ଷରେ ୭୦ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ସମୀକ୍ଷା କରିଥିଲେ। ଏଥିସହ ରାଜଭାଷା କିପରି ଅଧିକ ବ୍ୟବହାର ହୋଇପାରିବ ସେ ନେଇ ଗରୁତ୍ୱାରୋପ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସୂଚନା ପ୍ରଦାନ କରିଥିଲେ। ରାଜଭାଷା ଅଧିକାରୀ ମୋହନିଶ ବ୍ରହ୍ମ ବୈଠକରେ ସଂଯୋଜନା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଜମି ହସ୍ତାନ୍ତର ନିଷ୍ପତ୍ତିକୁ ଗ୍ରାମବାସୀଙ୍କ ବିରୋଧ

**ରେଢ଼ାଖୋଲ,୩।୯(ଡି.ଏନ.ଏ.)**

ରେଢ଼ାଖୋଲ ତହସିଲ ଅଧୀନ ଡିମିରିମୁଣ୍ଡା ଗ୍ରାମର ପ୍ରାୟ ୯୬.୮୮ ଏକର ଜମିକୁ ସରକାର ଇଡ୍‌କୋ ଲ୍ୟାଣ୍ଡବ୍ୟାଙ୍କକୁ ହସ୍ତାନ୍ତର କରିବାକୁ ନେଇଥିବା ନିଷ୍ପତ୍ତିକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ସେମାନେ ଏ ନେଇ ରେଢ଼ାଖୋଲ ତହସିଲଦାର ବେର୍ସିୟୁସ ଡୁଙ୍ଗଡୁଙ୍ଗଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, ଗ୍ରାମରେ ଥିବା ପ୍ରାୟ ୫୨.୪୧ ଏକର ଜମିରେ ଗୃହପାଳିତ ପଶୁଙ୍କ ଚାରଣଭୂମି ଭାବେ ବ୍ୟବହୃତ ହେଉଛି। ଅନ୍ୟ ଜମିରେ ଖେଳପଡିଆ ରହିଥିବା ବେଳେ ବାକି ଜମିରେ ସେମାନଙ୍କ ଉଦ୍ୟମରେ ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇଛି। ଏହି ଜଙ୍ଗଲରେ ଶାଳ, ପିଆଶାଳ ଓ ମୂଲ୍ୟବାନ ଔଷଧିୟ ବୃକ୍ଷ ରହିଛି। ଏଠାରୁ ଗ୍ରାମବାସୀ ମହୁଲ, କେନ୍ଦୁପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ଏହି ଜମିକୁ ଶିଳ୍ପ ପାଇଁ ଇଡ୍‌କୋକୁ ହସ୍ତାନ୍ତର କଲେ ପ୍ରାକୃତିକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ଗ୍ରାମର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେବ। ଦାବିପତ୍ର ପ୍ରଦାନ ସମୟରେ ସଞ୍ଜୀବ କୁମାର ପ୍ରଧାନ, ଶରତ କୁମାର ପ୍ରଧାନ, ଚମ୍ପାବତି ପ୍ରଧାନ, ଘାସିଆନ ମାଝି, ଲମ୍ବୋଦର ପ୍ରଧାନ, ନରୋତ୍ତମ ପ୍ରଧାନ, ପରମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଂସ୍କୃତ ଭାଷାର ବିକଳ୍ପ ନାହିଁ

**ସମ୍ବଲପୁର,୩।୯(ବ୍ୟୁରୋ)**

**ଜିଲାସ୍ତରୀୟ ସଂସ୍କୃତ ଦିବସ**

ସଂସ୍କୃତ ଭାଷାର ବିକଳ୍ପ ନାହିଁ। ଏହି ଭାଷା ମୂଳ ଭାଷା ଭାବେ ଗଣାଯାଇଥାଏ। ଏହାର ପ୍ରଚାର ପ୍ରସାର ଅଭାବ ରହିଛି। ଏହି ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସ୍ୱାଧୀନତା ସଂଗ୍ରାମୀ ଭବନରେ ଜିଲାସ୍ତରୀୟ ସଂସ୍କୃତ ଦିବସରେ ମତପ୍ରକାଶ ପାଇଥିଲା। ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ବଲପୁର ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ସୁଶିଲ କୁମାର ମହାକୁଡ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଅରବିନ୍ଦ ଦାସ ମୁଖ୍ୟଅତିଥି, ଅବସର ପ୍ରାପ୍ତ କଲେଜ ଅଧକ୍ଷ ଆୟୁଷ୍ମାନ ଷଡଙ୍ଗୀ, ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ଅତିଥି ଓ ବୁଢାରଜା ହାଇସ୍କୁଲ ସଂସ୍କୃତ ଶିକ୍ଷକ ହରିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଂଘ ଉପଦେଷ୍ଟା ଚିନ୍ତାମଣି ଭୋଇ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବି କରିଥିଲେ। ଶିକ୍ଷକ ଅସୀତ କୁମାର ପଣ୍ଡା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ନାରାୟଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ଭବନରେ ଆୟୋଜିତ କାର୍ଯ୍ୟକ୍ରମ।

**ମରିବାକୁ ବସିଲାଣି ଧାନ ଫସଲ**

# କାମରେ ଆସୁନି ଉଠାଜଳସେଚନ ପ୍ରକଳ୍ପ

**ଝାରସୁଗୁଡ଼ା ଅଫିସ,୩।୯**

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଓ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲାରେ ମରୁଡି ପରିସ୍ଥିତି ଦେଖାଦେଇଛି। ଜିଲାର ଅଧିକାଂଶ ଅଞ୍ଚଳରେ ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପ ଉପରେ ନିର୍ଭରକରି ଧାନ ଚାଷ କରିଛନ୍ତି। ଏଥିରୁ କେତେକ ପ୍ରକଳ୍ପ ଅଚଳ ହୋଇପଡିଥିବାରୁ ତାହା ଚାଷୀଙ୍କ କାମରେ ଆସୁନାହିଁ। ଫଳରେ ଧାନ ଫସଲ ମରିବାକୁ ବସିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସୁଫଳ ମିଳୁ ନ ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଶେଷ କରି ଜିଲାର ଲଖନପୁର ବ୍ଲକ୍ କଣ୍ଡେଇକେଲା ଗ୍ରାମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।

ମହାନଦୀ ଅବବାହିକାରେ ରହିଛି ଏହି ଗ୍ରାମ। ମହାନଦୀରୁ ଉଠାଜଳସେଚନ ମାଧ୍ୟମରେ ପାଣି ଉଠାଇ ଚାଷ ଜମିକୁ ଯୋଗାଇବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ । ଏହାକୁ ଦୃଷ୍ଟିରେ ରଖି ମହାନଦୀ କୂଳ ଚିଙ୍ଗଡାଧୁଡି ନିକଟରେ ୨୧ଲକ୍ଷ ଟଙ୍କା ବ୍ୟୟରେ ୨୦୧୮-୧୯ରେ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ମହାନଦୀରୁ ଏହି ପ୍ରକଳ୍ପକୁ ଇନ୍‌ଟେକ୍‌ୱେଲ ନ ଥିବାବେଳେ ଚଳିତବର୍ଷ ନଦୀପାଣି ପ୍ରକଳ୍ପ ନିକଟରେ ପହଞ୍ଚିପାରି ନାହିଁ। ଫଳରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଏହା ଚାଷୀଙ୍କ କାମରେ ଆସିପାରୁନାହିଁ। ଅଚଳ ପ୍ରକଳ୍ପ ମରାମତି ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବାବେଳେ ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ୧ ସପ୍ତାହ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରା ନ ଗଲେ ଶତାଧିକ ଏକର ଧାନ ଫସଲ ଉଜୁଡିଯିବ ବୋଲି ଚାଷୀ ନରେଶ ବାରିକ, ଶିବ ଭୋଇ, ମଧୁ ସା, ସତ୍ୟାନନ୍ଦ ସା, ଲେକ୍ସୁ ଭୋଇ, ଝେଙ୍କୁର ଭୋଇ ପ୍ରମୁଖ କହିଛନ୍ତି। ଏ ନେଇ ଉଠାଜଳସେଚନ ବିଭାଗ ଏସ୍‌ଡିଓ ଚନ୍ଦ୍ର କୁମାର ଭଞ୍ଜୁଆ କହିଛନ୍ତି, ଧାନ ଫସଲ ନଷ୍ଟ ହେବାକୁ ଦିଆ ନ ଯାଇ ଯୁଦ୍ଧକାଳୀନ ଭିତ୍ତିରେ ନଦୀରୁ ଉଠାଜଳସେଚନ ପ୍ରକଳ୍ପ ପର୍ଯ୍ୟନ୍ତ ଡ୍ରେନ୍ କରାଯାଇ ଚାଷଜମିକୁ ପାଣି ଯୋଗାଇ ଦିଆଯିବ।



ଅଚଳ ଉଠାଜଳସେଚନ ପ୍ରକଳ୍ପ।

**ସେମାନେ ଯାହା କହନ୍ତି...**



ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଚଳିତବର୍ଷ ଯେଉଁ ପରିମାଣରେ ଧାନ ଫସଲ ହେବା କଥା ତାହା ହୋଇନାହିଁ। ନଦୀ କୂଳିଆ ଜମିରେ ଉଠାଜଳସେଚନ ପ୍ରକଳ୍ପକୁ ଦୃଷ୍ଟିରେ ରଖି ଚାଷ କରିଥିଲୁ। ହେଲେ ଉକ୍ତ ପ୍ରକଳ୍ପ ଆମକୁ ଧୋକା ଦେଇଛି।

**ନରେଶ ବାରିକ, ଚାଷୀ**



ବର୍ଷା ନ ଥିବାରୁ ଚାଷଜମି ସବୁ ପଡିଆ ପଡିଛି। ନଦୀକୂଳରେ ୨ଏକର ଧାନ ଚାଷ କରିଛୁ। ଏହା ଭଲ ହୋଇଥିଲା। ହେଲେ ବର୍ଷା ନ ହେବାରୁ ଜମିରେ ଆଉ ପାଣିନାହିଁ। ଏପରି ସମୟରେ ଲିଫ୍ଟ ପଏଣ୍ଟ ଉପରେ ଭରସା କରିଥିଲୁ। ହେଲେ ତାହା ଅଚଳ ହୋଇପଡିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ସୁଫଳ ମିଳୁନାହିଁ।

**ଶିବ ଭୋଇ, ଚାଷୀ**



ଯୁଦ୍ଧକାଳୀନ ମଧ୍ୟରେ ଅଚଳ ଉଠାଜଳସେଚନ ପ୍ରକଳ୍ପ ମରାମତି ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ହେଲେ ଏହାକୁ ପାଳନ କରାଯାଉ ନାହିଁ। ଧାନ ଫସଲ ମରିବାକୁ ବସିଥିବାବେଳେ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ।

**ମଧୁ ସା, ଚାଷୀ**

# କଂଗ୍ରେସ-ଭାଜପା ଦୋଷ ଲଦାଲଦି

ଭୁବନେଶ୍ୱର,୩।୯(ବ୍ୟୁରୋ)

■ ଗୃହକୁ ଅଚଳ କରିବାକୁ ଡିଲ୍ ହୋଇଛି: କଂଗ୍ରେସ
■ କଂଗ୍ରେସ- ବିଜେଡି ମଧ୍ୟରେ ଫିକ୍ସିଂ ହୋଇଛି: ଭାଜପା

ବିଧାନସଭା ଅଚଳକୁ ନେଇ ଦୁଇ ବିରୋଧୀ ଦଳ କାଦୁଅ ଫିଙ୍ଗାଫିଙ୍ଗି ହୋଇଛନ୍ତି। ବିଧାନସଭା ଅଚଳ ପାଇଁ ଶାସକ ଦଳ ସହ ଡିଲ୍ ହୋଇଛି ବୋଲି ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ଉପରେ ଦୋଷ ଲଦିଛନ୍ତି। ବିଧାନସଭା ବାହାରେ ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ପ୍ରତ୍ୟେକ ଦିନ ଭାଜପା ନିଜର ଆଭିମୁଖ୍ୟ ବଦଳାଉଛି। ଭାଜପାର ମତିଭ୍ରମ ହୋଇସାରିଲାଣି। ସେମାନଙ୍କ ମୁଣ୍ଡ କାମ କରୁନି। ଗୁରୁବାର ଭାଜପା ଷ୍ଟାଫ୍ ସିଲେକ୍ସନ ଦୁର୍ନୀତି ବିଷୟରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଣିଥିଲା। ଶୁକ୍ରବାର ଆଇନ ଶୃଙ୍ଖଳା ପ୍ରସଙ୍ଗ ଆଣିଛି। ନିୟମ ଅନୁଯାୟୀ ଗତକାଲି ଆଲୋଚନା ହୋଇ ନ ଥିବା ପ୍ରସଙ୍ଗ ତା' ପରଦିନ ଆଲୋଚନା ହେବା କଥା। କିନ୍ତୁ ଗତକାଲି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇ ନ ଥିବା ବେଳେ ଭାଜପା ଶୁକ୍ରବାର ଆଇନଶୃଙ୍ଖଳା ପ୍ରସଙ୍ଗ କାହିଁକି ଆଣିଲା ବୋଲି ତାରା ପ୍ରଶ୍ନ କରିଛନ୍ତି। ଆମେ ପ୍ରଥମରୁ ଚାଷୀ ଓ ଷ୍ଟାଫ୍ ସିଲେକ୍ସନ କଥା କହିଛୁ। ଗୁରୁବାର ଆଇନମନ୍ତ୍ରୀ ପ୍ରତାପ ଜେନା ପ୍ରସଙ୍ଗ ଉଠାଇ ଗୃହରେ ପ୍ଲାକାର୍ଡ ଧରି ପ୍ରଦର୍ଶନ କରୁଥିଲେ। ଆଜି କାହିଁକି ଚୁପ୍ ବସିଲେ। ମୂଷା ବିଲେଇକୁ ଦେଖି ଯେମିତି ଲୁଚି ଚୁପହୋଇ ବସେ ସେମିତି ଆଜି ପ୍ରତାପ ଜେନାଙ୍କ ପ୍ରସଙ୍ଗରେ ଭାଜପା ଲୁଚି ବସିଛି। ଏଥିରୁ ଜଣାପଡୁଛି ବିଜେଡି ଓ ଭାଜପା ମଧ୍ୟରେ ଡିଲ୍ ହୋଇଛି। ସେମାନେ ଭାଇ ଭାଇ। ମାତ୍ର କଂଗ୍ରେସ କାହା ସହିତ ନାହିଁ ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ ଗୃହ ଅଚଳକୁ ନେଇ କଂଗ୍ରେସ ଓ ବିଜେଡିକୁ ଦାୟୀ କରିଛି ଭାଜପା। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ବିଧାନସଭା ବାହାରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଗୃହ କାର୍ଯ୍ୟ ଚଳେଇ ନ ଦେବା ପାଇଁ ଫିକ୍ସିଂ ହୋଇଛି। ଶାସକ ବିଜେଡି ଏବଂ କଂଗ୍ରେସ ଭିତରେ ଡିଲ୍ ହୋଇଛି। ଗୃହରେ ଆଇନଶୃଙ୍ଖଳା ଆଲୋଚନା ହେଲେ ଶାସକ ଦଳ ଅଡୁଆରେ ପଡ଼ିବ। ବିଜେଡି ବିରୋଧରେ ମାଳ ମାଳ ପ୍ରସଙ୍ଗ ରହିଛି। ସେଥିରୁ ବର୍ତ୍ତିବା ପାଇଁ ବିଜେଡି କଂଗ୍ରେସ ସହ ଡିଲ୍ କରିଛି। ଉଭୟ ଦଳ ଭିତରେ ବୁଝାମଣା ହୋଇଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାନସଭା ଅଚଳକୁ ନେଇ କଂଗ୍ରେସ ଓ ଭାଜପାକୁ ସମାଲୋଚନା କରିଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଭାଜପା ଏବଂ କଂଗ୍ରେସ ଗୃହରେ ବାଗୁଡ଼ି ଖେଳ ଖେଳୁଛନ୍ତି। ରାଜ୍ୟବାସୀଙ୍କ ସ୍ୱାର୍ଥ ଥିବା ବହୁ ପ୍ରସଙ୍ଗ ରହିଛି। ରାଜ୍ୟରେ ମରୁଡ଼ି ପ୍ରସଙ୍ଗ ନେଇ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଲୋକେମାନେ ଆମକୁ ଯେଉଁଥିପାଇଁ ପଠାଇଛନ୍ତି ସେ ବିଷୟରେ ଆଲୋଚନା ନ କରି ଗୋଟିଏ ଦୁଇଟି ଆପରାଧିକ ପ୍ରସଙ୍ଗକୁ ଉଠାଇ ବିରୋଧୀ ଗୃହକୁ ଅଚଳ କରୁଛନ୍ତି। ସବୁ କଥା ଲୋକମାନେ ଦେଖୁଛନ୍ତି। ଲୋକମାନେ ସେମାନଙ୍କ କଥା ବିଚାର କରିବେ ବୋଲି ପ୍ରମିଳା କହିଛନ୍ତି।

ଅନ୍ୟପକ୍ଷରେ ଷ୍ଟାଫ୍ ସିଲେକ୍ସନ କମିଶନରେ ନିଯୁକ୍ତିକୁ ନେଇ ମହାଦୁର୍ନୀତି ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ନରସିଂହ କହିଛନ୍ତି ଯେ ଗୁରୁବାର ଷ୍ଟାଫ୍ ସିଲେକ୍ସନ ଦୁର୍ନୀତି ନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ସେଥିରେ ଆମେ ସହମତି ପ୍ରକାଶ କରିଥିଲୁ। ଗୃହରେ ହଟ୍ଟଗୋଳ ପାଇଁ ତାହା ଆଲୋଚନା ହୋଇପାରିଲା ନାହିଁ। ନିୟମ ଅନୁସାରେ ଶୁକ୍ରବାର ଆଲୋଚନା ହେବା କଥା। କିନ୍ତୁ ଭାଜପା ସେହି ମୁଲତବୀ ପ୍ରସ୍ତାବ ବଦଳେଇ ଦେଇଛି। ଯେଉଁଥିରେ କଂଗ୍ରେସର ସହମତି ନେଇନାହାନ୍ତି। ଯେଉଁଥିପାଇଁ ପ୍ରଶ୍ନକାଳ ଆରମ୍ଭରୁ ଆମେ ଦାବି କରିଥିଲୁ ଷ୍ଟାଫ୍ ସିଲେକ୍ସନ କମିଶନରେ ହୋଇଥିବା ମହାଦୁର୍ନୀତି ଆଲୋଚନା କରାଯାଉ। କିନ୍ତୁ ବାଚସ୍ପତି କିଛି ନ ଶୁଣି ଗୋଟିଏ ମିନିଟ୍ ପୂର୍ବରୁ ଗୃହକୁ ମୁଲତବୀ କରିଦେଲେ। ଅଚାନକ ଗୃହକୁ ମୁଲତବୀ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସମସ୍ତଙ୍କୁ ଡାକି ଆଲୋଚନା କରିବା ବାଚସ୍ପତିଙ୍କ କର୍ତ୍ତବ୍ୟ। ଯଦି ସମାଧାନ ନ ହୁଏ ତେବେ ଗୃହକୁ ମୁଲତବୀ କରିପାରିବେ। ତାହା ନ କରି ବାଚସ୍ପତି ଗୋଟିଏ ମିନିଟ୍‌ରେ ଗୃହକୁ ବନ୍ଦ କରି ଦେଉଛନ୍ତି। ଆଲୋଚନା କରିବାକୁ ସରକାରୀ ଦଳର ଇଚ୍ଛା ନାହିଁ। ବାଚସ୍ପତି ସରକାରୀ ଦଳରେ ବନ୍ଧା। ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି। ଏହା ଗଣତନ୍ତ୍ର ପାଇଁ ବିପଦ ବୋଲି ନରସିଂହ କହିଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୩।୯(ବ୍ୟୁରୋ)

**ଚାଷୀଙ୍କୁ ସବ୍‌ସିଡି ନାଁରେ ୬ କୋଟିରୁ ଊର୍ଦ୍ଧ୍ୱ ଠକେଇ**

ଚାଷୀଙ୍କ ନାଁରେ ସବ୍‌ସିଡି ଉଠାଇ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶୁକ୍ରବାର ମୁଖ୍ୟ ଅଭିଯୁକ୍ତଙ୍କୁ ବାଲେଶ୍ୱରରୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ସଦର ଥାନାଞ୍ଚଳର ଶ୍ରୀନାଥ ରାଣା। ତେବେ ଏହି ଠକେଇ ପଛରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ଥିବା ଭରୁଷାପ୍ରିୟ ଏଗ୍ରୋଟେକ୍ ପ୍ରାଇଭେଟ ଲିମିଟେଡ୍ ନାମକ କମ୍ପାନୀର ବ୍ରାଞ୍ଚ ଅଫିସ ଭୁବନେଶ୍ୱର ବରମୁଣ୍ଡାରେ ରହିଛି। ଉକ୍ତ କମ୍ପାନୀରେ ଅଭିଯୁକ୍ତ ଶ୍ରୀନାଥ ରିଜିଓନାଲ ମ୍ୟାନେଜର ଭାବେ ୨୦୧୮ରୁ ୨୦୨୦ ମଧ୍ୟରେ କାର୍ଯ୍ୟ କରୁଥିଲେ। ତେବେ ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଅନୁବନ୍ଧିତ ହୋଇ ଚାଷୀମାନଙ୍କୁ ଧାନରୁଆ ଯନ୍ତ୍ର ଯୋଗାଇଥାଏ। ପ୍ରତି ଧାନରୁଆ ଯନ୍ତ୍ରର ଦାମ ୨ ଲକ୍ଷ ୩୩ ହଜାରରୁ ୩ ଲକ୍ଷ ମଧ୍ୟରେ ରହିଥିଲାବେଳେ ସରକାର ଚାଷୀଙ୍କୁ ୯୩ ହଜାରରୁ ଆରମ୍ଭ କରି ଦେଢ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି ଦେଇଥାନ୍ତି। ତେବେ ଶ୍ରୀନାଥ ଚାକିରି ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଧାନରୁଆ ଯନ୍ତ୍ରକୁ ମିଛ କାଗଜପତ୍ର କରି ଚାଷୀଙ୍କୁ ବିକ୍ରି କରିଛନ୍ତି ବୋଲି ଦର୍ଶାଇଥିଲେ। ସେ ଚାଷୀଙ୍କଠାରୁ କାଗଜପତ୍ର ହାତେଇ ସେମାନଙ୍କୁ ୫ ହଜାରରୁ ୪୦ ହଜାର ଟଙ୍କା ସବ୍‌ସିଡି ଦେଇ ବଳକା ଅର୍ଥ ହଡପ କରିଥିଲେ। କିନ୍ତୁ ବାସ୍ତବରେ କୌଣସି ଧାନରୁଆ ଯନ୍ତ୍ର ବିକ୍ରି ହୋଇ ନ ଥିବା ଜାଣିପାରି କମ୍ପାନୀର ନିର୍ଦ୍ଦେଶକ କେ.ଜି. ଶ୍ରୀ ଚରଣ ଗତ ଜାନୁୟାରୀ ୨୦ରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪/୨୧) ରୁଜୁ କରିଥିଲା। ପରେ ଏହି ମାମଲାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେବା ପରେ ବୁଧବାର ମାମଲା (ନଂ.୧୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସଂକ୍ଷେପରେ

### ଅନାବୃଷ୍ଟି ସ୍ଥିତିର ସମୀକ୍ଷା ଲାଗି ପ୍ରସ୍ତୁତ ରୁହ: ମନ୍ତ୍ରୀ

ଭୁବନେଶ୍ୱର, ୩।୯(ବ୍ୟୁରୋ): ଅନାବୃଷ୍ଟି ସ୍ଥିତିର ମୁକାବିଲା ଲାଗି ସମସ୍ତ ବିଭାଗୀୟ କ୍ଷେତ୍ର କର୍ମଚାରୀମାନେ ନିଜ ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ। ଚାଷୀଙ୍କ ସହ ଫସଲ ଦେଖିବେ ଏବଂ ତତ୍କାଳ ସ୍ଥିତି ନେଇ ଉଚ୍ଚସ୍ତରକୁ ତଥ୍ୟ ଦେବେ। ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଏହା କହିଛନ୍ତି। କୃଷି ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ବୈଠକରେ ବିଭାଗୀୟ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ମୁଥୁକୁମାର ଏବଂ ଅନ୍ୟାନ୍ୟ ଉଚ୍ଚ ଅଧିକାରୀମାନଙ୍କୁ ମନ୍ତ୍ରୀ ସାହୁ କେତେଗୁଡିଏ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡିକ ହେଉଛି, ଅନାବୃଷ୍ଟିକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ନିଜ ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସଙ୍ଗେସଙ୍ଗେ କ୍ଷେତ୍ର ପରିଦର୍ଶନ କରି ବାସ୍ତବ ଚିତ୍ର ଅଧିକାରୀଙ୍କୁ ପ୍ରଦାନ କରିବେ। ପ୍ରସ୍ତୁତ ହୋଇଥିବା ଆପାଦକାଳୀନ ଯୋଜନାକୁ କିପରି ଭାବେ ଅଧିକ କାର୍ଯ୍ୟୋପଯୋଗୀ କରାଯାଇପାରିବ ଏଥି ନିମନ୍ତେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଷୟିକ କମିଟି ଗଠନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ କମିଟି ଏହାର ଉପଦେଶାବଳୀ ଆସନ୍ତା ୬ ତାରିଖ ସୁଦ୍ଧା ବିଭାଗୀୟ ସଚିବଙ୍କୁ ପ୍ରଦାନ ଲାଗି ଅନୁରୋଧ କରାଗଲା।

### ଅକ୍ଟୋବର ସୁଦ୍ଧା ୬ ହଜାର ପଦବୀ ପୂରଣ କର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩।୯(ବ୍ୟୁରୋ): ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ୪୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ୬ ହଜାର ପଦବୀ ଅକ୍ଟୋବର ଶେଷ ସୁଦ୍ଧା ପୂରଣ କରାଯିବ। ଏଥିଲାଗି ମିଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ସେହିପରି ଅନ୍ୟ ଏକ ପୃଥକ୍ ବୈଠକରେ ସମସ୍ତ ୨୩ଟି 'ଆଇଆଇଟି ଗବେଷଣା ଏବଂ ବିକାଶ ମେଳା' ନଭେମ୍ବରରେ ଅନୁଷ୍ଠିତ ହେବା ନେଇ ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ଗୁରୁଦିବସର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା(ଆଇଆଇଟି)ର ନଭେମ୍ବରରେ ହେବାକୁ ଥିବା ଗବେଷଣା ଏବଂ ବିକାଶ ମେଳାର ଆୟୋଜନ ପାଇଁ ଗଠିତ ଆଇଆଇଟି ସଞ୍ଚାଳନ ସମିତି ସହ ଶୁକ୍ରବାର ଆଲୋଚନା କରିଛନ୍ତି। ଖାଲି ପଦବୀ ପୂରଣ କରିବା ବେଳେ ଏସ୍‌ସି, ଏସ୍‌ଟି, ଓବିସି, ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗଙ୍କୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତର ସମୃଦ୍ଧ ଭାଷା ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋକପ୍ରିୟ କରିବା ଓ ଭାରତୀୟ ଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଉଚିତ। ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ସୃଜନଶୀଳତା, ନବସୃଜନ ଏବଂ ସୁଯୋଗର ମୂଳଦୁଆ। ଉଭା ହେଉଥିବା ନୂତନ ବିଶ୍ୱରେ ଭାରତକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ଜାତୀୟ ଶିକ୍ଷାନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦କୁ କାର୍ଯ୍ୟକାରୀ କରିବା ଏବଂ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଟିକାକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି।



କେନ୍ଦ୍ରାପଡ଼ା ଜିଲା ଖରସ୍ରୋତା ନଦୀରୁ ଭଦ୍ରକକୁ ଜଳ ଯୋଗାଣକୁ ନେଇ ଆରମ୍ଭ ହୋଇଥିବା ମେଗା ପ୍ରକଳ୍ପକୁ ତୀବ୍ର ବିରୋଧ କରି 'ଖରସ୍ରୋତା ବଞ୍ଚାଅ ଅଭିଯାନ' ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କରୋନା ପାଇଁ ୩୨୦୭ ଶିଳ୍ପ ବନ୍ଦ

ଭୁବନେଶ୍ୱର,୩।୯(ବ୍ୟୁରୋ)

କରୋନା ମହାମାରୀ କେବଳ ସ୍ୱାସ୍ଥ୍ୟ ନୁହେଁ, ଜୀବିକାକୁ ମଧ୍ୟ ଧ୍ୱସ୍ତବିଧ୍ୱସ୍ତ କରି ଦେଇଛି। ବିଶେଷକରି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପ ଗଭୀର ଭାବେ ପ୍ରଭାବିତ ହୋଇଛି। ରାଜ୍ୟରେ ୩୨୦୭ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ହୋଇଯାଇଛି। ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଉକ୍ତ ଶିଳ୍ପ ବନ୍ଦ ହେବା କାରଣରୁ କେତେ ଶ୍ରମିକ କାମ ହରାଇଛନ୍ତି ତାହାର ହିସାବ ନାହିଁ। ତେବେ କୋଭିଡ୍-୧୯ ମହାମାରୀ ଯୋଗୁ କ୍ଷତିଗ୍ରସ୍ତ ଉଦ୍ୟୋଗଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର କୋଭିଡ୍ ପ୍ୟାକେଜ ଘୋଷଣା କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ଏମର୍ଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ୍‌ରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତିରିକ୍ତ ଋଣ ବ୍ୟବସ୍ଥା ହୋଇଛି। ଏନେଇ ମହିଳା ଉଦ୍ୟୋଗୀମାନଙ୍କୁ ୫% ଏବଂ ପୁରୁଷ ଉଦ୍ୟୋଗୀଙ୍କୁ ୨% ହିସାବରେ ୧୦୮.୨୯ କୋଟି ଟଙ୍କାର ସୁଧ ଅର୍ଥ ସାହାଯ୍ୟ ଯୋଗାଇଦେବା ପାଇଁ ବ୍ୟୟ ଅଟକଳ କରାଯାଇଥିଲା। ସେହି ଅନୁଯାୟୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ୯୯,୮୭,୨୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି। ସେଥିରୁ ଏ ପର୍ଯ୍ୟନ୍ତ ୪୭୩ ଜଣ ଉଦ୍ୟୋଗୀଙ୍କୁ ୭,୫୪,୯୩୨ ଟଙ୍କା ପ୍ରଦାନ କରାଯାଇଛି। ତେବେ ବନ୍ଦ ହୋଇଯାଇଥିବା ଉଦ୍ୟୋଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ସେନ୍‌ସସ୍-୨୦୨୧ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

# ଭିମ୍‌ସାର ସୁପର ସ୍ପେଶାଲିଟିରେ ଆଉ ୫ ବିଭାଗ

ସମ୍ବଲପୁର,୩।୯(ବ୍ୟୁରୋ)

**କୋଠା ନିର୍ମାଣ ସମ୍ପୂର୍ଣ୍ଣ ଓ ପଦବୀ ପୂରଣ ଦାବି**




ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାର।

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାର ସୁପରସ୍ପେଶାଲିଟିରେ ଆଉ ୫ ବିଭାଗ ଖୋଲାଯିବ। ରାଜ୍ୟ ସରକାର ଏହାକୁ ମଞ୍ଜୁର କରିଛନ୍ତ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ନଂ.୨୪୫୬୮/୨।୯।୨୧ରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଡା. ଲଳିତ ମେହେରଙ୍କୁ ଏ ନେଇ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ପ୍ରଫେସର ମେହେର କହିଛନ୍ତି, ପୂର୍ବରୁ ଭିମ୍‌ସାର ସୁପର ସ୍ପେସାଲିଟିରେ କାର୍ଡିଓଲୋଜି, ନ୍ୟୁରୋଲୋଜି, ନ୍ୟୁରୋଲୋଜି ସର୍ଜରୀ, ନେଫ୍ରୋଲୋଜି, ୟୁରୋଲୋଜି ମୋଟ ୫ ବିଭାଗ ରହିଥିଲା। ଏବେ ଏଣ୍ଡୋକ୍ରିନୋଲୋଜି, ପ୍ଲାଷ୍ଟିକ ସର୍ଜରୀ, ପେଡିଆଟ୍ରିକ୍ସ ସର୍ଜରୀ, ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜି, କ୍ଲିନକାଲ ହେମାଟୋଲୋଜି ବିଭାଗ ଖୋଲାଯିବ। ନୂତନ କୋଠା ନିର୍ମାଣ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହୋଇଯିବ। ଜାନୁୟାରୀ ପହିଲାରୁ ଏହି ୫ ବିଭାଗରେ ଚିକିତ୍ସା ଆରମ୍ଭ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏବେ ସରକାର ଏହାକୁ ମଞ୍ଜୁର କରିଛନ୍ତି। ଆବଶ୍ୟକ ଡାକ୍ତର, ନର୍ସ, କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି କରାଯିବ। ଏହି ପ୍ରକ୍ରିୟା ପ୍ରାୟ ୨ମାସ ଲାଗିବ। ପୂର୍ବରୁ ଏହି ରୋଗର ଚିକିତ୍ସା ପାଇଁ ବାହାରକୁ ଯିବାକୁ ପଡୁଥିଲା। ଏହି ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ, ଭିମ୍‌ସାର ଉପରେ ପଶ୍ଚିମ ଓଡ଼ିଶା ସମେତ ପଡୋଶୀ ରାଜ୍ୟବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ପ୍ରଥମେ ୫ ସୁପରସ୍ପେସାଲିଟି ବିଭାଗ ଖୋଲିଥିଲା। ଏଥିପାଇଁ ନୂତନ କୋଠା ନିର୍ମାଣ ସମୟ ଅବଧି ୨୦୧୯ ମାର୍ଚ୍ଚ ରହିଥିବା ବେଳେ ୨ବର୍ଷ ବିଳମ୍ବ ହୋଇଯାଇଛି। ତେଣୁ ଚିକିତ୍ସାରେ ସାମାନ୍ୟ ସମସ୍ୟା ହେଉଛି। ଏବେ ଆଉ ୫ ବିଭାଗକୁ ଅନୁମତି ମିଳିଛି। ଏସବୁ ବିଭାଗ ନିର୍ମାଣାଧୀନ କୋଠାରେ ଚାଲିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲର ସ୍ୱାଗତ କରାଯାଉଛି। ହେଲେ ଭିତ୍ତିଭୂମି ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

# ଭୁବନେଶ୍ୱରରେ ହେବ ଆଇକନିକ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୩।୯(ବ୍ୟୁରୋ)

**ଖର୍ଚ୍ଚ ହେବ ୧୦୦ କୋଟି**

ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ପ୍ରତିଷ୍ଠା ହେବ ଆଇକନିକ ଆଦର୍ଶ ବିଦ୍ୟାଳୟ। ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ୨୫ ଏକର ଜମିରେ ଏହି ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ଏଥିପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଆଇକନିକ ଆଦର୍ଶ ବିଦ୍ୟାଳୟରେ ୫୦୦ ଛାତ୍ରୀଛାତ୍ର ଯୁକ୍ତ୨ ପଢ଼ିବେ। ରାଜ୍ୟର ୩୧୪ ଆଦର୍ଶ ବିଦ୍ୟାଳୟରୁ ବଛା ବଛା ଛାତ୍ରୀଛାତ୍ର ଏଠାରେ ରହିବେ। ଏଥିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ରହିବ। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ସୁଦ୍ଧା ଶେଷ ହେବ। ୨୦୨୨-୨୩ରୁ ଏହାର ପ୍ରଥମ ବ୍ୟାଚ୍ ନାମଲେଖା ଆରମ୍ଭ ହେବ। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ବଜ୍ରପାତରେ ୪ ବର୍ଷରେ ୧୬୨୧ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୯(ବ୍ୟୁରୋ)

ରାଜ୍ୟରେ ଗତ ୪ ବର୍ଷରେ ବଜ୍ରପାତ ଯୋଗୁ ୧୬୨୧ ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୮ରୁ ଏପର୍ଯ୍ୟନ୍ତ ମୋଟ ୧୬୨୧ ବଜ୍ରପାତଜନିତ ମୃତ୍ୟୁ ହୋଇଥିବା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ସୂଚନା ଦେଇଛନ୍ତି। ବଜ୍ରପାତରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଏହାସହ ବଜ୍ରପାତର ଆଗୁଆ ସୂଚନା ଜାଣିବାକୁ ଆର୍ଥ ନେଟ୍‌ୱର୍କ ସହ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ଆର୍ଥ ନେଟ୍‌ୱର୍କ ସଂସ୍ଥା ପକ୍ଷରୁ କେନ୍ଦୁଝର, ପାଣିକୋଇଲି, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର, ସମ୍ବଲପୁର, ରାଉରକେଲା ଓ ଭୁବନେଶ୍ୱର ଆଦି ୮ଟି ସ୍ଥାନରେ ଲାଇଟନିଂ ଡିଟେକ୍ସନ୍ ସେନସର୍ ଲଗାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଫେଲ୍ ମାରିଛି ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ପୁଷ୍ଟି ଦିବସ

ଲାଠୋର,୩।୯(ଡି.ଏନ.ଏ.)

**ତଦାରଖ ଅଭାବ ହେତୁ ସରକାରୀ ନିୟମର ବ୍ୟତିକ୍ରମ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ପୁଷ୍ଟି ଦିବସ ଠିକ ଭାବେ ହେଉ ନ ଥିବାରୁ ସାଧାରଣ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁସାରେ ପ୍ରତି ମାସରେ ଯେଉଁ ଗ୍ରାମରେ ଯେଉଁ ବୁଧବାର ଦିନ ଟିକାକରଣ କାର୍ଯ୍ୟକ୍ରମ ହୋଇଥାଏ ତାର ଦିନକ ପରେ ଅର୍ଥାତ୍ ଶୁକ୍ରବାର ଦିନ ସେହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଏହି ଦିବସ ଅନୁଷ୍ଠିତ ହେବା କଥା। ହେଲେ ଉଚ୍ଚ ଅଧିକାରୀଙ୍କ ତଦାରଖର ଅଭାବ ହେତୁ ଏଠାରେ ସରକାରୀ ନିୟମର ବ୍ୟତିକ୍ରମ ଦେଖାଯାଉଛି। ଏହି କାର୍ଯ୍ୟକ୍ରମରେ ବିଶେଷ କରି ଗ୍ରାମର ଗର୍ଭବତୀ,ପ୍ରସୂତି ମହିଳାଙ୍କ ଡାଇବେଟିସ, ଏଚଆଇଭି, ଉଚ୍ଚ ରକ୍ତଚାପ, ହିମୋଗ୍ଲୋବିନ ଇତ୍ୟାଦି ପରୀକ୍ଷା କରି ଆବଶ୍ୟକ ଔଷଧ ଦିଆଯିବା ସହ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆ ଯାଇଥାଏ। ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କର ବୟସ ହିସାବରେ ସଠିକ ଓଜନ ନିରୂପଣ କରି କମ ଓଜନ ଥିବା ପୁଷ୍ଟିହୀନ ଶିଶୁଙ୍କୁ ଉଚିତ ଚିକିତ୍ସା ପାଇଁ ଏନଆରସିକୁ ପଠା ଯାଇଥାଏ। ହେଲେ ଲାଠୋର ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ନିଜ ମନ ମୁତାବକ କରୁଛନ୍ତି। ଲାଠୋର ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ଥିବାରୁ ଏଠାରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ ପୁଷ୍ଟି ଦିବସ ପ୍ରଭାବିତ ହୋଇଛି। ଦାୟିତ୍ୱରେ ଥିବା ପୁରୁଷ ସ୍ୱାସ୍ଥ୍ୟ କର୍ମୀଙ୍କୁ କୌଣସି କାଗଜ ପତ୍ର ତଥା ଅନ୍ୟାନ୍ୟ ଉପକରଣ ଦିଆଯାଇ ନ ଥିବା ଯୋଗୁ ମହିଳା ତଥା ଶିଶୁମାନେ ଉଚିତ ସ୍ୱାସ୍ଥ୍ୟ ସେବା ପାଇ ପାରୁ ନାହାନ୍ତି। ସେହିପରି ସୁନାମୁଦି ଉପ-ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମଲେଶ୍ୱରୀ କଲୋନୀରେ ଗତ ମେ ଏବଂ ଜୁନ ଦୁଇ ମାସ ଧରି ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଥିଲା। ଘଟଣା ପ୍ରଘଟ ହେବା ପରେ ଜୁଲାଇ ମାସରୁ ମହିଳାମାନଙ୍କୁ ନିକଟବର୍ତ୍ତୀ ସରେଇବାହାଲ ଗ୍ରାମକୁ ଡାକି କାର୍ଯ୍ୟକ୍ରମ କରାଯାଉଛି। ଯାହାକି ସରକାରୀ ନିୟମକୁ ଉଲ୍ଲଙ୍ଘନ କରୁଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସୁରଜ କୁମାର ଦୀପଙ୍କୁ ପଚାରିବାରେ ଯେଉଁମାନେ ସରକାରୀ ନିୟମକୁ ଉଲ୍ଲଂଘନ କରୁଛନ୍ତି ତାର ତଦନ୍ତ କରି ପଦକ୍ଷେପ ନିଆଯିବ। ତେବେ ଯଥାଶୀଘ୍ର ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ଛତ୍ରପୁର,୩।୯(ଡି.ଏନ୍.ଏ.)

**ଗଣବଳାତ୍କାର ମାମଲା**

ଗଞ୍ଜାମ ଜିଲା ଛତ୍ରପୁର ଅତିରିକ୍ତ ଦୈରାଜଜ୍ ରାଜା ରଞ୍ଜନ ପାଢୀ ଶୁକ୍ରବାର ଏକ ଗଣବଳାତ୍କାର ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଟୁକୁନା ବେହେରା।

୨୦୧୪ ସେପ୍ଟେମ୍ବର ୧୦ ତାରିଖରେ ଟୁକୁନା ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରକୁ ଆସି ତାଙ୍କ ସମ୍ପର୍କୀୟ ପରିଚୟ ଦେଇଥିଲେ। ପରେ ସେ ତାଙ୍କର ଜଣେ ସହଯୋଗୀଙ୍କ ସହ ମିଶି ମହିଳାଙ୍କୁ ବାଇକ୍‌ରେ ଏକ ଘରୋଇ ସ୍କୁଲକୁ ନେଇଯାଇଥିଲେ। ସେଠାରେ ମହିଳାଙ୍କ ମୁହଁ ଓ ହାତରେ କପଡା ବାନ୍ଧି ରଖିଥିଲେ। ଅଭିଯୁକ୍ତଦ୍ୱୟ ମହିଳାଙ୍କୁ ସେପ୍ଟେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ରଖି ବାରମ୍ବାର ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ମହିଳା ଜଣକ ସେଠାରୁ ଖସିଆସି ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ବିଭିନ୍ନ ଧାରାରେ ନଂ.୧୫୧/୧୪ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଟୁକୁନାଙ୍କୁ ଗିରଫ କରିଥିଲା। କୋର୍ଟ ଏହି ମାମଲା ଶୁଣାଣି କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରୀ ଓକିଲ ରମେଶ ଚନ୍ଦ୍ର ଚୌଧୁରୀ ମାମଲା ପରିଚାଳନା କରୁଥିବା ବେଳେ ଓକିଲ ଡମିନାଥ ସାହୁ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ମାମଲାର ଅନ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି।

# ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ଝାରସୁଗୁଡ଼ା ଅଫିସ,୩।୯

ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍ ହର ପ୍ରସାଦ ପଟ୍ଟନାୟକ ଶୁକ୍ରବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥରାଶି ନ ଦେଲେ ଅଧିକ ୩ମାସ ଦଣ୍ଡାଦେଶ ହେବ ବୋଲି ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଜଣଙ୍କ ହେଲେ କୋଲାବିରା ଥାନା କେଲେଡାମାଲ ଗ୍ରାମର ଝସକେତନ ଭୋଇ ଓରଫ ପ୍ରଶାନ୍ତ। ପ୍ରଶାନ୍ତ ଗିରଫହୋଇ ପୂର୍ବରୁ ଜେଲ୍‌ରୁ ମୁକୁଳି ଥିବାବେଳେ ରାୟ ପ୍ରକାଶ ପରେ ପୁଣି ଶୁକ୍ରବାର ଜେଲ୍ ହାଜତକୁ ଯାଇଛନ୍ତି। ଏହି ମାମଲାରେ ପୀଡିତାଙ୍କ ତରଫରୁ ସରକାରୀ ଓକିଲ ଗଙ୍ଗାଧର ଗଡନାୟକ କୋର୍ଟରେ ଲଢୁଥିବାବେଳେ ମାଜିଷ୍ଟ୍ରେଟ୍ ନିକଟରେ ସମସ୍ତ ପ୍ରମାଣ ସହ ସମୁଦାୟ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀଙ୍କ ବୟାନ ପୀଡିତାଙ୍କ ସପକ୍ଷରେ ଯାଇଥିଲା। ଏହାକୁ ବିଚାରକୁ ନେଇ ମାଜିଷ୍ଟ୍ରେଟ୍ ଦଣ୍ଡାଦେଶ ଶୁଣାଣି କରିଥିଲେ। ସୂଚନାଯୋଗ୍ୟ ପୀଡିତା ଯୁବତୀ ଜଣଙ୍କ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଫେରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡିତା ୨୦୧୪ ଡିସେମ୍ବର ୧୮ରେ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୋଲାବିରା ଥାନା କେସ୍ (ନଂ୧୩୩/୧୪) ଦଫା ୩୭୬ ଓ ୫୦୬ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୩।୯

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରାଯାଇଛି। ଜରିମାନା ଟଙ୍କା ଆଦାୟ ହେଲେ ପୀଡିତାଙ୍କୁ ପ୍ରଦାନ କରାଯିବ। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ଜୟ ଦିଗାଲ।

୨୦୧୬ ମସିହା ମେ ୨୧ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ଘର ବାହାରକୁ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ଜୟ ତାଙ୍କୁ ଏକୁଟିଆ ପାଇ ସେଠାରୁ କିଛି ଦୂରକୁ ନେଇ ବଳାତ୍କାର କରିଥିଲେ। ଗ୍ରାମର ଜଣେ ମହିଳା ସେଠାକୁ ଯିବାରୁ ଜୟ ଫେରାର୍ ହୋଇଯାଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଆସିବାରେ ନାବାଳିକା ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ। ଏ ନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ଫିରିଙ୍ଗିଆ ଥାନାରେ ନଂ.୬୨/୧୬ରେ ମାମଲା ରୁଜୁ କରି ଜୟଙ୍କୁ ପୋଲିସ ଗିରଫ କରିଥିଲା। ଉପଯୁକ୍ତ ପ୍ରମାଣକୁ ଭିତ୍ତିକରି ବିଚାରପତି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ତହସିଲଦାରଙ୍କୁ ଦୁର୍ବ୍ୟବହାର କରି ଅଟକ

କର୍ଲାମୁଣ୍ଡା(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲଦାରଙ୍କୁ ଦୁର୍ବ୍ୟବହାର ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଜଣେ ପୂର୍ବତନ ସମିତି ସଭ୍ୟଙ୍କୁ ଥାନାରେ ଅଟକ ରଖାଯାଇଛି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏମ୍.ରାମପୁର ଥାନାଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ଯେ, ଶୁକ୍ରବାର ତହସିଲଦାର ବାସନ୍ତୀ ସେଠି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଟ୍ରାକ୍ଟର ସବୁ ଅଟକ ରଖି ଜରିମାନା ଆଦାୟ କରୁଥିଲେ। ଏହି ସମୟରେ ସମିତି ସଭ୍ୟ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏ ନେଇ ତହସିଲଦାର ମ. ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଜଳସଙ୍କଟ, ଶିଳ୍ପ ପ୍ରଦୂଷଣ ବଢୁଛି

## ବିପଦରେ ଭିତରକନିକାର ଜୈବ ବିବିଧତା

- ଖଣି ଓ ଶିଳ୍ପରେ ବ୍ରାହ୍ମଣୀରୁ ଯାଉଛି ୮୬.୨୬ ଏମ୍‌ସିଏମ୍ ପାଣି
- ଅନୁଗୋଳ ଓ ଭିତରକନିକା ମଧ୍ୟରେ ଜଳ ୧୦ ଗୁଣ ବିଷାକ୍ତ

କେନ୍ଦ୍ରାପଡ଼ା ଅଫିସ, ୩।୯

ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ଉପରେ ବିପଦ ଘନେଇ ଆସୁଛି। ମଧୁର ଜଳ ସଙ୍କଟ ସହ ଶିଳ୍ପ ପ୍ରଦୂଷଣ ଏଥିପାଇଁ କାରଣ ସାଜିଛି। କେବଳ ବ୍ରାହ୍ମଣୀ ନଦୀରୁ ଶିଳ୍ପ ଓ ଖଣି ପାଇଁ ବର୍ଷକୁ ୮୬.୨୬ ମିଲିୟନ କ୍ୟୁବିକ୍ ମିଟର ଜଳ ଉଠାଯାଉଛି। ସେହିପରି ଶିଳ୍ପ ପ୍ରଦୂଷଣରେ ଅନୁଗୋଳ ଓ ଭିତରକନିକା ମଧ୍ୟରେ ଥିବା ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି କେନ୍ଦ୍ର ପର୍ଯ୍ୟାବରଣ ବିଭାଗର ରିପୋର୍ଟରୁ ପ୍ରକାଶ ପାଇଛି।

ଭିତରକନିକା ଜୈବ ବିବିଧତା ଓ ଏହାର ସମନ୍ୱିତ ପରିଚାଳନା ସମ୍ପର୍କରେ ଗବେଷଣା କରୁଥିବା ଅଧ୍ୟାପକ ଦେବୀ ପ୍ରସାଦ ସାହୁ, ଅଧ୍ୟାପକ ଶରତ କୁମାର ସାହୁ ଓ ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ଭିତରକନିକା ପରିବେଶ ଏବେ ଉଦ୍‌ବେଗଜନକ ସ୍ଥିତି ଆଡ଼କୁ ଯାଉଛି। ପ୍ରତ୍ୟେକ ଦିନ ଏହି ଆର୍ଦ୍ରଭୂମିରେ ଜମା ହେଉଥିବା ପ୍ରଦୂଷିତ ଜଳ ଜୀବଜଗତ ପ୍ରତି ବିପଦ ସାଜିଛି। କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ପକ୍ଷରୁ ୨୦୦୮ରେ ବ୍ରାହ୍ମଣୀ, ବୈତରଣୀ ଅବବାହିକାର ଜଳ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ ହୋଇଛି। ଏଥିସହ ଭିତରକନିକାକୁ ପ୍ରବେଶ କରୁଥିବା ଜଳ ଉତ୍ସ ଉପରେ ନିର୍ଭର କରୁଥିବା ଲୁହା ଓ ଆଲୁମିନିୟମ ଶିଳ୍ପ, ସିମେଣ୍ଟ, ଫେରୋକ୍ରମ, ସାର କାରଖାନା ଆଦିର ଜଳ ଗ୍ରହଣ ଏବଂ ପ୍ରଦୂଷିତ ଜଳ ପ୍ରେରଣକୁ ନେଇ ଅନୁଧ୍ୟାନ ହୋଇଥିଲା। ଏହି ଅନୁଧ୍ୟାନରେ ବ୍ରାହ୍ମଣୀ ଜଳ ଶିଳ୍ପ ପାଇଁ ଅଧିକ ପ୍ରଦୂଷିତ ହେଉଥିବା ଦର୍ଶାଯାଇଛି। ଏପରି କି ଅନୁଗୋଳଠାରୁ ଓ ଭିତରକନିକାରୁ ପାଣି ସାମ୍ପୁଲ ମଧ୍ୟରେ ୧୦ ଗୁଣ ବ୍ରାହ୍ମଣୀ ଜଳ ବିଷାକ୍ତ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଭିତରକନିକା ଜୈବ ବିବିଧତା ସୁରକ୍ଷାରେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀର ଜଳ ଗୁରୁତ୍ୱ ବହନ କରୁଛି। ତେବେ ଏଥିମଧ୍ୟରୁ ସର୍ବାଧିକ ଜଳ ବ୍ରାହ୍ମଣୀ ନଦୀ ଯୋଗାଇଥାଏ। ଏହି ନଦୀ ଅବବାହିକାରେ ଜନସଂଖ୍ୟା ବୃଦ୍ଧିକୁ ତାଳ ଦେଇ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଛି। ଶିଳ୍ପରୁ ବାହାରୁଥିବା ଫ୍ଲାଏ ଆଶ୍ ବା ଉଡନ୍ତା ପାଉଁଶର ନିୟନ୍ତ୍ରଣ ପାଇଁ ଜଳର ଆବଶ୍ୟକତା ଅଛି। ଶିଳ୍ପ ଓ ଖଣି କାର୍ଯ୍ୟ ପାଇଁ ବର୍ଷକୁ ୮୬.୨୬ ଏମ୍‌ସିଏମ୍ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ ହେଉଛି। ନଦୀ ଅବବାହିକାରେ ଥିବା ଅନ୍ୟୁନ ୧୦ ଖଣି ପାଇଁ ଦୈନିକ ୧୫,୮୦୦ କିଲୋ ଲିଟର ବ୍ୟବହାର ହେଉଛି। ଏହାବ୍ୟତୀତ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପାନୀୟ ଜଳ ଓ ଚାଷ ପାଇଁ ମେଗା ପ୍ରନୀୟ ଜଳ ପ୍ରକଳ୍ପ ମାନ ପ୍ରତିଷ୍ଠା ହୋଇଛି। ଶିଳ୍ପରୁ ବାହାରୁଥିବା ପ୍ରଦୂଷିତ ଜଳ ନଦୀକୁ ବିଷାକ୍ତ କରୁଥିବା ବେଳେ ଶିଳ୍ପ ଓ ଜନସାଧାରଣଙ୍କ ଆବଶ୍ୟକତା ପାଇଁ ନଦୀରେ ଜଳ ସଙ୍କଟ ଆରମ୍ଭ ହୋଇଛି। ଏହି କେନ୍ଦ୍ରୀୟ ବିଭାଗର ୨୦୧୩ ରିପୋର୍ଟ ମଧ୍ୟ ଅନୁରୂପ ମତ ଉଲ୍ଲେଖ କରିଛି। ଭିତରକନିକାରେ ଜମା ହେଉଥିବା ବିଷାକ୍ତ ଜଳ ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ସମେତ ଜୈବ ବିବିଧତାର ବିପଦ ସାଜିଛି। ବିଷାକ୍ତ ଜଳର ନିରାକରଣ ବ୍ୟବସ୍ଥା ସମ୍ପର୍କରେ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଏପରି କି ନିକଟରେ ଥିବା ଧାମରା ଓ ପାରାଦୀପ ବନ୍ଦରକୁ ବଡ ଜାହାଜ ଓ ନିକଟସ୍ଥ ଅଏଲ ରିଫାଇନେରିରୁ ତେଲ ଲିକ୍ ହେବାର ସମ୍ଭାବନା ଅଛି। ଏହି ବିପଦରୁ ମୁକ୍ତ ପାଇଁ ଓ ଜୈବ ବିବିଧତା ସମନ୍ୱିତ ପରିଚାଳନା ଲାଗି ପର୍ଯ୍ୟାବରଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି।



ଭିତରକନିକାରେ ଅବକ୍ଷୟମୁଖୀ ହେନ୍ତାଳବଣ।

# ଅର୍ଥନୈତିକ କରିଡରକୁ ପୂର୍ଣ୍ଣ ସମର୍ଥନ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାୟପୁର-ବିଶାଖାପାଟଣା ଅର୍ଥନୈତିକ କରିଡର୍ ଓଡ଼ିଶାର କୋରାପୁଟ ଦେଇ ଯିବ। କେନ୍ଦ୍ର ସରକାର ଜାତୀୟ ରାଜପଥ-୧୩୦କୁ ୬ ଲେନ୍ ବିଶିଷ୍ଟ କରୁଥିବାରୁ କୋରାପୁଟର କାଲିଆଗୁଡାଠାରୁ ବାଉଁଶଗୁଆର ଯାଏ ରାଜପଥ ନିର୍ମାଣ ହେବ। ଏହି ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଓଡ଼ିଶା ପାଇଁ ୧୫୩୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଭାରତମାଳା ପରିଯୋଜନା ଅନ୍ତର୍ଗତ କେନ୍ଦ୍ର ସରକାର ୨୪୦ କିଲୋମିଟର ଲମ୍ବା ଗ୍ରୀନଫିଲ୍ଡ ପ୍ରୋଜେକ୍ଟକୁ ଅନୁମୋଦନ ଦେଇଥିବା କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ଏହି ରାସ୍ତା ରାୟଗଡା, ଉମରକୋଟ, ଝରିଗାଁ, ଡାବୁଗାଁ, ପାପଡାହାଣ୍ଡି ଓ ନବରଙ୍ଗପୁର ଜିଲା, ବୋରିଗୁମା, ଦାସମନ୍ତପୁର, ସିମିଳିଗୁଡା ଏବଂ କୋରାପୁଟ ଜିଲାର ପୋଟାଙ୍ଗିକୁ ସଂଯୋଗ କରିବ। ଏ ନେଇ ଜାତୀୟ ରାଜପଥ ଅଧିକାରୀ କହିଛନ୍ତି, ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାରେ ପହଞ୍ଚିଛି। ଏଥିପାଇଁ ଉଭୟ କୋରାପୁଟ ଓ ନବରଙ୍ଗପୁର ଜିଲା ପ୍ରଶାସନ ପୂର୍ଣ୍ଣ ସମର୍ଥନ ଯୋଗାଇଛନ୍ତି। ଯେହେତୁ ଆଦିବାସୀ ଅଞ୍ଚଳରେ ଆର୍ଥିକ ବିକାଶମୂଳକ କାମ ପାଇଁ ଏହି ପ୍ରୋଜେକ୍ଟ ସହାୟକ ହେବ, ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ପ୍ରାଧାନ୍ୟ ଦେଉଥିବା ଏନଏଚଏଆଇ ଅଧିକାରୀ କହିଛନ୍ତି। ଏହି ଅଭିଯାନ ଲାଗି ଆବଶ୍ୟକ ପାଖାପାଖି ୧୫୦୦ ହେକ୍ଟର ଜଙ୍ଗଲ ଜମିକୁ ଅଧିଗ୍ରହଣ କରାଯାଇପାରେ। ଜିଲା ପ୍ରଶାସନ ପକ୍ଷରୁ ଜଙ୍ଗଲ ଡାଇଭର୍ସନ ପ୍ରକ୍ରିୟା ଆରମ୍ଭ କରିଦିଆଯାଇଛି। କୋରାପୁଟ ଜିଲାରେ ଏକ ରେଲୱେ ଓଭରବ୍ରିଜ ନିର୍ମାଣ କରାଯିବ। ଏଥିପାଇଁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ରେଲୱେ ଅଧିକାରୀଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ନବରଙ୍ଗପୁର ଜିଲାରେ ୧୨୦ କିଲୋମିଟର ସମ୍ପ୍ରସାରଣ ପାଇଁ ପ୍ରକ୍ରିୟା ପୂରଣ ହୋଇସାରିଛି। ପ୍ରକଳ୍ପ ପାଇଁ କମ୍ପାନୀଗୁଡିକୁ କାମ ହସ୍ତାନ୍ତର କରାଯାଇଛି। କିଛି ମାସ ମଧ୍ୟରେ ନବରଙ୍ଗପୁରରେ କାମ ଆରମ୍ଭ ହେବ ବୋଲି ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


## ODISHA PUBLIC SERVICE COMMISSION

**NOTICE**

No. 6086/PSC, Dt.2.9.21

**Corrigendum to Advertisement No.-06 of 2021-22 for recruitment to the post of Associate Professor in different State Public Universities**

**No. D-111:-** This Corrigendum is being issued in respect of Educational Qualification for SC, ST and SEBC candidates for the post of Associate Professor relaxing it by 5% for Master' s Degree. Para- ii) of Educational Qualification of the Advertisement No.- 06 of 2021-22 of may be read as follows:

**"A Master's Degree with atleast 50% marks (or an equivalent grade in a point-scale, wherever the grading system is followed)"**

The last date of submission of application is extended to 15.09.2021. The other conditions of the advertisement remain unchanged.

OIPR-12002/11/0075/2122

**Sd./- Secretary**


# 'ପୌର, ପଞ୍ଚାୟତ ନିର୍ବାଚନ ପାରିହେବା ବିଜେଡିର ଏକମାତ୍ର ଲକ୍ଷ୍ୟ'

## ବିହାର ଭାଜପା ନେତା ମୂର୍ଖ ନୁହନ୍ତି: ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ୧୯୯୬ରୁ ୫ଟି ପଞ୍ଚାୟତ ଏବଂ ପୌର ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥିଲା। କିନ୍ତୁ ୨୦୧୮ରେ ପୌର ନିର୍ବାଚନ ପାଇଁ ୬୫ ପ୍ରତିଶତ ସଂରକ୍ଷଣ ବିରୋଧରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ମକଦ୍ଦମାର ରାୟରେ ହାଇକୋର୍ଟ ୫୦ ପ୍ରତିଶତ ସଂରକ୍ଷଣ କଥା ଉଠାଇଲେ। ପଛୁଆବର୍ଗ ପ୍ରତି ରାଜ୍ୟ ସରକାରଙ୍କ କ୍ରମାଗତ ଅଣଦେଖା ଓ ଅସୂୟା ମନୋଭାବ ଯୋଗୁ କୋର୍ଟଙ୍କ ସମ୍ମୁଖରେ ଉପଯୁକ୍ତ ପକ୍ଷ ରଖାଯାଇ ନ ଥିଲା। ଏହି ନିଷ୍ପତ୍ତି ବାହାନାରେ ରାଜ୍ୟ ସରକାର ପୌର ନିର୍ବାଚନ ଘୁଞ୍ଚାଇବାରେ ସଫଳ ହେଲେ ଏବଂ ପଛୁଆ ବର୍ଗ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଲେ। ରାଜ୍ୟ ସରକାର ତାଙ୍କର ଷଡ଼ଯନ୍ତ୍ରରେ ସଫଳ ହେଲେ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି, ରାଜ୍ୟରେ ସର୍ବାଧିକ ଅନୁସୂଚିତ ଅଞ୍ଚଳ ଥିବା ଏବଂ ପଛୁଆ ବର୍ଗଙ୍କ ସଂଖ୍ୟା ୫୨ ପ୍ରତିଶତ ଥିବାବେଳେ ରାଜ୍ୟ ସରକାର ଏହି ତଥ୍ୟକୁ କୋର୍ଟରେ ଉପସ୍ଥାପିତ କାହିଁକି କଲେ ନାହିଁ। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଯାଇଥିବା ରାଜ୍ୟ ସରକାର ପଛୁଆ ବର୍ଗ ସଂରକ୍ଷଣ ସପକ୍ଷରେ ପକ୍ଷ ରଖିବା ପାଇଁ କେଉଁ ଆଇନଜୀବୀଙ୍କୁ ନିଯୁକ୍ତି ଦେଇଥିଲେ। ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କ ତରଫରୁ କ'ଣ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏନେଇ ରାଜ୍ୟର ୨.୫ କୋଟି ପଛୁଆ ବର୍ଗ ଲୋକଙ୍କୁ ସ୍ପଷ୍ଟୀକରଣ ଦେବାକୁ ସେ ଦାବି କରିଛନ୍ତି। କେଉଁସବୁ ନୂତନ ଜାତି ଓ ଉପଜାତିକୁ ପଛୁଆ ବର୍ଗରେ ସାମିଲ କରାଯିବ ତାହା ରାଜ୍ୟ ସରକାରଙ୍କ ଦାୟିତ୍ୱ। କିନ୍ତୁ ରାଜ୍ୟରେ ଓବିସି କମିଶନ ଗଠନ ହେବାର ୨ ବର୍ଷ ବିତିଯାଥିଲେ ସୁଦ୍ଧା ନୂତନ ତାଲିକା ପ୍ରସ୍ତୁତ କରାଯାଇପାରିଲା ନାହିଁ। କେବଳ ଚକ୍ରାନ୍ତ କରି ପୌର ଓ ପଞ୍ଚାୟତ ନିର୍ବାଚନ ପାରି ହେବା ଶାସକ ବିଜେଡିର ଏକମାତ୍ର ଲକ୍ଷ୍ୟ। ତେବେ ଭାଜପା ଅଭିଯୋଗ ଉପରେ ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ଲାଗି ୨୭ ପ୍ରତିଶତ ସଂରକ୍ଷଣ ଘୋଷଣା କରିବାପରେ ଭାଜପା ଭୟଭୀତ ଓ ଚିନ୍ତିତ ଜଣାପଡୁଛି। ଲୋକଙ୍କୁ ମିଛ କହିବା ବଦଳରେ ଭାଜପା ୫୦% ସଂରକ୍ଷଣର ସୀମା ହଟାଇବା ପାଇଁ ଏକ କେନ୍ଦ୍ରୀୟ ଆଇନ ଆଣିବାକୁ କହିବା ଆବଶ୍ୟକ। ଏହାଦ୍ୱାରା ଓଡ଼ିଶା ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ପ୍ରଦାନ କରିପାରିବ। ଏନେଇ ବିଜେଡି ବାରମ୍ବାର ଦାବି କରିଆସୁଛି। ଏଠାରେ କୁମ୍ଭୀର କାନ୍ଦଣା କାନ୍ଦିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କୁ ଜାତିଭିତ୍ତିକ ଜନଗଣନା କଥା ପଚାରିବା ଉଚିତ ଯାହା ବିଜେଡି ଜୋର୍‌ଦାର ଭାବେ ଦାବି କରିଆସୁଛି। ବିହାର ଭାଜପା ମୂର୍ଖ ନୁହେଁ ଯେ, ସେମାନେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ପ୍ରତିନିଧି ଦଳ ସହିତ ସହ ଜାତିଭିତ୍ତିକ ଜନଗଣନା ସହ ସଂରକ୍ଷଣ ସୀମା ହଟାଇବାକୁ ଦାବି କରିଥିଲେ ବୋଲି ସେ କହିଛନ୍ତି।


## Bhubaneswar Municipal Corporation

Phone: 0674-2431253; Fax: 0674-2432895;
E-mail: info@bmc.gov.in; Web: bmc.gov.in

No. 68636/Dtd. 01.09.2021
XXXXIIP-146120

**ନୋଟିସ୍**

No. C-୫୭୨:- ସୂଚିତ ଏହିକି ଚିତ୍ରା ବାହାଦୁର ନାମକ ବ୍ୟକ୍ତି, ୱାଚ୍‌ମ୍ୟାନ୍ ଭାବେ ତା୦୨.୦୩.୧୯୭୨ରିଖରୁ କାର୍ଯ୍ୟ କରି ଭୁବନେଶ୍ୱର ମହାନଗର ନିଗମରେ ତା୩୧.୦୫.୨୦୦୪ରିଖରେ ସରକାରୀ ନିୟମ ଅନୁସାରେ ଅବସର ନେଇଥିଲେ। ଉକ୍ତ ବ୍ୟକ୍ତି ତା୧୬.୦୩.୨୦୨୦ରିଖରେ ମୃତ୍ୟୁବରଣ କରିଛନ୍ତି। କିନ୍ତୁ ତାଙ୍କର ମୃତ୍ୟୁ ପ୍ରମାଣପତ୍ର, ପେନ୍‌ସନ୍ ଆବେଦନ ପତ୍ର ଓ ତାଙ୍କର ଅନ୍ୟାନ୍ୟ କାଗଜପତ୍ର ଇତ୍ୟାଦିରେ ତାଙ୍କର ନାମ ଚିତ୍ରା ବାହାଦୁର ଛେତ୍ରୀ, ଚିତ୍ରା ବାହାଦୁର, ଚିତ୍ରସେନ ବାହାଦୁର ଛେତ୍ରୀ, ଚିତ୍ରସେନ ଛେତ୍ରୀ, ଚିତ୍ରସେନ ବାହାଦୁର ଇତ୍ୟାଦି ଉଲ୍ଲେଖ ଅଛି। ଏଥିପାଇଁ ତାଙ୍କର ପେନ୍‌ସନ୍ ଆବେଦନରେ ପ୍ରକ୍ରିୟାଗତ ଅସୁବିଧା ଦେଖାଦେଇଛି। ପୁନଶ୍ଚ ତାଙ୍କର ସ୍ତ୍ରୀଙ୍କ ନାମ ରାକୁ ଛେତ୍ରୀ, ରକୁ ଛେତ୍ରୀ ଓ ରଞ୍ଜୁ ଛେତ୍ରୀ ଇତ୍ୟାଦି ରହିଛି।

ଏଣୁ ସମସ୍ତଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ରାକୁ ଛେତ୍ରୀ @ ରଞ୍ଜୁ ଛେତ୍ରୀ ସ୍ୱା.- ୰ ଚିତ୍ରା ବାହାଦୁର ଛେତ୍ରୀ, ଚିତ୍ରା ବାହାଦୁର, ଚିତ୍ରସେନ ବାହାଦୁର ଛେତ୍ରୀ, ଚିତ୍ରସେନ ଛେତ୍ରୀ, ଚିତ୍ରସେନ ବାହାଦୁରଙ୍କ ଫାମିଲି ପେନ୍‌ସନ୍ ନିମନ୍ତେ କରିଥିବା ଆବେଦନ ବିରୁଦ୍ଧରେ ଯଦି କାହାର କୌଣସି ଅଭିଯୋଗ ଥାଏ ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ସମସ୍ତ ପ୍ରମାଣପତ୍ର ସହିତ ୧୫ ଦିନ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ।

ସ୍ୱା./- ଅତିରିକ୍ତ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0050/2122



## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

DIST.: KALAHANDI - 766026, E-mail: sgmel_uihep@ohpcltd.com

## ODISHA HYDRO POWER CORPORATION LTD.

(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-18/2021-22 Dated: 01.09.2021**

No. CAD-1073: Tenders are invited in sealed envelopes from the registered travel agencies/vehicle owners for providing services as mentioned below.
For details of the tender documents, terms and conditions please visit our website **www.ohpcltd.com**

| Description of Services | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| "Hiring of One No. light vehicle i.e. (Bolero/Sumo Gold/TUV300) for patrolling of Local Police Officer, Outpost of Mukhiguda for 03 years. | 7,080/- (inclusive of GST) | As per Annexure-6 & Clause No. 1.4 | From 06.09.2021 to 18.09.2021 upto 13.00 hrs. | 18.09.2021 (upto 13.00 hrs.) | 18.09.2021 at 16.00 P.M. |

OIPR-32136/11/0017/2122 Sd./- C&P Head, UIHEP, Mukhiguda



GOVERNMENT OF ODISHA No. A-410

## DEPARTMENT OF WATER RESOURCES

OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN
AT/P.O.- LAXMIPOSI, DIST.- MAYURBHANJ

**Government of Odisha "e" PROCUREMENT NOTICE**

**Bid Identification No. 09/21-22 of CEBM, SBB, Laxmiposi**

| | | |
|---|---|---|
| i | Name of Works | a. Strengthening of Banks in CD points and Aqueduct with slope protection works of Subarnarekha Main Canal from RD 37000M to RD 46500M. b. Construction of Toe Wall of Betnoti Branch Canal from RD 00M to RD 9000M with provision of repair of Cement Concrete lining. |
| ii | Estimated Cost | a) Rs.638.90 lakh & b) Rs.563.58 lakh |
| iii | Period of Completion | 18 (Eighteen) Calendar months each |
| iv | Date & time of availability of bid document in the portal | 06.09.2021 at 10.00 A.M. |
| v | Last date/time for receipt of bid in the portal | 21.09.2021 upto 5.00 P.M. |
| vi | Name & address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi**
**cebmsbb2019@gmail.com**
**OIPR-32074/11/0010/2122**


# ୩ ବର୍ଷ ଜେଲ, ୧୦ ହଜାର ଜରିମାନା

## ପୂର୍ବତନ କାର୍ଡ ବ୍ୟାଙ୍କ ସମ୍ପାଦକ ଗିରଫ ମାମଲା

**କଟକ ଅଫିସ,୩।୯:** ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିବା ଯାଜପୁର କୋଅପରେଟିଭ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(କାର୍ଡ) ବ୍ୟାଙ୍କର ପୂର୍ବତନ ସମ୍ପାଦକ(ଇନ୍‌ଚାର୍ଜ) ବିଜୟ କୁମାର ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଏହି ମାମଲାର ରାୟ ପ୍ରକାଶ କରି ବେହେରାଙ୍କୁ ପିସି (ପ୍ରିଭେନଶନ ଅଫ କରପ୍ସନ) ଆକ୍ଟର ଧାରା ୧୩(୨), ୧୩(୧) ଡି ଅନୁସାରେ ୨ବର୍ଷ ଜେଲ୍‌ଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସେହିପରି ପିସି ଆକ୍ଟର ଧାରା ୭ ଅନୁସାରେ ୧ବର୍ଷ ଜେଲ୍ ଓ ୫ ହଜାର ଜରିମାନା ଆଦେଶ ଶୁଣାଇଛନ୍ତି। ଉକ୍ତ ଜରିମାନା ଅନାଦାୟେ ଅଧିକ ୩ମାସ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। କଟକ ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର(ଅବସରପ୍ରାପ୍ତ) ହିମାଂଶୁ ଶେଖର ମିଶ୍ର ଏହି ମାମଲାର ତଦନ୍ତ କରିଥିଲେ। ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରିଥିଲେ। ଅଭିଯୁକ୍ତ ବେହେରା ୨୦୦୯ ଜାନୁୟାରୀ ୧୨ ତାରିଖରେ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ।

# ଶ୍ରୀମନ୍ଦିର ୭ ଦ୍ୱାର ରୁପା ଛାଉଣି ସରିଲା

**ପୁରୀ ଅଫିସ,୩।୯:** ଶ୍ରୀମନ୍ଦିର ୭ଟି ଦ୍ୱାରର ରୁପା ଛାଉଣି କାମ ଶେଷ ହୋଇଥିବା ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ରୁପା ଛାଉଣି ତଥା କାରୁକାର୍ଯ୍ୟ ଶୋଭିତ ଦ୍ୱାରଗୁଡ଼ିକ ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରୁଛି। ଅନ୍ୟପକ୍ଷରେ ରୁପା ଛାଉଣି ପାଇଁ ପ୍ରସ୍ତାବିତ ୮ ଦ୍ୱାର ମଧ୍ୟରୁ କେବଳ କଳାହାଟ ଦ୍ୱାର କାମ ବାକି ରହିଛି। ପ୍ରତିବର୍ଷ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଭିତରେ ମରାମତି କାର୍ଯ୍ୟ କରାଯାଇଥାଏ। ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ନୂଆ ବର୍ମାଟିକ୍ କାଠରେ ଜୟ-ବିଜୟ ଦ୍ୱାର ଓ ଭୋଗ ମଣ୍ଡପ ପଶ୍ଚିମ ଦ୍ୱାର ନିର୍ମାଣ ହେବା ପରେ ରୁପା ଛାଉଣି କରାଯାଇଥିଲା। ସର୍ବସାଧାରଣ ଦର୍ଶନ ଆରମ୍ଭ ହେବା ପୂର୍ବରୁ ନବନିର୍ମିତ ସାତପାହାଚ ଦ୍ୱାର ଓ ବେହରଣ ଦ୍ୱାର ଲାଗିବା ସହ ତାହା ଉପରେ ରୁପା ଚାଦର ଏବଂ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରୁପା ପ୍ଲେଟ୍ ଲାଗିଥିଲା। ଏହାପରେ ଶ୍ରୀମନ୍ଦିର ବେହରଣ ଦ୍ୱାର, ଜୟବିଜୟ ଦ୍ୱାର ଓ ଭୋଗମଣ୍ଡପ ପଶ୍ଚିମ ଦ୍ୱାର, ସାତପାହାଚ ଦ୍ୱାର, ଆଦିନୃସିଂହନାଥ ମନ୍ଦିର, ମା' ବିମଳା ମନ୍ଦିର ଏବଂ ମହାଲକ୍ଷ୍ମୀ ମନ୍ଦିର ଦ୍ୱାର ନୂଆ ବର୍ମାଟିକ୍ କାଠରେ ନିର୍ମାଣ ସରି ପର୍ଯ୍ୟାୟକ୍ରମେ ରୁପା ଚାଦର ଆଚ୍ଛାଦିତ କାର୍ଯ୍ୟ ସରିଥିଲା। ସମ୍ପ୍ରତି ଆଦିନୃସିଂହ, ମା' ଲକ୍ଷ୍ମୀ, ମା' ବିମଳାଙ୍କ ମନ୍ଦିର ଦ୍ୱାରରେ ରୁପା ଛାଉଣି ସରିଛି। କେବଳ କଳାହାଟ ଦ୍ୱାର ରୁପା ଛାଉଣି ହୋଇନାହିଁ। ଏହି ଦ୍ୱାର ନିର୍ମାଣ ପରେ ପଲିସି ସରିବା ସହ ଆବଶ୍ୟକ ରୁପା ଚାଦର ମଧ୍ୟ ପହଞ୍ଚିସାରିଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଯେହେତୁ ଦୈନନ୍ଦିନ ନୀତିକାନ୍ତି ଚାଲିଛି, ତେଣୁ ଏବେ କଳାହାଟ ଦ୍ୱାର କାମ ହୋଇପାରିବ ନାହିଁ। ଏହି କାମକୁ ଘୁଞ୍ଚାଇ ଦିଆଯାଇଛି। ଆଗାମୀ ରଥଯାତ୍ରା ସମୟରେ ରୁପା ଛାଉଣି କାମ ଶେଷ କରାଯିବ।


GOVERNMENT OF ODISHA No. B-359

## INVITATIONS FOR BIDS (IFB)

**'e' PROCUREMENT NOTICE**

**Bid Identification No. E.E. JSPR (R&B) - 06/2021-22**

1. Name of Work : Building (Civil) works for the year 2021-22
2. No. of Works : 01 (One) No. Building Works.
3. Estimated Cost : Above Rs.05.00 lakhs upto Rs.40.00 lakhs (Approx).
4. Period of Completion : 120 (One Hundred Twenty) Days
5. Class of Contractors : B & C

**Other details as follows:**

6. Date & time of availability of bid documents in portal : 07.09.2021 at 11.30 A.M.
7. Last date/time for receipt of bids in portal : 21.09.2021 upto 05.00 P.M.
8. Opening of Bid documents : 22.09.2021 at 11.30 A.M.
9. Procurement Officer : Executive Engineer, Jagatsinghpur (R&B) Division, Jagatsinghpur with

E-Mail address : **eerbjspr@gmail.com**

Further details can be seen from the Govt. website **tendersorissa.gov.in**.

**Sd./- Executive Engineer**
**Jagatsinghpur (R&B) Division**
**OIPR-34093/11/0007/2122**



No. B-361

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

## ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. ୪, ଭୁବନେଶ୍ୱର

## OFFICE OF THE EXECUTIVE ENGINEER, BHUBANESWAR (R&B) DIVISION NO. - IV

Nirman Soudha, Unit-V, Bhubaneswar
E-mail ID: eernb4bbsr@gmail.com, Tel.: (0674) 2390245

**INVITATIONS FOR BIDS THROUGH e-Procurement**

No. 4624 Date: 31.08.2021

**Bid Identification No. C.C. (R&B) - 04**
**e-Procurement Notice No. 18 of 2020-21**

| | | | |
|---|---|---|---|
| 1 | Name of the Work | : | Building Work (Electrical Work) |
| 2 | Total No. of Works | : | 1 No. Building Work |
| 3 | Estimated Cost | : | Rs.7,28,896.00 |
| 4 | Class of Contractor | : | M.V. |
| 5 | Period of Completion | : | 2 (Two) Calendar Months |
| 6 | Type of Tender | : | Single Cover System |
| 7 | Date & time of availability of bid document in the portal | : | From Dt.08.09.2021 to 17.30 hrs. of Dt.17.09.2021 |
| 8 | Last date & time for receipt of bids in the portal | : | Dt.17.09.2021 upto 17.30 hrs. |
| 9 | Opening of Bid through Online | : | Dt.18.09.2021 at 11.30 A.M. onwards |
| 10 | Name & address of the Officer Inviting Bid | : | Er. S.K. Nasrulla, Executive Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal **https://tendersorissa.gov.in**.

**N.B. Subsequent corrigendum/addendum if required shall be available in the website as indicated above.**

**Sd./- Executive Engineer**
**BBSR (R&B) Division No. IV, BBSR**
**OIPR-34090/11/0010/2122**



## BHUBANESWAR MUNICIPAL CORPORATION

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**No.68650 Dt.01.09.2021**

No. C-870:- On behalf of the Commissioner, Bhubaneswar Municipal Corporation, City Engineer, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I : General & Technical Bid and Part-II: Financial Bid/ Price Bid/BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: **1 No.**
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: **Rs. 60,83,929/-** and Class of Contractor - **'B' to 'A'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.00 AM on Dt. 3.09.2021 to 5 PM on Dt. 23.09.2021** for online bidding.
6. Last date & time of bidding on-line: **23.09.2021 at 5 PM.**
7. The Technical bid received online will be opened at **11.00 A.M on Dt.24.09.2021**
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as deta iled in the DTCN failing which the bid shall not be considered.
10. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission

**By Order of Commissioner, BMC**
**Sd./- Executive Engineer**
**Bhubaneswar Municipal Corporation**
OIPR-13002/11/0049/2122



No.A-412

## ORISSA WATER SUPPLY & SEWARAGE BOARD

**(A Govt. of Odisha Undertaking)**
**Office of the Project Engineer, Project Management Unit-I OWSSB, Civil Township, Rourkela - 769004**
**Email: pepmu1owssbrkl@gmail.com, Tel. No. 0661-2400898**

**Bid Identification No. 02/ESRU/OWSSB/RKL 2021-22 Dt.25.08.2021**

1. The Project Engineer, PMU-I, OWSSB, Rourkela & Ex-Officio Addl. Commissioner, RMC on behalf of Governor of Odisha, invites percentage rate bids in conformity with the term and condition of the detailed tender call notice (DTCN) in single bid system from D&C Class contractor for the works **"Construction of Garima Prakostha for Sanitation Workers under ERSU, Rourkela"** as detailed in the table from the Civil Contractors having Labour license registered with State Govt. and Contractors of equivalent grade / class registered with Central Government / Railway / M.E.S. to be eventually drawn up with $P_1$ agreement having experience of similar nature of works. The Bidders registered under other state Government/MES/Railways/CPWD or equivalent may participate in the tender but successful bidder has to register under the State PWD before signing of the agreement.

| | | |
|---|---|---|
| 2 | Name of Work | Construction of Garima Prakostha for Sanitation Workers under ERSU, Rourkela |
| 3 | No. of Work | 01 |
| 4 | Value of Work (in Lakh) | Rs. 9.47 (approx.) |
| 5 | Time of completion | 45 days |
| 6 | Tender Paper Cost | 4000/- (Non-refundable) |
| 7 | Date & Time of availability and receipt of tender documents | From 11.00 AM of Dt . 02.09.2021 to 03 .00 PM of Dt.09.09 .2021 |
| 8 | Date & Time of opening tender document | 04.00 PM of Dt.09.09 .2021 |
| 9 | Mode of submission of tender documents | Offline |
| 10 | Place of availability and receipt of tender documents. | O/o Project Engineer, PMU-I, OWSSB, Civil Township, Rourkela & Ex-Officio Addl, Commisioner, RMC |

Further details are available in the DTCN.

**Sd./- Project Engineer, PMU-I, OWSSB,**
**Rourkela & Ex-Officio Addl. Commissioner, RMC**
OIPR-13137/11/0002/2122

**୧.୮ ଲକ୍ଷ କାର ପ୍ରତ୍ୟାହାର କରିବ ମାରୁତି ସୁଜୁକି**

ଦେଶର ପ୍ରମୁଖ କାର ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଏହାର ୧.୮ ଲକ୍ଷ ଯାନକୁ ବଜାରରୁ ପ୍ରତ୍ୟାହାର ସମ୍ପର୍କରେ ଶୁକ୍ରବାର ଘୋଷଣା କରିଛି। ଯାନଗୁଡ଼ିକୁ ଯାଞ୍ଚ କରିବା ସହ ଏହାର ତ୍ରୁଟିକୁ ସୁଧାରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏକ ଫାଇଲିଂରେ କମ୍ପାନୀ କହିଛି, ପେଟ୍ରୋଲ ଭାରିଆଣ୍ଟର ସିଆଜ, ଆର୍ଟିଗା, ଭିଟାରା ବ୍ରିଜା, ଏସ୍‌କ୍ରସ ଏବଂ ଏକ୍ସଏଲ୍୬ ଏହା ମଧ୍ୟରେ ସାମିଲ ରହିଛି। ଏହି ମଡେଲଗୁଡ଼ିକ ୨୦୧୮ ମେ ୪ରୁ ୨୦୨୦ ଅକ୍ଟୋବର ୨୭ ମଧ୍ୟରେ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବିଏସ୍-୬ ଯାନ ଲାଗି ଇଣ୍ଡିଆନ ଅଏଲର ଲୁବ୍ରିକାଣ୍ଟ

**ଭୁବନେଶ୍ୱର,୩।୯:** ଇଣ୍ଡିଆନ ଅଏଲ୍ ପକ୍ଷରୁ ଦୁଇ ନୂଆ ପ୍ରିମିୟମ୍ ଲୁବ୍ରିକାଣ୍ଟ ସର୍ଭୋ ଗ୍ରିନମାଇନ୍ ଓ ସର୍ଭୋ ରଫତାରକୁ ଉନ୍ମୋଚନ କରାଯାଇଛି। ବିଏସ୍-୬ ଗାଡ଼ି ଲାଗି ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଓ ଇଞ୍ଜିନର ପ୍ରଦର୍ଶନ ବଢ଼ାଇବାରେ ସହାୟକ ହେବ। ସର୍ଭୋ ଗ୍ରିନମାଇଲ ଏସ୍ଏଇ ୫ ଡବ୍ଲ୍ୟୁ-୩୦ ଓ ଏପିଆଇ ଏସ୍ଏନ୍ ଆବଶ୍ୟକତାକୁ ପୂରଣ କରୁଛି। ୧୦% ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ହ୍ରାସ କରିବାରେ ସହାୟକ ହେଉଥିବା ବେଳେ ସର୍ଭୋ ରଫତାର ଏସଏଇ ୧୫ଡବ୍ଲ୍ୟୁ-୪୦ ଏବଂ ଏପିଆଇ ସିକେ-୪ ଆବଶ୍ୟକତାକୁ ପୂରଣ କରୁଛି ବୋଲି ଇଣ୍ଡିଆନ ଅଏଲ୍‌ର ଅଧକ୍ଷ ଏସ୍.ଏମ୍.ବୈଦ୍ୟ କହିଛନ୍ତି।

### ମସ୍ତିଷ୍କ ଚିକିତ୍ସା ପାଇଁ ୩ ରାଜ୍ୟରେ ନୂଆ ପଦ୍ଧତି

**ଭୁବନେଶ୍ୱର,୩।୯:** ଓଡ଼ିଶା, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ଭଳି ୩ ରାଜ୍ୟରେ ପ୍ରଥମ ଥର ଲାଗି ମସ୍ତିଷ୍କ ଚିକିତ୍ସା କ୍ଷେତ୍ରରେ ଏକ ସୁରକ୍ଷିତ ଏବଂ ନୂତନ ପ୍ରଣାଳୀ ଗ୍ରହଣ କରାଯାଇଛି। ଇଣ୍ଟ୍ରାକ୍ୟୁଲାର ଫ୍ଲୋ ଡାଇଭର୍ସନ ଏଫ୍‌ଡିଏ ଅନୁମୋଦିତ ଚିକିତ୍ସା ପଦ୍ଧତି ଦ୍ୱାରା ଜୈନିକ କାକିନାଡା ନିବାସୀ ଶିବ୍‌ବାଲକ୍ଷ୍ମୀ(୫୦)ଙ୍କର ସଫଳ ଚିକିତ୍ସା କରାଯାଇଛି। ଚିକିତ୍ସା କରାଇଥିବା ମେଡିକଭର ହସ୍ପିଟାଲର ବରିଷ୍ଠ କନସଲଟାଣ୍ଟ ଶିବ ଦଲାଇ କହିଛନ୍ତି, ୩ ରାଜ୍ୟ ମସ୍ତିଷ୍କ ଆନ୍ୟୁମରିଜିମ ଚିକିତ୍ସା ନିମନ୍ତେ ଏଭଳି ନୂଆ ପଦ୍ଧତି ଆପଣାଇଛନ୍ତି। ଏହି ପଦ୍ଧତିରେ ରୋଗୀ ୭୨ରୁ ୯୬ ଘଣ୍ଟା ମଧ୍ୟରେ ସୁସ୍ଥ ହେବାକୁ ଲାଗେ। ଚିକିତ୍ସାର ୭ ଦିନ ମଧ୍ୟରେ ଉକ୍ତ ମହିଳାଙ୍କୁ ଡାକ୍ତରଖାନାରୁ ଘରକୁ ଯିବାକୁ ଅନୁମତି ମିଳିଥିଲା। କେତେକ କ୍ଷେତ୍ରରେ ଫ୍ଲୋଡାଇଭର୍ଟର ଷ୍ଟେଣ୍ଟ ଏକ ବଡ ସଫଳତା ଦେଇଛି। ପ୍ରତ୍ୟେକ ବ୍ୟକ୍ତି ଭୟଙ୍କର ମୁଣ୍ଡ ବ୍ୟଥା, ଅସ୍ପଷ୍ଟ ଦୃଶ୍ୟପଟ୍ଟତା, ଆଖିରେ ଯନ୍ତ୍ରଣା ଭଳି ମସ୍ତିଷ୍କ ଆନ୍ୟୁମରିଜିମର ଭୟାବହତା ସମ୍ପର୍କରେ ଅବଗତ ହେବା ଜରୁରୀ। କାରଣ ବେଳେ ବେଳେ ଏହା ଅଙ୍ଗ ପାରାଲିସିସ୍ ଏବଂ ବାକଶକ୍ତିକୁ ମଧ ସମ୍ପୂର୍ଣ୍ଣ ଭାବେ ଅଚଳ କରିପାରେ ବୋଲି ଦଲାଇ କହିଛନ୍ତି।

# ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ୪୧% ବୃଦ୍ଧି

**ଭୁବନେଶ୍ୱର,୩।୯**



ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହରେ ଓଡ଼ିଶା ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ସକ୍ଷମ ହୋଇଛି। ଚଳିତ ବର୍ଷ ଅଗଷ୍ଟରେ ରାଜ୍ୟ ୩୩୧୬.୫୫ କୋଟି ଟଙ୍କାର ପରୋକ୍ଷ ଟିକସ ଆଦାୟ କରିଛି। ଏହା ଗତ ବର୍ଷ ସମାନ ଅବଧିରେ ୨୩୪୮.୨୮ କୋଟି ଟଙ୍କା ଥିଲା। ଫଳରେ ଏ କ୍ଷେତ୍ରରେ ୪୧.୨୩ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଛି। ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସର୍ବୋଚ୍ଚ ସଂଗ୍ରହ। ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ମାସ ପର୍ଯ୍ୟନ୍ତ ମୋଟ ଜିଏସ୍‌ଟି ଆଦାୟ ୧୬,୯୭୭.୯୨ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ସମୟ ଅବଧିରେ ଏହା ୯,୮୮୮.୯୯ କୋଟି ଟଙ୍କା ରହିଥିଲା। ଫଳରେ ଏଥିରେ ୭୧.୬୯% ବୃଦ୍ଧି ଦେଖିବାକୁ ମିଳିଛି। ୨୦୧୯ ଅଗଷ୍ଟ ମାସ ପର୍ଯ୍ୟନ୍ତ ଏହି ସଂଗ୍ରହ ପରିମାଣ ୧୩,୦୦୧.୦୪ କୋଟି ଟଙ୍କା ଥିଲା।

ଚଳିତ ବର୍ଷ ଅଗଷ୍ଟରେ ୯୫୬.୪୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି) ସଂଗ୍ରହ ହୋଇଛି। ଗତ ବର୍ଷ ଅଗଷ୍ଟରେ ଏହା ୬୮୬.୧୫ କୋଟି ଟଙ୍କା ରହିଥିଲା। ଏଥିରେ ୩୯.୪୦% ଅଭିବୃଦ୍ଧି ହୋଇଛି। ଅଗଷ୍ଟ ମାସର ରାଜ୍ୟ ଜିଏସ୍‌ଟି ଆଦାୟ ଚଳିତ ଆର୍ଥିକ ବର୍ଷ ତୃତୀୟ ସର୍ବାଧିକ ବୋଲି କଟକସ୍ଥିତ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ ପକ୍ଷରୁ ସୂଚନା ମିଳିଛି। ଏହା ପୂର୍ବରୁ ଏପ୍ରିଲରେ ୧,୧୨୬ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ସେହିଭଳି ଜୁଲାଇରେ ଏହା ୧୦୬୭ କୋଟି ଟଙ୍କା ରହିଛି। ଅଗଷ୍ଟ ସୁଦ୍ଧା ମୋଟ ରାଜ୍ୟ ଜିଏସ୍‌ଟି ଆଦାୟ ୪୮୩୬.୭୫ କୋଟି ଟଙ୍କା ରହିଛି। ପେଟ୍ରୋଲ ଏବଂ ମଦରୁ ୮୮୫.୨୧ କୋଟି ଟଙ୍କା ଭାଟ୍ ଆଦାୟ କରାଯାଇଛି। ଅଗଷ୍ଟରେ ୧୪.୩୫ ଲକ୍ଷ ଜିଏସ୍‌ଟି ବିଲ୍ ନିର୍ଗମନ ହୋଇଛି।

ଚଳିତ ଆର୍ଥିକ ବର୍ଷରେ ରିଟର୍ନ ଦାଖଲକାରୀଙ୍କ ବିରୋଧରେ ୧୬,୬୦୮ ସଂଖ୍ୟକ ନୋଟିସ ଜାରି କରାଯାଇଛି। ୨୩୬୯ ସଂଖ୍ୟକ ଆସେସମେଣ୍ଟ ଆରମ୍ଭ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୧୭,୩୩୦ ଟିକସଦାତାଙ୍କୁ ଜିଏସ୍‌ଟି ଆଇନ ପରିସରଭୁକ୍ତ କରାଯାଇଛି। ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନି ଟିକସ ଅଧିକାରୀମାନଙ୍କର ଏକ ସମୀକ୍ଷା କରିଛନ୍ତି। ତ୍ରୁଟିପୂର୍ଣ୍ଣ ରିଟର୍ନଗୁଡ଼ିକୁ ଚିହ୍ନଟ କରିବା ସହ ସମ୍ପୃକ୍ତ ଟିକସଦାତାଙ୍କଠାରୁ ଟିକସ ଅସୁଲ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସଚ୍ଚୋଟ ବ୍ୟବସାୟୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ବିଏସ୍‌ଏନ୍‌ଏଲ୍‌ର ହିନ୍ଦୀ ପକ୍ଷ




**ଭୁବନେଶ୍ୱର,୩।୯**

ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ର ଓଡିଶା ଦୂରସଞ୍ଚାର ପରିମଣ୍ଡଳ, ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ବିଏସଏନଏଲ ମୁଖ୍ୟାଳୟ ପରିସରରେ 'ହିନ୍ଦୀ ପକ୍ଷ-୨୦୨୧' ଉଦଘାଟନ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ପରିମଣ୍ଡଳର ମୁଖ୍ୟ ଡା. ଉଦୟ ଶଙ୍କର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ ହିନ୍ଦୀ ସବୁଠାରୁ ସରଳ ଓ ସହଜ ଭାଷା, ଯାହା ମାତୃଭାଷା ସହ ଗ୍ରହଣୀୟ ଏବଂ ହିନ୍ଦୀ ଭାଷା ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବ କରିବା କରିବା କଥା। ଏହି ଭାଷା କୌଣସି ସମ୍ପ୍ରଦାୟ ବା ଧର୍ମର ଭାଷା ନୁହେଁ, ଏହା ସମସ୍ତଙ୍କର ଭାଷା। ଭାରତର ଏକତା ଓ ଅଖଣ୍ଡତା ପାଇଁ ଏହି ଭାଷାକୁ କେବଳ ସରକାରୀ ସ୍ତରରେ ନୁହେଁ, ପ୍ରତ୍ୟେକ ସ୍ତରରେ ଅଧିକରୁ ଅଧିକ ବ୍ୟବହାର କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିମଣ୍ଡଳର ବରିଷ୍ଠ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ମହାପାତ୍ର, ଦୁଷ୍ମନ୍ତ କୁମାର ବେହେରା, ମନୋଜ କୁମାର ପଟେଲ, ଶଶୀଦେବ ଦୂର୍ଗା, ହମ୍ବ୍ରେ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ରାଜଭାଷାର ପ୍ରଚାର ଓ ପ୍ରସାର ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପକ୍ଷ ଚଳିତ ମାସ ୧ରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ପାଳନ କରାଯିବ। ଏହି ସମୟରେ ପ୍ରତିଦିନ କର୍ମଚାରୀ ଓ ସେମାନଙ୍କ ପିଲାମାନଙ୍କ ମଧ୍ୟରେ ହିନ୍ଦୀ ଭାଷାର ବିଭିନ୍ନ ପ୍ରତିଯୋଗୀତା କରାଯିବ ବୋଲି ସୂଚନା କାର୍ଯ୍ୟାଳୟର ହିନ୍ଦୀ ଅନୁବାଦକ ସୂଚନା ଦେଇଛନ୍ତି।

# ରେନୋର ନୂଆ କ୍ୱିଡ୍ ଏମ୍‌ଓ୍ୱାଇ ୨୧

**ନୂଆଦିଲ୍ଲୀ,୩।୯**




ରେନୋ ଇଣ୍ଡିଆ ପକ୍ଷରୁ ଭାରତରେ ଏହା ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆ କ୍ୱିଡ୍ ଏମ୍‌ଓ୍ୱାଇ ୨୧ ମଡେଲ ବଜାରକୁ ଆସିଛି। ଏହା ଆକର୍ଷକ, ଅଭିନବ ଏବଂ ସୁଲଭ ଭଳି ସୁବିଧା ଗ୍ରାହକଙ୍କୁ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ରେନୋ ଇଣ୍ଡିଆ ଲାଗି ଏହା ପ୍ରକୃତ ପକ୍ଷେ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିବା ଜଣାପଡ଼ିଛି। ଗ୍ରାହକଙ୍କୁ ପ୍ରଡକ୍ଟର ବିଶ୍ୱାସ ଏବଂ ଗୁଣବତ୍ତା ଯୋଗାଣ ଲାଗି କମ୍ପାନୀ ନିରନ୍ତର ଭାବେ ଏହାର ମଡେଲଗୁଡ଼ିକରେ ନୂଆ ଉଦ୍ଭାବନକୁ ଯୋଡୁଥିବା କହିଛି। ୦.୮ ଲିଟର ଏବଂ ୧.୦ ଲିଟର ଏସ୍‌ସିଇ ପାଓ୍ୱାର ଟ୍ରେନ ଉଭୟ ମାନୁଆଲ ଏବଂ ଏଏମ୍‌ଟି ବିକଳ୍ପରେ ଉପଲବ୍ଧ ହେବ। ସବୁ ଭାରିଆଣ୍ଟରେ ଡୁଆଲ ଫ୍ରଣ୍ଟ ଏୟାରବ୍ୟାଗ୍ ମିଳିବ। ପାର୍ବଣ ଅବସରରେ କମ୍ପାନୀ ସ୍ୱତନ୍ତ୍ର ଅଫର ଏବଂ ଲୟାଲଟି ବେନିଫିଟ ଲୋକଙ୍କୁ ପ୍ରଦାନ କରୁଛି। ନୂଆ କ୍ୱିଡ୍ ଏମ୍‌ଓ୍ୱାଇ କ୍ଲାଇମ୍ବର ଏଡିଶନ ଡୁଆଲ ଟୋନ ଏକ୍ସଟେରିୟର, ଇନ୍ ହ୍ୱାଇଟ କଲର, ବ୍ଲାକ୍ ରୁଫ୍ ସହ ଆସୁଛି। ଗ୍ରାହକ ବଛାବଛା ଭାରିଆଣ୍ଟ ଉପରେ ୮୦ ହଜାର ଟଙ୍କାର ବେନିଫିଟ ଲାଭ କରିପାରିବେ। ୧୦ ସ୍ୱତନ୍ତ୍ର ଲୟାଲଟି ଦ୍ୱାରା ସର୍ବାଧିକ ୧.୧୦ ଲକ୍ଷ ଟଙ୍କାର ଲୟାଲଟି ବେନିଫିଟ ମଧ୍ୟ ଗ୍ରାହକ ପାଇବେ। ମହାରାଷ୍ଟ୍ର,ଗୁଜରାଟ ଏବଂ ଗୋଆରେ ଚଳିତ ମାସ ୧୦ ତାରିଖ ଯାଏ ସ୍ୱତନ୍ତ୍ର ଅଫର ଉପଲବ୍ଧ ହେବ। କମ୍ପାନୀର ଏହି ମଡେଲଗୁଡ଼ିକ ୪.୦୬ ଲକ୍ଷ ଟଙ୍କାରୁ ୫.୫୧ ଲକ୍ଷ ଟଙ୍କା ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ଧାନ ଫସଲ ସୁରକ୍ଷା ଲାଗି କର୍ଟେଭାର ସଲ୍ୟୁଶନ

**ଭୁବନେଶ୍ୱର,୩।୯**

ଭାରତରେ ୧୧୦ ନିୟୁତ ଏକର ଚାଷଜମିରେ ଧାନ ଫସଲ ହେଉଛି। ଏଥିରୁ ପ୍ରାୟ ୨ କୋଟି ଏକର୍ ଚାଷଜମି ବ୍ରାଉନ ପ୍ଲାଣ୍ଟ ହପର୍ (ଏକ ପ୍ରଜାତିର ଝିଣ୍ଟିକା)ଙ୍କ ଦ୍ୱାରା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥାଏ। ହପର୍ ପରିଚାଳନା ଦିଗରେ ସକ୍ରିୟ ଆଭିମୁଖ୍ୟର ଅଭାବ ଯୋଗୁ ପ୍ରତିବର୍ଷ ଏକର ପିଛା ପ୍ରାୟ ୩ରୁ ୪ କ୍ୱିଟାଲ ଚାଉଳ ନଷ୍ଟ ହୋଇଥାଏ। କ୍ଷତିର ହାର ମଧ୍ୟମ ସଂକ୍ରମିତ ଚାଷ ଜମିରେ ୧୦%ରୁ ଆରମ୍ଭ କରି ଅତ୍ୟଧିକ ସଂକ୍ରମିତ ଚାଷଜମିରେ ୭୦% ପର୍ଯ୍ୟନ୍ତ ହୋଇପାରେ। କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀ କର୍ଟେଭା ଗତ ୩ ବର୍ଷରେ ଓଡିଶାରେ ୨ ଲକ୍ଷ ଏକର୍ ଚାଷଜମିକୁ ଏହି ସମସ୍ୟାଠାରୁ ସୁରକ୍ଷା ଦେଇପାରିଛି। କର୍ଟେଭା ଆଗ୍ରିସାଇନ୍ସର ଦକ୍ଷିଣ ଏସିଆ ବିପଣନ ନିର୍ଦ୍ଦେଶକ ଅରୁଣା ରଚକୋଣ୍ଡା କହିଛନ୍ତି, ଅତ୍ୟାଧୁନିକ ସମାଧାନ ଦ୍ୱାରା ୨୫ଦିନ ପର୍ଯ୍ୟନ୍ତ ନିରନ୍ତର ହପର୍ ନିୟନ୍ତ୍ରଣ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି।

## 'ସବୁଜ ଶକ୍ତି କ୍ଷେତ୍ରରେ ନେତୃତ୍ୱ ନେବ ଭାରତ'

**ନୂଆଦିଲ୍ଲୀ,୩।୯**


ମୁକେଶ ଅମ୍ବାନି

ଜଳବାୟୁ ଦୃଷ୍ଟିରୁ ଭାରତ ଓ ଦୁନିଆ ଏବେ କଠିନ ସମୟ ଦେଇ ଗତି କରୁଛି। ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ)ର ବିପଦ ଆମ ସାମ୍ନାରେ ରହିଛି। ଏଭଳି ଏକ ସମୟରେ ଆମ ପାଖରେ ଏକମାତ୍ର ବିକଳ୍ପ ହେଉଛି ଦ୍ରୁତ ଗତିରେ ସବୁଜ, ସ୍ୱଚ୍ଛ ଓ ଅକ୍ଷୟ ଶକ୍ତିକୁ ଗ୍ରହଣ କରିବା। ଏହି ବିପଦକୁ ସୁଯୋଗରେ ପରିଣତ କରି ଭାରତକୁ ସବୁଜ ଶକ୍ତି କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବାକୁ ପଡିବ ବୋଲି ଆନ୍ତର୍ଜାତିକ ଜଳବାୟୁ ଶିଖର ସମ୍ମିଳନୀକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଅମ୍ବାନି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗ୍ରିନ ହାଇଡ୍ରୋଜେନ ମିସନ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି, ଅଶୋଧିତ ତୈଳ ଉପରେ ଭାରତର ନିର୍ଭରଶୀଳତା ହ୍ରାସ ଏବଂ ଭାରତ ବିଶ୍ୱ ପ୍ରୟାସର ନେତୃତ୍ୱ ନେଇ ବିଶ୍ୱରେ ଅଗ୍ରଣୀ ରହିବ। ନୂଆ ଶକ୍ତି ବ୍ୟବସାୟ ରୋଡମ୍ୟାପ ଅନ୍ତର୍ଗତ ଜାମନଗରରେ ୫୦୦୦ ଏକର ଜମିରେ ଧୀରୁଭାଇ ଗ୍ରିନ ଏନର୍ଜି ଗିଗା କମ୍ପ୍ଲେକ୍ସ ବିକଶିତ କରିବା କାର୍ଯ୍ୟ ଆରମ୍ଭ କରିଦେଇଛୁ। ଆସନ୍ତା ତିନି ବର୍ଷରେ ଏଥିପାଇଁ ୭୫,୦୦୦ କୋଟି ଟଙ୍କା ନିବେଶ ଲକ୍ଷ୍ୟ ରଖାଯାଇଛି।

## ଫୁରସତ୍


କ୍ରିତି ସାନନ

### ବାୟୋପିକ୍‌ରେ କାମ କରିବାକୁ ଚାହାନ୍ତି କ୍ରିତି

**ମୁମ୍ବାଇ:** ବଲିଉଡ୍‌ର ଚୁଲବୁଲି ନାୟିକା କ୍ରିତି ସାନନ କଠିନ ପରିଶ୍ରମ ଓ ଏକାଗ୍ରତା ଯୋଗୁ ବଲିଉଡରେ ନିଜ ପାଇଁ ତିଆରି କରିଛନ୍ତି ଭିନ୍ନ ପରିଚୟ। ନିକଟରେ ତାଙ୍କ ଅଭିନୀତ ମୁଭି 'ମିମି' ରିଲିଜ ହୋଇଥିବା ବେଳେ ଏଥିରେ ତାଙ୍କର ଅଭିନୟ ଖୁବ୍ ପ୍ରଶଂସିତ ହୋଇଛି। କ୍ରିତି ଏଥିରେ ଜଣେ ସରୋଗେସି ମଦର ଭୂମିକାରେ ଅଭିନୟ କରିଛନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ କ୍ରିତି ତାଙ୍କ ମନ କଥା ଖୋଲି କହିଛନ୍ତି। ଆଗକୁ ସେ କିଛି ବାୟୋପକ୍‌ରେ କାମ କରିବାକୁ ଇଚ୍ଛା ରଖିଛନ୍ତି। ଯଦି ତାଙ୍କୁ ମଧୁବାଲା ଓ ମିନାକୁମାରୀଙ୍କ ବାୟୋପିକ୍‌ରେ କାମ କରିବାକୁ ସୁଯୋଗ ମିଳେ ତେବେ ସେ ସବୁଠାରୁ ଅଧିକ ଖୁସି ହେବେ। ତାଙ୍କ ମତରେ ବଲିଉଡ ଦୁନିଆରେ ଏମିତି କେତେଜଣ ବ୍ୟକ୍ତିତ୍ୱ ରହିଛନ୍ତି ଯାହାଙ୍କ କଥା ସାଧାରଣ ଦର୍ଶକେ କମ ଜାଣନ୍ତି। ତେଣୁ ତାଙ୍କର ବାୟୋପିକ କରାଗଲେ ଏହା ଦର୍ଶକଙ୍କୁ ନିଶ୍ଚିତ ପସନ୍ଦ ଆସିବ।

# ହୃଦ୍‌ଘାତ ମୃତ୍ୟୁ: ଭାରତରେ ଭୟଙ୍କର ସ୍ଥିତି

**ମାତ୍ର ୪୦ ବର୍ଷ ବୟସରେ ଲକ୍ଷାଧିକ ପ୍ରଶଂସକଙ୍କ ହୃଦୟରେ ଦାରୁଣ ଆଘାତ ଦେଇ ସବୁଦିନ ପାଇଁ ଆରପାରିକୁ ଚାଲିଯାଇଛନ୍ତି ବଲିଉଡ୍ ଅଭିନେତା ସିଦ୍ଧାର୍ଥ ଶୁକ୍ଲା। ବିଗ୍ ବସ୍-୧୩ରେ ବିଜୟୀ ହେବା ପରେ ସିଦ୍ଧାର୍ଥଙ୍କୁ ଭାଗ୍ୟଦେବୀ ପ୍ରସନ୍ନ ଥିବା ବଲିଉଡ୍‌ରେ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଏହି ଯୁବ ଅଭିନେତାଙ୍କ ଏଭଳି ଅକାଳ ବିୟୋଗରେ ଟେଲି ଇଣ୍ଡଷ୍ଟ୍ରି ଶୋକରେ ବୁଡ଼ିଯାଇଛି। ହାର୍ଟ ଆଟାକ୍‌ରେ ସିଦ୍ଧାର୍ଥଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତ ଦଶନ୍ଧି ମଧ୍ୟରେ ଭାରତରେ ହୃଦ୍‌ଘାତଜନିତ ମୃତ୍ୟୁ ଅଙ୍କ ଅତି ସାଂଘାତିକ। ରୋଗଗ୍ରସ୍ତ ୪ ଜଣଙ୍କ ମଧ୍ୟରୁ ଜଣେ ହୃଦ୍‌ଘାତର ଶିକାର ହୋଇ ଶେଷନିଃଶ୍ୱାସ ତ୍ୟାଗ କରୁଥିବା ଏକ ତଥ୍ୟରୁ ଜଣାପଡ଼ିଛି।**



**ନୂଆଦିଲ୍ଲୀ:** ଆଧୁନିକତା ସହିତ ତାଳଦେଇ ଚାଲୁଥିବା ମଣିଷର ଦୈନନ୍ଦିନ ଜୀବନଶୈଳୀ ବଦଳିବାରେ ଲାଗିଛି। ଖାଇବା, ପିଇବା, ଶୋଇବା ସମୟରେ ପରିବର୍ତ୍ତନ ହୋଇଛି। କର୍ମକ୍ଷେତ୍ରରେ ଅତିରିକ୍ତ ଚାପ ବଢ଼ିବାରେ ଲାଗିଛି। ବ୍ୟସ୍ତତା କାରଣରୁ ଅନେକେ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେଇପାରୁନାହାନ୍ତି। ଏସବୁ ଅବେଳରେ ହୃଦ୍‌ଘାତ ସମସ୍ୟାକୁ ନିମନ୍ତ୍ରଣ ଦେଉଛି। ବିଶ୍ୱରେ ଯୁବପିଢ଼ିଙ୍କ ମଧ୍ୟରେ ହୃଦ୍‌ଘାତଜନିତ ମୃତ୍ୟୁ ଦ୍ରୁତଗତିରେ ବଢୁଥିବାବେଳେ ଭାରତର ସ୍ଥିତି ବେଶ୍ ଚିନ୍ତାଜନକ। ଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ ହୃଦ୍‌ରୋଗ ଆକ୍ରାନ୍ତଙ୍କ ସଂଖ୍ୟା ୫୦% ବୃଦ୍ଧିପାଇଛି।

ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁଯାୟୀ ଭାରତରେ ହୃଦ୍‌ଘାତଜନିତ ମୃତ୍ୟୁ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୨୦୧୪ରେ ଏହି ସଂଖ୍ୟା ୧୮ ହଜାର ୩୦୯ ଥିବାବେଳେ ୨୦୧୯ରେ ୨୮ ହଜାର ପାର୍ କରିଛି। କେବଳ ଯୁବବସ୍ଥା ନୁହେଁ, ପ୍ରତିବର୍ଗର ଲୋକେ ଏବେ ଏହି ସମସ୍ୟା ଭୋଗୁଛନ୍ତି। ଭାରତରେ ପ୍ରତି ୪ ମୃତ୍ୟୁ ମଧ୍ୟରେ ଜଣେ ହୃଦ୍‌ଘାତର ଶିକାର ହୋଇଥାଆନ୍ତି। ଲାନ୍‌ସେଟ୍‌ର ଏକ ରିପୋର୍ଟ ଅନୁଯାୟୀ ସହରାଞ୍ଚଳ ଅପେକ୍ଷା ଏବେ ଗ୍ରାମାଞ୍ଚଳରେ ଅଧିକ ଲୋକ ହୃଦ୍‌ରୋଗ ସମସ୍ୟାରେ ପୀଡ଼ିତ। ଅପରପକ୍ଷେ ସେଣ୍ଟର ଅଫ୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି) ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ଅନୁଯାୟୀ, ହୃଦ୍‌ଘାତ ମୃତ୍ୟୁରେ ବିଶ୍ୱରେ ଶୀର୍ଷରେ ରହିଛି ଆମେରିକା। ଏଠାରେ ପ୍ରତି ୩୬ ସେକେଣ୍ଡରେ ଜଣେ ମୃତ୍ୟୁ ମୁଖରେ ପଡୁଛନ୍ତି। ଆମେରିକାରେ ହୃଦ୍‌ଘାତ ପ୍ରତିବର୍ଷ ୬ ଲକ୍ଷ ୫୫ ହଜାର ଲୋକଙ୍କ ଜୀବନ ନେଉଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ସାରା ପୃଥିବୀରେ ମୃତ୍ୟୁ ଘଟୁଥିବା ଲୋକଙ୍କ ମଧ୍ୟରୁ ୧୭.୯ ମିଲିୟନ ବ୍ୟକ୍ତି କାର୍ଡିଓଭାସ୍କୁଲର ଡିଜିଜ୍‌ର ଶିକାର ହୋଇଥାଆନ୍ତି। ସୁଷମ ଖାଦ୍ୟ, ବ୍ୟାୟାମ, ମାଦକଦ୍ରବ୍ୟ ସେବନରୁ ଦୂରେଇ ରହିବା, ଭୋଜନର କମ୍ ଲୁଣ ବ୍ୟବହାର, ଦୈନନ୍ଦିନ ଖାଦ୍ୟରେ ସବୁଜ ପରିବା ସାମିଲ କରିବା ଦ୍ୱାରା ଏହାକୁ କେତେକାଂଶରେ ନିୟନ୍ତ୍ରଣ କରାଯାଇପାରିବ।

### ଦାନ୍ତରେ ଫିତା କାଟିଲେ ପାକିସ୍ତାନ ମନ୍ତ୍ରୀ

**ଇସ୍‌ଲାମବାଦ:** ସାରା ବିଶ୍ୱରେ ପାକିସ୍ତାନର ଛବି କିଭଳି ସେ ବିଷୟରେ ସମସ୍ତେ ଅବଗତ। ଅନେକ ଥର ଦେଶର ନେତାମାନେ ଏପରି କିଛି କାର୍ଯ୍ୟ କରିଥାନ୍ତି, ଯାହା ହସର ଖୋରାକ ଯୋଗାଇଥାଏ। ଏବେ ପାକିସ୍ତାନ ପଞ୍ଜାବ ପ୍ରଦେଶର ମନ୍ତ୍ରୀ ଫାୟାଜ ଅଲ ହାସନ ଏକ ଶୋ' ରୁମ୍ ଉଦ୍‌ଘାଟନ ବେଳେ କଇଁଚି ବଦଳରେ ଦାନ୍ତରେ ଫିତା କାଟୁଥିବା ଦେଖାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

ADMISSION OPEN
APEX MARITIME INSTITUTE, JAIPUR(RAJ)
All Courses approved by DG Shipping.
Qualification: 10/12th Passed
Age Limit: 17 - 25
Courses + Training + 100% Job Placement
Info: Apexfederation.com/ Mnavynms.com
9777990479
7414060290

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
7579874068

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476
9953557897

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଯାମିନୀ ବଲ୍ଲଭ ଦାଶ
(ଘାଟିକିଆ, ଭୁବନେଶ୍ୱର)
ଆପଣଙ୍କର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ପରାୟଣତା, ସ୍ନେହ, ଶ୍ରଦ୍ଧା ଆମ ମାନଙ୍କର ପାଥେୟ ହୋଇ ରହୁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚରଣରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ- ବାସନ୍ତି, ପୁତ୍ର ଓ ପୁତ୍ରବଧୂ, ନାତୁଣୀ- ଟୁଡୁ, ଗୁଡୁ, କନ୍ୟା ଓ ଜାମାତା ଏବଂ ପରିବାରବର୍ଗ।
ଧ-୭୧୧୪୭

ବିଂଶତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ -
ବନ୍ଧୁ ଓ ପରିବାରବର୍ଗ।
ଧ-୭୧୧୪୬

ଶ୍ରଦ୍ଧାଞ୍ଜଳି

୰ଦେବହୁତି ପଟ୍ଟନାୟକ
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, କଟକ କ୍ୟାମ୍ପିଟ୍ ସ୍କୁଲ
ଆବିର୍ଭାବ: ୨୫.୦୩.୧୯୩୪
ତିରୋଧାନ: ୨୫.୦୮.୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ପରୋପକାରିତା ଓ କର୍ତ୍ତବ୍ୟ ନିଷ୍ଠା ଆମକୁ, ବନ୍ଧୁବାନ୍ଧବଙ୍କୁ ଓ ତୁମର ଛାତ୍ରଛାତ୍ରୀଙ୍କୁ ସର୍ବଦା ଅନୁପ୍ରାଣିତ କରୁଥାଉ। ପରମାତ୍ମାଙ୍କ ସହିତ ତୁମର ବିଲୟ ଖୁବ ଆନନ୍ଦ ଓ ସୁଖମୟ ହେଉ, ଏହା ହିଁ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି
ପରିବାର ଓ ଆତ୍ମୀୟ ସ୍ୱଜନ
ଧ-୨୧୫୩୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ପ୍ରୀତିଲତା ପଟ୍ଟନାୟକ (ଅଧ୍ୟାପିକା)
କେନ୍ଦ୍ରୀୟ ବିଦ୍ୟାଳୟ ନଂ.-୧, ଭୁବନେଶ୍ୱର
ଆବିର୍ଭାବ: ୩୦।୦୩।୧୯୬୨
ତିରୋଧାନ: ୨୮।୦୮।୨୦୧୯ (ଭାଦ୍ରବ, କୃଷ୍ଣପକ୍ଷ, ତ୍ରୟୋଦଶୀ)
ତୁମ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହ:-
ସ୍ୱାମୀ: ମନୋଜ ପଟ୍ଟନାୟକ, ପୁତ୍ର: ଆଶୀର୍ବାଦ ପଟ୍ଟନାୟକ, ପୁତ୍ରବଧୂ: ଇଲା ସାହୁ, ପୁତ୍ରୀ: ଆରାଧନା ପଟ୍ଟନାୟକ, ପୌତ୍ରୀ: ଅଦ୍ୱିକା ପଟ୍ଟନାୟକ
ଧ-୨୧୫୩୪

# ୧୯ ବର୍ଷରେ ଲିଜେଣ୍ଡ

**ଟୋକିଓ,୩।୯**

ଭାରତୀୟ ମହିଳା ପାରା ଶୁଟର ଅବନୀ ଲେଖରା ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ଭାବେ ଗୋଟିଏ ପାରାଲିମ୍ପିକ୍ସରେ ଦୁଇଟି ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଶୁକ୍ରବାର ସେ ୫୦ ମିଟର ରାଇଫଲ ୩ ପୋଜିଶନ ଏସ୍‌ଏଚ୍‌୧ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହାପୂର୍ବରୁ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ପାରାଲିମ୍ପିକ୍ସରେ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ମାତ୍ର ୧୯ ବର୍ଷରେ ଏଭଳି ସଫଳତା ପାଇ ସେ ନିଜ ପାଇଁ ଏକ କିମ୍ବଦନ୍ତୀ ଆଥ୍‌ଲେଟର ମର୍ଯ୍ୟାଦା ହାସଲ କରିଛନ୍ତି। ଏଥିସହ

**ପ୍ରଥମ ଭାରତୀୟ ମହିଳା ଭାବେ ଜିତିଲେ ୨ ପଦକ**

ପାରାଲିମ୍ପିକ୍ସର ଦଶମ ଦିବସରେ ଭାରତର ପ୍ରଦକ ସଂଖ୍ୟା ୧୩ରେ ପହଞ୍ଚିଛି। ଭାରତ ଏ ପର୍ଯ୍ୟନ୍ତ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ହାସଲ କରିଛି।

ଲେଖରା ଚଳିତ ପାରାଲିମ୍ପିକ୍ସରେ ପଦାର୍ପଣ କରିଥିଲେ। ସେ ୫୧ ଇନର ୧୦ଏସ୍ ସହ ୧୧୭୬ ପଏଣ୍ଟ ସ୍କୋର କରି ଚଳିତ ପାରାଲିମ୍ପିକ୍ସରେ ଦ୍ୱିତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ହାସଲ କରିଥିଲେ। ଫାଇନାଲ୍ସରେ ପୂରା ଦମ୍ ଲଗାଇ ଖେଳିଥିଲେ। ମୋଟ ଉପରେ ୪୪୫.୯ ପଏଣ୍ଟ ସ୍କୋର କରି ୟୁକ୍ରେନର ଇରିନା ସହେଷ୍ଟିକଙ୍କୁ ପଛରେ ପକାଇଥିଲେ। ଏହି ଇଭେଣ୍ଟରେ ଚାଇନାର ଝାଙ୍ଗ କୁଇପିଂ ୪୫୭.୯ ପଏଣ୍ଟ ସ୍କୋର କରି ନୂଆ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଜର୍ମାନୀର ନାଟାସା ହିଲଟ୍ରୋପ୍ ୪୫୭.୧ ସ୍କୋର କରି


ବ୍ରୋଞ୍ଜ ପଦକ ସହ ମହିଳା ପାରା ଶୁଟର ଅବନୀ ଲେଖରା।

ରୌପ୍ୟ ପଦକ ହାସଲ କରିଥିଲେ।

ପୂର୍ବରୁ ଲେଖରା ମଧ୍ୟ ପ୍ରଥମ ଭାରତୀୟ ମହିଳା ଭାବେ ୧୦ମି. ଏୟାର ରାଇଫଲ ଏସ୍‌ଏଚ୍‌୧ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ମଧ୍ୟ ପାରାଲିମ୍ପିକ୍ସ ଶୁଟିଂରେ ଭାରତର ପ୍ରଥମ ପଦକ ଥିଲା। ପଦକ ହାସଲ କରିଥିବାରୁ ବେଶ୍ ଆନନ୍ଦିତ ଅଛି। ତେବେ ଆହୁରି ଭଲ ପ୍ରଦର୍ଶନ କରିପାରିଥାନ୍ତି। ମୋର ପ୍ରଥମ ପାରାଲିମ୍ପିକ୍ସରେ ଦୁଇଟି ପଦକ ହାସଲ କରିଥିବାରୁ ବହୁତ ଖୁସି ଅଛି ଓ ଏହା ଏକ ନିଆରା ଅନୁଭବ ଆଣିଦେଇଛି। ଏହି ଦୁଇ ଇଭେଣ୍ଟ ମୋର ସବୁଠାରୁ ପ୍ରିୟ। ଗତ କେତେ ମାସ ଧରି ଏହି ଦୁଇଟି ଇଭେଣ୍ଟ ପାଇଁ କଠିନ ପରିଶ୍ରମ କରିଆସୁଥିଲି। ଅନ୍ତିମ ଶଟ୍ ଶତପ୍ରତିଶତ ପ୍ରୟାସ କରିଥିଲି। ଆହୁରି କେତୋଟି ବିଭାଗରେ ମୋତେ ଭଲ ପ୍ରଦର୍ଶନ କରିବାର ଅଛି। ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବି ବୋଲି ଲେଖରା କହିଛନ୍ତି।

୨୦୧୨ରେ ଲେଖରା ଏକ କାର ଦୁର୍ଘଟଣାରେ ନିଜର ମେରୁଦଣ୍ଡରେ ଗୁରୁତର ଆଘାତ ପାଇଥିଲେ। ଲେଖରାଙ୍କ ପୂର୍ବରୁ ଯୋଗୀନ୍ଦର ସିଂ ଏକମାତ୍ର ଭାରତୀୟ ପାରା ଆଥ୍‌ଲେଟ ଭାବେ ଗୋଟିଏ ପାରାଲିମ୍ପିକ୍ସରେ ଏକାଧିକ ପଦକ ଜିତି ରେକର୍ଡ କରିଥିଲେ। ସେ ୧୯୮୪ ପାରାଲିମ୍ପିକ୍ସରେ ଏହି ସଫଳତା ପାଇଥିଲେ। ସେ ଶଟ୍‌ପୁଟ୍‌ରେ ରୌପ୍ୟ ଜିତିଥିଲେ। ସେହିପରି ଡିସକସ୍ ଓ ଜାଭେଲିନ ଥ୍ରୋରେ ସେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ ଏକାଧିକ ପାରାଲିମ୍ପିକ୍ସ ପଦକ ହାସଲ କରିଛନ୍ତି। ତେବେ ସେ ବିଭିନ୍ନ ସଂସ୍କରଣରେ ପଦକମାନ ହାସଲ କରିଛନ୍ତି। ଲେଖରା ଏବେ ମିକ୍ସଡ ୫୦ମି. ରାଇଫଲ ପ୍ରୋନ ଏସ୍‌ଏଚ୍‌୧ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ଦୀପକ ଓ ସିଦ୍ଧାର୍ଥ ବାବୁଙ୍କ ସହ ଏହି ଇଭେଣ୍ଟରେ ଭାଗ ନେବେ।

୨୦୧୫ରେ ଲେଖରା ବାପା ପ୍ରବୀଣ ଲେଖରାଙ୍କ ପ୍ରରୋଚନାରେ ଜୟପୁର ଶୁଟିଂ ରେଞ୍ଜରେ ଶୁଟିଂ ଆରମ୍ଭ କରିଥିଲେ। ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କଠାରୁ ପ୍ରେରଣା ପାଇ ଓ ତାଙ୍କ ଆତ୍ମଜୀବନୀ ପଢ଼ିବା ପରେ ସେ ଶୁଟିଂରେ ପ୍ରବେଶ କରିଥିଲେ। ଉପହାର ସ୍ୱରୂପ ତାଙ୍କ ବାପା ଏହି ଆତ୍ମଜୀବନୀ ତାଙ୍କୁ ଦେଇଥିଲେ। ଆଇନ ଛାତ୍ରୀ ଲେଖରା ୨୦୧୭ରେ ୟୁଏଇର ଅଲ୍ ଅଇନ୍‌ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ପାଇଁ ପଦାର୍ପଣ କରିଥିଲେ।



ଟୋକିଓ ପାରାଲିମ୍ପିକ୍ସର ପୁରୁଷ ହାଇଜମ୍ପ ଟି୬୪ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ଭାରତର ପ୍ରବୀଣ କୁମାର।

# ପଦାର୍ପଣରେ ପ୍ରବୀଣଙ୍କୁ ରୌପ୍ୟ

**ଟୋକିଓ,୩।୯(ପି.ଟି.)**

ଟୋକିଓ ପାରାଲିମ୍ପିକ୍ସରେ ଭାରତକୁ ଆଉ ଏକ ପଦକ ମିଳିଛି। ଭାରତର ପ୍ରବୀଣ କୁମାର ଶୁକ୍ରବାର ପୁରୁଷ ହାଇଜମ୍ପ ଟି୬୪ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ୧୮ ବର୍ଷୀୟ ପ୍ରବୀଣ ନୂଆ ଏସିଆନ ରେକର୍ଡ ହାସଲ କରି ପାରାଲିମ୍ପିକ୍ସରେ ପଦାର୍ପଣ କରି ଏହି ସଫଳତା ଅର୍ଜନ କରିଛନ୍ତି। ଇଭେଣ୍ଟରେ ସେ ୨.୦୭ ମିଟର ଜମ୍ପ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟପଟେ ଗ୍ରେଟ୍ ବ୍ରିଟେନର ଜୋନାଥନ ବ୍ରୁମ୍- ଏଡୱାର୍ଡ୍ସ ୨.୧୦ ମିଟର ଜମ୍ପ କରି ସେସନର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରିଓ ଗେମ୍ସ ଚାମ୍ପିୟନ ପୋଲାଣ୍ଡର ମାସିଏଜ ଲେପିଆଟୋ ୨.୦୪ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ପ୍ରଥମ ପାରାଲିମ୍ପିକ୍ସରେ ପଦକ ଜିତିଥିବାରୁ ପ୍ରବୀଣ ଖୁସି ପ୍ରକାଶ କରିଛନ୍ତି। ମୋର ଖୁସି ଅବର୍ଣ୍ଣନୀୟ। ଆଗକୁ କ'ଣ ହେବ ତାହାକୁ ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ୨୦୧୯ରେ ପାରା କ୍ରୀଡ଼ାରେ ପ୍ରବେଶ କରିବା ପରେ ପ୍ରବୀଣଙ୍କର ଏହା ଶ୍ରେଷ୍ଠ ପ୍ରଦର୍ଶନ ଥିଲା ଓ ଏହା ତାଙ୍କର ପ୍ରଥମ ବୃହତ୍ ତଥା ମେଜର ପଦକ ସାବ୍ୟସ୍ତ ହୋଇଛି। ଏହି ଟିନ୍‌ଏଜର ପାରା ଆଥ୍‌ଲେଟ ନୋଇଡାରେ ରୁହନ୍ତି। ଭାରତୀୟ ଦଳ ପାଇଁ ସେ ସର୍ବକନିଷ୍ଠ ପଦକ ବିଜେତା ସାବ୍ୟସ୍ତ ହୋଇଛନ୍ତି। ୨ ମିଟର ଡେଇଁବା ପରେ ମୋର ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା। ପୂର୍ବରୁ ଏହାଠାରୁ ସାମାନ୍ୟ କମ୍ ଡେଇଁବାକୁ ସକ୍ଷମ ହେଉଥିଲି। ପୂର୍ବରୁ କେବେ ବି ୨.୦୭ ମିଟର ଜମ୍ପ କରି ନ ଥିଲି। କୋଚ୍‌ଙ୍କୁ ଏହି ସଫଳତାର ଶ୍ରେୟ ଦେବି ବୋଲି ସେ କହିଛନ୍ତି।

ଟି୬୪ ବର୍ଗରେ ଯେଉଁମାନଙ୍କ ଦୁଇ ଗୋଡ଼ରେ ଅସମାନତା ଥିବ ସେହି ଆଥ୍‌ଲେଟମାନେ ହିଁ ଅଂଶଗ୍ରହଣ କରିଥାନ୍ତି। ତେବେ ପ୍ରଥମେ ଟି୪୪ ଡିଜାବିଲିଟି କ୍ଲାସିଫିକେଶନରେ ପ୍ରବୀଣ ସାମିଲ ଥିଲେ। କିନ୍ତୁ ସେ ଟି୬୪ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ପୂର୍ବରୁ ୨୦୧୯ ଜୁନିୟର ପାରା ବିଶ୍ୱ ଚାମ୍ପିୟନଶିପ୍‌ରେ କୁମାର ରୌପ୍ୟ ପଦକ ହାସଲ କରିଥିଲେ। ଟି୪୪ କ୍ଲାସିଫିକେଶନରେ ସେ ଏବେ ବିଶ୍ୱର ୩ ନମ୍ବର ସ୍ଥାନରେ ରହିଛନ୍ତି। ଜାତୀୟ କୋଚ୍ ସତ୍ୟପାଲ ସିଂଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଥିଲେ। ଚଳିତ ପାରାଲିମ୍ପିକ୍ସରେ ଭାରତ ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବୀଣଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ରୌପ୍ୟ ପଦକ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବର ଫଳ। ଭବିଷ୍ୟତରେ ସେ ଦେଶ ପାଇଁ ଆହୁରି ସଫଳତା ହାସଲ କରି ଗର୍ବିତ କରାଇବେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇ ତାଙ୍କ ପ୍ରଦର୍ଶନକୁ ଦୃଷ୍ଟାନ୍ତମୂଳକ କହିଛନ୍ତି।

ସେହିପରି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ପ୍ରବୀଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଓ ତାଙ୍କୁ ଏଥିପାଇଁ ହୃଦୟରୁ ଅଭିନନ୍ଦନ ଜଣାଉଛି। ଆଗାମୀ ପିଢ଼ି ପାଇଁ ସେ ପ୍ରେରଣାର ଉତ୍ସ ହେବେ। ତାଙ୍କ ପାଇଁ ସାରା ଦେଶ ଗର୍ବିତ ବୋଲି ଠାକୁର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ପ୍ରବୀଣଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ଆର୍ଚେରି ପଦକ ଜିତିଲେ ହରବିନ୍ଦର


ପାରାଲିମ୍ପିକ୍ସରେ ତୀରନ୍ଦାଜୀରୁ ଭାରତ ପାଇଁ ପ୍ରଥମ ପଦକ ହାସଲ କରିଥିବା ହରବିନ୍ଦର ସିଂ।

**ଟୋକିଓ, ୩।୯ :** ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ତୀରନ୍ଦାଜ ହରବିନ୍ଦର ସିଂ ଇତିହାସ ସୃଷ୍ଟି କରିଛନ୍ତି। ସେ ଶୁକ୍ରବାର ପୁରୁଷ ବ୍ୟକ୍ତିଗତ ରିକର୍ଭରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ସେ ପାରାଲିମ୍ପିକ୍ସ ଇତିହାସରେ ତୀରନ୍ଦାଜୀରେ ଭାରତ ପାଇଁ ପ୍ରଥମ ପଦକ ହାସଲ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ଶୁଟ୍-ଅଫ୍‌ରେ ସେ କୋରିଆର କିମ୍ ମିନ ସୁଙ୍କୁ ହରାଇ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ ଜିତିଛନ୍ତି। ସେ ଭାରତ ପାଇଁ ତୃତୀୟ ପଦକ ହାସଲ କରିଛନ୍ତି।

ବିଶ୍ୱର ୨୩ ନମ୍ବର ତୀରନ୍ଦାଜ ହରବିନ୍ଦର ପୂର୍ବରୁ ପ୍ରଥମ ଭାରତୀୟ ଆଥ୍‌ଲେଟଭାବେ ୨୦୧୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପଟିଆଲାସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ଇକୋନୋମିକ୍ସ ସ୍କଲାର ହରବିନ୍ଦର ୩ଟି ଶଟ୍ ଅଫ୍ ବିଜୟ ସହ ଓପନିଂ ରାଉଣ୍ଡରେ ବାଜି ମାରିଥିଲେ। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ କିମ୍ ପଞ୍ଚମ ସେଟ୍ ଶୁଟିଂ ଜିତିବା ପୂର୍ବରୁ ୩୧ ବର୍ଷୀୟ ହରବିନ୍ଦର ୫-୩ରେ ଅଗ୍ରଣୀ ହାସଲ କରିଥିଲେ। ତେବେ ଶେଷରେ ହରବିନ୍ଦର ୬-୫ରେ ବାଜି ମାରିଥିଲେ। ଏହା ପୂର୍ବରୁ ସେମିଫାଇନାଲରେ ସେ ବିଶ୍ୱର ୧୦ ନମ୍ବର ତୀରନ୍ଦାଜ ଆମେରିକାର କେଭିନ ମାଥରଙ୍କଠାରୁ ୬-୪ରେ ପରାସ୍ତ ହୋଇଥିଲେ। ୩୨ଜଣ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ପ୍ରଥମ ରାଉଣ୍ଡରେ ସେ ଷ୍ଟିଫାନୋ ଟ୍ରାଭିସାନିଙ୍କ ବିପକ୍ଷରେ ୪-୦ରେ ଅଗ୍ରଣୀ ହାସଲ କରିଥିଲେ। ସେହିପରି ପ୍ରି-କ୍ୱାର୍ଟରଫାଇନାଲ୍‌ରେ ସେ ପୂର୍ବତନ ୧ ନମ୍ବର ତୀରନ୍ଦାଜ ରୁଷିଆର ବାଟୋ ସିଡେନଡୋରଝିଏଭଙ୍କୁ ୬-୫ରେ ହରାଇଥିଲେ। ଏହାପରେ କ୍ୱାର୍ଟରରେ ସେ ଜର୍ମାନୀର ମାଇକ ଜାରଜେୱସ୍କିଙ୍କୁ ୬-୨ରେ ହରାଇଥିଲେ।

ହରିୟାଣାର କାଇଥାଲ ନିକଟସ୍ଥ ଏକ ଛୋଟିଆ ଗ୍ରାମ ଗୁହ୍ଲା ଚିକାରୁ ହରବିନ୍ଦର ଆସିଛନ୍ତି। ଏକ ମଧ୍ୟବିତ୍ତ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିବା ହରବିନ୍ଦର ଦେଢ଼ ବର୍ଷ ବୟସରେ ଡେଙ୍ଗୁର ଶିକାର ହୋଇଥିଲେ। ଚିକିତ୍ସା ପାଇଁ ଜଣେ ସ୍ଥାନୀୟ ଡାକ୍ତର ତାଙ୍କୁ ଇଞ୍ଜେକଶନ ଦେଇଥିଲେ। ତେବେ ତାଙ୍କ ଶରୀରରେ ଏହାର ପ୍ରତିକୂଳ ପ୍ରଭାବ ପଡିଥିଲା। ଯାହାଫଳରେ ତାଙ୍କ ଦୁଇ ଗୋଡ ଅଚଳ ହୋଇଯାଇଥିଲା।

# ପ୍ରମୋଦ-ପଲକ ସେମିଫାଇନାଲରେ

**ଟୋକିଓ, ୩।୯(ପି.ଟି.)**

ଟୋକିଓ ପାରାଲିମ୍ପିକ୍ସରେ ପଲକ କୋହଲିଙ୍କୁ ସାଥିକରି ବ୍ୟାଡ୍‌ମିଣ୍ଟନ ମିକ୍ସଡ ଡବଲ୍ସ ଖେଳୁଥିବା ଓଡ଼ିଶାର ପ୍ରମୋଦ ଭଗତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ ଆଉ ୩ ଜଣ ଖେଳାଳି ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ନଏଡ଼ା ଜିଲା ମାଜିଷ୍ଟ୍ରେଟ ସୁହାସ ୟଥିରାଜ। ଅନ୍ୟ ୨ ଜଣ ହେଲେ ତରୁଣ ଧିଲୋନ ଓ ମନୋଜ ସରକାର।

ପୂର୍ବରୁ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୩ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ପ୍ରମୋଦ ଶୁକ୍ରବାର ପଲକଙ୍କୁ ସାଥିକରି ଥାଇଲାଣ୍ଡ ଯୋଡ଼ି ସିରିପଙ୍ଗ ଟିମାରମ ଓ ନିପାଦା ସିଅନସୁପାଙ୍କୁ ୨୧-୧୫, ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଗ୍ରୁପ୍ 'ବି'ରେ ପ୍ରମୋଦ-ପଲକ ଯୋଡ଼ି ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛନ୍ତି। ଶନିବାର ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ଇଣ୍ଡୋନେସିଆର ହାରୀ ସୁସାନ୍ତୋ ଓ ଲିଆନି ରାତ୍ରିଙ୍କୁ ଭେଟିବେ।

ଗ୍ରୁପ-ଏର ଏସ୍‌ଏଲ୪ ବର୍ଗରେ ସୁହାସ ଇଣ୍ଡୋନେସିଆର ହାରି ସୁସାନ୍ତୋଙ୍କୁ ୨୧-୬, ୨୧-୧୨ ପଏଣ୍ଟରେ ହରାଇ ଦେଇଥିଲେ। ସେହିପରି ତରୁନ ଗ୍ରୁପ୍ 'ବି'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୋରିଆର ଶିନ କ୍ୟୁଙ୍ଗ ହ୍ୱାନଙ୍କୁ ୨୧-୧୮, ୧୫-୨୧, ୨୧-୧୭ ପଏଣ୍ଟରେ ପରାସ୍ତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଏହି ଦୁଇ ଭାରତୀୟ ପ୍ରତିଯୋଗୀ ପରାସ୍ତ ହୋଇଥିଲେ ହେଁ ସେମିଫାଇନାଲରେ ପହଞ୍ଚିଛନ୍ତି। ସୁହାସ ସେମିଫାଇନାଲରେ ଇଣ୍ଡୋନେସିଆର ଫ୍ରେଡି ସେଟିଆୱାନଙ୍କୁ ଭେଟିବେ। ସେହିପରି ତରୁନ ୨ ଥର ବିଶ୍ୱ ଚାମ୍ପିୟନ ଫ୍ରାନ୍ସର ଲୁକାସ ମାଜୁରଙ୍କ ସହ ମୁକାବିଲା କରିବେ। ଏସ୍‌ଏଲ୩ ବର୍ଗରେ ମନୋଜ ୨୧-୧୬, ୨୧-୯ ପଏଣ୍ଟରେ ୟୁକ୍ରେନର ଓଲେକଜାଣ୍ଡର ଚିରକୋଭଙ୍କୁ ପରାସ୍ତ କରିଥିଲେ। ଗ୍ରୁପ୍ 'ଏ'ରେ ସେ ପ୍ରମୋଦଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେମିଫାଇନାଲରେ ମନୋଜ ଗ୍ରେଟ୍ ବ୍ରିଟେନର ଡାନିଏଲ ବେଥେଲଙ୍କୁ ଭେଟିବେ। ସେହିପରି ଭଗତ ଜାପାନର ଦାଇସୁକେ ବେଥେଲଙ୍କ ସହ ମୁକାବିଲା କରିବେ। ଏସଏଚ୍‌୬ ବର୍ଗରେ ଦ୍ୱିତୀୟ ସିଡ୍ କ୍ରିଷ୍ଣା ନାଗର ୨୧-୧୭, ୨୧-୧୪ ପଏଣ୍ଟରେ ବ୍ରାଜିଲର ଭିକ୍ଟର ଟାଭାରେସଙ୍କୁ ହରାଇ ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ସେମିଫାଇନାଲରେ କ୍ରିଷ୍ଣା ଗ୍ରେଟ୍ ବ୍ରିଟେନର କ୍ରିଷ୍ଟେନ କୁମ୍ବଙ୍କୁ ଭେଟିବେ। ପ୍ରତିଭା ସମ୍ପନ୍ନ ପଲକଙ୍କର ମହିଳା ସିଙ୍ଗଲ୍ସ ଏସ୍‌ୟୁ୫ ବର୍ଗ ଅଭିଯାନ ଶେଷ ହୋଇଛି। ସେ ୧୧-୨୧, ୧୫-୨୧ ପଏଣ୍ଟରେ ଜାପାନର କାଏଦେ କାମେୟାମାଙ୍କଠାରୁ କ୍ୱାର୍ଟର ଫାଇନାଲରେ ହାରି ଯାଇଛନ୍ତି। ପୂର୍ବରୁ ୧୯ ବର୍ଷୀୟା ପଲକ ଏବଂ ୪୮ ବର୍ଷୀୟା ପାରୁଲ ପର୍ମାରଙ୍କ ଅଭିଯାନ ମହିଳା ଡବଲ୍ସ ଏସ୍‌ଏଲ୩ ବର୍ଗରେ ଶେଷ ହୋଇ ଯାଇଥିଲା। ସେମାନେ ଫ୍ରେଞ୍ଚ ଯୋଡ଼ି ଲିନେଗ ମୋରିନ ଓ ଫୁଷ୍ଟିନେ ନୋଏଲଙ୍କଠାରୁ ୧୨-୨୧, ୨୦-୨୨ ପଏଣ୍ଟରେ ହାରି ଯାଇଥିଲେ।


ମିକ୍ସଡ ଡବଲ୍ସ ଇଭେଣ୍ଟ ଅବସରରେ ପ୍ରମୋଦ ଭଗତ ଓ ପଲକ କୋହଲି।

## ୭ରୁ କଳିଙ୍ଗରେ ରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍

**ଟୋକିଓ,୩।୯(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୭ ଓ ୮ ତାରିଖରେ ୬୮ତମ ରାଜ୍ୟ ସିନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍ ଆୟୋଜନ ହେବ। ୨ ଦିନଧରି ଆୟୋଜନ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ଉଭୟ ପୁରୁଷ ଓ ମହିଳା ଆଥ୍‌ଲେଟମାନେ ଅଂଶଗ୍ରହଣ କରିବେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, କିଟ୍ ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ମିଳିତ ଭାବେ ଏହି ଇଭେଣ୍ଟର ଆୟୋଜନ କରିବେ। ରାଜ୍ୟର ସବୁ ଅଞ୍ଚଳରୁ ୪୦୦ ଆଥ୍‌ଲେଟ ଓ ୫୦ ଅଫିସିଆଲ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ସେପ୍ଟେମ୍ବର ୧୫ରୁ ୧୯ ତାରିଖ ମଧ୍ୟରେ ତେଲଙ୍ଗାନାର ୱାରଙ୍ଗଲ୍‌ରେ ୬୦ତମ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ ହେବ। ଏହି ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରୁ ପ୍ରଦର୍ଶନ ଭିତ୍ତିରେ ସିନିୟର ଓଡ଼ିଶା ଟିମ୍ ଚୟନ କରାଯିବ। ଏହି ଟିମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଭାଗ ନେବ।

# 'କ୍ରୀଡ଼ା ପାଇଁ ବିଶ୍ୱରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି'

**ଭୁବନେଶ୍ୱର, ୩।୯(କ୍ରୀଡ଼ା ପ୍ରତିନିଧି)**

ସଂଘର୍ଷରତ ମଣିଷର ଅନ୍ତଃସ୍ୱରକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସରତ ପତ୍ରିକା ଦୂରଦର୍ଶୀ ପକ୍ଷରୁ ଶୁକ୍ରବାର କ୍ରୀଡ଼ା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଲେ ଯେ, "ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଏବଂ ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ପାଇଁ ଓଡ଼ିଶା ଏବେ ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି। ୨୦୧୮ ହକି ବିଶ୍ୱକପ ସମେତ ଆମେ ଏହା ମଧ୍ୟରେ ଅନେକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିସାରିଛୁ। ଓଡ଼ିଶା ମାଟିରୁ ବାହାରିଥିବା ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ମାନେ ନିଜକୁ ଏବଂ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ୨୦୧୩-୧୪ରେ ମିନି ଷ୍ଟାଡିୟମ ଯୋଜନା ଆରମ୍ଭ ହୋଇଥିଲା। ଏବେ ଓଡ଼ିଶାରେ ୪୬୩ଟି ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିରୁ ୭୦ ପ୍ରତିଶତରୁ ଅଧିକ କାର୍ଯ୍ୟକ୍ଷମ ହୋଇଛି। ଅନ୍ୟଗୁଡ଼ିକର କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। କଳିଙ୍ଗ ଷ୍ଟାଡିୟମରେ ୯ଟି ହାଇପରଫରମାନ୍ସ ସେଣ୍ଟର କାର୍ଯ୍ୟ କରୁଛି। ଆଉ ୨ଟି କାର୍ଯ୍ୟ ଚାଲିଛି"। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ଆଗାମୀ ହକି ବିଶ୍ୱକପ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। "୨୦୨୩ ହକି ବିଶ୍ୱକପ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଏଥିପାଇଁ ରାଉରକେଲାରେ ୨୦,୦୦୦ରୁ ଉର୍ଦ୍ଧ୍ୱ କ୍ଷମତା ବିଶିଷ୍ଟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ବିଶ୍ୱସ୍ତରରେ ପ୍ରତିଷ୍ଠିତ ହେବାଭଳି ଏକ ଅନ୍ତର୍ଜାତୀୟ ଷ୍ଟାଡିୟମ ହେବ। ୨୦୧୯ରେ ପାଖାପାଖି ୨୦୮ କୋଟି ଟଙ୍କାର କ୍ରୀଡ଼ା ବଜେଟ ଥିଲା। ୨୦୨୦ରେ ଏହା ୨୬୦ କୋଟି ଟଙ୍କା ହୋଇଥିବାବେଳେ ୨୦୨୧ରେ ୩୬୫ରୁ ୩୬୮ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। କେବଳ ହକି ନୁହେଁ ରଗ୍‌ବୀ, ଆଥ୍‌ଲେଟିକ୍ସ, ସୁଇମିଂ, ଆର୍ଚେରୀ ଆଦି ଆହୁରି ଅନେକ କ୍ରୀଡ଼ାର ଉନ୍ନତି ପାଇଁ କାର୍ଯ୍ୟ ଚାଲିଛି। କିଟ୍ ଓ କିସ୍‌ରେ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଖେଳାଳିଙ୍କ ପାଇଁ ଉନ୍ନତ ପ୍ଲାଟଫର୍ମ ପ୍ରସ୍ତୁତ ହୋଇଛି। କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିବାରୁ ଆମ କ୍ରୀଡ଼ାବିତ୍‌ମାନେ ଆଗକୁ ମଧ୍ୟ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ଆଶା ସୃଷ୍ଟି ହୋଇଛି" ବୋଲି ତୁଷାରକାନ୍ତି ପ୍ରକାଶ କରିଛନ୍ତି।


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିଙ୍କ ସହ ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ ବ୍ୟକ୍ତିମାନେ।

**ନବମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ସମାରୋହ**

ଶୁକ୍ରବାର ଅନୁଷ୍ଠିତ ଉତ୍ସବରେ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ-୨୦୨୧ରେ ସମ୍ମାନିତ ହୋଇଥିବା ବ୍ୟକ୍ତିମାନେ ହେଲେ ବିଶିଷ୍ଟ ହକି କୋଚ୍ କାଳୁ ଚରଣ ଚୌଧୁରୀ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପ୍ରତିଷ୍ଠିତ କ୍ରିକେଟ କୋଚ୍ କ୍ଷୀରୋଦ ବେହେରା, ବରିଷ୍ଠ କ୍ରୀଡ଼ା ଖବରଦାତା ତପନ କୁମାର ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସମୀର ପ୍ରସାଦ ରାଉତ, ଦେବୀ ପ୍ରସନ୍ନ ପାଣିଗ୍ରାହୀ, ମହିଳା କ୍ରିକେଟର ସୁଶ୍ରୀ ଦିବ୍ୟଦର୍ଶିନୀ, ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ସୁମିତ୍ରା ନାୟକ, ଭାରୋତ୍ତୋଳକ ପୁନିତ ଚନ୍ଦ୍ର ସାହୁ ଏବଂ ଶୁଭ୍ରଜିତ ପ୍ରଧାନ (ମାଉଣ୍ଟେନ ହକି)। ଦୂରଦର୍ଶୀର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ରାଜ୍ୟ ଯୁବ କଲ୍ୟାଣ ପରିଷଦ ଅଧ୍ୟକ୍ଷ ବିଜୟ ନାୟକ, ଜୟ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବ୍ୟୁରୋ ଚିଫ୍ ପ୍ରସନ୍ନ ବିଷୋୟୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୪/୨୦୨୧ Sambalpur, Saturday, September 4/ 2021

# ଆଇପିଏଲ୍: ପନ୍ତ ଦିଲ୍ଲୀ ଅଧିନାୟକ ରହିବେ

**ନୂଆଦିଲ୍ଲୀ, ୩।୯**

ସେପ୍ଟେମ୍ବର ୧୯ରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ବାକିଥିବା ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ଏହି ମ୍ୟାଚ୍‌ଗୁଡିକରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ପଦରେ ବଜାୟ ରହିବେ । ଏ ନେଇ ଦିଲ୍ଲୀ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି। ଆଇପିଏଲ ଆୟୋଜନ ହେବା ପୂର୍ବରୁ ନିୟମିତ ଅଧିନାୟକ ଶ୍ରେୟାସ ଆୟାର କାନ୍ଧରେ ଗୁରୁତର ଆଘାତ ପାଇଥିଲେ ଓ ପୂରା ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲେ। ତାଙ୍କ ସ୍ଥାନରେ ପନ୍ତଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା। ଏବେ ପନ୍ତ ଦିଲ୍ଲୀର ନେତୃତ୍ୱ ବଜାୟ ରଖିବେ। ଖୁବ୍‌ଶୀଘ୍ର ଏନେଇ ଦିଲ୍ଲୀ ମ୍ୟାନେଜମେଣ୍ଟ ଘୋଷଣା କରିବ ବୋଲି ଆଶା କରାଯାଉଛି। ଏବେ ଦଳରେ ପନ୍ତ ଓ ଆୟାରଙ୍କ ମଧ୍ୟ କିଭଳି ସମୀକରଣ ସୃଷ୍ଟି ହେଉଛି ତାହା ଦେଖିବାକୁ ବାକି ରହିଲା। ଇଂଲଣ୍ଡ ଗସ୍ତରେ ଆଶାନୁରୂପ ପ୍ରଦର୍ଶନ କରିପାର ନ ଥିବା ପନ୍ତ ଏବେ ଆଇପିଏଲରେ ଭଲ ଖେଳି ଫର୍ମକୁ ଫେରିବେ ବୋଲି ଆଶା କରାଯାଉଛି। ପୁଣି ଟି୨୦ ବିଶ୍ୱକପ୍ ମଧ୍ୟ ଆଇପିଏଲ ପରେ ଆରମ୍ଭ ହେବ। ତେଣୁ ବିଶ୍ୱକପ୍ ପାଇଁ ଆଇପିଏଲ ପ୍ରସ୍ତୁତିରେ ସହାୟ ହେବ।

ଆଇପିଏଲ୍‌ରେ ଦିଲ୍ଲୀ ୮ଟି ମ୍ୟାଚ୍ ଖେଳି ୧୨ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି।




# ଚତୁର୍ଥ ଟେଷ୍ଟ: ଇଂଲଣ୍ଡ ଅଗ୍ରଣୀ

**ଲଣ୍ଡନ, ୩।୯**

ଓଲି ପୋପ୍ ଓ କ୍ରିସ୍ ୱୋକ୍ସଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଇଂଲଣ୍ଡ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଭାରତ ବିପକ୍ଷ ୪ର୍ଥ କ୍ରିକେଟ ଟେଷ୍ଟରେ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। ଇଂଲଣ୍ଡ ପ୍ରଥମ ଇନିଂସ ୨୯୦ ରନରେ ଶେଷ ହୋଇଛି। ଭାରତ ପ୍ରଥମ ଇନିଂସରେ ୧୯୧ ରନ କରିଥିଲା। ଫଳରେ ଘରୋଇ ଦଳ ୯୯ ରନର ମୂଲ୍ୟବାନ ଅଗ୍ରଣୀଲାଭ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୫୩/୩ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୬୨ ରନ ମଧ୍ୟରେ ୫ମ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ମିଡଲ ଅର୍ଡରରେ ପୋପ୍ ୧୫୯ ବଲ୍‌ରୁ ୮୧(୭ ଚୌକା) ଏବଂ ଶେଷ ଭାଗରେ କ୍ରିସ୍ ୱୋକ୍ସ ୬୦ ବଲ୍‌ରୁ ୫୦(୧୧ ଚୌକା) ରନ କରି ଇଂଲଣ୍ଡକୁ ଅଗ୍ରଣୀ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନି ବେୟାରଷ୍ଟୋ ୩୭ ଓ ମୋଇନ ଅଲୀ ୩୫ ରନର ଯୋଗଦାନ ଦେଇଥିଲେ। ୱୋକ୍ସ ରନଆଉଟ ହେବାସହ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟିଥିଲା। ଭାରତ ପକ୍ଷରୁ ଉମେଶ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଏବଂ ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୯୧। ଇଂଲଣ୍ଡ ପ୍ରଥମ ଇନିଂସ: ୨୯୦/ଅଲଆଉଟ(ଓଲି ପୋପ୍-୮୧, କ୍ରିସ୍ ୱୋକ୍ସ-୫୦, ଜନି ବେୟାରଷ୍ଟୋ-୩୭, ମୋଇନ ଅଲୀ-୩୫, ଦାୱିଦ ମଲନ-୩୧, ଉମେଶ ଯାଦବ-୩/୭୬, ଯଶପ୍ରୀତ୍ ବୁମ୍‌ରା-୨/୬୭, ରବୀନ୍ଦ୍ର ଜାଡେଜା-୨/୩୬, ଶାର୍ଦ୍ଦୁଳ ଠାକୁର-୧/୫୪, ମହମ୍ମଦ ସିରାଜ-୧/୪୨)।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଓଲି ପୋପ୍।

# ପାରାଲିମ୍ପିକ ମେଡାଲିଷ୍ଟଙ୍କୁ ଜୋରଦାର ସ୍ୱାଗତ

**ନୂଆଦିଲ୍ଲୀ, ୩।୯**

ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସୁମିତ ଆଣ୍ଟିଲଙ୍କ ସମେତ ଟୋକିଓ ପାରାଲିମ୍ପିକ୍ସରେ ପଦକ ହାସଲ କରିଥିବା ୪ଜଣ ଆଥ୍‌ଲେଟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଏହି ଆଥ୍‌ଲେଟମାନଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଶଂସକ ଏବଂ ଗଣମାଧ୍ୟମ କର୍ମଚାରୀମାନେ ଖେଳାଳିମାନଙ୍କ ଏକ ଝଲକ ନେବାକୁ ବେଶ୍ ସଂଘର୍ଷ କରୁଥିବା ଦେଖାଯାଇଥିଲା। ଖାସ କରି ସୁମିତଙ୍କୁ ଦେଖିବା ପାଇଁ ଭିଡ ଜମିଯାଇଥିଲା।

ସୁମିତଙ୍କୁ ବାଦ୍‌ଦେଲେ ୩ଥର ପାରାଲିମ୍ପିକ ପଦକ ଜିତିଥିବା ଓ ଏଥର ରୌପ୍ୟ ପଦକ ହାସଲ କରିଥିବା ଜାଭେଲିନ ଥ୍ରୋୟର ଦେବେନ୍ଦ୍ର ଝାଝାରିଆ, ଡିସ୍‌କସ୍ ଥ୍ରୋରେ ରୌପ୍ୟ ହାସଲ କରିଥିବା ଯୋଗେଶ ଖାଥୁନିୟା ଓ ଶରଦ କୁମାରଙ୍କୁ ବିମାନ ବନ୍ଦରରେ ଜୋରଦାର ସ୍ୱାଗତ କରାଯାଇଥିଲା। ଆମ ଚାମ୍ପିୟନମାନେ ସ୍ୱଦେଶ ଫେରିଛନ୍ତି ଓ ଏଠାରେ ପହଞ୍ଚିବା ପରେ ସେମାନେ ବେଶ୍ ଖୁସି ଅଛନ୍ତି ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଟୁଇଟ୍ କରି ଉଲ୍ଲେଖ କରିଛି। ଏହି ୪ ଆଥ୍‌ଲେଟଙ୍କୁ ସାଇର ଅଧିକାରୀମାନେ ସ୍ୱାଗତ କରିଥିଲେ ଓ ପହଞ୍ଚିବା ପରେ ସେମାନଙ୍କୁ ଫୁଲତୋଡା ପ୍ରଦାନ କରିଥିଲେ। ଆଥ୍‌ଲେଟମାନେ ମଧ୍ୟ ସେମାନଙ୍କ ପଦକ ପ୍ରଦର୍ଶନ କରିଥିଲେ ଓ ବିମାନବନ୍ଦରରେ ଫଟୋପୋଜ ଦେଇଥିଲେ। ପ୍ରଶଂସକମାନେ ତ୍ରିରଙ୍ଗା ପଦକ ଦେଖାଇ ଓ ଡ୍ରମ ବଜାଇ ଆଥ୍‌ଲେଟମାନଙ୍କୁ ସ୍ୱାଗତ କରିଥିଲେ। ମାସ୍କ ପିନ୍ଧିଥିବା ସମର୍ଥକମାନେ ଖେଳାଳିମାନଙ୍କୁ ଫୁଲହାର ପିନ୍ଧାଇବା ପାଇଁ ନିଜନିଜ ଭିତରେ ପ୍ରତିଯୋଗିତା କରିଥିଲେ। ଖେଳାଳିମାନେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥା ହୋଇଥିବାର ଲକ୍ଷ୍ୟ କରାଯାଇଥିଲା।

୨୩ ବର୍ଷୀୟ ସୁମିତ ଏଫ୬୪ରେ ନିଜ ରେକର୍ଡ ଭାଙ୍ଗି ଜାଭେଲିନ୍‌ରେ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ପୂର୍ବରୁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ଝାଝାରିଆଙ୍କୁ ଏଫ୪୬ ବର୍ଗରେ ଏଥର ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ସେହିପରି କାଥୁନିୟା ଡିସ୍‌କସ୍ ଥ୍ରୋର ଏଫ୫୬ ବର୍ଗରେ ରୌପ୍ୟ ଓ ଶରଦ ଟି୪୨ ହାଇଜମ୍ପରେ ବ୍ରୋଞ୍ଜ ଜିତିଥିଲେ।

ପ୍ରତ୍ୟାବର୍ତ୍ତନ କରିଥିବା ଏହି ଭାରତୀୟ ପାରା ଆଥ୍‌ଲେଟମାନଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସମ୍ବର୍ଦ୍ଧିତ କରିଛନ୍ତି। କ୍ରିକେଟ ବ୍ୟାଟ ଭଳି ଜାଭେଲିନ ଏବେ ଭାରତରେ ଲୋକପ୍ରିୟ ହୋଇଛି ବୋଲି ଠାକୁର କହିଛନ୍ତି। ଦେଶର ଆଥ୍‌ଲେଟମାନଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ସବୁପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଠାକୁର ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ଜାତୀୟ କ୍ରୀଡ଼ା ଦିବସରେ ପାରାଲିମ୍ପିକ୍ସରେ ଭାରତକୁ ୪ଟି ପଦକ ମିଳିଥିଲା।


ସମ୍ବର୍ଦ୍ଧିତ ହେବା ଅବସରରେ ପଦକ ପ୍ରଦର୍ଶନ କରୁଛନ୍ତି ପାରାଲିମ୍ପିକ୍ସର ପଦକ ହାସଲକାରୀ ୪ ଆଥ୍‌ଲେଟ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୪ ସେପ୍ଟେମ୍ବର, ୨୦୨୧

## ବେଣ୍ଡବଜା ମାଲିକ ସଂଘର ଦ୍ୱିତୀୟ କାର୍ଯ୍ୟକର୍ତ୍ତା କମିଟି ଚୟନ



ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡିଠାରେ କଳାହାଣ୍ଡି ବେଣ୍ଡବଜା ମାଲିକ ସଂଘର ଦ୍ୱିତୀୟ କାର୍ଯ୍ୟକର୍ତ୍ତା କମିଟି ଚୟନ ହୋଇଯାଇଛି। ବୈଠକରେ ଜିଲାର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ନୂତନ ସଭାପତି ଭାବେ ନନ୍ଦି କିଶୋର ସୁନାନୀ, ଉପସଭାପତି ବିଶ୍ୱନାଥ ଠାକୁର, ସମ୍ପାଦକ ଶରତ ଚନ୍ଦ୍ର ବାଗ, ସହସମ୍ପାଦକ ତ୍ରିଲୋଚନ କର, କୋଷାଧକ୍ଷ ଅଭିମନ୍ୟୁ ସୁନାନୀ, ସହ କୋଷାଧକ୍ଷ କାଶିନାଥ ଘି ମନୋନୀତ ହୋଇଥିଲେ।



## ସଂକ୍ଷେପରେ

### ଶ୍ରୀୟାଂସି, ଅଭିନବଙ୍କୁ ବ୍ଲାକ୍‌ବେଲ୍ଟ




ଟିଟିଲାଗଡ଼,୩।୯ (ଡି.ଏନ.ଏ.): ଟିଟିଲାଗଡ ସହରର ଦୁଇ ଶିଶୁ କ୍ରୀଡାବିତ୍ ଶ୍ରୀୟଂସି ହାଂସଦା (୧୪) ଏବଂ ଅଭିନବ ସାହୁ (୧୨) ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ଲାକ ବେଲ୍ଟ ଲାଭ କରିଛନ୍ତି । ଏହା ସହ କରାଟେରେ ଦୁଇ କ୍ରୀଡାବିତ୍ ଡିପ୍ଲୋମା ଡିଗ୍ରୀ ହାସଲ କରିଛନ୍ତି। ଗୁରୁ ଡ. ସିହାନ ହରିପ୍ରସାଦ ପଟ୍ଟନାୟକ, ଶୋକୋକାଇ ସିଟୋରିଓ କରାଟେ ଡୁ ର ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ତଥା ଉତ୍କଳ କରାଟେ ସ୍କୁଲ, ଓଡିଶାର ପ୍ରତିଷ୍ଠାତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାରେ ୧୪ ଜଣ କ୍ରୀଡାବିତ୍ ଭାଗ ନେଇଥିଲେ। କାର୍ତ୍ତି ଅର୍ଜନ କରିଥିବା ଦୁଇ କ୍ରୀଡାବିତ୍ ଉତ୍କଳ କରାଟେ ସ୍କୁଲ, ଟିଟିଲାଗଡ ଶାଖାର ମୁଖ୍ୟ ପ୍ରଶିକ୍ଷକ ସୁରେଶ ଜାଲଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଜାଲଙ୍କ ତତ୍ତ୍ୱାବଧାନରେ ଏହି ଅଞ୍ଚଳର ଅନେକ କ୍ରୀଡାବିତ ପ୍ରତିଷ୍ଠା ଲାଭ କରି ଆସିଛନ୍ତି। ସଫଳତା ନେଇ ଦୁଇ ଶିଶୁ କ୍ରୀଡାବିତଙ୍କୁ ଜାଲ ତଥା ଟିଟିଲାଗଡ ଶାଖାର ପ୍ରଶିକ୍ଷକ ବ୍ୟୋମକେଶ ବେହେରା, କୃଷ୍ଣ ପାତ୍ର, କ୍ଷୀରୋଦ ସୁନା, ପ୍ରହ୍ଲାଦ ସାହୁ, ମୁକେଶ ସାହୁ, ଶ୍ରଦ୍ଧାଞ୍ଜଳି ଜାଲ, ରାହୁଲ ଜାଲ, ପ୍ରଶାନ୍ତ ଦର୍ଜି ତଥା ସ୍ଥାନୀୟ ବୁଦ୍ଧିଜୀବୀ ଶୁଭେଚ୍ଛା ଜ୍ଞାପନ ସହ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।

### କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ

ଦେଓଗାଁ,୩।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲରେ ଶୁକ୍ରବାର କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, କିଷାନସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ଗଦନ ବେହେରା, ସମିତିସଭ୍ୟ ପ୍ରମୋଦ ମିଶ୍ର, ପ୍ରଦୀପ ପଧାନ, ଚୈତନ୍ୟ କାଲସାଏ, ସୁଶାନ୍ତ ଖମାରୀ, ଚିନୁ ମିଶ୍ର, ଜଗୁ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ସଂପୃକ୍ତ ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡସଭ୍ୟ ନିର୍ବାଚିତ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା । ଏଥିସହ ପଞ୍ଚାୟତରେ ରହିଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ହାଡିବନ୍ଧୁ ସୁନା ନୂତନ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ।

### ବିଶ୍ୱହିନ୍ଦୁ ପରିଷଦର ୭୭ତମ ପ୍ରତିଷ୍ଠା ଦିବସ ପାଳିତ

ଦେଓଗାଁ,୩।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ରାମଜୀ ମଣ୍ଡପଠାରେ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦର ୭୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଜୟ ରଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଦେଓଗାଁ ପ୍ରଖଣ୍ଡ ସଭାପତି ଗଜିନ୍ଦ୍ର ମିଶ୍ର ଓ ସମ୍ପାଦକ ସୂର୍ଯ୍ୟମଣି ପଧାନ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମପ୍ରାନ୍ତ ଉପ-ସଭାପତି ପରମେଶ୍ୱର ମଲ୍ଲିକ ,ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ର ମିଶ୍ର, ତ୍ରିଲୋଚନ ସିଂ ଚିନ୍ଦା ଓ ଶ୍ରୀବତ୍ସ ସା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ହିନ୍ଦୁ ସମ୍ପ୍ରଦାୟର ସଂଗଠନକୁ ସୁଦୃଢ଼ କରିବା ଓ ଗୋସେବାର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ମିଶ୍ର, ନୀଳାଞ୍ଚଳ ରଣା, ବିରଞ୍ଚି ରଣା, ପ୍ରମୋଦ ବାରିକ, ବିଭୀଷଣ ରଣା ପ୍ରମୁଖ ସହଯୋଗ କରିଥିଲେ ।

### ଗୁରୁଦିବସ ପ୍ରସ୍ତୁତି ବୈଠକ

ଲୋଇସିଂହା,୩।୯(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଠାରେ ଗୁରୁଦିବସ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ତଥା ଉପଦେଷ୍ଟା ବଳରାମ ମିଶ୍ର ଓ ଜଗନ୍ନାଥ ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ଚମରା ଚୌହାନ ଅଧ୍ୟକ୍ଷତା କରିଥିଲେ । ରୁଦ୍ରଧର ତ୍ରିପାଠୀ, ନରେନ୍ଦ୍ର କୁମ୍ଭାରଙ୍କ ସମେତ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ବୈଠକରେ ଉପସ୍ଥିତ ଥିଲେ ।

# ଆବର୍ଜନାକୁଣ୍ଡରେ ଜଳ ଯୋଗାଣ ପାଇପ

ମ.ରାମପୁର,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଓ ମ.ରାମପୁର ପଞ୍ଚାୟତ ପକ୍ଷରୁ ମିଳିତ ଭାବେ ରାମପୁରରେ ପାନୀୟ ଜଳ ଯୋଗାଣ କରାଯାଉଛି। ମ.ରାମପୁର ସହର ମୁଖ୍ୟ ରାସ୍ତାପାର୍ଶ୍ୱ ଦେଇ ମୁଖ୍ୟ ପାଣି ପାଇପ ଲାଇନ୍ ପୋତା ଯାଇଛି। ଚାରିଛକକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରୁ କର୍ଦ୍ଦମାକ୍ତ ଜଳ ନିଷ୍କାସିତ ହେଉଥିବାରୁ ନ ଥିବାରୁ ହ୍ୟୁମପାଇପ ପୋଲ ମଧ୍ୟରେ ପ୍ଲାଷ୍ଟିକ ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି। ହ୍ୟୁମ ପାଇପ ପୋଲରେ ନିଷ୍କାସିତ ହୋଇ ନ ଥିବା କର୍ଦ୍ଦମାକ୍ତ ଜଳ ପ୍ଲାଷ୍ଟିକ ପାଇପରେ ପଶି ତାହା ନିର୍ଗତ ହେଉଛି। ପ୍ରାୟ ୨/୩ ମାସକୁ ଥରେ ପ୍ଲାଷ୍ଟିକ ପାଇପ ଭାଙ୍ଗିଯିବା



ଆବର୍ଜନାକୁଣ୍ଡରେ ପାଇପ ଲାଇନ୍ ପୋତା ଯାଇଛି।

କିମ୍ବା କଟିଯିବା ଯୋଗୁ ୩ରୁ ୫ ଦିନ ପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହୁଛି। ଉକ୍ତ ହ୍ୟୁମପାଇପ ପାର୍ଶ୍ୱରେ କାଷ୍ଟାଡ ଆଇରନ ଯୁକ୍ତ ପାଣି ପାଇପ ବିଛାଇବା ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ଉଭୟ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା ଜଣାଯାଇଛି। ଶୁକ୍ରବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ବେଳେ ଉକ୍ତ ଅଭିଯୋଗପତ୍ରକୁ ପଞ୍ଚାୟତ କର୍ତ୍ତୃପକ୍ଷ

### ପାଇପ ଫାଟି ଜଳଯୋଗାଣ ବନ୍ଦ

ଆରଡବ୍ଲୁଏସଏସ କର୍ତ୍ତୃପକ୍ଷଙ୍କୁ ପ୍ରେରଣ କରାଯାଇଛି। ଏଭଳି କାର୍ଯ୍ୟକଳାପ ଯୋଗୁ ସମସ୍ୟା ସ୍ଥାୟୀ ସମାଧାନ ଆଶାକ୍ଷିଣ ବୋଲି ଉପଲବ୍ଧି କରି ଉପଜିଲାପାଳଙ୍କ କୋର୍ଟର ଆଶ୍ରୟ ନେବା ପାଇଁ ଉପଭୋକ୍ତାମାନେ ଅଣ୍ଟା ଭିଡିଥିବା ଜଣାପଡ଼ିଛି। ସେହିଭଳି ମ.ରାମପୁର ସହର ପାଇଁ ସହରକୁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ସହିତ ଫିଲଟର କରି ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ସିଧାସଳଖ ଗୋଳିଆ ପାଣି ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

# ନୂଆ ଜିଲା ପୋଲିସ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୩।୯

ବଲାଙ୍ଗୀରରେ ନୂଆ ଜିଲା ପୋଲିସ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ ଭର୍ଚ୍ଚୁଆଲ ମୋଡ୍‌ରେ ଏହି ନବନିର୍ମିତ ଜିଲା ପୋଲିସ କାର୍ଯ୍ୟାଳୟକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ଏସପି ନିତିନ କୁଶଲକର, ଜିଲାପାଳ ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡା. ଦୀପକ କୁମାର ନୂଆ ଜିଲା ପୋଲିସ କାର୍ଯ୍ୟାଳୟର ଉଦ୍‌ଘାଟନୀ ରିବନ୍ କାଟିଥିଲେ। ଭର୍ଚ୍ଚୁଆଲ ମୋଡ୍‌ରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ଜିଲାବାସୀ, ଜିଲାର ଏସପି ଏବଂ ପୋଲିସ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ଏସପିଙ୍କ ନେତୃତ୍ୱରେ ବଲାଙ୍ଗୀର ପୋଲିସ ଭଲ କାମ କରୁଛି ବୋଲି କହିଥିଲେ। ୨ କୋଟି ୧୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି ନୂଆ କୋଠା ଅତ୍ୟାଧୁନିକ କୌଶଳରେ ନିର୍ମାଣ କରାଯାଇଛି। ଏହି ନୂଆ କୋଠା



ଡିଆଇଜି ଡା. ଦୀପକ କୁମାର ରିବନ୍ କାଟୁଛନ୍ତି।

ଉଦ୍‌ଘାଟିତ ହେବା ପରେ ଲୋକେ ଆହୁରି ସୁବିଧାରେ ପୋଲିସ ସେବା ପାଇ ପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡିସନାଲ ଏସପି ମନୋରଞ୍ଜନ ପ୍ରଧାନ, ଏସଡିପିଓ ତୋଫାନ୍ ବାଗ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମୁଦ୍ ସେଠ୍, ଟାଉନ୍ ଥାନାଧିକାରୀ ପ୍ରିୟଙ୍କା ରାଉତ୍‌ରାୟ ଓ ଅନ୍ୟ ପୋଲିସ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଡିଆଇଜି ଡା ଦୀପକ କୁମାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡୁରେକେଲା ଥାନାର ସବ୍‌ଇନ୍ସପେକ୍ଟର ଦୀପକ ଡୁଙ୍ଗଡୁଙ୍ଗ୍, ପାଟଣାଗଡ ଥାନାର ସବ୍‌ଇନ୍ସପେକ୍ଟର ସଞ୍ଜୁକ୍ତା ପ୍ରଧାନ ଓ ଟାଉନ୍ ଥାନା ଏଏସ୍‌ଆଇ ଅକ୍ରୁର ପାତ୍ରଙ୍କୁ ଡିଜିପି ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ନୂଆ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ପୁରୁଣା କୋଠାରେ ମଧ୍ୟ କିଛି କାର୍ଯ୍ୟାଳୟ ପୂର୍ବପରି କାର୍ଯ୍ୟ କରିବ ବୋଲି ଏସପି ସୂଚନା ଦେଇଥିଲେ।

### ଗାଁ ସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର

ଭବାନୀପାଟଣା,୩।୯(ଡି.ଏନ.ଏ.)

ଗାଁ ସାଥୀ (ମେଟ୍) ମିଳିତ କ୍ରିୟାନୁଷ୍ଠାନ କମିଟିକଳାହାଣ୍ଡିଶାଖା ପକ୍ଷରୁମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟରେ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଗତ ୧୩ ବର୍ଷ ଧରି କାମ କରୁଥିବାରୁ ସେମାନଙ୍କ ଦାବିପତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଗାଁସାଥୀଙ୍କ ବିରୋଧରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗରୁ ଜୁଲାଇ ୨୯, ଅଗଷ୍ଟ ୧୭ ତାରିଖ ଓ ଅଗଷ୍ଟ ୧୯ ତାରିଖ ମିଶନ ଶକ୍ତିରୁ ହୋଇଥିବା ଚିଠିକୁ ପ୍ରତ୍ୟାହାର କରାଯାଉ ବୋଲି କମିଟି ଦାବି କରିଛି। ଜବକାର୍ଡଧାରୀ ପରିବାରକୁ ଶହେ ପରିବର୍ତ୍ତେ ୨ ଶହ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଓ ଦୈନିକ ମଜୁରୀ ୨୧୫ ପରିବର୍ତ୍ତେ ୩ ଶହ ଟଙ୍କା ବୃଦ୍ଧି କରାଯିବାକୁ ଦାବିପତ୍ର ଉଲ୍ଲେଖ କରାଯାଇଛି। କମିଟି ସଭାପତି ଭଗବାନ ବିହାରୀ, ସମ୍ପାଦକ ତରୁଣ ନାଏକ, ସରୋଜ ରଣା, ଖଗପତି ନାଏକ, ରାଜେନ୍ଦ୍ର ନାଏକ, ଶତ୍ରୁଘନ ଗୌଡ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ




ମିଶ୍ରଣ ପର୍ବରେ ଉପସ୍ଥିତ ବିଜେଡିର ନେତା ଓ କର୍ମୀମାନେ।

ଜୁନାଗଡ,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁଠାରେ ଶୁକ୍ରବାର ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର

### ବିଜେଡିରେ ମିଶିଲେ ଶତାଧିକ ଭାଜପା କର୍ମୀ

ମିଶ୍ରଙ୍କ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ପଞ୍ଚାୟତ ଶତାଧିକ ଭାଜପା କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ଅତିଥି ଭାବେ ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ବ୍ଲକ ସଭାପତି ପ୍ରମୋଦ ବେହେରା, ମହିଚଲା ସରପଞ୍ଚ ଅଜୟ ବେହେରା, ମନ୍ତ୍ରୀ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ବ୍ଲକ ଯୁବ ସଭାପତି ହିମାଂଶୁ ପୂଝାରୀ, ପଞ୍ଚାୟତ ସଭାପତି ଯୁଧିଷ୍ଠିର ବିଶ୍ୱାଳ, ପ୍ରଦ୍ୟୁମ୍ନ ରାଉ, ରାଜେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଯୁବ ନେତା କ୍ଷୀରସିନ୍ଧୁ ନାଏକ ପରିଚାଳନା କରିଥିଲେ।

### ଆଗ୍ରହୀ ଉଦ୍ୟୋଗୀଙ୍କୁ ନେଇ ଜିଲାପାଳଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା,୩।୯(ଡି.ଏନ.ଏ.)

ଗୁରୁବାର କଳାହାଣ୍ଡି ଜିଲାପାଳଙ୍କ ସଭାଗୃହରେ ବିଭିନ୍ନ ସରକାରୀ ଯୋଜନାରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ଉଦ୍ୟୋଗୀ ଦରଖାସ୍ତକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ସଭାପତିତ୍ୱ କରିଥିବା ବେଳେ ଭବାନୀପାଟଣା ସବ୍‌କଲେକ୍ଟର ଉପସ୍ଥିତ ଥିଲେ। ଆବେଦନକାରୀମାନଙ୍କ ତାଲିକା ପ୍ରସ୍ତୁତ କରି ପ୍ରତି ମାସରେ ଦୁଇଟି ବୈଠକ କରାଇବାକୁ ଜିଲାପାଳ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଲ୍‌ଡିଏମ୍ କଳାହାଣ୍ଡି, ଡିଡିଏମ୍ ନାବାର୍ଡ, ସିଡିଭିଓ କଳାହାଣ୍ଡି, ଡେପୁଟି ଡାଇରେକ୍ଟର ହର୍ଟିକଲଚର କଳାହାଣ୍ଡି, ଡିଷ୍ଟ୍ରିକ୍ଟ ଫିସରିଜ୍ ଅଫିସର କଳାହାଣ୍ଡି, ସୁପରିଣ୍ଟେଣ୍ଡେଣ୍ଟ ଇଂଜିନିୟର ଟାଟା ପାୱାର ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟର ଜିଲା ମୁଖ୍ୟମାନେ ଉପସ୍ଥିତ ଥିଲେ। ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଦୀପକ କୁମାର ଅଗ୍ରୱାଲ ପରିଚାଳନା କରିଥିଲେ।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଦେଓଗାଁ ,୩।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ବିଜେଡିର ୧୨ନଂ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ସଦସ୍ୟ ଶୁଶିଳ କୁମାର ଚାନ୍ଦ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ ,ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ ଉମା ଶଙ୍କର ସିଂ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର,ବିଜୁ ଯୁବ ଜନତା ଦଳ ଜିଲା ସଭାପତି ରାଜେନ୍ଦ୍ର ହୋତା, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମମତା କୁମୁରା, ବିଜୁଯୁବ ଜନତା ଦଳ ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ସାହାଜବାହାଲ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ହୋତା, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଅତିଥି ପରିଚୟ ପ୍ରଦାନ ତଥା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କୁତୁର୍ଲା ଗଉନ୍ତିଆ ତଥା କଂଗ୍ରେସ ସେବାଦଳର ବରିଷ୍ଠ କର୍ମକର୍ତ୍ତା ଭାବେ ପରିଚିତ ଧରଣୀଧର ନାୟକ, ପ୍ରତାପ ବାଗ, ମନୋଜ ଚନ୍ଦନ, ଭାଗବତ ନାୟକ, ବୃନ୍ଦାବନ ଗଡତ୍ୟା, ସଞ୍ଜୀବ ପଧାନ, ବିଦ୍ୟାଧର ମନହୀରା, ନେରେନ୍ଦ୍ର ତାଣ୍ଡି, ଅବିନାଶ ସୁନା, ପବିତ୍ର ପଧାନ ପ୍ରମୁଖ ନୂତନ କର୍ମକର୍ତ୍ତା ଭାବେ ଦଳରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୁ ଜନତାଦଳ ଛାତ୍ର ସଭାପତି ଦିପକ ବେହେରା, ଯୁବନେତା ଅଚ୍ୟୁତ ମିଶ୍ର, ବନ୍ଧପଡା ପଞ୍ଚାୟତ ସଭାପତି ଆଲୋକ ସିଂନିନା ପ୍ରମୁଖ ସହଯୋଗ କରିଥିଲେ।

# ମରୁଡ଼ି ଅନୁଧ୍ୟାନ କଲା ଭାଜପା ପ୍ରତିନିଧି ଦଳ



ଭାଜପା ପ୍ରତିନିଧି ଦଳ ମରୁଡ଼ି ଅନୁଧ୍ୟାନ କରୁଛନ୍ତି।

ନୂଆପଡ଼ା ଅଫିସ,୩।୯

ନୂଆପଡା ଜିଲାରେ ଭୟାଭୟ ମରୁଡି ପରିସ୍ଥିତି ନେଇ ଭାଜପାର ଏକ ପ୍ରତିନିଧି ଦଳ ଜିଲାର ବିଭିନ୍ନ ଅଞ୍ଚଳର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାର ସିନାପାଲି ବ୍ଲକର ସିଙ୍ଗଝରେ, କିରିକିଟା, ରାଜ ଖଡିଆଳ, କୋମନା ବ୍ଲକର ଜଡାମୁଣ୍ଡା ସୁନ୍ଦର ଡ୍ୟାମ ଅନୁଧ୍ୟାନ କରିଥିଲେ। ଡ୍ୟାମରେ ପାଣି ନ ଥିବା ଦେଖି ଦୁଃଖ ପ୍ରକାଶ କରିଥିଲେ। ତରବୋଡ, ହାତିସରା, ସିଆଲଲଟି, କରଙ୍ଗାଭଟା, ବାଞ୍ଜିବାହାଲ, କାସିପଲା ଆଦି ଗ୍ରାମ ବୁଲି ମରୁଡି ଅନୁଧ୍ୟନ କରିଛନ୍ତି। କୋମନା ବ୍ଲକର ତରବୋଡ, ଜଟଗଡ, ସିଲଭା, ସମରସିଂ, କୁରୁମପୁରି, ଲଖନା, ମୁଣ୍ଡାପଲା, ସିଆଲଲଟି, ମାନିଗୁଡା, ଗଣ୍ଡାମେର, ଠିକପାଲି, ନୂଆଗାଁ, ପଲସିପାଣି, ଦର୍ଲିପଡା, ମିଛାପାଲି ଆଦି ପଞ୍ଚାୟତରେ ରୁଆ ବେଉଷଣ କାର୍ଯ୍ୟ ହୋଇ ନାହିଁ। ଚାଷୀ ଜମିରେ ଗାଈ ବଳଦ ଛାଡି ଚାଷ ଜମିକୁ ଯାଉନାହାନ୍ତି। ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ସହିତ ଋଣ ଛାଡ କରିବା ଦାବିରେ ଚାଷୀ ଅନେଇ ବସିଛନ୍ତି। ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନ ମୋହନ ସାମଲଙ୍କ ନେତୃତ୍ୱରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ପ୍ରଦେଶ କାର୍ଯ୍ୟ କାରିଣି ସଦସ୍ୟ ରଞ୍ଜନ ପଟେଲ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ରାଜ୍ୟ କାର୍ଯ୍ୟ କାରିଣି ସଦସ୍ୟ ପ୍ରସନ୍ନ କୁମାର ପାଣିଗ୍ରାହୀ, ହୋମସିଂ ମାଝି ପ୍ରମୁଖ ସାମିଲ ଥିଲେ।

# ମରୁଡ଼ି ଘୋଷଣା ଦାବିରେ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନକରାଯାଉଛି।

କର୍ଲାମୁଣ୍ଡା,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତକୁ ମରୁଡି ଘୋଷଣା କରାଯିବା ଦାବିରେ ଶୁକ୍ରବାର ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକ ସଦର ଶିବ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଯାଇ ଚାଷୀମାନେ ତହସିଲଦାର ବସନ୍ତି ସେଠିଙ୍କୁ ଦାବିପତ୍ର ଦେଇ କ୍ଷୟକ୍ଷତି ଆକଳନ ପାଇଁ ଅନୁରୋଧ କରିଥିଲେ। ପୂର୍ବତନ ସରପଞ୍ଚ ଭୀମସେନ ସାହୁ ଓ ରବୀନ୍ଦ୍ର ପାଣ୍ଡେଙ୍କ ନେତୃତ୍ୱରେ ଗଜବାହାଲ ପଞ୍ଚାୟତର ବଡ଼ଡୁଙ୍ଗୁରିଗୁଡା, ଅବୁଜବାହାଲ, ଭାଲୁପିଆ, ପରମାନନ୍ଦପୁର, ଧଅରାଖମନ, ଡ଼ଙ୍ଗରମୁଣ୍ଡା, କଂସିଲ, ଟେଟେଙ୍ଗପଦର ଆଦି ଗ୍ରାମର ଚାଷୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ବିମଳ ସାହୁ, ବୈକୁଣ୍ଠ ବିହାରୀ ପଧାନ, ସୁକ୍ରୁ ପଧାନ ପ୍ରମୁଖ ସାମିଲ ଥିଲେ।

# କେବେଡ଼ା ନାଳ ବ୍ରିଜ୍ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୩।୯

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତ ହାତିସରା ଓ ଠୋଗ୍ରୋମାଲ ମଧ୍ୟରେ ଥିବା କେବେଡା ନାଳ ବ୍ରିଜ ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର କଂଗ୍ରେସ ସଭାପତି ଘାସିରାମ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହାପରେ ଅଞ୍ଚଳବାସୀଙ୍କ ମନରେ ଖୁସି ଖେଳିଯାଇ ମାଝିଙ୍କୁ ସ୍ୱାଗତ ଜଣାଇ ଠୋଗ୍ରୋମାଲ ଗ୍ରାମଠାରେ ଏକ ସାଧାରଣ ସଭା କରାଯାଇଛି। ସଭାରେ ପୂର୍ବରୁ ମଞ୍ଜୁର ହୋଇଥିବା ୧୨ ଲକ୍ଷ ଟଙ୍କାର ତଦନ୍ତ କରି ଅସାଧୁ ଠିକାଦାର ଓ କର୍ମଚାରୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଦେବଦତ ଦିକ୍ଷୀତ, କୈଳାସ ବାଗ, ବିରଞ୍ଚି ବାଗ, ସାହାରୁଖ ଖାନ, ଉମା ବନଛୋର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନା ଯେ, ଦୀର୍ଘ ଦିନରୁ କେନେଡା ନାଳରେ ବ୍ରିଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ୧୯୯୨ରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇ ୨ଟି ପିଲର କରି ସମ୍ପୃକ୍ତ ଠିକାଦାର କାମ ବନ୍ଦ କରିଦେଇଥିଲେ। ୨୦୦୬ରେ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ କରି ୪ଟି ପିଲର କାର୍ଯ୍ୟ ଶେଷ ହୋଇଯାଇଥିଲା। ଅଞ୍ଚଳବାସୀ ଅନେକ ଥର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା। ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ୧୮ ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରତାଲରେ ବସିବା ପରେ ଜିଲାପାଳ ସ୍ୱାଧାଦେବ ସିଂ ୬ ମାସ ଭିତରେ କେବେଡା ନାଳ ବ୍ରିଜ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୧୫ ଲକ୍ଷ ଟଙ୍କା ମଞ୍ଜୁର କରି ତାହା ସମ୍ପୂର୍ଣ୍ଣ ହୋଇଛି।

# ଅଳ୍ପକେ ବର୍ତ୍ତିଲେ ୨୦ ଛାତ୍ରୀଛାତ୍ର

ମ.ରାମପୁର/ମଦନପୁର, ୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମଦନପୁରଠାରେ ଶୁକ୍ରବାର ଅପରାହ୍ଣରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କୁ ନେଇ ଫେରୁଥିବା ଏକ ମିନି ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ୨୦ଜଣ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ ଯୁକ୍ତ ଦ୍ୱିତୀୟ ବର୍ଷ ଛାତ୍ରୀ ଲିଜା ନାମ୍ନୀ ଛାତ୍ରୀ ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୯ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଗାଡି ଓଲଟିବା ପରେ ଛାତ୍ରୀଛାତ୍ରମାନେ ଅର୍ଦ୍ଧନିଶ୍ୱାସୀ ଅବସ୍ଥାରେ ଚାଳକ ଗେଟ ପଟେ ବାହାରିଥିଲେ। ଖବର ଲେଖା ହେବା ସନ୍ଧ୍ୟା ୫ଟା ସୁଦ୍ଧା ମ.ରାମପୁର ପୋଲିସ ବିଭାଗ କିମ୍ବା ପରିବହନ ବିଭାଗ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଗାଡି ଚାଳକଙ୍କ



ରାସ୍ତା ପାର୍ଶ୍ୱରେ ଓଲଟିଥିବା ଗାଡି।

### ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ

ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଯେ, ସ୍କୁଲ ମିନି ବସ୍ (ନଂ.ଓଡି୦୮ଜେ-୯୦୬୦) ମ.ରାମପୁରଠାରୁ ମଦନପୁର ଓଡିଶା ଆଦର୍ଶ ବିଦ୍ୟାଳୟକୁ ପ୍ରତିଦିନ ଛାତ୍ରୀଛାତ୍ର ନେବା ଆଣିବା କରିଥାଏ। ବସ୍ ଡ୍ରାଇଭର ଗାଡିଚାଳନା ସମୟରେ ହାତରେ ଏକ ଶୁଆକୁ ଧରି କହୁଣୀ ଏବଂ ବାହୁରେ ଖେଳାଇ ଖେଳାଇ ଗାଡିଚାଳନା କରୁଥିଲେ। ଶୁଆଟି ଡ୍ରାଇଭରଙ୍କ ହାତକୁ କାମୁଡି ଦେଇଥିଲା। ଫଳରେ ଷ୍ଟିୟରିଂରୁ ଡ୍ରାଇଭରଙ୍କ ହାତ ଖସି ପଡିବାରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥିତ କ୍ଷେତରେ ଗାଡ଼ି ଓଲଟି ପଡିଥିଲା।

## ନୃସିଂହନାଥଙ୍କ ନୂଆଁଖାଇ ଲଗ୍ନଧାର୍ଯ୍ୟ



ପାଇକମାଳ,(ଡି.ଏନ.ଏ): ବରଗଡ ଜିଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ଶୁକ୍ରବାର ମନ୍ଦିର ପରିସରରେ କୁଳ ପୁରୋହିତ ସୁନୀଲ କୁମାର ପୁରୋହିତ ଲଗ୍ନ ସ୍ଥିର କରିଛନ୍ତି। ଆସନ୍ତା ତା୧୧/୯/୨୧ରିଖ ଶନିବାର ଅମୃତ ବେଳା ୧୧.୩୦ ମିନିଟରୁ ୧୧.୪୫ ମିନିଟ ମଧରେ ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁ ଓ ପାର୍ଶ୍ଵ ଦେବୀଦେବଙ୍କ ଠାରେ ନବାନ୍ନ ଲାଗିବ। ଏ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଚିତ୍ତରଞ୍ଜନ କଂଗ୍ରେସ ଜିଲା ସାଧାରଣ ସମ୍ପାଦକ

ଜୁନାଗଡ,୩।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରର ଯୁବ ଆଇନଜୀବୀ ଚିତ୍ତରଞ୍ଜନ ନିଆଲ କଂଗ୍ରେସର ଜିଲା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏ ନେଇ ଜିଲା ସମଭାପତି ଭାରତ ଭୂଷଣ ବେମାଲ ଏକ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଚିତ୍ତରଞ୍ଜନଙ୍କୁ ଜିଲା ସାଧାରଣ ସମ୍ପାଦକ ଦିଆଯିବା ପରେ ଜୁନାଗଡ କଂଗ୍ରେସ କର୍ମକର୍ତ୍ତାଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ସାଧାରଣ ଜନତାଙ୍କ ହକ ପାଇଁ ଲଢିବା ସହ ସଙ୍ଗଠନକୁ ମଜଭୁଥ କରିବା ଦିଗରେ ପ୍ରୟାସ କରିବି ବୋଲି ଚିତ୍ତରଞ୍ଜନ କହିଛନ୍ତି। ନୂତନ ପଦବୀ ପାଇବା ପରେ ସେ ଜିଲା ସଭାପତି ବେମାଲ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



### ମରୁଡ଼ି ଅଞ୍ଚଳ ପରିଦର୍ଶନ କଲେ ଭାଜପା ଟିମ୍

ଗୋଲାମୁଣ୍ଡା,୩।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମରୁଡ଼ି ଅଞ୍ଚଳ ପରିଦର୍ଶନ କରିଛନ୍ତି ଭାଜପାର ଏକ ସ୍ଵତନ୍ତ୍ର ଟିମ। ଶୁକ୍ରବାର ଏହି ଟିମ୍ ବ୍ଲକର ସିଆଳଜୁଡି, ଚହକା, ନୂଆଗାଁ, କେଗାଁ, ଚପୁରିଆ, ଗୋଲାମୁଣ୍ଡା ଭଳି ଅନେକ ଅଞ୍ଚଳ ଯାଇ ମରୁଡ଼ିସ୍ଥିତି ଅନୁଧାନ କରିଛନ୍ତି। ଗୋଲାମୁଣ୍ଡା ଅଞ୍ଚଳର ସମସ୍ତ ପଞ୍ଚାୟତକୁ ଅତିଶୀଘ୍ର ମରୁଡି ଘୋଷଣା କରାଯାଉ ବୋଲି ଭାଜପା ଦାବି କରିଛି। ୨/୩ ଦିନ ମଧ୍ୟରେ ସମସ୍ତ ବୀମା ଟଙ୍କା ଯୋଗାଣ କରାଯାଉ, ଚାଷୀଙ୍କୁ ଋଣ ଛାଡ ଓ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯାଉ ବୋଲି ଦଳ ଦାବି କରିଛି। ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ରାଜସ୍ଵ ମନ୍ତ୍ରୀ ମନମୋହନ ସାମଲ, କଳାହାଣ୍ଡି ଏମ୍ପି ବସନ୍ତ ପଣ୍ଡା, ଭାଜପା ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ, କୃଷକ ମୋର୍ଚ୍ଚା ରାଜ୍ୟ ସଦସ୍ୟ ଅପ୍ରେଶ ସ୍ଵାଇଁ, ପୂର୍ବତନ ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାରସିଂ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଭାଜପା ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ଉପସଭାପତି ଅଜୟ୍ ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ଜିଲା ସଭାପତି ବସନ୍ତ ପୁରୋହିତ, ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ପଣ୍ଡା, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେରଙ୍କ ସମେତ ସ୍ଥାନୀୟ ଅଞ୍ଚଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ରାଜସ୍ଵ ଗ୍ରାମର ମାନ୍ୟତା ଦାବି

ନୂଆପଡ଼ା ଅଫିସ,୩।୯: ନୂଆପଡା ଜିଲା ସିନାପାଲି ବ୍ଲକ ନଙ୍ଗଲବୋର୍ଡ ପଞ୍ଚାୟତ ଗୋଲାବେଡା ଗାଁକୁ ରାଜସ୍ଵ ଗ୍ରାମର ମାନ୍ୟତା ଦାବିରେ ବୁଧବାର ଜିଲାପାଳ ସ୍ଵାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ଭିତରେ ଗୋଲାବେଡା ଗାଁ ଅବସ୍ଥିତ। ଗାଁରେ ଆଦିବାସୀ ଓ ପହରିଆ ସମ୍ପ୍ରଦାୟର ୨ଶହରୁ ଉର୍ଦ୍ଧ୍ଵ ଲୋକ ବାସ କରନ୍ତି। ରାଜସ୍ଵ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ରାଜସ୍ଵ ଗ୍ରାମ ମାନ୍ୟତା ପାଇଁ ଗାଁ ଲୋକେ ଦାବି କରିଛନ୍ତି। ନଙ୍ଗଲବୋର୍ଡ ପଞ୍ଚାୟତ ଗୋଲାବେଡା ଗାଁକୁ ରାଜସ୍ଵ ଗ୍ରାମ ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି। ରାଜସ୍ଵ ଗ୍ରାମର ମାନ୍ୟତା ପାଇ ନ ଥିବାରୁ ସରକାରଙ୍କ ସବୁ ସୁବିଧାରୁ ବଞ୍ଚିତ ରହୁଥିବାରୁ ଜିଲାପାଳଙ୍କ ପାଖରେ ଅର୍ଜ୍ଜୁନ ମାଝି, ଅଜୟ୍ ସିଂ ଚିନ୍ଦା, ପଦୁ ଲୁହାର, ଲଳିତ ମାଝି, ମେଘନାଦ ଖର୍ସେଲ, ଅଷ୍ଟମୀ ମାଝି, ଗୁରୁବାରୁ ପହରିଆ, ଟିକେଶ୍ଵର ମାଝି, କିଶୋର ମାଝି ପ୍ରମୁଖ ଦାବି କରିଛନ୍ତି।

### ୩ ଡିଗ୍ରୀ କଲେଜ ପରିଚାଳନା ପରିଷଦର ନୂତନ ସଭାପତି

ସୋନପୁର/ବିନିକା,୩।୯ (ନି.ପ୍ର./ଡି.ଏନ୍.ଏ. ): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ସୁବର୍ଣ୍ଣପୁର ଜିଲାର ୩ଟି ଏଡେଡ୍ ଡିଗ୍ରୀ କଲେଜ ପରିଚାଳନା ପରିଷଦର ନୂତନ ସଭାପତି ମନୋନୟନ କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀନିବାସ ମିଶ୍ର ଚିଠି ନଂ ୩୫୨୫୬/୨।୯।୨୦୨୧ ମୂଳେ ସମ୍ପୃକ୍ତ କଲେଜର ଅଧକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ବୀରମହାରାଜପୁର କଲେଜର ସଭାପତି ଭାବେ ସ୍ଵୟଂମ୍ଭୁ ନାଥ ଖଣ୍ଡଗିରି, ରାମପୁରସ୍ଥିତ ଶ୍ରୀରାମ କଲେଜର ସଭାପତି ରମେଶ ଚନ୍ଦ୍ର ପୂଜାରୀ ଓ ଲଛିପୁରସ୍ଥିତ ଗ୍ରାମ ପଞ୍ଚାୟତ ଡିଗ୍ରୀ କଲେଜର ସଭାପତି ଭାବେ ଶଙ୍କର ପ୍ରସାଦ ସା ମନୋନୀତ ହୋଇଥିବା ଜଣାପଡିଛି।

# ଡିଡିଟି ଅଫିସ ସୋନପୁରର ମର୍ଯ୍ୟାଦା ଫେରିଲା

ସୋନପୁର,୩।୯(ନି.ପ୍ର.)

ସୋନପୁରର ଉପ ନିର୍ଦ୍ଦେଶକ ବୟନ ଶିଳ୍ପ(ଡିଡିଟି) ଅଫିସ ପୂର୍ବ ମର୍ଯ୍ୟାଦା ଫେରି ପାଇଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଗଷ୍ଟ ୩୧ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବା ସହ ବିଭାଗର ଜୁନ୍ ୨ ତାରିଖର ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ଏହି ଚିଠି ସୋନପୁରସ୍ଥିତ ବୟନ ଶିଳ୍ପ ଅଫିସରେ ଶୁକ୍ରବାର ପହଞ୍ଚିବା ପରେ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ପ୍ରକାଶ ଯେ, ରାଜ୍ୟ ସରକାର ଡିଡିଟି ଅଫିସ ସୋନପୁରକୁ ଡାଉନଗ୍ରେଡ୍ କରି ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ(ଏଡିଟି) ଅଫିସ କରିଥିଲେ। ବରଗଡ ଏଡିଟି ଅଫିସକୁ ଡିଡିଟି ଅଫିସ ଭାବେ ଅପଗ୍ରେଡ କରାଯିବା ସହ ସୋନପୁର ବୟନଶିଳ୍ପ ଉପ ନିର୍ଦ୍ଦେଶକଙ୍କୁ ବରଗଡରେ ଅବସ୍ଥାପିତ କରାଯାଇଥିଲା। ସେହିପରି ବରଗଡ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କୁ ସୋନପୁର ଏଡିଟି ଅଫିସରେ ନିଯୁକ୍ତି ଦିଆଯାଇଥିଲା। ଏ ସମ୍ପର୍କିତ ଖବର ଧରିତ୍ରୀ ପ୍ରଥମେ ଲୋକଲୋଚନକୁ ଆଣିଥିଲା। ପ୍ରକାଶିତ ଖବରକୁ ନେଇ ସୁବର୍ଣ୍ଣପୁର ଜିଲାର ବୁଦ୍ଧିଜୀବୀ, ବ୍ୟବସାୟୀ, ରାଜନୈତିକ ବ୍ୟକ୍ତି ଓ ବୁଣାକାରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାରେ ଆନ୍ଦୋଳନ ହୋଇଥିଲା। ହସ୍ତତନ୍ତ ସୁବର୍ଣ୍ଣପୁର ଜିଲାର ପରିଚୟ। ଏହାକୁ ଦୃଷ୍ଟିରେ ରଖି ସୋନପୁରର ପ୍ରାକ୍ତନ ରାଜା ସୁଧାଂଶୁ ଶେଖର ସିଂହଦେଓଙ୍କ ଦ୍ଵାରା ୧୯୩୯ ଖ୍ରୀଷ୍ଟାବ୍ଦରେ ଏଡିଟି ଅଫିସ ପ୍ରତିଷ୍ଠା ହୋଇଥିଲା। ବୁଣାକାର, ବାନ୍ଧଶିଳ୍ପୀ, ପାଟ ଶାଢୀ ବ୍ୟବସାୟ ଓ ତନ୍ତଶାଳକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୦୮ରେ ଏଡିଟି ଅଫିସକୁ ଡିଡିଟି ଅଫିସ ଭାବେ ଅପଗ୍ରେଡ୍ କରିଥିଲେ। ଶିଳ୍ପବିହୀନ ଏହି ଜିଲା ହସ୍ତତନ୍ତ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛି। ୨୦ ହଜାରରୁ ଉର୍ଦ୍ଧ୍ଵ ବୁଣାକାର ପରିବାର ହସ୍ତତନ୍ତକୁ ଜୀବିକା ଭାବେ ଆଦରି ନେଇଛନ୍ତି। ଜିଲାରେ ସାଢେ ୬ ହଜାର ତନ୍ତ ଓ ୬୯ଟି ତନ୍ତୁବାୟ ସହଯୋଗ ସମିତି କାର୍ଯ୍ୟକ୍ଷମ ଅଛି। ବାର୍ଷିକ ୧୧୦ କୋଟି ଟଙ୍କାର ସିଲ୍କ ପାଟ ଶାଢୀ ବ୍ୟବସାୟ ହେଉଛି। ଜିଲାର ୨୬ ଜଣ ବୁଣାକାର ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏଭଳି ସ୍ଥିତିରେ ଡିଡିଟି ଅଫିସ ସୋନପୁରକୁ ଯୁଗ୍ମ ନିର୍ଦ୍ଦେଶକ ବୟନଶିଳ୍ପ ଭାବେ ଅପଗ୍ରେଡ୍ କରିବା ବଦଳରେ ଡାଉନଗ୍ରେଡ୍ କରିବା ଜିଲାବାସୀଙ୍କ ପ୍ରତି ଅନ୍ୟାୟ ସଦୃଶ ହୋଇଥିଲା। ସରକାରଙ୍କ ପଦକ୍ଷେପକୁ ଭାଜପା ଓ ଜିଲା ବ୍ୟବସାୟୀ ସଂଘ ବିରୋଧ କରିଥିଲେ। ଖବରଦାତା ସମ୍ମିଳନୀ ଜରିଆରେ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ସମବାୟବିତ୍ ସାନନ୍ଦ ମେହେର, ଶିକ୍ଷାବିତ୍ ବ୍ରଜମୋହନ ଦାନୀ ଓ ଯୁବ ସମାଜସେବୀ ତାପସ କୁମାର ବେଉରା ସୋସିଆଲ ମିଡିଆରେ ପ୍ରକାଶିତ ଖବରକୁ ବହୁ ସଂଖ୍ୟାରେ ସେୟାର କରି ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ। ସେହିପରି ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ଵରେ ବୁଦ୍ଧିଜୀବୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଡିଡିଟି ଅଫିସ ପୁନଃ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ଚିଠି ଲେଖି ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ଅବୋଲି ସୁନିଲ ନରୱଣେ ମଧ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଡିଡିଟି ଅଫିସ ପୁନଃସ୍ଥାପନ ପାଇଁ ଉଦ୍ୟମ କରିଥିଲେ। ମନ୍ତ୍ରୀ ପୂଜାରୀ, ହସ୍ତଶିଳ୍ପ ମନ୍ତ୍ରୀ ଦିଆନ ଏବଂ ବିଭାଗର କମିଶନର ଶୁଭା ଶର୍ମାଙ୍କ ସହିତ ଆଲୋଚନା କରିବା ପରେ ସରକାର ଏହି ନୂତନ ବିଜ୍ଞପ୍ତି ପ୍ରକାଶ କରିଥିବା ଜଣାପଡିଛି।




ଡାଉନ ଗ୍ରେଡ୍ ହୋଇଥିବା ଡିଡିଟି ଅଫିସ ସୋନପୁର।



GOVERNMENT OF ODISHA
DEPARTMENT OF HANDLOOMS, TEXTILES & HANDICRAFTS

Notification

Bhubaneswar dated the 31/08/21

No.V-TEX-08/2020/31036900172019 5937 /H.T&H. On administrative exigencies and in need of public service, Government after careful consideration have pleased to repeal the Notification No.3729/HT&H, dated 02.6.2021 issued by this Department and to restore the earlier status of Deputy Director of Textiles at Sonepur and Assistant Director of Textiles at Bargarh respectively.

By order of the Governor
Under Secretary to Government

Memo No. 5938 /H.T&H, Bhubaneswar dated the 31/08/21
Copy forwarded to the Principal Accountant General (A&E), Odisha, Bhubaneswar for information.

Under Secretary to Government

Memo No. 5939 /H.T&H, Bhubaneswar dated the 31/08/21
Copy forwarded to P.S to Hon'ble Minister,H.T&H/P.S to Commissioner-Cum-Secretary, H.T&H Department/P.S to Special Secretary to Government, HT&H Department for kind information of Hon'ble Minister and Commissioner-cum-Secretary and Special Secretary to Government.

Under Secretary to Government

5940 /H.T&H, Bhubaneswar dated the 31/08/21

PTO

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବିଜ୍ଞପ୍ତି।

ଧରିତ୍ରୀ ପ୍ରଭାବ

**ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କଲେ ସରକାର**

## ବୌଦ୍ଧ ଜିଲାକୁ ମରୁଡ଼ି ଘୋଷଣା ଦାବିରେ ଚାଷୀଙ୍କ ବିକ୍ଷୋଭ

ବୌଦ୍ଧ,୩।୯(ସ୍ଵ.ପ୍ର.)

ବୌଦ୍ଧ ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ସମେତ ୭ ଦଫା ଦାବି ନେଇ ଗୁରୁବାର ଭାରତୀୟ କିଷାନ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କିଷାନ ସଂଘର ଜିଲା ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ଵରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧ ହଜାର ଚାଷୀ ସହରର ରଘୁନାଥ ମନ୍ଦିରଠାରୁ ଏକ ବିରାଟ ପଦୁଆରରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ସାଲୁଙ୍କି ନଦୀର ଗୁରୁଜିମୁଣ୍ଡା(ଗମ୍ଭୀରାଦର) ଠାରେ ଦୁଇ ପାହାଡକୁ ସଂଯୋଗ କରି ଏକ ଜଳଭଣ୍ଡାର ନିର୍ମାଣ କରିବା, କଣ୍ଟାମାଳସ୍ଥିତ ଖଡଙ୍ଗ ନଦୀର ସାତାଙ୍ଗରେ ଜଳଭଣ୍ଡାର କରିବା, ତୁରନ୍ତ ଜିଲାକୁ ମରୁଡି ଘୋଷଣା କରିବା, ଆସନ୍ତା ରବି ଫସଲ ପାଇଁ ଚାଷୀଙ୍କୁ ସହାୟତା ଦେବା ଆଦି ଦାବି ରହିଛି। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଦାବିପତ୍ର ଗ୍ରହଣ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ଜଣାଇଥିଲେ। ବିକ୍ଷୋଭରେ ଭୋଳାଗିରୀ ସାହୁ, ବିଶିକେଶନ ପ୍ରଧାନ, ନବୀନ ପ୍ରଧାନ, ବିକାଶ ମହାକୁଡ, ଗଣେଶ ବେହେରା, ନବୀନ ହୋତା, ଶମ୍ଭୁ ପ୍ରଧାନ, ଦୁତ୍ତୁବାହନ କମ୍ପ, କୁନା ମାହାର, ପ୍ରେମାନନ୍ଦ ମିଶ୍ର, ତ୍ରିଜୀବ ପାଣିଗ୍ରାହୀଙ୍କ ସମେତ ମହିଳା ଓ ଯୁବଚାଷୀ ସାମିଲ ଥିଲେ।

# ‘ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ’

ବଲାଙ୍ଗୀର ଅଫିସ, ୩।୯

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ଵବିଦ୍ୟାଳୟର ଭବିଷ୍ୟତ ପରିକଳ୍ପନାକୁ ନେଇ ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟ ଶୀଘ୍ର ସ୍ପଷ୍ଟ କରନ୍ତୁ ବୋଲି ଏହି ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି ସଂଘର ଅସୀମ ପଟ୍ଟନାୟକ, ଆଡଭୋକେଟ୍‌ଭବାନୀଶଙ୍କର ଶତପଥୀ , ଜିଲା ଓକିଲ ସଂଘ ସଭାପତି ପ୍ରବୀଣ କୁମାର ମିଶ୍ର, ବିଶ୍ଵମୋହନ ଜେନା ଖବରଦାତା ସମ୍ମିଳନୀରେ ୬ଟି ପ୍ରସଙ୍ଗ ଉଠାଇ ଏହା ଉପରେ ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଦାବି କରିଥିଲେ।

ରାଜେନ୍ଦ୍ର ବିଶ୍ଵବିଦ୍ୟାଳୟ ପରିଦର୍ଶନରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ଵତ ମିଶ୍ର ଆସିଥିଲେ। ପୂର୍ବରୁ ଏହି ବିଶ୍ଵବିଦ୍ୟାଳୟ ପାଇଁ ଅତିକମ୍‌ରେ ୧୫୦ ଏକର ଜମି ଆବଶ୍ୟକ ବୋଲି କୁହାଯାଉଥିଲେ ମଧ ପ୍ରମୁଖ ସଚିବ ମିଶ୍ର ଗତକାଲି ଗଣମାଧମକୁ ପ୍ରତିକ୍ରିୟା ଦେଇ ମାତ୍ର ୫୦/୬୦ ଏକର ଜମି ହୋଇଗଲେ ଏକ ବିଶ୍ଵସ୍ତରୀୟ ବିଶ୍ଵବିଦ୍ୟାଳୟ ହୋଇଯିବ ବୋଲି କହିଥିଲେ। ସଚିବଙ୍କ ଏଭଳି ମନ୍ତବ୍ୟକୁ ନେଇ ଖବରଦାତା ସମ୍ମିଳନୀରେ ଅସନ୍ତୋଷ ଜାହିର କରାଯିବା ସହ ଏହାକୁ ଖଣ୍ଡନ କରାଯାଇଛି। ଏହି ଶିକ୍ଷାନୁଷ୍ଠାନ ପାଇଁ ମାତ୍ର ୫୦/୬୦ ଏକର ଜମି ବ୍ୟବସ୍ଥା କରି ଏହି ବିଶ୍ଵବିଦ୍ୟାଳୟର ଭବିଷ୍ୟତକୁ ସୀମିତ ଓ ସଙ୍କୁଚିତ କରି ଦିଆଯିବ ନି ତ ବୋଲି ପ୍ରଶ୍ନ କରାଯାଇଛି। ଭବିଷ୍ୟତରେ ଏହି ବିଶ୍ଵବିଦ୍ୟାଳୟ ପାଇଁ କୌଣସି ଏକ ନୂଆ ପ୍ରକଳ୍ପ ବା ବିଭାଗ ଖୋଲିବାକୁ ହେଲେ ଜମି ଅଭାବ କଥା କହି ଏହାକୁ ବନ୍ଦ କରାଯିବାର ଅପଚେଷ୍ଟା କରାଯିବ ବୋଲି ସନ୍ଦେହ ଉପୁଜିଛି। ପ୍ରମୁଖ ସଚିବ ମିଶ୍ର ସୀମିତ ଜମିରେ ବିଶ୍ଵସ୍ତରୀୟ ବିଶ୍ଵବିଦ୍ୟାଳୟ କଥା କହୁଥିବା ବେଳେ ରାଜ୍ୟର ଅନ୍ୟ ବିଶ୍ଵବିଦ୍ୟାଳୟକୁ କାହିଁକି ଶତାଧିକ ଏକର ଜମି ଦିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ଯେ କୌଣସି ପରିସ୍ଥିତିରେ ଏହି ବିଶ୍ଵବିଦ୍ୟାଳୟ ପାଇଁ ୧୫୦ ଏକରରୁ କମ୍ ପରିମାଣ ଜମି ଗ୍ରହଣଯୋଗ୍ୟ ନୁହେଁ ବୋଲି ସଂଘ ସଦସ୍ୟମାନେ କହିଛନ୍ତି। ଆଗାମୀ ଦିନରେ ରାଜେନ୍ଦ୍ର ବିଶ୍ଵବିଦ୍ୟାଳୟ ପାଇଁ ୧୫୦ ଏକରରୁ ଉର୍ଦ୍ଧ୍ଵ ଜମି ବ୍ୟବସ୍ଥା କରା ନ ଗଲେ ସେଥିପାଇଁ ଯାହା ବି ପରିସ୍ଥିତି ହେବ ସରକାର ଦାୟୀ ରହିବେ ବୋଲି କହିଛନ୍ତି। ପୂର୍ବରୁ ବିଶ୍ଵବିଦ୍ୟାଳୟ କୁଳପତି, ମନ୍ତ୍ରୀ ସୁଶାନ୍ତ ସିଂ, ଲୋକସଭା ସଦସ୍ୟା ସଙ୍ଗୀତା କୁମାର ସିଂଦେଓ, ବିଧାୟକ ନରସିଂହ ମିଶ୍ର ଓ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ପୁରାତନ ଛାତ୍ର ସଂଘ ବିଶ୍ଵବିଦ୍ୟାଳୟର ଜମି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଆଲୋଚନାରେ ଶତାଧିକ ଏକର ଜମି ଆବଶ୍ୟକତାକୁ ସମସ୍ତେ ସ୍ଵୀକାର କରି ଏନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ପ୍ରମୁଖ ସଚିବ ମିଶ୍ର ଅଧିକ ଜମି ରଖି ଜମିଦାର ହେବା ନା ଭଲ ବିଶ୍ଵବିଦ୍ୟାଳୟ କରିବା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ଵବିଦ୍ୟାଳୟ ପାଇଁ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ କରି ଶୀଘ୍ର ଏହାର ଭିତ୍ତିଭୂମି ବୃଦ୍ଧି କରିବାକୁ ଦାବି କରିଥିଲେ।




ବଲାଙ୍ଗୀର ଯାଦବ ଭବନ ଠାରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ।

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ଵବିଦ୍ୟାଳୟ ଭବିଷ୍ୟତ ପ୍ରସଙ୍ଗ**

## ଉଲୁଣ୍ଡା ବ୍ଲକ ମରୁଡ଼ି ଅଞ୍ଚଳ ପରିଦର୍ଶନ

ଉଲୁଣ୍ଡା,୩।୯(ଡି.ଏନ.ଏ)

ରାଜ୍ୟର ୨୭ଗୋଟି ଜିଲାରେ ଏବେ ଖରିଫ ଚାଷ ମରୁଡ଼ି କବଳରେ ପଡ଼ିଛି। ଏନେଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ରାଜ୍ୟ ଭାଜପା ପକ୍ଷରୁ ଗୁରୁବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବିଶିପଡ଼ା, ପଲାଶ, ବିଦୁରୁପାଲି, କୁତମେଣ୍ଡା, ଚଢ଼େଇପଙ୍କ ପ୍ରଭୃତି ଗ୍ରାମରେ ମରୁଡ଼ି କବଳିତ ଜମି ପରିଦର୍ଶନ କରାଯାଇଛି। ପୂର୍ବତନ ରାଜସ୍ଵ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ରମାରଞ୍ଜନ ବଳିୟାରସିଂ, ରାଜ୍ୟ ସଂପାଦକ ବିରଞ୍ଚି ତ୍ରିପାଠୀ, ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର ପ୍ରମୁଖ ମରୁଡ଼ି କବଳିତ ଅଞ୍ଚଳ ବୁଲିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଦସ୍ୟ ସୌଦାମିନୀ ଜାଲ, ରାଜ୍ୟ ସଦସ୍ୟ ଅଶୋକ ପୂଜାହାରୀ, ଜିଲା ଉପସଭାପତି ଦିଲୀପ ପୁରୋହିତ, ଆଦିତ୍ୟ ପୁରୋହିତ, ବଳରାମ ସୁନା, କିଶୋର ହୋତା, ଶଙ୍କର୍ଷଣ ଦଳେଇ, ବେଣୁଧର ଦାସ, ସତ୍ୟଜିତ ମିଶ୍ର ଓ ସୁନୀଲ ପାଢ଼ୀ ପ୍ରମୁଖ ସାମିଲ ଥିଲେ।

## ଉନ୍ନୟନ କାର୍ଯ୍ୟ ତଦାରଖ

ବରଗଡ଼ ଅଫିସ୍/ଅମ୍ବାଭୋନା,୩।୯

ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଶୁକ୍ରବାର ଅମ୍ବାଭୋନା ବ୍ଲକ ଗସ୍ତ କରିଥିଲେ। ସେ ଉକ୍ତ ବ୍ଲକ ଅନ୍ତର୍ଗତ କପାଶିରା ହାଇସ୍କୁଲ, ଟିଖିଲି ମେଗା ଜଳସେଚନ ପ୍ରକଳ୍ପ ଏବଂ ମହୁଲପାଲି ସେତୁ ମନ୍ଦିର ପରିଦର୍ଶନ କରିଥିଲେ। ଏହାସହିତ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତଦାରଖ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ କାଳରେ ସ୍ଥାନୀୟ ବିଡ଼ିଓ ଆଲଫ୍ରାନ୍ସ ବିଲୁଙ୍ଗ, ସହକାରୀ ଯନ୍ତ୍ରୀ ରଶ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଷ୍ପାଞ୍ଜଳି ପାଇବେ ମୁଖ୍ୟମନ୍ତ୍ରୀ ମେଡାଲ

ସୋନପୁର,୩।୯(ନି.ପ୍ର.)

ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗ ପାଇବେ ସମ୍ମାନଜନକ ମୁଖ୍ୟମନ୍ତ୍ରୀ ମେଡାଲ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପୁରସ୍କାର କମିଟି ତଦନ୍ତରେ ଉତ୍କର୍ଷତା ଦେଖାଇଥିବା ପୁଷ୍ପାଞ୍ଜଳିଙ୍କୁ ପୁରସ୍କାର ପାଇଁ ଚୟନ କରିଛନ୍ତି। ଆସନ୍ତା ୪ ତାରିଖରେ ସ୍ଵତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୁଷ୍ପାଞ୍ଜଳିଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ପୁଷ୍ପାଞ୍ଜଳି ୨୦୦୦ ମସିହାରେ ସବ୍‌ଇନ୍ସପେକ୍ଟର ଭାବେ କୋରାପୁଟ ମହିଳା ଥାନାର ଓଆଇସି ଭାବେ ଚାକିରି ଆରମ୍ଭ କରିଥିଲେ। ୨୦୦୯ରେ ପଦୋନ୍ନତି ପାଇ ରାୟଗଡା ଜିଲା ଚାନ୍ଦିଲି ଥାନା ଆଇଆଇସି ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ କୋରାପୁଟର ସୁନାବେଡା ଥାନା ଓ କଳାହାଣ୍ଡିର ଆମ୍ପାଣି ଭଳି ଥାନାରେ ଆଇଆଇସି ଥିଲେ। ପୁଷ୍ପାଞ୍ଜଳିଙ୍କୁ ଡିଏସ୍‌ପି ଭାବେ ପଦୋନ୍ନତି ମିଳିବା ପରେ ଏପ୍ରିଲ ୨୬ରୁ ସୋନପୁର ଏସଡିପିଓ ଭାବେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ଥାନାରେ କାର୍ଯ୍ୟ କରିବା ସମୟରେ ସେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି । ତଦନ୍ତରେ ଉତ୍କର୍ଷତା ପାଇଁ ୨୦୧୯ରେ ପୋଲିସ ଡିଜିଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ୫-ଟି ଅଧୀନରେ ଉତ୍କୃଷ୍ଟ ତଦନ୍ତ, ଜନସାଧାରଣଙ୍କ ପ୍ରତି ବ୍ୟବହାର ଓ ତ୍ଵରିତ କାର୍ଯ୍ୟାନୁଷ୍ଠାନ ଲାଗି ପୁଷ୍ପାଞ୍ଜଳିଙ୍କୁ ଚୟନ କରାଯାଇଛି।



ପୁଷ୍ପାଞ୍ଜଳି ନିଙ୍ଗ

## ଶିଶୁ ନିର୍ଯାତନା ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୩।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଏଡିପି ୱାର୍ଲ୍ଡଭିଜନ ଶାଖା ପକ୍ଷରୁ ସ୍ଥାନୀୟ ଆଦିବାସୀ ଭବନଠାରେ ଶିଶୁ ନିର୍ଯାତନା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ପରିଚାଳକ ଅମିନ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଏଥିରେ ଏବିଡିଓ ବିଜୟ କୁମାର ହୋତା ମୁଖ୍ୟଅତିଥି, ସିଡିପିଓ ପ୍ରଜ୍ଞା ବାରିକ ,ବିନନ୍ଦା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ହୋତା ତାଙ୍କ ବକ୍ତବ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା ଉପରେ କହିଥିଲେ। ଶିଶୁଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ବେଳେବେଳେ ଶିଶୁମାନେ ବିଭିନ୍ନ କ୍ଷେତ୍ରରେ ଅସୁରକ୍ଷିତ ଭାବେ କାମ କରୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଅଭିଭାବକ ସଚେତନ ହେବା ଆବଶ୍ୟକ ବୋଲି ସେ ମତପୋଷଣ କରିଥିଲେ। କରୋନାରେ ମା'ବାପାଙ୍କୁ ହରାଇଥିବା ଅସହାୟ ଶିଶୁମାନଙ୍କ ପାଇଁ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହାଦ୍ଵାରା ସେମାନେ ଉପକୃତ ହେବେ ବୋଲି କହିଥିଲେ। ଏବେଠୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ପ୍ରସ୍ତୁତ ରହିବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ସିଡିପିଓ ବାରିକ କହିଥିଲେ, ଆଇସିଡିଏସ ବିଭାଗ ଶିଶୁଙ୍କ ସୁରକ୍ଷା ଓ ଅଧିକାର ଦିଗରେ କାର୍ଯ୍ୟ କରୁଛି। ଚଳିତବର୍ଷ ବ୍ଲକରେ ୧୧ଟି ବାଲ୍ୟବିବାହକୁ ରୋକିବାରେ ସଫଳ ହୋଇଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଇସମାଇଲ ହନୁମାନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରେ ଲୋଇସିଂହାରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅଗଷ୍ଟରେ ମାତ୍ର ୧୪୪.୬୦ ମି.ମି ବର୍ଷା

ଅମରପାଲି,୩।୯(ଡି.ଏନ.ଏ.)

ଅଗଷ୍ଟ ମାସରେ ବି ହେଲା ନାହିଁ ଚାଷୋପଯୋଗୀ ବର୍ଷା। ଫଳରେ ଚାଷ କାର୍ଯ୍ୟ ଅଧାରେ ଅଟକିଛି। ଆଗକୁ ଧାନଚାଷ ପାଇଁ ଆଉ ଉପଯୁକ୍ତ ସମୟ ନ ଥିବାରୁ ଚଳିତବର୍ଷ ମରୁଡି ଅବଶ୍ୟମ୍ଭାବୀ ବୋଲି ଚାଷୀ ପୂର୍ବାନୁମାନ କରୁଛି। ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁର କୃଷି ଜିଲା ଅଞ୍ଚଳରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଚାଷୀ ହତାଶ ହୋଇ ଜମିରେ ଗୋରୁ ଛାଡିଲେଣି। ବୀରମହାରାଜପୁର ଅଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ କରିଥାନ୍ତି। ଅଞ୍ଚଳର କେବଳ ଅଳ୍ପ କେତେକ ଅଂଶକୁ ହରିହର ଯୋର ମଧମ ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ)ରୁ ଜଳସେଚନର ସୁବିଧା ଅଛି। ମାତ୍ର ତଳ ମୁଣ୍ଡକୁ ପାଣି ଆସୁ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷୀମାନେ ମୁଖ୍ୟତଃ ମୌସୁମୀ ଓ ଲଘୁଚାପ ବର୍ଷା ଉପରେ ନିର୍ଭର କରି ଚାଷ କରିଥାନ୍ତି। ଏବର୍ଷ ଶୀଘ୍ର ବର୍ଷା ହେବାରୁ ଚାଷୀ ଧାନ ଚାଷ ପ୍ରକ୍ରିୟା ଆରମ୍ଭ କରିଦେଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବର୍ଷା ଏକରକମ ଉଭାନ ହୋଇଯାଇଥିଲା। ଫଳରେ ଚାଷ କାର୍ଯ୍ୟ ଆଗେଇ ପାରିଲା ନାହିଁ। ଅଗଷ୍ଟ ବେଳକୁ ଚାଷ କାର୍ଯ୍ୟ ଏକ ପ୍ରକାର ଶେଷ ହୋଇଥାଏ। ଏବର୍ଷ ସ୍ଵଳ୍ପ ବୃଷ୍ଟି ଯୋଗୁ ଚାଷ ବିଳମ୍ବ ହୋଇଛି। ଚାଷୀ ଅଗଷ୍ଟରେ ଲଘୁଚାପ ବର୍ଷାକୁ ଆଶା କରି ଚାଷ କାର୍ଯ୍ୟ ଶେଷ କରିବାର ଯୋଜନା କରିଥିଲା। ହେଲେ ଏହି ମାସରେ ବି ଆବଶ୍ୟକ ପରିମାଣର ବର୍ଷା ହେଲା ନାହିଁ।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଗଷ୍ଟରେ ଧାନ ଚାଷ ପାଇଁ ୪୦୮.୯ମି.ମି ବର୍ଷା ଆବଶ୍ୟକ ହେଉଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ମାତ୍ର ୧୪୪.୬୦ମି.ମି ବର୍ଷା ରେକର୍ଡ ହୋଇଛି। ଅଗଷ୍ଟ ପ୍ରଥମ ସପ୍ତାହରେ ଚାରିଦିନ ଆଦୌ ବର୍ଷା ହୋଇ ନ ଥିବା ବେଳେ ୧ତାରିଖ ରେ ୧.୨ମି.ମି , ୨ତାରିଖ ରେ ୮.୮ ମି.ମି ଓ ୬ତାରିଖ ରେ ୩ମି.ମି ବୃଷ୍ଟିପାତ ହୋଇଥିଲା। ସେହିପରି ମାସର ଦ୍ଵିତୀୟ ସପ୍ତାହରେ ଛଅ ଦିନ ଆଦୌ ବର୍ଷା ହୋଇ ନ ଥିବା ବେଳେ ୧୧ତାରିଖରେ ମାତ୍ର ୧ମି.ମି.ବୃଷ୍ଟିପାତ ହୋଇଥିଲା। ମାସର ତୃତୀୟ ସପ୍ତାହରେ ଦୁଇ ଦିନ ଆଦୌ ବର୍ଷା ହୋଇ ନ ଥିଲା। ମାତ୍ର ୧୫ତାରିଖରେ ୫୬ମି.ମି.,୧୮ତାରିଖ ରେ ୩୬.୩ମି.ମି.,୧୯ ତାରିଖ ରେ ୩ମି.ମି,୨୦ତାରିଖରେ ୧.୩ମି.ମି ଓ ୨୧ ତାରିଖ ରେ ୨ମି.ମି. ବର୍ଷା ହୋଇଥିଲା। ସେହିପରି ମାସର ଶେଷ ସପ୍ତାହର ୨୬ ତାରିଖରେ ୨ମି.ମି.,୨୮ତାରିଖ ରେ ୨୭ମି.ମି ଓ ୩୧ ତାରିଖରେ ୩ମି.ମି ବୃଷ୍ଟିପାତ ରେକର୍ଡ ହୋଇଥିବା ବେଳେ ବାକି ଦିନରେ ବର୍ଷା ହୋଇ ନାହିଁ । କମ ବର୍ଷା ଯୋଗୁ ଅଞ୍ଚଳର ଜଳାଶୟ ସବୁ ଶୁଖିଲା ପଡିଛି । ଚାଷଜମି ଫାଟି ଆଁ କଲାଣି। ଅନେକ ସ୍ଥାନରେ ଧାନ ଗଛ ସବୁ ମରିଗଲାଣି। ଯେଉଁ ସବୁ ଜମିରେ ଧାନ ଗଛ ବଞ୍ଚିଛି ଦିନେ ଦୁଇଦିନ ମଧରେ ବର୍ଷା ନ ହେଲେ ମରିଯିବାର ସମ୍ଭାବନା ରହିଛି। ଅଞ୍ଚଳରେ ପ୍ରାୟ ୩୦ପ୍ରତିଶତ ଜମିରେ ଚାଷ କାର୍ଯ୍ୟ ଆଦୌ ହୋଇ ନ ଥିବା ବେଳେ ୪୦ପ୍ରତିଶତ ଜମିରେ ଚାଷକାର୍ଯ୍ୟ ଅଧାରେ ପଡି ରହିଛି। ଏସବୁ ଭିତରେ ବୀରମହାରାଜପୁର ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଦାବି ନେଇ ଗତ ୨ତାରିଖରେ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। କୃଷି ବିଭାଗ ତରଫରୁ ସମ୍ଭାବ୍ୟ ମରୁଡି ମୁକାବିଲା ପାଇଁ ଚାଷୀଙ୍କୁ କୌଣସି ପରାମର୍ଶ ଦିଆଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।



ବୀରମହାରାଜପୁର ଅଞ୍ଚଳରେ ଚାଷ ନ ହୋଇ ପଡିଆ ପଡିଥିବା ଜମି।

**ବୀରମହାରାଜପୁର କୃଷି ଜିଲା**